ପୃଷ୍ଠା-୧୨+୮

49

# ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ଶନିବାର, ଡିସେମ୍ବର ୩/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 3/2022 Page 20 ₹ 7.00 ★★★★★★

୪୯ଶ ଭାଗ ୧୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 10 ମୂଲ୍ୟ₹୭/-

DSPL - 353

ଓଡ଼ିଶା ଶାସନ

MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

# ମିଶନ ଶକ୍ତି

## ସ୍ୱୟଂ ସହାୟକ ଗୋଷ୍ଠୀରୁ ଉଦ୍ୟୋଗୀ



## ମହିଳା ଉଦ୍ୟୋଗୀ ଅଧିବେଶନ

ତା ୦୩.୧୨.୨୦୨୨

### ଚୁକ୍ତି ପତ୍ର ସ୍ୱାକ୍ଷର

- ISB ମାଧ୍ୟମରେ ୨୦ ଲକ୍ଷ ଏସ୍.ଏଚ୍.ଜି ସଦସ୍ୟାଙ୍କ ଦ୍ୱାରା ଅଣକାଷ୍ଠ ବନ ଜାତ ଦ୍ରବ୍ୟର ବ୍ୟବସାୟ ।
- APC ମାଧ୍ୟମରେ ୧ ଲକ୍ଷ ଏସ୍.ଏଚ୍.ଜି ସଦସ୍ୟାଙ୍କ ଦ୍ୱାରା ସାମୂହିକ କୃଷି ଓ ବଜାର ବ୍ୟବସ୍ଥା ।
- B & WSSC ମାଧ୍ୟମରେ ୧୫ ହଜାର ଏସ୍.ଏଚ୍.ଜି ସଦସ୍ୟାଙ୍କ ଦ୍ୱାରା ସୌନ୍ଦର୍ଯ୍ୟ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ।
- RCPSDC ମାଧ୍ୟମରେ ୨ ହଜାର ଏସ୍.ଏଚ୍.ଜି ସଦସ୍ୟାଙ୍କ ଦ୍ୱାରା ଚପଲ ପ୍ରସ୍ତୁତି ।
- Flipkart ମାଧ୍ୟମରେ ସମସ୍ତ ଏସ୍.ଏଚ୍.ଜିଙ୍କ ନିମନ୍ତେ e-commerce ସୁଯୋଗ ।

### ଆଗାମୀ ଚୁକ୍ତି

- Worldfish ମାଧ୍ୟମରେ ଶୁଖୁଆ ଉତ୍ପାଦନ ଓ ବଜାର ବ୍ୟବସ୍ଥା
- IRRI ମାଧ୍ୟମରେ ଚାଉଳର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ
- ICRISAT ମାଧ୍ୟମରେ ଚିନାବାଦାମ ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ

## ସଶକ୍ତ ମହିଳା | ସଶକ୍ତ ଓଡ଼ିଶା



OIPR-48001/13/0008/2223

ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର



ଗଣତନ୍ତ୍ରରେ କ'ଣ କରିବାକୁ ହେବ ତାହା ଆମକୁ କହିବା ଆବଶ୍ୟକ ନାହିଁ ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଛନ୍ତି। ଭାରତ ଗୁରୁବାର ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା ଡିସେମ୍ବର ମାସ ପାଇଁ ଗ୍ରହଣ କରିଛି। ଏହି ଅଧ୍ୟକ୍ଷତା ଅବଧି ମଧ୍ୟରେ ଭାରତ ଆତଙ୍କବାଦ ନିରୋଧୀ ଏବଂ ବହୁପକ୍ଷୀୟ ସଂସ୍କାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବ। ଜାତିସଂଘରେ ଭାରତର ପ୍ରଥମ ମହିଳା ସ୍ଥାୟୀ ପ୍ରତିନିଧି କମ୍ବୋଜ୍ ଅଧ୍ୟକ୍ଷ ଆସନରେ ବସିବେ। ଭାରତର ଅଧ୍ୟକ୍ଷତାର ପ୍ରଥମ ଦିନରେ ସେ ଜାତିସଂଘ ମୁଖ୍ୟାଳୟରେ ଖବରଦାତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ବଘେଲଙ୍କ ଉପସଚିବ ଗିରଫ

**ରାୟପୁର,୨।୧୨(ପି.ଟି.):** ଛତିଶଗଡ଼ରେ କୋଇଲା ଦୁର୍ନୀତି ଅଭିଯୋଗର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ଉପସଚିବ ପାହ୍ୟାର ଅଧିକାରୀ ସୌମ୍ୟା ଚୌରାସିଆଙ୍କୁ ଗିରଫ କରିଛି। ରାଜ୍ୟରେ ଜଣେ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀ ଭାବେ ପରିଚିତ ଚୌରାସିଆଙ୍କୁ ଇଡି ଜେରା କରିବା ପରେ ପିଏମ୍‌ଏଲ୍‌ଏର ଆପରାଧିକ ଧାରା ଅନୁଯାୟୀ ତାଙ୍କୁ ଗିରଫ କରାଯାଇଛି। ଗତ ଅକ୍ଟୋବରରେ ଇଡି ଏହି ମାମଲାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଆଇଏଏସ୍ ଅଫିସର ସମୀର ବିଷ୍ଣୋଇ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଥିଲା। ଛତିଶଗଡ଼ରେ ଉତ୍ତୋଳନ ହେଉଥିବା କୋଇଲା ଟନ୍ ପ୍ରତି ଅତିରିକ୍ତ ୨୫ ଟଙ୍କା ଶୁଳ୍କ ବେଆଇନ ଭାବେ ଆଦାୟ କରାଯାଉଥିବା ଆୟକର ବିଭାଗ ତଦନ୍ତରୁ ଜଣାପଡ଼ିଥିଲା। ଏହି ବେଆଇନ ଶୁଳ୍କ ଅସୁଲିରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ, ରାଜନେତା ଓ ମଧ୍ୟସ୍ଥ ସମ୍ପୃକ୍ତ। ଆୟକର ବିଭାଗର ଅଭିଯୋଗ ଆଧାରରେ ଇଡି ଏହାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଆରମ୍ଭ କରିଥିଲା।



ସୌମ୍ୟା ଚୌରାସିଆ

## ମୁସେୱାଲା ହତ୍ୟାର ମାଷ୍ଟର ମାଇଣ୍ଡ ଆମେରିକାରୁ ଗିରଫ

**ନୂଆଦିଲ୍ଲୀ,୨।୧୨:** ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲା ପଛର ମାଷ୍ଟର ମାଇଣ୍ଡ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର୍‌ଙ୍କୁ ଆମେରିକାରେ ଗିରଫ କରାଯାଇଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସଦସ୍ୟ ଗୋଲ୍ଡି ୨୦୧୭ରୁ କାନାଡ଼ାରେ ରହୁଥିବାବେଳେ ନିକଟରେ ଆମେରିକା ଯାଇଥିଲେ। ନଭେମ୍ବର ୨୦ରୁ ତାଙ୍କୁ କାଲିଫର୍ନିଆରେ ଗିରଫ କରାଯାଇଥିଲେ ହେଁ ଭାରତ ସରକାର ଆନୁଷ୍ଠାନିକ ଭାବେ ସେଠାରୁ କୌଣସି ରିପୋର୍ଟ ପାଇନାହାନ୍ତି। ହତ୍ୟାକାଣ୍ଡ ଲାଗି ଗୋଲ୍ଡି ଫେସ୍‌ବୁକ୍ ପୋଷ୍ଟରେ ନିଜକୁ ଦାୟୀ କରିଥିଲେ।

# ଆଲୋଚନା ପାଇଁ ପୁଟିନ୍ ରାଜି

## ୟୁକ୍ରେନ୍ ଯୁଦ୍ଧର ଅନ୍ତ ସଙ୍କେତ

**ମସ୍କୋ/କିଭ୍,୨।୧୨**

ଦୀର୍ଘ ୯ ମାସ ଧରି ଚାଲିଥିବା ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟିପାରେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକ ସମ୍ଭାବ୍ୟ ସମାଧାନ ପାଇଁ ଆଲୋଚନା କରିବାକୁ ଶୁକ୍ରବାର ରାଜି ହେବା ପରେ ଏପରି ସଙ୍କେତ ମିଳିଛି। କିନ୍ତୁ ରୁଷିଆ ଦଖଲରେ ଥିବା ୟୁକ୍ରେନୀୟ ଅଞ୍ଚଳକୁ ସ୍ୱୀକୃତି ପ୍ରଦାନ ଲାଗି ୱାଶିଂଟନର ଅଗ୍ରାହ୍ୟ ଏହି ବୁଝାମଣା ଆଗରେ ଅନ୍ତରାୟ ସାଜିପାରେ ବୋଲି କ୍ରେମ୍‌ଲିନ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏକ ବିବୃତିରେ କହିଛନ୍ତି।

ରୁଷିଆ ଷ୍ଟ୍ରଙ୍ଗମ୍ୟାନ୍ ପୁଟିନ୍ ୟୁକ୍ରେନ୍ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ପାଶ୍ଚାତ୍ୟ ମସ୍କୋର ଦାବିଗୁଡ଼ିକୁ ଗ୍ରହଣ କରିବା ଜରୁରୀ ବୋଲି ଶୁକ୍ରବାର କ୍ରେମ୍‌ଲିନ୍ ସର୍ତ୍ତ ବାଢ଼ିଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୁଟିନ୍‌ଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଥିଲେ। ୟୁକ୍ରେନ୍‌ରେ ଯୁଦ୍ଧ ଶେଷ କରିବାକୁ ପୁଟିନ୍ ଚାହୁଁଥିଲେ ତାଙ୍କ ସହ କଥା ହେବାରେ କିଛି ଅସୁବିଧା ନାହିଁ। ତେବେ ଏନେଇ କ୍ରେମ୍‌ଲିନ ମୁଖ୍ୟ କୌଣସି ପ୍ରକାର ସଙ୍କେତ ଦେଇ ନ ଥିବା ବାଇଡେନ୍ କହିଥିଲେ। ବାଇଡେନ୍ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ହ୍ୱାଇଟ୍ ହାଉସ୍‌ରେ ଆଲୋଚନା କରିଥିଲେ। ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆକୁ ଉତ୍ତରଦାୟୀ କରିବା ଉପରେ ଦୁଇନେତାଙ୍କ ମଧ୍ୟରେ ମନ୍ତ୍ରଣା ହୋଇଥିଲା।



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍

ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ପୁଟିନ୍‌ଙ୍କ ସହ ବାଇଡେନ୍ ପ୍ରତ୍ୟକ୍ଷ ଭାବେ କଥା ହୋଇନାହାନ୍ତି। ମାର୍ଚ୍ଚରେ ବାଇଡେନ୍ ପୁଟିନ୍‌ଙ୍କୁ ଜଣେ କଂସେଇ ଭାବେ ଅଭିହିତ କରି ସେ କ୍ଷମତାରେ ରହିପାରିବେ ନାହିଁ ବୋଲି କହିଥିଲେ। ଯୁଦ୍ଧକୁ ୯ ମାସ ବିତିବା ପରେ ବି ରୁଷିଆ ଘନଘନ ରକେଟ ଓ ମିଶାଇଲ୍ ମାଡ଼ କରି ବହୁ ଧନଜୀବନ ନଷ୍ଟ କରିବାରେ ଲାଗିଛି। ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ବହୁ ୟୁକ୍ରେନୀୟ ସହରର ବିଦ୍ୟୁତ୍ ଓ ପାନୀୟ ଜଳ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ଇତିମଧ୍ୟରେ ଶୀତଋତୁର ଆଗମନ ଫଳରେ ୟୁକ୍ରେନ୍‌ବାସୀ ହାଡ଼ଭଙ୍ଗା ଶୀତରେ ଥରୁଛନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସାମରିକ ସହାୟତା ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏପରି ସମୟରେ ମସ୍କୋର ଯୁଦ୍ଧ ପ୍ରୟାସ ପାଇଁ ଉପଲବ୍ଧ ଅର୍ଥ ହ୍ରାସ ସକାଶେ ୟୁରୋପୀୟ ସଂଘ (ଇୟୁ) ରୁଷୀୟ ସମୁଦ୍ରବାହୀ ତୈଳକୁ ବ୍ୟାରେଲ ପିଛା ୬୦ ଡଲାରରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛି। ତେବେ ଏହି ପଦକ୍ଷେପକୁ ଇୟୁ ସରକାରମାନେ ଏକ ଲିଖିତ ପ୍ରକ୍ରିୟାରେ ଅନୁମୋଦନ କରିବା ବାକିଅଛି।

## ଇଡିରେ ନୋରା ଫତେହି

**ନୂଆଦିଲ୍ଲୀ,୨।୧୨**

ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ବିରୋଧରେ ଚାଲିଥିବା ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ବଲିଉଡ୍ ଅଭିନେତ୍ରୀ ନୋରା ଫତେହି ଶୁକ୍ରବାର ପୁଣି ଥରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସରେ ହାଜର ହୋଇ ନିଜ ବୟାନ ରେକର୍ଡ କରାଇଛନ୍ତି। କାନାଡା ଜନ୍ମିତ ୩୦ ବର୍ଷୀୟା ନୋରା ୭/୮ ବର୍ଷ ତଳେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବା ପାଇଁ ଭାରତ ଆସିଥିଲେ। ପୂର୍ବରୁ ଏହି ମାମଲାରେ ଇଡି ଅଧିକାରୀମାନେ ନୋରାଙ୍କ ବୟାନ ରେକର୍ଡ କରିଥିଲେ। ସୁକେଶଙ୍କ ସ୍ତ୍ରୀ ଲିନା ମାରିଆ ପଲ୍ ୨୦୨୦ ଡିସେମ୍ବରରେ ଏକ ଫାଇଭ୍-ଷ୍ଟାର ହୋଟେଲକୁ ଚାରିଟି ଇଭେଣ୍ଟ ପାଇଁ ଡକାଇଥିଲେ। ଏଥିସହ ତାଙ୍କୁ ନୂଆ ଆଇଫୋନ୍, ଗୁସି ବ୍ୟାଗ୍ ଏବଂ ଗୋଟିଏ ବିଏମ୍‌ଡବ୍ଲ୍ୟୁ କାର୍ ଅଫର ଦିଆଯାଇଥିଲା। ଉକ୍ତ କାର୍‌କୁ ଅଭିନେତ୍ରୀଙ୍କ ଭଉଣୀଙ୍କ ସ୍ୱାମୀ ବବି ବିକ୍ରି କରିଦେଇଥିବା ନେଇ ସେତେବେଳେ ସେ ଏଜେନ୍ସିକୁ କହିଥିଲେ। ସୁକେଶଙ୍କ ସହ ଜଡ଼ିତ ଆଉ କିଛି ତଥ୍ୟ ଆଦାୟ ପାଇଁ ତାଙ୍କୁ ଏବେ ପୁନର୍ବାର ପ୍ରଶ୍ନ କରାଯାଇଛି। ୩୨ ବର୍ଷୀୟ ସୁକେଶ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ମଧ୍ୟ କାର ଓ ଅନ୍ୟ ଦାମୀ ଉପହାର ପ୍ରଦାନ କରିଛନ୍ତି। ଏଥିପାଇଁ ସେ ବେଆଇନ ଭାବେ ଠୁଳ କରିଥିବା ଅର୍ଥ ବିନିଯୋଗ କରିଥିବା ଇଡି ଅଧିକାରୀମାନେ କହିଛନ୍ତି। ଉଭୟ ସୁକେଶ ଓ ତାଙ୍କ ସ୍ତ୍ରୀ ଲିନା ଇଡି ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି।



## ଜେଏନ୍‌ୟୁରେ ବ୍ରାହ୍ମଣ ବିରୋଧୀ ସ୍ଲୋଗାନ





**ନୂଆଦିଲ୍ଲୀ,୨।୧୨:** ନୂଆଦିଲ୍ଲୀସ୍ଥିତ ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଜବାହାରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ପୁଣି ବିବାଦ ଘେରକୁ ଆସିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର କାନ୍ଥଗୁଡ଼ିକରେ ବ୍ରାହ୍ମଣ ବିରୋଧୀ ସ୍ଲୋଗାନ ଲେଖାଯାଇଛି। ବ୍ରାହ୍ମଣ ଓ ବଣିଆ ସମ୍ପ୍ରଦାୟର ଲୋକେ କ୍ୟାମ୍ପସ୍ ତଥା ଦେଶ ଛାଡ଼ି ଚାଲିଯାଆନ୍ତୁ ବୋଲି ଲାଲରଙ୍ଗର କାଳିରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ଅନୁବନ୍ଧିତ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏହାକୁ ବାମପନ୍ଥୀ ଛାତ୍ରଙ୍କ କାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ଏପରି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାର ତଦନ୍ତ କରାଯାଉ ବୋଲି ଛାତ୍ର ସଂଘ ଜେଏନ୍‌ୟୁଏସ୍‌ୟୁ ଏବଂ ଜେଏନ୍‌ୟୁ ଟିଚର୍ସ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି।

## ୪ ଜଣଙ୍କ ଜାମିନ ସୁପ୍ରିମକୋର୍ଟରେ ଖାରଜ

### ଇସ୍ରୋ ଗୁପ୍ତଚରଗିରି ମାମଲା

**ନୂଆଦିଲ୍ଲୀ,୨।୧୨**

୧୯୯୪ ଇସ୍ରୋ ଗୁପ୍ତଚରଗିରି ଘଟଣାରେ ବୈଜ୍ଞାନିକ ନାମ୍ବି ନାରାୟଣଙ୍କୁ ସମ୍ପୃକ୍ତ କରାଯିବା ମାମଲାରେ ପୂର୍ବତନ ପୋଲିସ ଡିଜିଙ୍କ ସମେତ ୪ ଜଣଙ୍କୁ କେରଳ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଏହାକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ମାମଲାକୁ ହାଇକୋର୍ଟଙ୍କୁ ଫେରାଇଦେବା ସହ ୪ ସପ୍ତାହ ମଧ୍ୟରେ ଜାମିନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କୁ ହିଁ ନିଷ୍ପତ୍ତି ନେବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଜାମିନ ଆବେଦନ ଉପରେ ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ଯାଏ, ତଦନ୍ତରେ ସହଯୋଗ ଆଳରେ ପ୍ରତିବାଦୀଙ୍କୁ ଗିରଫ କରାଯଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଇସ୍ରୋ ଗୁପ୍ତଚରଗିରି ମାମଲାରେ ଗୁଜରାଟର ପୂର୍ବତନ ପୋଲିସ ଡିଜି ଆର୍.ବି. ଶ୍ରୀକୁମାର, କେରଳର ଦୁଇଜଣ ପୂର୍ବତନ ପୋଲିସ ଅଫିସର ଏସ୍. ବିଜୟନ ଏବଂ ଥାମ୍ପି ଏସ୍ ଦୁର୍ଗା ଦତ୍ତ ଏବଂ ଅବସରପ୍ରାପ୍ତ ଗୋଇନ୍ଦା ଅଧିକାରୀ ପି.ଏସ୍. ଜୟପ୍ରକାଶଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିବାବେଳେ ସିବିଆଇ ଏହାକୁ ବିରୋଧ କରିଥିଲା। ସେତେବେଳେ ଶ୍ରୀକୁମାର ଗୋଇନ୍ଦା ବ୍ୟୁରୋ ଉପନିର୍ଦ୍ଦେଶକ ଥିଲେ। ଗୁପ୍ତଚରଗିରି ନାଁରେ କେତେଜଣ ବୈଜ୍ଞାନିକଙ୍କୁ ନିର୍ଯାତନା ଦିଆଯିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଫଳରେ କ୍ରାୟୋଜେନିକ ଇଞ୍ଜିନ୍ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଭାରତର ମହାକାଶ କାର୍ଯ୍ୟକ୍ରମ ୧ରୁ ୨ ଦଶନ୍ଧି ବିଳମ୍ବିତ ହୋଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଇସ୍ରୋର କ୍ରାୟୋଜେନିକ ଇଞ୍ଜିନ ଉତ୍ପାଦନ ଉଦ୍ୟମକୁ ଭଣ୍ଡୁର କରିବା ପଛରେ ଉକ୍ତ ଟିମ୍ ସମ୍ପୃକ୍ତ ଥିବା ସ୍ପଷ୍ଟ ସୂଚନା ମିଳୁଥିବା ସିବିଆଇ ପୂର୍ବରୁ ଅଭିଯୋଗ କରିଥିଲା। ତେବେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ଗତବର୍ଷ ଅଗଷ୍ଟ ୧୩ରେ କେରଳ ହାଇକୋର୍ଟ ସେମାନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।







ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୩/୨୦୨୨ Bhubaneswar, Saturday, December 3/2022 | ପୃଷ୍ଠା-୧

# ସିଏଜି ଧରିଲେ ଅବକାରୀ ଅନିୟମିତତା




ସିଏଜି ରିପୋର୍ଟକୁ ମହାଲେଖାକାର ବିଶ୍ୱନାଥ ସିଂହ ଜାଦୋନ (ମଝି) ଉନ୍ମୋଚନ କରିବା ସହ ରିପୋର୍ଟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରୁଛନ୍ତି।

## ମଦ ଉତ୍ପାଦନ, ଯୋଗାଣରେ ହେରଫେର

### ■ ପ୍ରସ୍ତୁତି ୟୁନିଟ୍‌ରେ ନାହିଁ ସିସିଟିଭି କ୍ୟାମେରା

### ■ ସନ୍ଦେହଘେରରେ ଅଧିକାରୀଙ୍କ ଯାଞ୍ଚ ରିପୋର୍ଟ

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**

ମଦ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ ବ୍ୟାପକ ହେରଫେର ହେଉଛି। କେତେ ମଦ ଉତ୍ପାଦନ ଓ ଯୋଗାଣ ହେଉଛି ତାହାର ତଥ୍ୟ ଅବକାରୀ କମିଶନଙ୍କ ନିକଟରେ ରହୁନାହିଁ। ମାନୁଆଲ କମ୍ପ୍ୟୁଟର ସଫ୍ଟୱେର କିମ୍ବା ମୋବାଇଲ ଆପ୍ ବଦଳରେ ମାନୁଆଲ ରେଜିଷ୍ଟର ବ୍ୟବହାର କରାଯାଉଛି। ଫଳରେ କେତେ ଯୋଗାଣ ହେଉଛି, କେତେ ଗଚ୍ଛିତ ରହୁଛି ସେ ସମ୍ପର୍କରେ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଅଡିଟ ବେଳେ କୌଣସି ଟେର ପାଉନାହାନ୍ତି। କେବଳ ସେତିକି ନୁହେଁ, ଅବକାରୀ ବିଭାଗରେ ହେଉଥିବା ଅନିୟମିତତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କୋଭିଡ୍ ସମୟରେ ମଦ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେତେ ମଦ ଉତ୍ପାଦନ ଓ ଯୋଗାଣ ହେଉଛି ସେ ନେଇ ଅବକାରୀ କମିଶନଙ୍କ ନିକଟରେ କୌଣସି ଖାତା ଖତିଆନ ରହୁନି।

ଶୁକ୍ରବାର ବିଧାନସଭାରେ ଅର୍ଥମନ୍ତ୍ରୀଙ୍କ ବଦଳରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରଦୀପ ଅମାତ ୨୦୨୧ ବର୍ଷ ପାଇଁ ଅବକାରୀ, ଅର୍ଥ ଏବଂ ବିପର୍ଯ୍ୟୟ ପରିଚାଳନା, ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ ଓ ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ୩ଟି ସିଏଜି ରିପୋର୍ଟ ଉପସ୍ଥାପନ କରିଛନ୍ତି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ମଦ ପ୍ରସ୍ତୁତ ହେଉଥିବା ୟୁନିଟ୍‌ଗୁଡ଼ିକୁ ଠିକ୍ ଢଙ୍ଗରେ ଯାଞ୍ଚ କରାଯାଉ ନାହିଁ। ଏଥିପାଇଁ ପୂର୍ଣ୍ଣକାଳୀନ ଭାରପ୍ରାପ୍ତ ଅବକାରୀ ଅଧିକାରୀ(ଓଆଇସି) ନାହାନ୍ତି। ଏହି କାର୍ଯ୍ୟକୁ ତଦାରଖ କରିବାକୁ ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେମାନେ ୟୁନିଟ୍‌ଗୁଡ଼ିକୁ କ୍ୱଚିତ ପରିଦର୍ଶନରେ ଯାଉଛନ୍ତି। ସେହିପରି ମଦ ପ୍ରସ୍ତୁତି ୟୁନିଟ୍‌ଗୁଡ଼ିକରେ ଉତ୍ପାଦନର ତଦାରଖ ଓ ଫୁଟେଜ ରଖିବାକୁ ସିସିଟିଭି କ୍ୟାମେରାର ଘୋର ଅଭାବ ରହିଛି। ଯଦି ସିସିଟିଭି ତଦାରଖ ହେଉଥାଆନ୍ତା ତାହାହେଲେ ଓଆଇସି ପରିଦର୍ଶନ ସମୟରେ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ଉତ୍ପାଦକୁ ଠିକ୍ ଯାଞ୍ଚ କରିପାରିଥାଆନ୍ତେ। କେବଳ ସେତିକି ନୁହେଁ, ଓଆଇସିଙ୍କ ପରିଦର୍ଶନ ଓ ଯାଞ୍ଚ ରିପୋର୍ଟକୁ ନେଇ ସିଏଜି ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ତଦାରଖ ପାଇଁ ସୁପରଭାଇଜରି କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୟୁଜିଶନ (ଏସ୍‌ସିଏଡିଏ) ବ୍ୟବସ୍ଥା ଏବଂ ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆର୍‌ପି) ବ୍ୟବସ୍ଥା ରହିଛି। ମାତ୍ର ପରିଦର୍ଶନରେ ଯାଉଥିବା ଓଆଇସି ମଦ ବୋତଲ, କେନ, ପ୍ୟାକିଂ ପେଟି ଇତ୍ୟାଦିକୁ ଯାଞ୍ଚ ନ କରି ମଦ ପ୍ରସ୍ତୁତ ୟୁନିଟ୍‌ଗୁଡ଼ିକ ଦେଉଥିବା ସଂଖ୍ୟାକୁ ଗ୍ରହଣ କରି ପ୍ରତ୍ୟେକ ଦିନ ଉତ୍ପାଦନ ପାଇଁ ଅନୁମତି ଦେଉଛନ୍ତି, ଯାହାକି ଅନିୟମିତତାକୁ ଦର୍ଶାଯାଉଛି। ଏପରି କି ବିଭିନ୍ନ ଉତ୍ପାଦିତ ମଦଗୁଡ଼ିକୁ ବିନା ସିସିଟିଭି ତଦାରଖ ଏବଂ ଓଆଇସିଙ୍କ ଅନୁପସ୍ଥିତିରେ ଖୁଚୁରା ବ୍ୟବସାୟୀଙ୍କ ନିକଟକୁ ପଠାଇ ଦିଆଯାଉଛି । ୨୦୧୪ଠାରୁ ଓଡ଼ିଶା ପାନୀୟ ନିଗମ ଲିମିଟେଡ(ଓଏସ୍‌ବିସିଏଲ୍) ଆକାଉଣ୍ଟିଂ ମଡ୍ୟୁଲ ସଫ୍ଟୱେରକୁ ବ୍ୟବହାର କରୁ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ଏଥିଯୋଗୁ ରାଜ୍ୟ ବାହାରେ ଥିବା ମଦ ୟୁନିଟଗୁଡ଼ିକୁ ମଧ୍ୟ ଠିକ୍ ଭାବେ ତଦାରଖ କରାଯାଇପାରୁ ନାହିଁ। ରାଜ୍ୟ ବାହାରେ ଥିବା ମଦ ଯୋଗାଣକାରୀ ୟୁନିଟ୍‌ଗୁଡ଼ିକ ମଧ୍ୟ ଇଏଏଲ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ପିଏମ୍‌ଓରେ ଆଇଏଫ୍‌ଏସ୍

DSPL-320





**ଆଜିର ମନ୍ତବ୍ୟ**

“ ନ୍ୟାୟପାଳିକା ଉପରେ ଏକ ନିର୍ଦ୍ଦିଷ୍ଟ ଭାଷାକୁ ଲଦିଦେବା ଅନୁଚିତ। ଦେଶବ୍ୟାପୀ ଆଞ୍ଚଳିକ ଭାଷାରେ ଅଦାଲତୀ ପ୍ରକ୍ରିୟା ଚଳାଇବା ପାଇଁ ଉଦ୍ୟମ ହେଉ। **-କିରେନ ରିଜିଜୁ, କେନ୍ଦ୍ର ଆଇନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଙ୍ଗେ ରଙ୍ଗ କୁସୁମ ରଙ୍ଗ**
**ହଳଦୀ ରଙ୍ଗ ଧୋଇଲେ**
**ମିଛ କାହିଁ ସତ ହୋଇବ**
**ଶହେ ଜଣ ଆସି କହିଲେ।**

କୁସୁମ ଫୁଲର ରଙ୍ଗ ସାଧାରଣତଃ ହଳଦିଆ ହୋଇଥିବାବେଳେ ଏହାକୁ ହାତରେ ଘଷି ଲାଗିଥିବା ରଙ୍ଗକୁ ପାଣିରେ ଧୋଇଲେ ଏହାର ରଙ୍ଗ ଫିକା ପଡିଯାଇଥାଏ। ଠିକ୍ ସେହିଭଳି ଅନେକ ବ୍ୟକ୍ତି ମିଛ କଥାକୁ ସତ ବୋଲି ପ୍ରକାଶ କରୁଥିଲେ ମଧ୍ୟ ଏହା କେବେହେଲେ ବି ସତ ବୋଲି ପ୍ରମାଣିତ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଧେ ରାଧେ**
**ତୋର ଅଧେକୁ ମୋର ଅଧେ।**

ସଲାସୁତୁରା ହୋଇ ନିଜ ନିଜ ଭିତରେ ଆତ୍ମସାତ କରିନେବାର ଫନ୍ଦି ଫିକର। ପରୋକ୍ଷରେ ଧର୍ମକୁ ଛଳନା କରି ଲାଭ ଉଠାଉଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

୨୦୨୨-୨୩ ଆର୍ଥିକବର୍ଷ ପାଇଁ ୧୬,୮୦୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଶୁକ୍ରବାର ବିଧାନସଭାରେ ଗୃହୀତ ହୋଇଛି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଦ୍ମପୁର ନିର୍ବାଚନରେ ବ୍ୟସ୍ତ ଥିବାରୁ ତାଙ୍କ ସ୍ଥାନରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ ଏହାକୁ ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ଏହି ଅତିରିକ୍ତ ବଜେଟ ସହ ରାଜ୍ୟରେ ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଘରୋଇ ଉତ୍ପାଦର ୩ ପ୍ରତିଶତ ମଧ୍ୟରେ ଓ ରାଜ୍ୟର ଋଣ ବୋଝ ସର୍ବାଧିକ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ବଜେଟରେ ଆକଳନ ହୋଇଛି । ବଜେଟରେ ପ୍ରଶାସନିକ ବ୍ୟୟ ବାବଦକୁ ୪,୯୩୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୯,୨୦୦ କୋଟି ଟଙ୍କା, ବିପର୍ଯ୍ୟୟ ପରିଚାଳନା ପାଇଁ ୨,୬୧୦ କୋଟି ଏବଂ ସ୍ଥାନୀୟ ନିକାୟ ସଂସ୍ଥାକୁ ପାଣ୍ଠି ହସ୍ତାନ୍ତର ବାବଦକୁ ୫୬ କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅତିରିକ୍ତ ବ୍ୟୟବରାଦ ସତ୍ତ୍ୱେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ । ପୁଞ୍ଜିଖର୍ଚ୍ଚକୁ ଜିଏସ୍‌ଡିପିର ୫% ସ୍ତରରେ ବଜାୟ ରଖିବାକୁ ବଜେଟରେ ଆକଳନ କରାଯାଇଛି।

# ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି: ନରସିଂହ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

**ଖର୍ଚ୍ଚ ଦାବି ଆଲୋଚନା**

ଶୁକ୍ରବାର ବିଧାନସଭାରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ୨୨ ବର୍ଷ ପରେ ବି ସ୍କୁଲରେ ଶିକ୍ଷକ ନାହାନ୍ତି। ଶିକ୍ଷା ବିକାଶର ପ୍ରାଥମିକତା ହେବା କଥା। ଶିକ୍ଷା ସହାୟକମାନଙ୍କୁ ଶିକ୍ଷକ କରିଦେଲେ। ଯାହାଙ୍କୁ ଡ୍ରପ୍‌ଆଉଟ ରୋକିବାକୁ କେନ୍ଦ୍ର ସରକାର ଅନୁଦାନ ଦେଇଥିଲେ। ବିଭିନ୍ନ ସ୍କୁଲରେ ଶିକ୍ଷକ ପାଠ ପଢ଼ାଉନାହାନ୍ତି। ଅନେକ ସ୍କୁଲରେ ଶିକ୍ଷକ ନାହାନ୍ତି। ପିଲାଙ୍କୁ ପାଠ ଆସୁନାହିଁ। ଅନେକ ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାଜ୍ୟରେ ଶିକ୍ଷାର ବିକାଶ ଚାହୁଁନାହାନ୍ତି। ତେବେ ସରକାରଙ୍କୁ କାହିଁକି ରାଜକୋଷର ଚାବି ଦିଆଯିବ। ଯଦି ପାଠ ପଢ଼ାଯାଉନି ତେବେ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେଲେ କେମିତି। ମେଡିକାଲରେ ଡାକ୍ତର ନାହାନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ନାହିଁ । ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ନାହାନ୍ତି। ବଲାଙ୍ଗୀରରେ ମେଡିକାଲ କଲେଜ କରିବାକୁ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମନବି ଆଜାଦ ଘୋଷଣା କରିଥିଲେ। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ତାହାକୁ ବନ୍ଦ କରିଦିଆଗଲା। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜ୍ୟର ବିକାଶ ପାଇଁ ଜଳସେଚନ ଦରକାର। ମାତ୍ର ଜଳସେଚନ ନାହିଁ। ଲୋୟର ସୁକତେଲ ପ୍ରକଳ୍ପକୁ ୨୨ ବର୍ଷ ହୋଇଗଲା। ଏବେ ବି କାମ ଚାଲିଛି । ଜଳସେଚନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ୫ ବର୍ଷରେ ସବୁ ବ୍ଲକରେ ୩୫ ପ୍ରତିଶତ ଜଳସେଚନ କରିବାକୁ ରାଜ୍ୟପାଳଙ୍କ ମୁହଁରେ ପ୍ରତିଶ୍ରୁତି ଦେଇଥିଲେ। ହୋଇଛି କି ? ପ୍ରତିଶ୍ରୁତି ଦେବାର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ଏମିତି କେତେଦିନ ଚାଲିବ। ଲୋକ ବୁଝିଗଲେଣି। ଶାସକ ଦଳର ଅବସ୍ଥା ଟଳମଳ ହେଲାଣି। ସରକାର ସ୍ୱାମୀନାଥନ କମିଟି କାର୍ଯ୍ୟକାରୀ କରନ୍ତୁ। ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତୁ ବୋଲି ସେ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସିଏଜି ଧରିଲେ ...

ମଡ୍ୟୁଲ ଷ୍ଟାମ୍ପିଂ କରି ଯୋଗାଣ କରୁନାହାନ୍ତି। ସେହି ୟୁନିଟ୍‌ଗୁଡ଼ିକ ଆର୍ଥିକ ବର୍ଷ ଅନୁସାରେ ନିଜର ଲାଇସେନ୍ସକୁ ମଧ୍ୟ ନବୀକରଣ କରୁନାହାନ୍ତି। ବୋତଲଗୁଡ଼ିକରେ ଇଏଏଲ୍ ଷ୍ଟାମ୍ପ ଲାଗୁ ନ ଥିବାରୁ କେତେ ଉତ୍ପାଦନ ହେଉଛି ଓ ବାହାରକୁ ଯାଉଛି ସେ ସମ୍ପର୍କରେ କୌଣସି ତଥ୍ୟ ଅବକାରୀ ବିଭାଗକୁ ଦିଆଯାଉନାହିଁ। ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ ପକ୍ଷରୁ ମଦ ଷ୍ଟକ୍ ତାଲିକା ଠିକ୍ ଭାବେ ରଖାଯାଉ ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଖରା ବର୍ଷା ଯୋଗୁ କେତେ ମଦ ନଷ୍ଟ ହେଉଛି ସେ ସମ୍ପର୍କରେ ମଧ୍ୟ ନିଗମ ପାଖରେ କୌଣସି ତଥ୍ୟ ନାହିଁ। ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଥିବା ମଦଗୁଡ଼ିକରେ ଇଏଏଲ୍ ଷ୍ଟାମ୍ପିଂକୁ ସ୍କାନ୍ କରିବା ପାଇଁ କୌଣସି ମୋବାଇଲ ଆପ୍ କିମ୍ବା ସଫ୍ଟୱେର ଆପ୍ ବ୍ୟବହାର କରାଯାଉନାହିଁ। ଯୋଗାଣ ହେଉଥିବା ମଦ ପାନୀୟ ଉପଯୋଗୀ କି ନୁହେଁ ସେକଥା ମଧ୍ୟ ଜଣାପଡୁନାହିଁ । ରିଟେଲ ପଏଣ୍ଟଗୁଡ଼ିକରେ କୌଣସି ଇନ୍‌ଭେନଟୋରି ମ୍ୟାନେଜମେଣ୍ଟ ସଫ୍ଟୱେରକୁ ବାଧ୍ୟତାମୂଳକ କରାଯାଇନାହିଁ। ଏଥିଯୋଗୁ ମଦ ଦୋକାନଗୁଡ଼ିକରେ ନିର୍ବାଚନ କିମ୍ବା ଜରୁରିକାଳୀନ ପରିସ୍ଥିତିରେ କେତେ ଷ୍ଟକ୍ ରହୁଛି ସେ ବିଷୟରେ ଅବକାରୀ କମିଶନର ମଧ୍ୟ ଜାଣିପାରୁନାହାନ୍ତି। ଏଥିଯୋଗୁ ମଦଗୁଡ଼ିକର ଟାମ୍ପରିଂ ହେବା ସହିତ କୋଭିଡ୍ ସମୟରେ ସ୍ୱତନ୍ତ୍ର ଅତିରିକ୍ତ ଟିକସ ଆଦାୟ କରିବା ସମ୍ଭବ ହୋଇନାହିଁ । ୨୦୧୭ରୁ ୨୦୨୧ ମଧ୍ୟରେ ଦୁଇଟି ଉତ୍ପାଦନ ୟୁନିଟ୍ ଦ୍ୱାରା କିଣାଯାଇଥିବା ୪,୫୨,୯୯୦.୭୨ ଲଣ୍ଡନ ପ୍ରୁଫ୍ ଲିଟର (ଏଲ୍‌ପିଏଲ୍), ଏକ୍ସଟ୍ରା ନ୍ୟୁଟ୍ରାଲ୍ ଆଲ୍‌କୋହଲ (ଇଏନ୍‌ଏ) କ୍ଷେତ୍ରରେ ଓଆଇସିଙ୍କ ଦ୍ୱାରା ପରିଚାଳିତ ଇଏନ୍‌ଏ ଷ୍ଟକ୍ ରେଜିଷ୍ଟରରେ ଏଭଳି କ୍ରୟ ପାଇଁ ଜିଲା ଅବକାରୀ ଅଧିକାରୀ (ଡିଇଓ)ଙ୍କ ଦ୍ୱାରା ଜାରି କରାଯାଇଥିବା ପାସ୍‌ର ରେକର୍ଡ କରାଯାଇ ନ ଥିଲା। ଏଥିଯୋଗୁ ମଦ ଉତ୍ପାଦନ ପାଇଁ ପ୍ରାପ୍ତ ଓ ଉପଯୋଗ ହୋଇଥିବା ଇଏନ୍‌ଏ ଉପରେ ୬.୬୦କୋଟି ଟଙ୍କାର ଅବକାରୀ ଶୁଳ୍କ ଆଦାୟ ହୋଇପାରି ନ ଥିଲା । ସେହିପରି ଦୁଇଟି ଉତ୍ପାଦନକାରୀ ସଂସ୍ଥା ଅନୁମୋଦିତ ପରିମାଣଠାରୁ ବେଆଇନ ଭାବେ ୮୫,୧୧୦.୭୮ ଏଲ୍‌ପିଏଲ୍ ପଠାଇଥିଲେ। ଏଥିଯୋଗୁ ୪.୦୨ କୋଟି ଟଙ୍କାର ଅବକାରୀ ରାଜସ୍ୱ କ୍ଷତି ହୋଇଥିବା ସିଏଜି ଉଲ୍ଲେଖ କରିଛନ୍ତି।




ଚାଷୀ ପ୍ରସଙ୍ଗରେ ଭାଜପା ବିଧାୟକମାନେ ବିଧାନସଭା ପରିସର ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି। (ଫଟୋ-ମନୋରଞ୍ଜନ)

# ବିଧାନସଭା ଅଚଳ କଲା ଭାଜପା

**ଚାଷୀ ପ୍ରସଙ୍ଗ**

- **ହଟ୍ଟଗୋଳ, ଗୃହ ମୁଲତବୀ**
- **ଗାନ୍ଧୀମୂର୍ତ୍ତି ତଳେ ବସିଲେ ଭାଜପା ସଭ୍ୟ**

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପ୍ରଚାର ସରଗରମ ଥିବାବେଳେ ଚାଷୀ ପ୍ରସଙ୍ଗକୁ ଭାଜପା ହାତଛଡ଼ା କରିବାକୁ ଚାହୁଁନାହିଁ। ବିଧାନସଭା ବାହାରେ ଦଳ ପକ୍ଷରୁ ଆନ୍ଦୋଳନ କରାଯାଉଥିବା ବେଳେ ବିଧାନସଭାରେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ସରକାର ମିଲର ପାଇଁ ଦଲାଲି କରୁଛନ୍ତି। ଚାଷୀମାରଣ ନୀତି ସରକାର ବନ୍ଦ କରନ୍ତୁ ଅଭିଯୋଗ କରି ବିଧାନସଭା ପ୍ରଶ୍ନକାଳକୁ ଭାଜପା ସଦସ୍ୟମାନେ ଅଚଳ କରି ଦେଇଥିଲେ। ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଭାଜପା ସଦସ୍ୟମାନେ ଗୃହ କାର୍ଯ୍ୟରେ ଭାଗ ନ ନେଇ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ।

ଶୁକ୍ରବାର ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟମାନେ ପୋଷ୍ଟର, ବ୍ୟାନର ଧରି ଗୃହର ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଭାଜପା ସଦସ୍ୟମାନେ ନ ଶୁଣି ସ୍ଲୋଗାନରେ ବିଧାନସଭାକୁ କମ୍ପାଇ ଦେଇଥିଲେ। ଚାଷୀଙ୍କୁ ନ୍ୟାୟ ଦେବା ଆମର ଦାବି....ଆମର ଦାବି ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ପଚାରିଥିବା ପ୍ରଶ୍ନ ନଂ.୨୧୨ ଉତ୍ତର ଦେବାକୁ କହିଥିଲେ। ମନ୍ତ୍ରୀ ପାଟିତୁଣ୍ଡ ମଧ୍ୟରେ ଉତ୍ତର ପଢ଼ିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ସ୍ଲୋଗାନ ଦେଉଥିବାରୁ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ବିଧାନସଭାକୁ ବାଧ୍ୟ ହୋଇ ୧୦.୩୪ମିନିଟରୁ ୧୧.୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟମାନେ ପୁଣି ହୋହଲ୍ଲା କରିଥିଲେ। ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ମୋହନ କହିଥିଲେ ଯେ ରାଜ୍ୟରେ ଚାଷୀଙ୍କର ଦୁଃଖ କହିଲେ ନ ସରେ। ପଦ୍ମପୁରରେ ଚାଷୀମାନେ ଧାରଣାରେ ବସିଛନ୍ତି। ବିଧାନସଭାରେ ଏ ପ୍ରସଙ୍ଗ ବାରମ୍ବାର ଉଠାଇଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଯଦି ବାଚସ୍ପତି ଗୁରୁତ୍ୱପୂର୍ଣ୍ଣ କହୁଛନ୍ତି ବିଧାନସଭାରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମବାୟ ମନ୍ତ୍ରୀ ନାହାନ୍ତି। ତେବେ ଏହା ଗୁରୁତ୍ୱପୂର୍ଣ୍ଣ ହେଲା କେମିତି। ବାଚସ୍ପତି କହିଲେ, ଚାଷୀ ପ୍ରସଙ୍ଗରେ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଛି। ଖର୍ଚ୍ଚଦାବି ଆଲୋଚନାରେ ଆପଣମାନେ ଭାଗ ନେଲେ ନାହିଁ। ଆଜି ମଧ୍ୟ ବ୍ୟୟମଞ୍ଜୁରୀ ବିଲ୍‌ରେ ଆଲୋଚନା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଅନୁରୋଧ କରିଥିଲେ। ମୋହନ କହିଥିଲେ, ଆମେ ଗୃହ କାର୍ଯ୍ୟରେ ଭାଗ ନେଇପାରିବୁ ନାହିଁ। ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିବୁ କହି ବିଧାନସଭା ବାହାରକୁ ଚାଲି ଯାଇଥିଲେ। ଭାଜପା ସଦସ୍ୟମାନଙ୍କୁ ଗୃହକୁ ଆଣିବାକୁ ବାଚସ୍ପତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ଗାନ୍ଧୀମୂର୍ତ୍ତି ନିକଟକୁ ପଠାଇଥିଲେ। ମାତ୍ର ଭାଜପା ସଭ୍ୟମାନେ ଗୃହକୁ ଆସି ନ ଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ୧୨ଟା ୧୮ ମିନିଟରୁ ୧୨ଟା ୪୦ ମିନିଟ ଯାଏ ମୁଲତବୀ କରିଥିଲେ। ଏହା ସତ୍ତ୍ୱେ ଭାଜପା ସଦସ୍ୟମାନେ ଗୃହକୁ ନ ଆସି ଗାନ୍ଧୀମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଭାଜପା ସଦସ୍ୟଙ୍କ ବିନା ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା ହୋଇଥିଲା।

# ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ଉପରେ ରୋକ୍

**ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ମାମଲା**

କଟକ ଅଫିସ,୨।୧୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ହାଇକୋର୍ଟଙ୍କ ବିନା ଅନୁମତିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ କରିପାରିବ ନାହିଁ। ମାତ୍ର କମ୍ପ୍ୟୁଟର ସ୍କିଲ ଟେଷ୍ଟ ଜାରି ରହିବ। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଶୁକ୍ରବାର ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଓପିଏସ୍‌ସି ଅଲଗା ଅଲଗା ବିଷୟରେ କଟ୍ ଅଫ୍ ମାର୍କ ରଖିବାର ନିୟମ ନାହିଁ। ସବୁ ବିଷୟର ମୋଟ ମାର୍କକୁ ନେଇ ମେଧା ତାଲିକା ପ୍ରକାଶ କରିବାକୁ ଦାବି କରାଯାଇଥିଲା। ଅପରପକ୍ଷରେ ଓପିଏସ୍‌ସି ରୁଲ ୬ ମୁତାବକ ସ୍କିଲ ଟେଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି ଓ ପ୍ରତ୍ୟେକ ବିଷୟରେ ଅଲଗା ଅଲଗା କଟ୍ ଅଫ ମାର୍କ ରଖିବାର ଅଧିକାର ସଂସ୍ଥା ପାଖରେ ରହିଛି ବୋଲି ଓପିଏସ୍‌ସି ପକ୍ଷରୁ ଯୁକ୍ତି ରଖାଯାଇଥିଲା। କିନ୍ତୁ ଆଡ୍‌ଭୋକେଟ ଜେନେରାଲ ଏବଂ ଓପିଏସ୍‌ସି କର୍ତ୍ତୃପକ୍ଷଙ୍କ ଯୁକ୍ତିକୁ ଅଦାଲତ ଅଗ୍ରାହ୍ୟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ଏବଂ ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୭ରେ ଏଏସ୍‌ଓ ପରୀକ୍ଷା ହୋଇଥିଲା। ୭୭୬ ପଦ ପାଇଁ ଦେଢ଼ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗକୁ ନେଇ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା। ପରୀକ୍ଷା ହଲ୍‌ରେ ଖାତା ଖୋଲି ନ ଥିବା ପରୀକ୍ଷାର୍ଥୀ ପାସ୍ କରିଥିବା, ପରୀକ୍ଷା ପରେ କଟ୍ ଅଫ୍ ମାର୍କ ଓ ମାର୍କଶିଟ୍ ଆସିବାରେ ବିଳମ୍ବ ହେବା ଆଦି ନେଇ ଏଏସ୍‌ଓ ଆଶାୟୀମାନେ ଅଭିଯୋଗ କରିଥିଲେ। ନଭେମ୍ବର ୧୪ରେ ଶୁଣାଣି କରି ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ଅପରପକ୍ଷରେ ଓପିଏସ୍‌ସି ପକ୍ଷରୁ ଏ ନେଇ ଏକ ସ୍ପଷ୍ଟୀକରଣ ଜରିଆରେ ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କୁହାଯାଇଥିଲା। ଓପିଏସ୍‌ସିର ନୀତି ଅନୁସାରେ ଚୂଡ଼ାନ୍ତ ଫଳ ପ୍ରକାଶ କରାଯାଇଛି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ ଓ ପାରଦର୍ଶିତାର ସହ କରାଯାଇଛି ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ପୁଣି ଗତ ବୁଧବାର ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଛି। କେତେକ ପରୀକ୍ଷାର୍ଥୀ ଏନେଇ ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ପାଇଁ ଦର୍ଶାଇଛନ୍ତି। କେବଳ ମେଧା ତାଲିକା ପ୍ରକାଶ ପାଇଁ ସେମାନେ ଦାବି କରିଛନ୍ତି।

# ବିଚାରପତି ନିଯୁକ୍ତି ବ୍ୟବସ୍ଥା ସବୁଠୁ ସ୍ୱଚ୍ଛ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧୨

ବିଚାରପତି ନିଯୁକ୍ତି ବ୍ୟବସ୍ଥାକୁ ନେଇ ଦେଶବ୍ୟାପୀ ବିତର୍କ ଆରମ୍ଭ ହୋଇଥିବାବେଳେ ଏଥିରେ ପରିବର୍ତ୍ତନ ହେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏହି ନିଯୁକ୍ତି ପ୍ରକ୍ରିୟାରେ ସମ୍ପୃକ୍ତ ବିଚାରପତିମାନଙ୍କ କଲେଜିୟମ ସବୁଠୁ ସ୍ୱଚ୍ଛ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। କାର୍ଯ୍ୟ କରୁଥିବା ଏକ ବ୍ୟବସ୍ଥାକୁ ଲାଇନଚ୍ୟୁତ କରା ନ ଯାଉ, କଲେଜିୟମକୁ ତା'ର କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାର କହିଛନ୍ତି। ନିଷ୍ପତ୍ତି ଉପରେ ମନ୍ତବ୍ୟ ଦେବା କଲେଜିୟମର ପୂର୍ବତନ ସଦସ୍ୟମାନଙ୍କର ଏକ ଫ୍ୟାଶନ ହୋଇଗଲାଣି ବୋଲି ଖଣ୍ଡପୀଠ କହିଛନ୍ତି। ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ ସୂଚନା



ଅଧିକାର ଆଇନ (ଆର୍‌ଟିଆଇ) ବଳରେ ସୁପ୍ରିମକୋର୍ଟ କଲେଜିୟମର ବିବାଦୀୟ ୨୦୧୮ ଡିସେମ୍ବର ୧୨ ତାରିଖ ବୈଠକର ସବିଶେଷ ବିବରଣୀ ମାଗିଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କ ଅନୁରୋଧକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି ଆର୍‌ଟିଆଇ ଅଧୀନରେ କଲେଜିୟମ ନିଷ୍ପତ୍ତିର ତଥ୍ୟ ଦିଆଯାଇପାରିବ କି ବୋଲି ପ୍ରଶ୍ନ କରି ଏ ସମ୍ପର୍କରେ ଦେଶବାସୀଙ୍କ ଜାଣିବା ଅଧିକାର ନାହିଁ କି ବୋଲି କହିଥିଲେ। ଅଦାଲତ ପୂର୍ବରୁ କହିଥିଲେ, ଆର୍‌ଟିଆଇ ଏକ ମୌଳିକ ଅଧିକାର। ତେଣୁ ପ୍ରଧାନ ବିଚାରପତି ଏବଂ ସରକାରଙ୍କ ମଧ୍ୟରେ ହେଉଥିବା ସମସ୍ତ ପତ୍ର ବିନିମୟ ସର୍ବସାଧାରଣରେ ଉପଲବ୍ଧ ହେବା ଆବଶ୍ୟକ। ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି ଉପରେ ଜଷ୍ଟିସ୍ ଶାହା କହିଥିଲେ, କଲେଜିୟମର ଉକ୍ତ ବୈଠକରେ କୌଣସି ପ୍ରସ୍ତାବ ଗୃହୀତ ହୋଇ ନ ଥିଲା। ପୂର୍ବତନ ସଦସ୍ୟମାନଙ୍କ କୌଣସି କାର୍ଯ୍ୟ ସମ୍ପର୍କରେ ଆମେ ମନ୍ତବ୍ୟ ଦେବାକୁ ଚାହୁଁନାହୁଁ ବୋଲି ଖଣ୍ଡପୀଠ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତୃତୀୟାଧିପ ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କର୍ମକ୍ଷେତ୍ରରେ ଅନ୍ୟର ସହଯୋଗ ନେଇ ସ୍ଥଗିତ କାମକୁ ପୂରା କରିବେ। ଶୁଣାକଥାକୁ ବିଶ୍ୱାସ କରି ଭୁଲ ମାର୍ଗ ଅନୁସରଣ କରିପାରନ୍ତି । ଯାତ୍ରା, ବ୍ୟବସାୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଚନାତ୍ମକ କାର୍ଯ୍ୟ ପାଇଁ ଅସୁବିଧା ରହିବ ନାହିଁ।

**ବୃଷ** ବ୍ୟୟାଧିପ ମଙ୍ଗଳଜନିତ ପ୍ରତିବନ୍ଧକ ଲାଗି ରହିଥିବା କାରଣରୁ କାମ ସ୍ଥଗିତ ରହିବ। ପରିଜନମାନଙ୍କ ସମ୍ବନ୍ଧରେ କୌଣସି ଶୁଭ ଖବର ଶୁଣି ଖୁସି ହେବେ। ଦିନଭରି କଠୋର ପରିଶ୍ରମଜନିତ ରାତିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲିଯାଇ ପାରନ୍ତି।

**ମିଥୁନ** ଶୁଭଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ଭିତିରେ କାମ କଲେ ଉପକୃତ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭର ସୁଯୋଗ ମିଳିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କାମ ହାସଲ କଷ୍ଟକର ହୋଇପଡ଼ିବ। ଅଧ୍ୟାତ୍ମ ବାତାବରଣ ମଧ୍ୟରେ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ।

**କର୍କଟ** ପଞ୍ଚମଭାବରେ ଗୁରୁଚନ୍ଦ୍ର ଥିବାରୁ ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପ୍ରଶଂସିତ ହେବେ। ଯାନବାହନରେ ଯାନ୍ତ୍ରିକ ତ୍ରୁଟି ସାମୟିକ ଯାତ୍ରାରେ ପ୍ରତିବନ୍ଧକ ସାଜିବ। ଯୋଗାଣ କାରବାରରେ ଉନ୍ନତି କରିବା ସାଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ଭୁଲ୍ ଚିନ୍ତାପୂର୍ବକ କାର୍ଯ୍ୟହାନିରୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ** ଆଜି ଯେମିତି ଚାହୁଁଛନ୍ତି ସେହିଭଳି କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ସାମାନ୍ୟ ବଚସାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଡ଼ୋଶୀଙ୍କ ପରାମର୍ଶରେ ପରିବାରର ଅସଜଡା ପରିସ୍ଥିତିକୁ ସଜାଡି ନେବେ। ପିଲାମାନଙ୍କର କନ୍ଦଳକୁ କେନ୍ଦ୍ରକରି ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା** ସମସ୍ୟା ସହଜରେ ସମାଧାନ ହୋଇଯିବାରୁ ମାନସିକ ସ୍ଥିତି ଭଲ ରହିବ। ଆନୁଷଙ୍ଗିକ ସୁବିଧା ପାଇ ପଡ଼ୋଶୀଙ୍କଠାରୁ କାମ ହାସଲ କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ସହ ଉଚ୍ଚ ପ୍ରଶଂସା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଦ୍ୱିଗୁଣିତ ହେବା କ୍ଷେତ୍ରରେ ନିଜର ଅବହେଳାହିଁ ମୁଖ୍ୟ କାରଣ ହୋଇପାରେ।

**ତୁଳା** ରାଶିରେ କେତୁ ଥିବାରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ କିନ୍ତୁ ବିଶେଷ କ୍ଷତି ହେବ ନାହିଁ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ସ୍ୱଗୃହୀ ଶନିଙ୍କ ପ୍ରଭାବରୁ ପାରିବାରିକ ପରିସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ। ଆନୁଷ୍ଠାନିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହେବେ। ପାଖରେ ନଥିବା ଜିନିଷଟି ପାଇଁ ବନ୍ଧୁଙ୍କ ମଧ୍ୟରେ ତର୍କ ଓ ବିବାଦ ବଢ଼ିପାରେ।

**ଧନୁ** ସଂକୋଚବଶତଃ ବନ୍ଧୁଙ୍କ ସାମ୍ନାରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ମଉକା ପାଇପାରିବେ।

**ମକର** ଚତୁର୍ଥସ୍ଥ ରାହୁଙ୍କ ଯୋଗୁ ବନ୍ଧୁଙ୍କ ଅନାଦର ଭାବରୁ ସାମୟିକ ମନ ଦୁଃଖ ରହିବ। କର୍ମକ୍ଷେତ୍ରରେ ସରକାରୀ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ମିଳିପାରେ । ଯାତ୍ରା ସମୟରେ ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ** ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିବେ। ତଥାପି ସ୍ତ୍ରୀଙ୍କ ସାହାଯ୍ୟ ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ।

**ମୀନ** ଉପରିସ୍ଥଙ୍କ ଅନୁକମ୍ପାରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିଥିଲେ ମଧ୍ୟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ, ଫଳତଃ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି।

ଆଜି ଡିସେମ୍ବର ୩ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ, ଶନିବାର, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ରେବତୀ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୬ମି.ଗତେ ଘ.୦୮।୫୩ମି. ମଧ୍ୟେ, ଘ.୧୧।୧୫ ମି. ଗତେ ଘ.୧୨।୫୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୫୩ ମି. ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ।

# ଦନ୍ତାହାତୀ ମୃତଦେହ ଜବତ



**ମାଧପୁର,୨।୧୨**

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ କିଆକଟା ସେକ୍ସନର ଘୋଡ଼ାଗାଡ଼ି ଖେଶ୍ରା ଜଙ୍ଗଲରୁ ଶୁକ୍ରବାର ଏକ ଦନ୍ତା ହାତୀର ମୃତଦେହ ବନବିଭାଗ ଜବତ କରିଛି। କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ଜଣାପଡୁ ନ ଥିବାରୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଡିଏଫଓ ଏସ୍. ଆନନ୍ଦ, ଏସିଏଫ୍ ଗୌରୀଶଙ୍କର ଦାସ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ଫରେଷ୍ଟର ଦୀପ୍ତିରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରେଞ୍ଜର ଭୋଇ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ୨ ହାତୀ ମଧ୍ୟରେ ଲଢେଇ ଯୋଗୁ ଗୋଟିଏର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାହା ସ୍ପଷ୍ଟ ହୋଇଯିବ। ସୂଚନଯୋଗ୍ୟ, ଏହାକୁ ମିଶାଇ ୨ ମାସ ମଧ୍ୟରେ ଏହି ଅଞ୍ଚଳରେ ତୃତୀୟ ଥର ପାଇଁ ହାତୀ ମୃତ୍ୟୁ ଘଟଣା ନଜରକୁ ଆସିଛି। ଗତ ଅକ୍ଟୋବର ୧୫ରେ ମୁଣ୍ଡାପଡ଼ାଠାରେ ଏକ ଦନ୍ତାହାତୀ ଏବଂ ଅକ୍ଟୋବର ୨୮ରେ ଶାନ୍ତିପୁରଠାରେ ଏକ ମାଈହାତୀର ମୃତ୍ୟୁ ହୋଇଥିଲା।

# ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ କର୍ମଶାଳା ଶୁଭାରମ୍ଭ

**ଦେବଗଡ଼, ୨।୧୨(ଡି.ଏନ୍.ଏ.)**




ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଦେବଗଡ଼ରେ ଶିଶୁ ସାମ୍ବାଦିକଙ୍କ ତିନିଦିନିଆ କର୍ମଶାଳା ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। କର୍ମଶାଳାରେ ଦେବଗଡ଼ ଓ ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍ସ କଲ୍‌ଚରାଲ ସେଣ୍ଟର୍ (ପିକକ)ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଏହା ଜଣାଇଛନ୍ତି। ୟୁନିସେଫ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ 'ଧରିତ୍ରୀ'ର ସହଯୋଗରେ ପିକକ ସଙ୍ଗଠନ ଆନୁକୂଲ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି। କର୍ମଶାଳାରେ ଛାତ୍ରୀଛାତ୍ର ଶିଶୁ ଅଧିକାର ସମ୍ପର୍କରେ ଜାଣିବା ସହ ଜଣେ ସାମ୍ବାଦିକ ନିଜ ଚତୁଃପାର୍ଶ୍ୱକୁ ପ୍ରଭାବିତ କରୁଥିବା ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବା ଓ ଜଣାଇବାର ତାଲିମ ପାଇବେ ବୋଲି ୟୁନିସେଫ୍‌ର କମ୍ୟୁନିକେଶନ କନ୍‌ସଲଟାଣ୍ଟ ଶାରଦା ଲାହାଙ୍ଗିର ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ନିଜ ଭିତରର ସମ୍ଭାବନାକୁ ନେତୃତ୍ୱ ଦେଇ କିପରି ବିନା ଭୟ ଓ ସଙ୍କୋଚରେ ନିଜକୁ ବ୍ୟକ୍ତ କରିପାରିବେ ସେ ସମ୍ପର୍କରେ ମଧ୍ୟ ଏହି ଛାତ୍ରୀଛାତ୍ର ଦକ୍ଷତାର ତାଲିମ ପାଇବେ। ଲେଖିବାର ଶୈଳୀ, ସାମ୍ବାଦିକତାର ଧାରା, ପ୍ରଶ୍ନ ପଚାରିବାର ପ୍ରକ୍ରିୟା ସମ୍ପର୍କରେ ତାଲିମ ପାଇ ଜଣେ ସାମ୍ବାଦିକ ଭଳି ମତାମତକୁ ପ୍ରକାଶ କରିପାରିବାର ଦକ୍ଷତା ହାସଲ କରିବେ ବୋଲି ମହାନ୍ତି କହିଛନ୍ତି। ଏହି କର୍ମଶାଳାକୁ ଦେବଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିଶୁ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଏହି ଶିବିରରେ ତାଲିମ ପାଉଥିବା ଛାତ୍ରୀଛାତ୍ରଙ୍କ ଲେଖାକୁ ନେଇ ଆସନ୍ତା ଦିନରେ ଏକ ମାସିକ ପତ୍ରିକା ପ୍ରକାଶ କରିବାର ଯୋଜନା ଥିବା ଜଣାଇଛନ୍ତି। ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପିକକର କର୍ମକର୍ତ୍ତା ସମର ଦାସ ଓ ପ୍ରେମାନନ୍ଦ ମାଝିଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପିକକର କୋଷାଧ୍ୟକ୍ଷ ରତ୍ନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ଭିଜିଲାନ୍ସ ଜାଲରେ ଅତିରିକ୍ତ ରାଜସ୍ୱ ନୀରିକ୍ଷକ

**ବାରିପଦା ଅଫିସ,୨।୧୨**

ମୟୂରଭଞ୍ଜ ଜିଲା ଯଶୀପୁର ତହସିଲ କାର୍ଯ୍ୟାଳୟର ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଭାର୍ଗବ ମହାକୁଡ଼ ଶୁକ୍ରବାର ୪୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।



ଭାର୍ଗବ ମହାକୁଡ଼

ତାଙ୍କଠାରୁ କେମିକାଲ୍ ବୋଳା ସମସ୍ତ ନୋଟ୍ ଜବତ ହେବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳକୁ ନେଇ ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା(ନଂ. ୩୪/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଯଶୀପୁର ତହସିଲ ଅଧୀନ କାଳିଆଣି ଗ୍ରାମର ଭୀଷ୍ମ ଚରଣ ହେମ୍ବ୍ରମଙ୍କ ଏକ ଜମିର ମ୍ୟୁଟେସନ ବାବଦକୁ ଅତିରିକ୍ତ ରାଜସ୍ୱ ନୀରିକ୍ଷକ ମହାକୁଡ଼ ଅଗ୍ରୀମ ୧୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଏହା ପରେ ଆହୁରି ୪୦ହଜାର ଦାବି କରିଥିଲେ। ଏ ନେଇ ଭୀଷ୍ମ ଚରଣ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ଖଡ଼ିଆ-ମାଙ୍କିଡିଆ ଅଫିସ ପାଖରେ ଅତିରିକ୍ତ ରାଜସ୍ୱ ନୀରିକ୍ଷକ ମହାକୁଡ଼ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କ ଅଫିସ କାଗଜପତ୍ର ତନଖି ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।







# ୨ଶହ ଦଳିତ ପରିବାରଙ୍କୁ ବାସନ୍ଦ

## ଦେଢ଼ ମାସ ପରେ ବି ନ୍ୟାୟ ମିଳିଲାନି

**ବ୍ରହ୍ମପୁର ଅଫିସ,୨।୧୨**

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ହରିଡ଼ାପଦରରେ ଜାତିଗତ ଭେଦ ଭାବ ନେଇ ପ୍ରାୟ ୨ଶହ ଦଳିତ ପରିବାରଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ଗ୍ରାମରେ ସଂଖ୍ୟାଗରିଷ୍ଠ ସବର୍ଣ୍ଣ ଲୋକଙ୍କ ପକ୍ଷରୁ କଙ୍ଗାରୁ କୋର୍ଟ ବସି ଏହି ନିଷ୍ପତ୍ତି ନିଆଯାଇଛି। ଫଳରେ ଗାଁର ଦଳିତ ପରିବାରର ଲୋକେ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ଗାଁ ରାସ୍ତାରେ ବିବାହ ପଟୁଆର ନେବା, ସର୍ବସାଧାରଣ ପୋଖରୀକୁ ବ୍ୟବହାର କରିବା, ନଳକୂପରୁ ପିଇବା ପାଣି ନେବା, ଏପରିକି ଦୋକାନରୁ ସାମଗ୍ରୀ କିଣିବାରୁ ବଞ୍ଚିତ ରହିଛନ୍ତି। କେବଳ ଏତିକିରେ ନିର୍ଯାତନା ସରିନି। ଏପରିକି ଦଳିତ ସାହିର ପ୍ରାୟ ଦେଢଶହ ପିଲା ଗତ ଦେଢ ମାସ ହେଲା ଅଙ୍ଗନୱାଡ଼ି କେନ୍ଦ୍ରରୁ ଖାଦ୍ୟ ପାଇପାରୁ ନ ଥିବା ବେଳେ ପ୍ରାଥମିକ ସ୍କୁଲକୁ ମଧ୍ୟ ଯାଇପାରୁ ନ ଥିବା ଅଭିଯୋଗ ହୋଇଛି। ବାସନ୍ଦ ପରିବାରଗୁଡିକ ପକ୍ଷରୁ ଏ ନେଇ ସ୍ଥାନୀୟ ତହସିଲଦାର ଓ ପୋଲିସ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଦେଢ ମାସ ହେଲା ନ୍ୟାୟ ମିଳିନି ବୋଲି ଗଞ୍ଜାମ ଜିଲା ଦଳିତ ମହାସଭା ଅଭିଯୋଗ କରିଛି। କେବଳ ହରିଡ଼ାପଦର ନୁହେଁ, ଗଞ୍ଜାମର ଅନେକ ଗ୍ରାମରେ ମଧ୍ୟ ସଂଖ୍ୟାଗରିଷ୍ଠ ସବର୍ଣ୍ଣ ଲୋକେ ଜାତିଆଣ ମନୋଭାବ ନେଇ ସାମାଜିକ ବାସନ୍ଦ ଭଳି ବେଆଇନ କାର୍ଯ୍ୟ କରାଯାଉଛି। ଶୁକ୍ରବାର ଜିଲା ଦଳିତ ମହାସଭା, ଅଖିଳ ଭାରତ କିଶାନ୍ ମଜଦୁର ସଭା ଓ ଅନ୍ୟାନ୍ୟ ସଂଗଠନ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଟି. ଆଓ ଓ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।






ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ୱଳ୍ପଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର କରି ତୁଅ। –ଶ୍ରୀଅରବିନ୍ଦ



# ପିଏମ୍‌ଓରେ ଆଇଏଫ୍‌ଏସ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ର ତିନିଜଣ ଅଧିକାରୀ ଦୀପକ ମିତ୍ତଲ, ବିପିନ କୁମାର ଏବଂ ନିଧି ତିୱାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଯଥାକ୍ରମେ ଜଏଣ୍ଟ ସେକ୍ରେଟାରି, ଡେପୁଟି ସେକ୍ରେଟାରି ଏବଂ ଅଣ୍ଡରସେକ୍ରେଟାରି ର୍ୟାଙ୍କରେ ଯୋଗଦେଇଛନ୍ତି। ଭାରତ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିଥିବା ଦୃଷ୍ଟିରୁ ପିଏମ୍‌ଓରେ ସମ୍ମାନଜନକ ତଥା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଏମାନଙ୍କର ପ୍ରବେଶ ହୋଇଛି। ଆଇଏଫ୍‌ଏସ୍ ଅଧିକାରୀମାନଙ୍କ ପାଇଁ ଗୋଟିଏ ବର୍ଷ ବ୍ୟସ୍ତବହୁଳ ହେବାକୁ ଯାଉଛି। ଜି୨୦ ସମ୍ମିଳନୀ ମୁଖ୍ୟ ଭାବେ ଭାରତର ଏକ ବର୍ଷ କାର୍ଯ୍ୟକାଳ ତ୍ରୁଟିଶୂନ୍ୟ ବୋଲି ନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଉପରେ ନିର୍ଭର କରିବେ। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ମତରେ, ମୋଦି ସରକାର କେବଳ ଆଇଏଏସ୍ ଲାଗି ପୂର୍ବରୁ ଉଦ୍ଦିଷ୍ଟ ରହିଥିବା ପଦବୀଗୁଡ଼ିକୁ ଅଣ ଆଇଏଏସ୍ ସେବାସବୁକୁ ପଦୋନ୍ନତି ଦେବାକୁ ଅଧିକ ଚାହୁଁଛନ୍ତି। ସରକାର ନିଯୁକ୍ତି ସକାଶେ ସମସ୍ତ ସେବାରୁ ଅଧିକାରୀମାନଙ୍କ ନାମ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟଗୁଡ଼ିକରେ ମହତ୍ତ୍ୱପୂର୍ଣ୍ଣ ପଦବୀଗୁଡ଼ିକୁ ପଦୋନ୍ନତି ଦେଉଛନ୍ତି। ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ; କାରଣ ସରକାର ପୂର୍ବରୁ ଭାରତୀୟ ବନ ସେବା (ଆଇଏଫ୍‌ଓଏସ୍) ଏବଂ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ଅଧିକାରୀମାନଙ୍କୁ ଦୀର୍ଘଦିନରୁ ଆଇଏଏସ୍ ଅଧିକାରୀଙ୍କ ପଦବୀଗୁଡ଼ିକରେ ନିଯୁକ୍ତି ଦେଉଛନ୍ତି। ସରକାର କହିଛନ୍ତି ଯେ, ଆଇଏଏସ୍ ଅଧିକାରୀଙ୍କ ପାଇଁ କୌଣସି ପଦବୀ ସଂରକ୍ଷିତ ନୁହେଁ। ଏଣୁ ସରକାର ସବୁ ସେବାରୁ ଯୋଗ୍ୟତା ଆଧାରରେ ଅଧିକାରୀମାନଙ୍କୁ ନିଯୁକ୍ତ କରୁଛନ୍ତି।

### ଏମ୍‌ଏଚ୍‌ଏର କଡ଼ା ପଦକ୍ଷେପ

୨୦୧୯ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଅମିତ ଶାହା ଦାୟିତ୍ୱ ନେବା ପରଠାରୁ ତାଙ୍କ ଦୃଢ଼ ବ୍ୟକ୍ତିତ୍ୱସମ୍ପନ୍ନ ଭାବମୂର୍ତ୍ତିକୁ ଅଧିକ ଆକର୍ଷକ କରିବାକୁ ଚାହିଁଛନ୍ତି। ବାବୁମାନଙ୍କ ଅପରାଧ ରୋକିବା ଲାଗି ମୋଦି ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ଧାରାକୁ ସେ ଏକ ନୂଆ ସ୍ତରକୁ ନେଇଛନ୍ତି। ସୂତ୍ରରୁ ପ୍ରକାଶ ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ପାଇଁ ୨୦୨୧ ଏକ ଭଲ ବର୍ଷ ଥିଲା। ଉକ୍ତ ବର୍ଷରେ ପ୍ରତିସପ୍ତାହରେ ଏମ୍‌ଏଚ୍‌ଏ ଅତିକମ୍‌ରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ୨୦୨୧ରେ ଅତିକମ୍‌ରେ ୧୦ ଜଣ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ପଦଚ୍ୟୁତ, ବହିଷ୍କାର ଏବଂ ଅବସର ଭଳି କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରିଥିଲେ। କିନ୍ତୁ ୨୦୨୦ ଏବଂ ୨୦୧୯ରେ ପ୍ରତ୍ୟେକ ବର୍ଷ ମାତ୍ର ୨ ଜଣ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଆଣ୍ଡାମାନ ଓ ନିକୋବର ଆଇଲାଣ୍ଡର ମୁଖ୍ୟ ସଚିବ ଜେ. ନରିନ ଯୌନ ନିର୍ଯାତନା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି; ଯାହା ଏବକା ସମୟରେ ଏକ ହାଇ ପ୍ରୋଫାଇଲ କେସ୍। ଏମ୍‌ଏଚ୍‌ଏର ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ,୨୦୨୧ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୨୪୯ ଜଣ ଉଚ୍ଚପଦାଧିକାରୀଙ୍କ ବିରୋଧରେ ୨୩୭ଟି ଶୃଙ୍ଖଳାଗତ ମାମଲା ଦାୟର ହୋଇଥିଲା। ୪୮ଟି ମାମଲାରେ ଜଡ଼ିତ ୫୨ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସାମାନ୍ୟ ଆଇନ ଉଲ୍ଲଂଘନଠାରୁ ଆରମ୍ଭ କରି ଗମ୍ଭୀର ଅପରାଧ ଉପରେ ଦଣ୍ଡ ବିଧାନ ହୋଇଥିଲା। ଶାହାଙ୍କ ପ୍ରକ୍ରିୟାରେ ଜଣେ ଅଧିକାରୀଙ୍କୁ ଭର୍ତ୍ସନା କରିବା କିମ୍ବା ଚେତାବନୀ ଦେବା ଦୃଷ୍ଟାନ୍ତ କମ୍ , କିନ୍ତୁ ଚାକିରିରୁ ପଦଚ୍ୟୁତ ଓ ବହିଷ୍କାର କରିବା ଘଟଣା ଅଧିକ । ଏହି ପ୍ରକ୍ରିୟାରେ ମନ୍ତ୍ରଣାଳୟରେ ଥିବା ଏକ ଭିଜିଲାନ୍ସ ସେଲ୍ ଶାହାଙ୍କୁ ସହଯୋଗ କରୁଛି । ଏହାର ମୁଖ୍ୟ ରହିଛନ୍ତି ଜଣେ ଯୁଗ୍ମ ସଚିବ ସ୍ତରୀୟ ଅଧିକାରୀ।

### ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ବୃଦ୍ଧି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବେ ସବୁଠୁ ବ୍ୟସ୍ତ ସରକାରୀ ସଂସ୍ଥା । ଏସ୍.କେ.ମିଶ୍ର ଏହାର ନିର୍ଦ୍ଦେଶକ ଭାବେ ୪ ବର୍ଷ ରହିସାରିବା ପରେ ତାଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି କରାଯାଇଛି। ଏହାର ଯୁକ୍ତିଯୁକ୍ତତା ଦର୍ଶାଇବା ଲାଗି ପ୍ରୟାସ କରାଯାଇଛି ଏବଂ କୁହାଯାଇଛି ଯେ, ମିଶ୍ର ଅନେକ ହାଇ ପ୍ରୋଫାଇଲ ତଦନ୍ତର ନେତୃତ୍ୱ ନେଉଛନ୍ତି ଓ ଅନ୍ୟ କେହି ତାଙ୍କ ବଦଳରେ ଦାୟିତ୍ୱ ନେଲେ ତଦନ୍ତଗୁଡ଼ିକ ଗତିଶୀଳତା ହରାଇବ। ଉକ୍ତ ସମ୍ପ୍ରସାରଣ ଯୋଗୁ ମିଶ୍ର ଆସନ୍ତା ବର୍ଷ ତାଙ୍କ କାର୍ଯ୍ୟକାଳର ୫ ବର୍ଷ ପୂରଣ କରିବେ । ସୂଚନାଯୋଗ୍ୟ, ଗତ ବର୍ଷ ସରକାର ସିବିଆଇ ଏବଂ ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣକୁ ନେଇ ଏକ ଅଧ୍ୟାଦେଶ ଆଣି ଦର୍ଶାଇଥିଲେ ଯେ, ଏହି ଦୁଇ ସଂସ୍ଥାର ନିର୍ଦ୍ଦେଶକଙ୍କ ବାଧ୍ୟତାମୂଳକ ୨ ବର୍ଷ କାର୍ଯ୍ୟକାଳ ପରେ ୩ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇପାରିବ। ଏଥିପାଇଁ ମିଶ୍ରଙ୍କ କାର୍ଯ୍ୟକାଳ ଦ୍ୱିତୀୟ ଥର ସମ୍ପ୍ରସାରଣ କରାଯାଇଥିଲା। ହେଲେ ମିଶ୍ରଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣକୁ ନେଇ ଏବେ ସୁପ୍ରିମକୋର୍ଟରେ ଅନେକ ପିଟିଶନ ବିଚାରାଧୀନ ରହିଛି। କେବଳ ମିଶ୍ରଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ନୁହେଁ, ବରଂ ସିଭିସି ଏବଂ ଡିଏସ୍‌ପିଇ ଆଇନରେ ଅଣାଯାଇଥିବା ସଂଶୋଧନ ଉପରେ ପିଟିଶନଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଛନ୍ତି ଯେ, ଇଡି ଓ ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ସୀମିତ କରିବା ଦୁର୍ନୀତି ଏବଂ ମନି ଲଣ୍ଡରିଂ ବିରୋଧରେ ଭାରତର ଦୃଢ଼ ପଦକ୍ଷେପ ଉପରେ ବିପରୀତ ପ୍ରଭାବ ପକାଇବ। ଚଳିତ ବର୍ଷ ସେପ୍ଟେମ୍ବରରେ ସରକାର କୋର୍ଟରେ ଦାଖଲ କରିଥିବା ତାଙ୍କ ସତ୍ୟପାଠରେ କହିଛନ୍ତି ଯେ, ବୃହତ୍ ସାର୍ବଜନୀନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଇ ବର୍ଷ ପରେ ଦିଆଯାଉଥିବା ପ୍ରତ୍ୟେକଟି ସମ୍ପ୍ରସାରଣ କ୍ଷେତ୍ରରେ ବହୁ ସୁରକ୍ଷାତ୍ମକ ପଦକ୍ଷେପ ନିଆଯାଉଛି।

Email: dilipcherian@gmail.com

# ହିଜାବ ଜାଲରେ ବେହାଲ ସମାଜ



ଡ. ଗୌରୀଶଙ୍କର ସାହୁ

କୋରାନ୍‌ର ଅନ୍–ନୁର୍ ଅଧ୍ୟାୟ(ସୁରା)ର ଆୟତ ୩୦ ଓ ୩୧ କହେ– ହେ ପ୍ରଫେଟ୍! ମୋତେ ବିଶ୍ୱାସ କରୁଥିବା ପୁରୁଷମାନଙ୍କୁ କୁହ ''ସେମାନେ ତଳକୁ ମୁହଁ କରିବେ ଓ ସେମାନଙ୍କ ପବିତ୍ରତା ରକ୍ଷାକରିବେ। ଏହା ସେମାନଙ୍କୁ ନିଷ୍କଳଙ୍କ ରଖିବ।'' ଏବଂ ''ମୋତେ ବିଶ୍ୱାସ କରୁଥିବା ନାରୀମାନଙ୍କୁ କୁହ, ସେମାନେ ତଳକୁ ଦୃଷ୍ଟି ନିକ୍ଷେପ କରିବେ ଓ ସେମାନଙ୍କ ସତୀତ୍ୱ ରକ୍ଷାକରିବେ ଏବଂ ସେମାନଙ୍କ ଲୁକ୍କାୟିତ ସୌନ୍ଦର୍ଯ୍ୟ ପରିପ୍ରକାଶିତ କରିବେ ନାହିଁ।... ସେମାନେ ଏପରି ପଦପାତ ନ କରନ୍ତୁ ଯାହା ସେମାନଙ୍କ ଲୁକ୍କାୟିତ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନ ଆକର୍ଷଣ କରିବ। ହେ ମୋତେ ବିଶ୍ୱାସ କରୁଥିବା ନାରୀ ଓ ପୁରୁଷ, ପରମେଶ୍ୱର ଆଲ୍ଲାଙ୍କ ଆଡ଼କୁ ମୁହଁକରି ଅନୁଶୋଚନା କର, ଯଦ୍ୱାରା ତମେ ସଫଳ ହୋଇପାରିବ।''

ପରମେଶ୍ୱର ପ୍ରଫେଟ୍ (ସଲ୍ଲଲ୍ଲାହୁ ଅଲୈହି ୱସ୍‌ଲ୍ଲମ୍)ଙ୍କୁ ପରଦା ସମ୍ପର୍କିତ କହିଥିବା କଥା ହିଁ ଏତିକି। ବାକି ସବୁ ଶୁଣାକଥା, ବ୍ୟକ୍ତିଗତ ମତ ବା ନିଜକୁ ସୁହାଉଥିବା ମିଥ୍ୟା। କୋରାନ୍‌ର ଅନ୍–ନୁର୍ ସୁରା (୨୪ତମ ଅଧ୍ୟାୟ)ର ଆୟତ ୩୦ ଓ ୩୧ 'ହିଜାବ ଆୟତ' ନାମରେ ଜନପ୍ରିୟ, ଯଦିଓ ଏଠାରେ ବା ସମ୍ପୂର୍ଣ୍ଣ କୋରାନ୍‌ରେ କେଉଁଠି ବି 'ହିଜାବ' ଶବ୍ଦ ସ୍ଥାନ ପାଇନାହିଁ। (ଆନ୍ନା ପିଏଲ୍, ଜେଷ୍ଟର ଡେଲି, ୬ ଏପ୍ରିଲ ୨୦୨୨)। କୋରାନ୍‌ରେ ଖିମାର (ପୋଷାକ) ଓ ଜିଲ୍‌ବାବ୍ (ଓଢ଼ଣି), ଏଇ ଦୁଇଟି ଆରବୀ ଶବ୍ଦ ଅଛି। 'ହିଜାବ ଆୟତ' ଓ ଆଲୋଚ୍ୟ ଅଧ୍ୟାୟର ଆୟତ ୫୮ ରୁ ୬୧ ପଢ଼ିଲେ ପରମେଶ୍ୱରଙ୍କ ଇଚ୍ଛା, ବଢ଼ିଲା ଝିଅର ସୁରକ୍ଷା ଓ ସତୀତ୍ୱ ତଥା ସୁନ୍ଦର ପୁରୁଷର ପବିତ୍ରତା ରକ୍ଷା ପାଇଁ ଉଦ୍ଦିଷ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ।

ଏଇ ଗତ ୧୩ ସେପ୍ଟେମ୍ବର ଇରାନ୍‌ର ସାକ୍ୱେଜ ସହରର ବାସିନ୍ଦା ୨୨ବର୍ଷୀୟା ମହସା ଅମିନ୍ (ଜିନା), ତେହରାନ୍ ବୁଲିବାକୁ ଯାଇଥିବାବେଳେ ଗୋଟିଏ ମେଟ୍ରୋଷ୍ଟେଶନ ପାଖରେ ଇରାନ୍ ପୋଲିସ ତାଙ୍କୁ ଗିରଫ କଲା। ଅଭିଯୋଗ, ସେ ଠିକ୍‌ଭାବେ 'ହିଜାବ' ପିନ୍ଧିନାହାନ୍ତି, ତେଣୁ ତାଙ୍କ କେଶ ସମ୍ପୂର୍ଣ୍ଣ ରୂପେ ଆବୃତ୍ତ ହୋଇପାରିନାହିଁ। ମାତ୍ର ୩ଦିନ ପୋଲିସ କଷ୍ଟଡିରେ ରହିବା ଭିତରେ ସେପ୍ଟେମ୍ବର ୧୬ରେ ମସ୍ତିଷ୍କରେ ଆଘାତ ହୋଇଥିବା ହେତୁ ସୃଷ୍ଟ କ୍ଷତ ସହିତ ତାଙ୍କ ମୃତଦେହ ପୋଲିସ ପାଖରୁ ମିଳିଲା (୨୫ ଅକ୍ଟୋବର, ହିନ୍ଦୁସ୍ଥାନ ଟାଇମ୍ସ)। ଏହାପରେ ବିଶ୍ୱ ସାରା ବିରୋଧ ଓ କେବଳ ଇରାନରେ ବର୍ତ୍ତମାନ ସୁଦ୍ଧା ୯୨ଜଣ ବିକ୍ଷୋଭକାରୀ ପୋଲିସ ହତ୍ୟାର ଶିକାର ହୋଇଛନ୍ତି ଓ ସେମାନଙ୍କ ମଧ୍ୟରେ ପୋଲିସ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଜଣେ ତରୁଣୀଙ୍କ ଦୁର୍ଦ୍ଦଶା ବଖାଣିଛନ୍ତି ମୌଲବୀ ଅବଦୁଲ୍ ହମିଦ୍ (୩ ଅକ୍ଟୋବର, ଇଣ୍ଡିଆ ଟୁଡେ)। ଇରାନ ଶାସକ ଖେଇମିନି ୭ ମାର୍ଚ୍ଚ ୨୦୨୨ରେ 'ହିଜାବ୍' ହୁକୁମନାମାର ପୁନଃ ପ୍ରଚଳନ କଲେ। ନାରୀର ସାମାଜିକ ଓ ସାଂସ୍କୃତିକ ସୁରକ୍ଷା ବାହାନାରେ ହିଜାବର ଓକିଲାତି କରୁଥିବା ପୂଜକ ଓ ଶାସକମାନେ ସତରେ କ'ଣ ସେଥିପାଇଁ ବାସ୍ତବରେ ପ୍ରତିବଦ୍ଧ? ତା'ହେଲେ କେମିତି ମାସେ ମଧ୍ୟରେ ହତ୍ୟାହେଲେ ୯୩ ଜଣ ନିରପରାଧ ମଣିଷ, 'ହିଜାବ'କୁ ଢାଲକରି। ଆଇନର ତର୍ଜମା ହୁଏ ସାମୂହିକ ସ୍ୱାର୍ଥକୁ ନେଇ, ନିରପରାଧ ବ୍ୟକ୍ତିକୁ ନ୍ୟାୟ ଦେବାପାଇଁ। ଏଠାରେ ଉଲ୍ଲେଖଯୋଗ୍ୟ, ହନାଫି ଆଇନ ବିଶେଷଜ୍ଞ ଇବନ୍ ଆବାସ୍‌ଙ୍କ ନେତୃତ୍ୱରେ ହନାଫି ବିଚାରପତିମାନଙ୍କ ଏକ ବୃହତ୍ ଖଣ୍ଡପୀଠ ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, 'ମୁଖମଣ୍ଡଳ ଓ ହାତ ସହିତ ତରୁଣୀଟି ନିଜର ସମସ୍ତ ଶୃଙ୍ଗାର ଓ ସୁନ୍ଦର ଆଭୂଷଣକୁ ଉନ୍ମୁକ୍ତ ରଖି ସର୍ବସାଧାରଣରେ ବିଚରଣ କରିପାରିବ ଓ ତରୁଣୀଟିର ପୋଷାକ ଏପରି ହେବ ଯେ ତା'ର ମୁହଁ ଓ ବେନି ହାତ ଉନ୍ମୁକ୍ତ ରହିପାରିବ (ଆହକାମ୍–ଉଲ୍ କୋରାନ୍, ଅଲ୍ ଜାସ୍ସାସ୍, ଖଣ୍ଡ–୩, ପୃ: ୩୮–୩୮୯)।'' ଖେଇମିନି ଅନ୍ତତଃ ଏଇ ତର୍ଜମାଟିକୁ ମାନିଥିଲେ, ଯାହା ଲକ୍ଷ ଲକ୍ଷ ପରମ ଧାର୍ମିକ ମୁସଲମାନମାନେ ମାନୁଛନ୍ତି, କେଶ ଦିଶୁଛି ବାହାନା ଦେଖାଇ କ୍ରୁର ପୋଲିସ ନା ମହସା ଅମିନ୍‌ଙ୍କୁ ଗିରଫ ଓ ହତ୍ୟା କରିଥାନ୍ତା, ନା ଶାସନତନ୍ତ୍ର ୯୨ ଜଣ ନିରପରାଧ ମଣିଷଙ୍କୁ ମହସାଙ୍କ ସମର୍ଥକ ବୋଲି ହତ୍ୟାକରିଥାନ୍ତା।



ଇରାନ୍‌ର ଶାସକ ଖେଇମିନିଙ୍କ ହୁକୁମନାମା ଯେପରି ଇରାନ୍‌କୁ ଅଶାନ୍ତ କରିଦେଇଛି, ଭାରତର କର୍ନାଟକ ସରକାରଙ୍କ କର୍ନାଟକ ଏଜୁକେଶନ ଆକ୍ଟ–୧୯୮୩ ର ଧାରା ୧୩୩(୨) ଆଧାରରେ ସ୍କୁଲକଲେଜଗୁଡ଼ିକରେ ନିର୍ଦ୍ଧାରିତ ୟୁନିଫର୍ମ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ପାଇଁ ଗତ ୫ ଫେବୃୟାରୀରେ ଆଦେଶନାମା ଆଣିବା ଓ ୨ଦିନ ପରେ ୩ଜଣ ଇସ୍‌ଲାମ ଧର୍ମାବଲମ୍ବୀ ଛାତ୍ରୀ ଉଡୁପିସ୍ଥିତ ଏକ ସରକାରୀ ମହିଳା ମହାବିଦ୍ୟାଳୟକୁ 'ହିଜାବ' ପିନ୍ଧି ଆସିବାରୁ ସେମାନଙ୍କୁ ମହାବିଦ୍ୟାଳୟରେ ପ୍ରବେଶ କରିବାର ଅନୁମତି ନ ମିଳିବା ପରେ ଦେଶ ସାରା ବ୍ୟାପକ ବିରୋଧ, ହରତାଳ ଓ ହୁଲ୍‌ସ୍ଥୁଲ୍ କଶ୍ମୀରଠାରୁ କନ୍ୟାକୁମାରୀ। ଇରାନ୍‌ରେ 'ହିଜାବ' ନ ପିନ୍ଧିବା ପାଇଁ ଓ ଭାରତରେ 'ହିଜାବ୍' ପିନ୍ଧିବା ପାଇଁ ଏଇ ତରୁଣୀମାନେ ତତ୍ପର ଓ ମୁଖର।

ଶିକ୍ଷାନୁଷ୍ଠାନରେ ଗୋଟିଏ ନିର୍ଦ୍ଦିଷ୍ଟ ୟୁନିଫର୍ମର ପକ୍ଷଧର କର୍ନାଟକ ସରକାରଙ୍କ ଯୁକ୍ତି ଯେ ଏହି ବ୍ୟବସ୍ଥା ସମାନତା, ପୂର୍ଣ୍ଣତା ଓ ଆଇନର ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। 'ହିଜାବ' ସମର୍ଥକଙ୍କ ଯୁକ୍ତି, କିଏ କ'ଣ ପିନ୍ଧିବ ନ ପିନ୍ଧିବ ଏହା ତା'ର ପସନ୍ଦର ବିଷୟ। ପ୍ରଚଳିତ ଆଦେଶନାମା, ବ୍ୟକ୍ତି ସ୍ୱାଧୀନତା ଉପରେ ସରକାରୀ ଆକ୍ରମଣ ଯାହା। ଶିକ୍ଷାନୁଷ୍ଠାନରେ ହିଜାବ ବନ୍ଦକରିବା ଦ୍ୱାରା ଶିକ୍ଷାରେ ପଛୁଆ ମୁସ୍‌ଲିମ୍ ତରୁଣୀମାନେ ଶିକ୍ଷାଲାଭରୁ ବଞ୍ଚିତ ହେବେ। ରାଷ୍ଟ୍ର ପାଇଁ 'ଆଇନ' ଆଗ ନା 'ଶିକ୍ଷା' ଆଗ। ଆଫଗାନିସ୍ତାନରେ ପ୍ରଥମଥର ଯେତେବେଳେ ତାଲିବାନ୍ ସରକାର କ୍ଷମତାକୁ ଆସିଲା, ସ୍କୁଲ କଲେଜରେ ହିଜାବ/ ବୁର୍ଖା ବାଧ୍ୟତାମୂଳକ ନ ଥିଲା । ସେତେବେଳେ ଦେଶର ସମୁଦାୟ ଶିକ୍ଷକଙ୍କ ମଧ୍ୟରୁ ୭୦ ପ୍ରତିଶତ, ପ୍ରଶାସନିକ ସେବାରେ ୫୦ପ୍ରତିଶତ ଓ ଡାକ୍ତରମାନଙ୍କ ମଧ୍ୟରେ ୪୦ ପ୍ରତିଶତ ମହିଳା କର୍ମଜୀବୀ ଥିଲେ। ପରିସଂଖ୍ୟାନ କହୁଛି ଯେ ୪୯ଟି ମୁସଲିମ୍ ସଂଖ୍ୟା ଗରିଷ୍ଠ ଦେଶ ମଧ୍ୟରୁ କେବଳ ଇରାନ୍ ଓ ସାଉଦି ଆରବ (ସମୟ ବିଶେଷରେ ତାଲିବାନୀ ଆଫଗାନିସ୍ତାନ) 'ହିଜାବ' ବାଧ୍ୟତାମୂଳକ କରିଛନ୍ତି।

ତରୁଣୀଙ୍କ ସତୀତ୍ୱ ଓ ସୁରକ୍ଷା ପାଇଁ ହିଜାବ/ଓଢ଼ଣି ଜରୁରୀ ନା ସାମ୍ନାରେ ଠିଆହୋଇଥିବା ପୁରୁଷର ଚରିତ୍ର ମହତ୍ତ୍ୱପୂର୍ଣ୍ଣ ? ଏ ମାଟି ଦେଖିଛି ଆଲ୍ଲାଉଦ୍ଦିନ୍‌ର କାମୁକ ଆଖି ଓ ପଦ୍ମାବତୀଙ୍କ 'ଜହରବ୍ରତ'କୁ, ମହାନ୍ ଆକବରଙ୍କ ଯୌନ ପିପାସାର ସାକ୍ଷୀ ତାଙ୍କ 'ହାରେମ୍'କୁ, ଦେଖିଛି ନରକାସୁର ଓ ତା'ଦ୍ୱାରା ଅତ୍ୟାଚାରିତ ୧୬୧୦୦ ନିର୍ଦ୍ଦୋଷ ତରୁଣୀଙ୍କ ଦୁଃଖକୁ। ଏ ଦେଶର କିଷ୍କିନ୍ଧା ଶୁଣିଛି, ଯେତେବେଳେ ହନୁମାନ ଜଙ୍ଗଲରେ ପଡ଼ିଥିବା ଆଭୂଷଣକୁ ଦେଖାଇବାରୁ ଏ ସବୁ ସୀତାମାତାଙ୍କ ନା' ନୁହେଁ ଲକ୍ଷ୍ମଣଙ୍କୁ ପଚରାଗଲା– ଲକ୍ଷ୍ମଣ କହୁଛନ୍ତି, ''ମୁଁ ବାଜୁବନ୍ଧ ବା କାନଫୁଲ ଚିହ୍ନିପାରୁନି, କିନ୍ତୁ ଏଇ ପାଉଁଜିଟି ଚିହ୍ନିପାରୁଛି। ଏଇଟି ଭାଉଜଙ୍କ ପାଦରେ ଶୋଭାପାଉଥିଲା। ମୁଁ କେବେ ତାଙ୍କ ପାଦ ଉପରକୁ ଚାହିଁନାହିଁ। କେମିତି ଜାଣିବି ଏଇସବୁ ବାଜୁବନ୍ଧ ବା କୁଣ୍ଡଳ ତାଙ୍କର କି ନୁହେଁ? (ବାଲ୍ମୀକି ରାମାୟଣ, କିଷ୍କିନ୍ଧା କାଣ୍ଡ, ଷଷ୍ଠସର୍ଗ)

**ଧର୍ମଶାଳା, ହିମାଚଳ ପ୍ରଦେଶ**
**ମୋ– ୭୯୭୮୪୨୧୮୩୫**

# ଆମ ପ୍ରିୟ ଖବରକାଗଜ



ବୈକୁଣ୍ଠନାଥ ମିଶ୍ର

ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ରୂପେ ବିବେଚିତ ଖବରକାଗଜ ଏକ ବଳିଷ୍ଠ ତଥା ଲୋକପ୍ରିୟ ଗଣମାଧ୍ୟମ, ଯାହା ପାଠକୀୟ ଆଦୃତି ସହ ବ୍ୟବସାୟିକ ସଫଳତା ହାସଲ କରିଛି। କେବଳ ସେତିକି ନୁହେଁ, ଖବରକାଗଜ ପ୍ରକାଶନ ଖବର ସଂଗ୍ରହ ଓ ବିତରଣ ଅନେକ ଲୋକଙ୍କ ପାଇଁ ଜୀବିକାର୍ଜନର ଉତ୍ସ। ବେତାର ଓ ଦୂରଦର୍ଶନରେ ଖବର ପ୍ରସାରଣ ହେଉଥିଲେ ମଧ୍ୟ ଖବରକାଗଜ ପ୍ରସାରଣକୁ ଏମାନେ ପ୍ରଭାବିତ କରିପାରିନାହାନ୍ତି। କାରଣ, ଜଣେ ନିଜସ୍ୱ ସମୟ ଅନୁସାରେ ଏହାକୁ ପଢ଼ିପାରେ। ବୈଦ୍ୟୁତିକ ଗଣମାଧ୍ୟମ ପରି ଏହାର କୌଣସି ସମୟ ସାରଣୀ ନାହିଁ। ଖବରକାଗଜ ସିନା ଶସ୍ତା ; କିନ୍ତୁ ଏଥିରେ ପ୍ରକାଶିତ ତଥ୍ୟ ଅତ୍ୟନ୍ତ ଉପାଦେୟ ଓ ଗୁରୁତ୍ୱପୂର୍ଣ୍ଣ। ନ'ରୁ ନବେ ପର୍ଯ୍ୟନ୍ତ ସବୁ ବୟସର ପାଠକଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

ପ୍ରଶ୍ନ ଉଠେ– ଖବର କାହାକୁ କହନ୍ତି ? ସବୁ ଘଟଣା ଖବର ନୁହନ୍ତି। ଉଦାହରଣ ସ୍ୱରୂପ ପ୍ରତ୍ୟହ ଶହ ଶହ ଲୋକ ମୃତ୍ୟୁବରଣ କରୁଛନ୍ତି, ତାହା ଖବର ନୁହେଁ। ପ୍ରସିଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ, ହତ୍ୟା, ଆତ୍ମହତ୍ୟା, ଦୁର୍ଘଟଣାଜନିତ ମୃତ୍ୟୁ ଓ ଅସ୍ୱାଭାବିକ ମୃତ୍ୟୁ ହିଁ ଖବର। ପ୍ରେମ ଖବର ନୁହେଁ, ପ୍ରତାରଣା ହିଁ ଖବର। ବିବାହ ଖବର ନୁହେଁ, ମାତ୍ର ଦାମ୍ପତ୍ୟ କଳହଜନିତ ଛାଡ଼ପତ୍ର ଓ ବିବାହର ପ୍ରାକ୍ ଏବଂ ପରବର୍ତ୍ତୀ ଅଘଟଣ ହିଁ ଖବର। ବୃଷ୍ଟିପାତ ଖବର ନୁହେଁ, ମାତ୍ର ଅତିବୃଷ୍ଟି କିମ୍ବା ଅନାବୃଷ୍ଟି ହିଁ ଖବର। ମୋଟାମୋଟି ଯାହା ଅସ୍ୱାଭାବିକ ଓ ଅସାଧାରଣ– ତାହାହିଁ ଖବର।

କିଛିବର୍ଷ ପୂର୍ବେ ଖବରକାଗଜ ଧନୀ, ମାନୀ ଓ ସମ୍ଭ୍ରାନ୍ତ ବ୍ୟକ୍ତିବିଶେଷଙ୍କର ଗରିମାର ସ୍ୱାକ୍ଷର ବହନ କରୁଥିଲା। ଡାକ ଦ୍ୱାରା ଆନୀତ ଖବରକାଗଜ ଗ୍ରାମାଞ୍ଚଳରେ ଖବର ପ୍ରସାରଣର ପ୍ରମୁଖ ଉତ୍ସ ଥିଲା। କିନ୍ତୁ ସମ୍ପ୍ରତି ଏହା ଆବାଳବୃଦ୍ଧବନିତା ସମସ୍ତଙ୍କର ଦୈନନ୍ଦିନ ଆବଶ୍ୟକତାରେ ପରିଣତ ହୋଇଛି। ବିଶେଷକରି ଅବସରପ୍ରାପ୍ତ ବୟୋଜ୍ୟେଷ୍ଠଙ୍କ ପାଇଁ ଏହା ବରଦାନ ସଦୃଶ। ଏହା ନିଃସଙ୍ଗତାର ବନ୍ଧୁ ଓ ସମୟ ଅତିବାହିତ କରିବାର ଏକ ମାଧ୍ୟମ। ସକାଳେ ଚା'କପ୍ ସହ ସଦ୍ୟ ପେପର ଖଣ୍ଡିକ ହାତରେ ନ ଥିଲେ ଅନେକଙ୍କୁ ଚା' ରୁଚେ ନାହିଁ। ଖବରକାଗଜ ବାର୍ଦ୍ଧକ୍ୟର ସାହାରା ଓ ମାନସିକ ଅବସାଦ ଦୂରୀକରଣର ମହୌଷଧି। ସମାଜର ପ୍ରତିବର୍ଗଙ୍କ ପାଇଁ ଖବରକାଗଜର ସ୍ୱତନ୍ତ୍ର ବ୍ୟବସ୍ଥା ଅନନ୍ୟ। ଯେମିତି କୃଷକଙ୍କ ପାଇଁ କୃଷି ଓ ପାଣିପାଗ ସମ୍ବନ୍ଧୀୟ ସମାଚାର ; ଗୃହିଣୀଙ୍କ ପାଇଁ ରନ୍ଧନକଳା, ଭାଗ୍ୟବାଦୀଙ୍କ ପାଇଁ ରାଶିଫଳ, କ୍ରୀଡ଼ାପ୍ରେମୀଙ୍କ ପାଇଁ ସମାଚାର, ସିନେ ଜଗତକୁ ନେଇ ସିନେପ୍ରେମୀଙ୍କ ପାଇଁ ପ୍ରସ୍ତୁତ ସମ୍ବାଦ ଇତ୍ୟାଦି। ସମ୍ପାଦକୀୟ ପୃଷ୍ଠାରେ ଲେଖକଙ୍କ ଆଲେଖ୍ୟ ସହ ସମ୍ପାଦକଙ୍କ ନିଜସ୍ୱ ବୌଦ୍ଧିକ ବିଚାରସମ୍ପନ୍ନ ଲେଖା ଜନମାନସକୁ ଉତ୍‌ଫୁଲ୍ଲିତ କରେ। ସବୁଠାରୁ ଯାହା ବିଶେଷ ଭାବେ ବିଜ୍ଞ ପାଠକଙ୍କୁ ପ୍ରଭାବିତ କରେ ; ତାହା ହେଉଛି ରାଜ୍ୟ, ଦେଶ ତଥା ବିଦେଶର ରାଜନୈତିକ ଘଟଣା ପ୍ରବାହ। ରବିବାରର ସ୍ୱତନ୍ତ୍ର



ପତ୍ରିକା ଯେଉଁଥିରେ ସୃଜନଶୀଳତା, ସାହିତ୍ୟ, ପର୍ଯ୍ୟଟନ, ବିରଳ ମଣିଷର କୃତିତ୍ୱ ଓ ନ୍ୟାୟିକ ତଥା ଧାର୍ମିକ ଉପସ୍ଥାପନା ସ୍ଥାନିତ ହୋଇ ଅଜସ୍ର ପାଠକୀୟ ଭଲପାଇବା ସାଉଁଟିଥାଏ। କୃଷି, ଉଦ୍ୟାନକୃଷି, ବିଜ୍ଞାନଭିତ୍ତିକ ଲେଖା, ଶିଶୁ ଓ ପ୍ରସୂତିଙ୍କ ପାଇଁ ଅଭିଜ୍ଞ ଚିକିତ୍ସକଙ୍କ ପରାମର୍ଶ– ବିଭିନ୍ନ ଶ୍ରେଣୀର ପାଠକଙ୍କ ପାଇଁ ଖବରକାଗଜ ତା'ର ଉପାଦେୟତାକୁ ଅଧିକ ବଳିଷ୍ଠ କରିଛି। ସରକାରୀ, ବେସରକାରୀ ବିଜ୍ଞାପନ କେବଳ ଯେ କବରକାଗଜର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତି ତାହାନୁହେଁ– ଏହାଦ୍ୱାରା ଜନସାଧାରଣଙ୍କ ମନରେ ଏକ ଅବଗତି ସୃଷ୍ଟି କରିଥାଏ।

ପୃଥିବୀର ପ୍ରଥମ ଖବରକାଗଜ 'ଦ ଟାଇମ୍ସ ଅଫ୍ ଲଣ୍ଡନ' ୧୭୭୫ରେ ଲଣ୍ଡନଠାରେ ପ୍ରକାଶ ପାଇଥିଲା। ଭାରତର ପ୍ରଥମ ଖବରକାଗଜ 'ଦ ବେଙ୍ଗଲ ଗେଜେଟ୍' ୧୭୮୦ରେ କଲିକତାଠାରେ ଆତ୍ମପ୍ରକାଶ କରିଥିଲା। ଓଡ଼ିଶାରେ କର୍ମବୀର ଗୌରୀଶଙ୍କର ୧୮୬୫ରେ 'କଟକ ପ୍ରିଣ୍ଟିଂ କମ୍ପାନୀ', କଟକଠାରେ ସ୍ଥାପନ କଲେ। ଓଡ଼ିଶାର ପ୍ରଥମ ଛାପା ଖବରକାଗଜ 'ଉତ୍କଳ ଦୀପିକା' କର୍ମବୀରଙ୍କ ସମ୍ପାଦନାରେ ୧୮୬୬ରେ ପ୍ରକାଶ ପାଇଲା। ଏଥିରେ ନ' ଅଙ୍କ ଦୁର୍ଭିକ୍ଷର କାରଣ ଓ ନିରାକରଣର ଖବର ପ୍ରକାଶ କରାଯାଇ ଜନଜାଗରଣର ପ୍ରୟାସ କରାଗଲା। ୧୮୬୮ରେ 'ବାଲେଶ୍ୱର ସମ୍ବାଦ ବାହିକା' ଉତ୍ତର ଓଡ଼ିଶାର ପ୍ରମୁଖ ଖବରକାଗଜ ଭାବେ ବାଲେଶ୍ୱରଠାରେ ମୁକ୍ତିଲାଭ କଲା। ବ୍ୟାସକବି ଫକୀରମୋହନ ଏକ ଛାପାଖାନା ସ୍ଥାପନ କରି ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଓ ପତ୍ରିକା ସମ୍ପାଦନ କରିବା ଫଳରେ ଅନେକ ଲେଖକ ସୃଷ୍ଟି ହେଲେ। ଏହି ସମୟରେ କବିବର ରାଧାନାଥ ବଙ୍ଗଳା ଛାଡ଼ି ଓଡ଼ିଆରେ ଲେଖନୀ ଚାଳନା କଲେ। ୧୮୬୯ରେ 'ଉତ୍କଳ ହିତୈଷିଣୀ' ଓ 'ଉତ୍କଳ ଦର୍ପଣ' ନାମକ ଦୁଇଟି ଖବରକାଗଜ ବାଲେଶ୍ୱରରୁ ପ୍ରକାଶ ପାଇଲା। ଏସବୁ ଖବରକାଗଜ ତତ୍କାଳୀନ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମ୍ବାଦ ପ୍ରକାଶକରି ଉତ୍କଳୀୟ ବୌଦ୍ଧିକ ଚେତନାର ଉନ୍ମେଷରେ ସଫଳ ହେଲା।

ଏକ ତଥ୍ୟ ଅନୁଯାୟୀ ଭାରତରେ ବର୍ତ୍ତମାନ ୯୯୪ଟି ଖବରକାଗଜ ପ୍ରକାଶିତ ହେଉଥିବା ବେଳେ ଓଡ଼ିଶାରେ ପ୍ରାୟ ୪୨ଟି ଖବରକାଗଜ ପ୍ରକାଶ ପାଉଛି। ଓଡ଼ିଶାରେ ପ୍ରତ୍ୟହ ପ୍ରାୟ ୧୦ ଲକ୍ଷ ଖବରକାଗଜ ସରବରାହ ହେଉଛି। ଓଡ଼ିଆ ବ୍ୟତୀତ ଇଂଲିଶ୍, ହିନ୍ଦୀ ଓ ଉର୍ଦ୍ଦୁ ଖବରକାଗଜ ମଧ୍ୟ ଓଡ଼ିଶାରେ ପ୍ରଚଳିତ ଅଛି। କିଛି ଲୋକ ଅଛନ୍ତି, ଯେଉଁମାନେ ଖାଦ୍ୟ ଗ୍ରହଣ ନ କରି ଉପବାସରେ ରହିଯାଇପାରନ୍ତି ; ମାତ୍ର ସଦ୍ୟ ଖବରକାଗଜ ଉପରେ ଆଖି ନ ପକାଇ ଶାନ୍ତିରେ ରହିପାରିବେ ନାହିଁ। ଜ୍ଞାନ ଅର୍ଜନ ସହ ସାମ୍ପ୍ରତିକ ଘଟଣାବଳୀ ସହ ପରିଚିତ ହେବାରେ ଖବରକାଗଜର ଅବଦାନ ଅନସ୍ୱୀକାର୍ଯ୍ୟ। ଏହାହିଁ ତ ଖବରକାଗଜକୁ ଦେଇଛି ଅନବଦ୍ୟ ଜନପ୍ରିୟତା।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ଏଇ ଭାରତରେ

କେରଳର ଏକ ସଂଗଠନ ନାନ୍‌ମା ମାରମ୍। ମାଲୟାଲମ ଭାଷାରେ ନାନ୍‌ମା ମାରମ କହିଲେ ଦେବୀଙ୍କ ବୃକ୍ଷ। ବୃକ୍ଷ ଯେଭଳି ପକ୍ଷୀଙ୍କୁ ଆଶ୍ରୟ ଦିଏ, ଅନ୍ୟମାନଙ୍କୁ ଛାୟା ପ୍ରଦାନ କରେ ସେହିଭଳି ଏହି ସଂଗଠନ ସମାଜରେ ଏକ ଭିନ୍ନ ପ୍ରକାର ସେବା ଜାରି ରଖିଛି। ଏହାର ପ୍ରତିଷ୍ଠାତା ହେଉଛନ୍ତି କସାରଗଡ଼ ଜିଲା କାହ୍ନାଗଡ଼ର ସଲାମ କେରଳ। ସଲାମ ଓ ତାଙ୍କ ଟିମ୍ କମ୍ୟୁନିଟି କିଚେନ ମାଧ୍ୟମରେ ଗରିବମାନଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ଗରିବ ପିଲାମାନଙ୍କୁ ପଢ଼ାଇ ସଶକ୍ତ କରୁଛନ୍ତି। ଏହା ବ୍ୟତୀତ ଗରିବ ପରିବାରକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। କାହ୍ନାଗଡରେ ଲକ୍‌ଡାଉନ ସମୟରେ ସଲାମ ନିଜସ୍ୱ ଉଦ୍ୟମରେ ପ୍ରତିଦିନ ପାଖାପାଖି ୧୦ ଜଣଙ୍କୁ ରୋଷେଇ କରି ଖାଇବାକୁ ଦେବା ଆରମ୍ଭ କରିଥିଲା। ପରେ ଏହି ସଂଖ୍ୟା ୫୦କୁ ବଢ଼ିଥିଲା। ସଲାମ ତାଙ୍କ ବନ୍ଧୁମାନଙ୍କ ସହାୟତାରେ ଏହାକୁ ଆଗକୁ ବଢ଼ାଇଥିଲେ। ସେ 'ନାନମା ମାରମ' ସଂଗଠନକୁ ପଞ୍ଜୀକୃତ କରିବା ପରେ ତାଙ୍କ ଟିମ୍‌ରେ ଅଧିକ ଲୋକ ସାମିଲ ହୋଇଥିଲେ। ଏବେ ସେ ଏହା ମାଧ୍ୟମରେ ୬୦ଜଣଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ପ୍ରତିଦିନ ଏହା ବାବଦରେ ୧,୨୦୦ ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ଲୋକେ ତାଙ୍କୁ ପାଣ୍ଠି ବି ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ ଏହି ସଂସ୍ଥା ଲୋକଙ୍କୁ କ୍ଷୁଦ୍ର ବ୍ୟବସାୟ କରିବା ଲାଗି ସାହାଯ୍ୟ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୭

- ଦକ୍ଷିଣ ସାଇବେରିଆରେ ଏକ କୋଇଲା ଖଣିରେ ମିଥେନ ଗ୍ୟାସ ବିସ୍ଫୋରଣ ଘଟି ୫୯ ଖଣି ଶ୍ରମିକଙ୍କ ମୃତ୍ୟୁ।
- ବାଂଲାଦେଶର ଦକ୍ଷିଣ ପୂର୍ବାଞ୍ଚଳ ଚିଟ୍ଟାଗଙ୍ଗ ପାର୍ବତ୍ୟ ଇଲାକାରେ ଦୀର୍ଘବର୍ଷ ଧରି ଲାଗିରହିଥିବା ବିଦ୍ରୋହର ଅବସାନ ପାଇଁ ସରକାର ଓ ବିଦ୍ରୋହୀ ଆଦିବାସୀ ନେତାମାନଙ୍କ ମଧ୍ୟରେ ଏକ ଶାନ୍ତି ରାଜିନାମା ସ୍ୱାକ୍ଷରିତ।
- ବିହାରର ଜେହାନାବାଦ ଜିଲାରେ ବେଆଇନ ଘୋଷିତ ଉଗ୍ରପନ୍ଥୀ ସଙ୍ଗଠନ ରଣବୀର ସେନାର ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳି ଚାଳନାରେ ୬୪ ମୃତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | 2 | | | 9 |
| | | | 4 | | | 3 | | |
| | | | 8 | | 5 | | | |
| | | 4 | | | | | | 7 |
| 8 | | | | | 3 | | 5 | |
| 9 | | 5 | | | 1 | | | |
| | 6 | | 2 | 3 | | | 7 | |
| | 1 | 2 | | 9 | | | 8 | |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 4 | 7 | 8 | 9 | 1 | 6 |
| 7 | 4 | 1 | 6 | 9 | 2 | 8 | 5 | 3 |
| 8 | 6 | 9 | 5 | 1 | 3 | 4 | 7 | 2 |
| 5 | 8 | 3 | 2 | 4 | 6 | 7 | 9 | 1 |
| 2 | 7 | 4 | 9 | 3 | 1 | 6 | 8 | 5 |
| 1 | 9 | 6 | 8 | 5 | 7 | 2 | 3 | 4 |
| 6 | 1 | 2 | 7 | 8 | 5 | 3 | 4 | 9 |
| 4 | 5 | 8 | 3 | 2 | 9 | 1 | 6 | 7 |
| 9 | 3 | 7 | 1 | 6 | 4 | 5 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ନାଟୋ ପାଇଁ ନାଟ

ମହାଶୟ,

ପୁଟିନ୍‌ଙ୍କ ଇଚ୍ଛାମୁତାବକ ନାଟୋରେ ୟୁକ୍ରେନ୍ ସାମିଲ ନ ହେଉ କେବଳ ଏତିକି ଭୁଲ୍ ପାଇଁ ୟୁକ୍ରେନ୍‌ବାସୀଙ୍କୁ ଆଜି ବହୁମୂଲ୍ୟ ଦେବାକୁ ପଡୁଛି । ପଡୋଶୀ ଦେଶମାନଙ୍କରେ ଶୀତ ଅଣ୍ଡାରେ ଲକ୍ଷ ଲକ୍ଷ ଲୋକ ଶରଣାର୍ଥୀ ଜୀବନ ବିତାଉଛନ୍ତି । ଓଡ଼ିଶାର ଚାନ୍ଦିପୁର ଗୋଳାବାରୁଦ ପରୀକ୍ଷାକେନ୍ଦ୍ରରେ ଗୋଳା ପରୀକ୍ଷା ହେଲେ ବାଲେଶ୍ୱର ସହରର ଲୋକଙ୍କ କବାଟ ଝିଡ଼ିକି ଧଡ଼୍‌ଧଡ଼୍ ଶବ୍ଦ କରେ। ୟୁକ୍ରେନ୍‌ରେ ରହିଯାଇଥିବା ଲୋକେ କିଭଳି ଜୀବନ ବିତାଉଥିବେ ଈଶ୍ୱରଙ୍କୁ ହିଁ ଜଣା । ଯଦିଓ ୟୁକ୍ରେନ୍ ଦିନକୁ ଦିନ ବାହାର ଦେଶର ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବଳିଆନ ହୋଇଉଠୁଛି ହେଲେ କଥାରେ ଅଛି ମାଗି ଅଣା କାଣ୍ଡ ଯୁଦ୍ଧକୁ ନୁହେଁ । ଏବେ ପ୍ରଗତିର ବେଳ ଓ ଏହା ଯୁଦ୍ଧର ସମୟ ନୁହେଁ କହି ଭାରତ ବିଶ୍ୱବାସୀଙ୍କ ମନ କିଣିନେଇଛି । ଭୟଙ୍କର କ୍ଷୟକ୍ଷତି ହୋଇଯିବା ପରେ ଭାରତ ଶାନ୍ତି ପାଇଁ ମନ ବଳାଇଛି । ଦେଶ ସ୍ୱାଧୀନ ହେବାଦିନୁ ରୁଷିଆ ଭାରତ ସୁଖ ଦୁଃଖର ସାଥୀ ଥିବାରୁ ସମ୍ପ୍ରତି ଜାତିସଂଘରେ ରୁଷିଆକୁ ବାଧିଲା ଭଳି ଭାରତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ । ସାମ୍ପ୍ରତିକ ବିବାଦ ସମାଧାନର ସେତୁ ଭାବେ ଭାରତକୁ ରୁଷିଆ ବ୍ୟବହାର କଲେ ବିଶ୍ୱର ମଙ୍ଗଳ ହୁଅନ୍ତା । ଆସନ୍ନ ଖାଦ୍ୟ ସଂକଟରୁ ବହୁ ଗରିବ ରାଷ୍ଟ୍ରଗୁଡିକ ମୁକ୍ତି ମିଳପାରନ୍ତା ।

**ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିନ୍ଧୁ ବ୍ୟବଧାନ କାଟି
ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ
ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ।
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ‘୨୦୨୩ ସୁଦ୍ଧା ପଦ୍ମପୁର ହେବ ଜିଲା’

- ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ଚାଷୀ, ଜନଜାତି
- ଆଚରଣ ସଂହିତା ଉଠିଲେ ଇନ୍‌ପୁଟ ସବ୍‌ସିଡି
- କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ

## ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ



ପଦ୍ମପୁର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା।

**ବରଗଡ଼ ଅଫିସ୍/ପାଇକମାଳ/ଝାରବନ୍ଧ/ପଦ୍ମପୁର,୨।୧୨**

କଥା ନୁହେଁ, କାମରେ ବିଶ୍ୱାସ କରେ। ଆସନ୍ତା ୨୦୨୩ ସୁଦ୍ଧା ପଦ୍ମପୁର ଜିଲା ଗଠନ ହେବ। ନିର୍ବାଚନ ଆଚରଣ ସଂହିତା ଉଠିଲେ ଚାଷୀଙ୍କ ଆକାଉଣ୍ଟରେ ମରୁଡ଼ି ସହାୟତା ଅର୍ଥାତ ଇନ୍‌ପୁଟ ସବ୍‌ସିଡ଼ି ଜମା ହେବ। ଶୁକ୍ରବାର ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ପାଇଁ ପ୍ରଚାରରେ ଆସି ଏହା ଘୋଷଣା କରିଛନ୍ତି। ସେହିପରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଞ୍ଚଳର ଅନ୍ୟ ପ୍ରମୁଖ ଦାବିଗୁଡ଼ିକ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଝାରବନ୍ଧ, ପାଇକମାଳ ଏବଂ ପଦ୍ମପୁରରେ ଅନୁଷ୍ଠିତ ପୃଥକ୍ ନିର୍ବାଚନୀ ସଭାରେ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଜୟ ପ୍ରଭୁ ନୃସିଂହନାଥ ଏବଂ ଗଙ୍ଗାଧର ମେହେରଙ୍କ ପବିତ୍ର ମାଟିକୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ସେ ସବୁବେଳେ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେଉଛନ୍ତି।

ଗରିବଙ୍କ ହକ୍ ପାଇଁ ଲଢୁଥିବାବେଳେ ଚାଷୀ, କେନ୍ଦୁପତ୍ର ତୋଳାଳି, ଜନଜାତିଙ୍କ କଲ୍ୟାଣ ପାଇଁ କାମ କରିଆସୁଛନ୍ତି। ସେହିପରି ମା’ମାନଙ୍କୁ ଉଦ୍ୟୋଗୀ କରିବା ତାଙ୍କ ଲକ୍ଷ୍ୟ ରହିଛି। କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ୍ ଦେବାରେ ଓଡ଼ିଶା ଦେଶରେ ପ୍ରଥମ। କିନ୍ତୁ କେନ୍ଦ୍ରର ଭାଜପା ସରକାର କେନ୍ଦୁପତ୍ର ଉପରେ ୧୮ପ୍ରତିଶତ ଜିଏସ୍‌ଟି ଲଗାଉଥିବାବେଳେ ସୁନାରେ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଲଗାଉଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଟାର୍ଗେଟ୍ କରିଥିଲେ। ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ ଓଡ଼ିଶା ପ୍ରଥମ। ଆହୁରି ୧୫୯ କମ୍ୟୁନିଟିର ଲୋକଙ୍କୁ ଜନଜାତି ବର୍ଗରେ ନେବା ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରେ ପ୍ରସ୍ତାବ ଦେଇଛି। ମାତ୍ର କେନ୍ଦ୍ର ସେଥିରେ ଅବହେଳା କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ପଦ୍ମପୁର ଅଞ୍ଚଳରେ ଚାଷୀଙ୍କ ପାଇଁ ରାଜ୍ୟ ସରକାର ୧ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଆଗକୁ ଆହୁରି ଅଧିକ ଖର୍ଚ୍ଚ କରାଯିବ। ମାତ୍ର କେନ୍ଦ୍ର ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ମଧ୍ୟ ସେ କେନ୍ଦ୍ର ଉପରେ ବର୍ଷିଥିଲେ। ଆବାସ ଯୋଜନାରେ ରାଜ୍ୟରେ ପ୍ରତିବର୍ଷ ୫ଲକ୍ଷ ଗରିବ ଲୋକଙ୍କୁ ଘର ମିଳୁଥିଲା। ମାତ୍ର ଭାଜପା ଏମ୍‌ପିମାନଙ୍କ ବିରୋଧ ଯୋଗୁ ଗତ ୨ବର୍ଷ ହେଲା କେନ୍ଦ୍ର ତାକୁ ବନ୍ଦ କରିଦେଇଛି। ଫଳରେ ୧୦ଲକ୍ଷ ଗରିବ ଲୋକ ଘର ପାଇ ପାରିନାହାନ୍ତି ଏବଂ ପଦ୍ମପୁର ଅଞ୍ଚଳର ୨୫ହଜାର ଗରିବ ଲୋକ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। କେନ୍ଦ୍ର ଆବାସ ଯୋଜନା ବନ୍ଦ କରିଦେଲେ ସୁଦ୍ଧା ବିଜେଡ଼ି ସରକାର ଗରିବ ଲୋକଙ୍କୁ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ପ୍ରସ୍ତାବିତ ବରଗଡ଼-ନୂଆପଡ଼ା ରେଳ ଲାଇନକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସେ ସମାଲୋଚନା କରିଥିଲେ। ବିଜେଡ଼ି ପ୍ରାର୍ଥିନୀ ବର୍ଷାଙ୍କ ପ୍ରତି ଭାଜପା ନେତୃବୃନ୍ଦ କରୁ ସମାଲୋଚନା କରିବା ଘଟଣା ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ସଭାରେ ଦଳୀୟ ପ୍ରାର୍ଥୀ ବରିହାଙ୍କ ସମେତ ବିଜେଡ଼ି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ନବ କିଶୋର ଦାଶ, ରାଜେନ୍ଦ୍ର ଢୋଲକିଆ, ଅତନୁ ସବ୍ୟସାଚୀ, ବିଧାୟକ ସୁଶାନ୍ତ ସିଂ, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଦୀର୍ଘ ୩ ବର୍ଷ ପରେ ନିର୍ବାଚନ ପ୍ରଚାରକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକ୍ୟାପ୍ଟର ଯୋଗେ ଆସି ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇଥିଲେ। ସେଠାରୁ ପୁଣି ହେଲିକ୍ୟାପ୍ଟର ଯୋଗେ ଝାରବନ୍ଧ ଅଭିମୁଖେ ଯାଇଥିଲେ। ଦିନ ପ୍ରାୟ ୧୨ଟା ୧୦ ମିନିଟରେ ସେଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ ଏବଂ ପ୍ରାୟ ଘଣ୍ଟା ରହିବା ପରେ ପାଇକମାଳ ନିର୍ବାଚନୀ ସଭାକୁ ଯାଇ ଉଦ୍‌ବୋଧନ ଦେଇଥିଲେ। ସେଠାରୁ ପୁଣି ପଦ୍ମପୁରକୁ ଫେରି ସ୍ଥାନୀୟ ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଯାଦବ ସମାଜ, ତୈଳିକ ସମାଜ ସମେତ ବିଭିନ୍ନ ସମାଜର ପ୍ରତିନିଧିଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀ ପୁଣି ମିଛ କହିଲେ: ଜୟନାରାୟଣ

**ପଦ୍ମପୁର,୨।୧୨(ଡି.ଏନ.ଏ.):** ଯେଉଁଠି ଉପନିର୍ବାଚନ ହୁଏ ସେହି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନିଅନ୍ତି ବୋଲି ସବୁବେଳେ ଉପନିର୍ବାଚନ ପ୍ରଚାରରେ କୁହନ୍ତି। ହେଲେ ପ୍ରଥମ ଥର ପାଇଁ ସେ ପଦ୍ମପୁର ଉପନିର୍ବାଚନରେ ଦାୟିତ୍ୱ ମୋର ବୋଲି କହିଲେ ନାହିଁ। ବୋଧହୁଏ ବିଜେଡି ପଦ୍ମପୁର ଉପନିର୍ବାଚନ ହାରିବା ସୁନିଶ୍ଚିତ ଜାଣି ମୁଖ୍ୟମନ୍ତ୍ରୀ ଆଉ ଦାୟିତ୍ୱ ମାଗିନାହାନ୍ତି। ସବୁ ଜନସଭାରେ ମୁଖ୍ୟମନ୍ତ୍ରୀ ପଚାରନ୍ତି ଯେ ଆପଣମାନେ ଖୁସି ତ। ହେଲେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ଆପଣମାନେ ଖୁସି ତ ବୋଲି ପଚାରିନାହାନ୍ତି, କାରଣ ସେ ଜାଣିଛନ୍ତି ପଦ୍ମପୁରର ଲୋକେ ବିଜେଡିର ଏହି ୨୨ବର୍ଷର ପ୍ରତାରଣାରେ ଖୁସି ନାହାନ୍ତି। ଶୁକ୍ରବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର।

# ବିଜେଡି, ଭାଜପା ପଦ୍ମପୁରବାସୀଙ୍କୁ ଠକିଛନ୍ତି: ଶରତ

**ପଦ୍ମପୁର,୨।୧୨(ଡି.ଏନ.ଏ.)**

ପଦ୍ମପୁର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣକୁ ଆଉ ୩ ଦିନ ବାକି ଅଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ପଦ୍ମପୁର କର୍ମୀ ସମ୍ମିଳନୀ ଏବଂ ସାଧାରଣ ସଭାରେ ଯୋଗ ଦେଇଥିଲେ। ଆସନ୍ତା ୫ ତାରିଖରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ସେମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ପିସିସି ସଭାପତି ପଦ୍ମପୁର ବ୍ଲକର କଂସର ଓ ଦହିତା ପଞ୍ଚାୟତର ଦୁଇଟି ବିଶାଳ ସମାବେଶରେ ଯୋଗଦେଇ କହିଥିଲେ, ଉଭୟ ବିଜେଡି ଓ ଭାଜପା ସରକାର ଦୀର୍ଘ ୨୨ବର୍ଷ ଧରି ସାଧାରଣ ଜନତାଙ୍କୁ ଠକିଚାଲିଛନ୍ତି। ଏହି ଉପନିର୍ବାଚନରେ ବି ମିଛ ପ୍ରତିଶ୍ରୁତି, ପ୍ରଲୋଭନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ତାଳମେଳ ରହୁନାହିଁ। ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ଜିଲା କରିବେ। କିନ୍ତୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗୁରୁବାର ମୋରଡା ବିଧାୟକ ରାଜକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ବିଧାନସଭାରେ କହିଛନ୍ତି, ନୂଆ ଜିଲା ଗଠନର କୌଣସି ପ୍ରସ୍ତାବ ନାହିଁ। ତେବେ କିଏ ସତ କହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ବାବୁ ନା ରାଜସ୍ୱ ମନ୍ତ୍ରୀ ପ୍ରମିଳା ଦେବୀ। ପଦ୍ମପୁରବାସୀଙ୍କୁ ଏପରି ଛଳନା କାହିଁକି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି ପଟ୍ଟନାୟକ। ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମଧ ପଦ୍ମପୁରର ବିଭିନ୍ନ ଅଞ୍ଚଳକୁ ଯାଇ ଘର ଘର ବୁଲି ଭୋଟ୍‌ଭିକ୍ଷା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ଶୁଭେନ୍ଦୁ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଭୁଜବଳ ମାଝୀ, ମୁଖପାତ୍ର ରଜନୀ ମହାନ୍ତି, ଅମୀୟ ପାଣ୍ଡବ, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପିସିସି ସଭାପତି ଶରତ ପଟ୍ଟନାୟକ ପଦ୍ମପୁର ଅଞ୍ଚଳରେ ପ୍ରଚାର କରୁଛନ୍ତି।

# ପ୍ରଚାରରେ ଟାର୍ଗେଟ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ପଦ୍ମପୁର ବିଧାନସଭା ଉପନିର୍ବାଚନର ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମାରାଥନ ପ୍ରଚାର କରିଛନ୍ତି। ଭେଉଁରିଆ, ପୁରେଣା, ଲୁହାରପାଲି, ବାରିକେଳ ପଦ୍ମପୁର ବ୍ଲକରେ ପ୍ରଚାର ସମୟରେ ସେ ମୁଖ୍ୟମନ୍ତ୍ରୀ ଓ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ଟାର୍ଗେଟ କରିଛନ୍ତି। ପଦ୍ମପୁରକୁ ଜିଲା ଘୋଷଣା ଦାବି ନେଇ ରାଜ୍ୟ ସରକାରଙ୍କ ଉପରେ ଅପରାଜିତା ବର୍ଷିଛନ୍ତି। ସେ କହିଛନ୍ତି, ‘ମୁଁ ଜିଲାପାଳ ଥିଲାବେଳେ ପଦ୍ମପୁରକୁ ଜିଲା ଦାବି ଯଥାର୍ଥ ଥିବା ଅନୁଭବ କରିଥିଲି। ୨୨ ବର୍ଷ ବିତିଗଲାଣି, ରାଜ୍ୟ ସରକାର ପଦ୍ମପୁରକୁ ଜିଲା କଲେ ନାହିଁ। ନିକଟରେ ମୁଖ୍ୟମନ୍ତ୍ରୀ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା କରାଯିବ ବୋଲି କହିଥିଲେ। ହେଲେ ଗୁରୁବାର ରାଜସ୍ୱ ମନ୍ତ୍ରୀ ବିଧାନସଭାରେ ଏନେଇ ବର୍ତ୍ତମାନ କିଛି ପ୍ରସ୍ତାବ ନ ଥିବା କହି ଏହାକୁ ସଫା ସଫା ମନା କରିଛନ୍ତି। ଲୋକଙ୍କୁ ଆଉ କେତେଦିନ ଭୁଡାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ଷକ ୩୬୫ ଦିନରୁ ମୁଖ୍ୟମନ୍ତ୍ରୀ ୧୪୭ ବିଧାନସଭା କ୍ଷେତ୍ର ବୁଲି ଲୋକଙ୍କ କଥା ବୁଝିବା କଥା। ଆମର ସେମିତି ମୁଖ୍ୟମନ୍ତ୍ରୀ ଦରକାର ଯିଏ ଆମ କଥା ବୁଝୁଥିବ ବୋଲି ଅପରାଜିତା କହିଛନ୍ତି। କେବଳ ସେତିକି ନୁହେଁ, ବର୍ଷାଙ୍କ ନାଁ ନ ନେଇ ତାଙ୍କୁ ତେରଛା ବାଣ ଛାଡ଼ିଛନ୍ତି। ସେ କହିଛନ୍ତି, ଝିଅଟେ ବାହା ହେଲା ପରେ ସେ ଶାଶୁଘରର ବୋହୂ। ଅନ୍ୟର ବୋହୂ ଶାଶୁଘର ପାଇଁ କହିବ ନା ବାପଘର ପାଇଁ କହିବ? ଝିଅ ଶାଶୁଘରକୁ ଚାଲି ଯାଇଛି। ତେଣୁ ଆମକୁ ଏବେ ପୁଅକୁ ଜିତାଇବାର ଅଛି ବୋଲି କହି ପ୍ରଦୀପ ପୁରୋହିତଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେବାକୁ ଅପରାଜିତା ଅପିଲ୍ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଅପରାଜିତାଙ୍କ ସିଧା ନିଶାନା କରିବା ସହ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ଉପରେ ତେରଛା ନିଶାନାକୁ ନେଇ ବିଜେଡି ପ୍ରତିକ୍ରିୟା ରଖିଛି। ବିଜେଡି କହିଛି, ମୁଖ୍ୟମନ୍ତ୍ରୀ କେବଳ କାମ କଥା କୁହନ୍ତି। ବର୍ଷା ସିଂ ବରିହାଙ୍କ ବାପଘର ଶାଶୁ ଘର କଥା ଉଠାଇବା ଭୋକ ବିକଳରେ ତାଟିଆ କାମୁଡିବା ସହ ସମାନ।

# ଚାଷୀଙ୍କୁ ନେଇ ବିଧାନସଭା ଘେରିଲା ଭାଜପା



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ଭାଜପା ପକ୍ଷରୁ ଚାଷୀଙ୍କୁ ନେଇ ଆୟୋଜିତ ସମାବେଶ। (ଫଟୋ ମନୋରଞ୍ଜନ)

**ଭୁବନେଶ୍ୱର, ୨।୧୨(ବ୍ୟୁରୋ) :** ଓଡ଼ିଶାର କୃଷକ ଓ କୃଷି ପ୍ରସଙ୍ଗରେ ଭାଜପାର ୧୫ଦିନ ଧରି ଚାଲିଥିବା ସତ୍ୟାଗ୍ରହ ଶୁକ୍ରବାର ଜୋର୍‌ଦାର ହୋଇଥିଲା। ଚାଷୀ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ହଜାର ହଜାର ଚାଷୀଙ୍କୁ ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସମାବେଶ କରିବା ସହ ବିଧାନସଭା ଘେରାଉ କରିଥିଲା। ଚାଷୀମାନେ ଗାନ୍ଧୀମାର୍ଗରେ ଟ୍ରାକ୍ଟର, ହଳ ଲଙ୍ଗଳ ଓ ଶଗଡ଼ ଧରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ମାଷ୍ଟରକ୍ୟାଣ୍ଟିନରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ବିଧାନସଭା ଅଭିମୁଖେ ଯାଇ ନାନା ନାରାବାଜି ଦେଇଥିଲେ। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ବିଧାୟକ ମୋହନ ଚରଣ ମାଝୀଙ୍କ ସମେତ ବହୁ ନେତୃବୃନ୍ଦ ଶାସକ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଚାଷୀ ବିରୋଧୀ ଆଭିମୁଖ୍ୟର କଡ଼ା ଜବାବ ରଖିଥିଲେ।

ବକ୍ସିପାତ୍ର କହିଛନ୍ତି, କୃଷକଙ୍କ ପାଇଁ ୧୫ଦିନ ଧରି ରାଜରାସ୍ତାରେ ବସି ସତ୍ୟାଗ୍ରହ ଚଳାଇଥିଲା ଭାଜପା। ସେପଟେ ବିଧାୟକ ଦଳ ଉକ୍ତ ପ୍ରସଙ୍ଗରେ ଗୃହ ବର୍ଜନ କରି ଆନ୍ଦୋଳନରେ ସାମିଲ ହେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ବା ତାଙ୍କର ମନ୍ତ୍ରୀ ପରିଷଦ କେହି ହେଲେ ଏ ପ୍ରସଙ୍ଗରେ ବିରୋଧୀ ଦଳ ସହ ଆଲୋଚନା କଲେନାହିଁ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଯାଇ ପଦ୍ମପୁରରେ ନିର୍ବାଚନୀ ସଭା କରି କୃଷି ଓ କୃଷକଙ୍କ ପ୍ରସଙ୍ଗ ଏବଂ ପବିତ୍ର ବିଧାନସଭାକୁ ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବିଧାୟକ ମାଝୀ କହିଛନ୍ତି, ବିଧାନସଭା ଚାଲିଥିବାବେଳେ ପରାଜୟ ଭୟରେ ଆତଙ୍କିତ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଅର୍ଥମନ୍ତ୍ରୀ, ଜଳ ସମ୍ପଦ ମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀଙ୍କ ସମେତ ୧୬ଜଣ ମନ୍ତ୍ରୀ ଓ ୬୦ରୁ ଊର୍ଦ୍ଧ୍ୱ ବିଜେଡି ବିଧାୟକ ରାଜ୍ୟ ପ୍ରସଙ୍ଗକୁ ଛାଡ଼ି ପଦ୍ମପୁର ଉପନିର୍ବାଚନରେ ବ୍ୟସ୍ତ ଅଛନ୍ତି। ନିଜ ନିର୍ବାଚନମଣ୍ଡଳୀ ସମେତ ରାଜ୍ୟର ସମସ୍ତ ଚାଷୀ ହତାଶରେ ଅଛନ୍ତି। ଯେଉଁ ବରଗଡ଼ ଜିଲାର ସୋହେଲାଠାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କାର ବୋନସ ଦେବାକୁ ୬ ବର୍ଷ ତଳେ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ତାହାକୁ ନ ଦେଇ ଠକି ଚାଲିଛନ୍ତି। ଏପରି କି ଶୁକ୍ରବାର ଉକ୍ତ ଜିଲାକୁ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଯାଇଥିଲେ ମଧ ସେ ସମ୍ପର୍କରେ ଉତ୍ତର ରଖିଲେ ନାହିଁ ବୋଲି କହି ସେ ତାଙ୍କୁ ସମାଲୋଚନା କରିଛନ୍ତି।

ବିଧାନସଭାରେ କୃଷକଙ୍କ ପ୍ରସଙ୍ଗରେ ସରକାର ଆଲୋଚନାକୁ ନ ଆସିବାରୁ ଭାଜପା ବିଧାୟକମାନେ ଗୃହ ବର୍ଜନ କରି ବିଧାନସଭା ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସି ପ୍ରତିବାଦ କରିଥିଲେ। ପରେ ସେମାନେ ବିଧାନସଭାରୁ ଆସି ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଚାଷୀ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭାସ୍କର ମଢ଼େଇ, ଜୟନ୍ତ ଷଡଙ୍ଗୀ, ସୁକାନ୍ତ ନାୟକ, ସନାତନ ବିଜୁଳି, ନବ ଚରଣ ମାଝୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ମିଥ୍ୟାବାଦୀ ଓ ଚାଷୀ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତିଙ୍କ ସଂଯୋଜନାରେ ଏହି ଘେରାଉ ସମାବେଶରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଚାଷୀଙ୍କ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆନ୍ଦୋଳନ ଜାରି ରହିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।










# '୨୦୨୩ ସୁଦ୍ଧା ପଦ୍ମପୁର ହେବ ଜିଲା'

- ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ଚାଷୀ, ଜନଜାତି
- ଆଚରଣ ସଂହିତା ଉଠିଲେ ଇନ୍‌ପୁଟ ସବ୍‌ସିଡି
- କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ

## ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ



ପଦ୍ମପୁର ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିକଟରେ ଅଛନ୍ତି ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ।

ବରଗଡ଼ ଅଫିସ୍/ପାଇକମାଳ/ଝାରବନ୍ଧ/ପଦ୍ମପୁର,୨।୧୨

କଥା ନୁହେଁ, କାମରେ ବିଶ୍ୱାସ କରେ। ଆସନ୍ତା ୨୦୨୩ ସୁଦ୍ଧା ପଦ୍ମପୁର ଜିଲା ଗଠନ ହେବ। ନିର୍ବାଚନ ଆଚରଣ ସଂହିତା ଉଠିଲେ ଚାଷୀଙ୍କ ଆକାଉଣ୍ଟରେ ମରୁଡ଼ି ସହାୟତା ଅର୍ଥାତ ଇନ୍‌ପୁଟ ସବ୍‌ସିଡ଼ି ଜମା ହେବ। ଶୁକ୍ରବାର ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ପାଇଁ ପ୍ରଚାରରେ ଆସି ଏହା ଘୋଷଣା କରିଛନ୍ତି। ସେହିପରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଞ୍ଚଳର ଅନ୍ୟ ପ୍ରମୁଖ ଦାବିଗୁଡ଼ିକ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଝାରବନ୍ଧ, ପାଇକମାଳ ଏବଂ ପଦ୍ମପୁରରେ ଅନୁଷ୍ଠିତ ପୃଥକ୍ ନିର୍ବାଚନୀ ସଭାରେ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଜୟ ପ୍ରଭୁ ନୃସିଂହନାଥ ଏବଂ ଗଙ୍ଗାଧର ମେହେରଙ୍କ ପବିତ୍ର ମାଟିକୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ସେ ସବୁବେଳେ ସମସ୍ତଙ୍କ ସୁଖଦୁଃଖରେ ସାମିଲ ହେଉଛନ୍ତି।

ଗରିବଙ୍କ ହକ୍ ପାଇଁ ଲଢୁଥିବାବେଳେ ଚାଷୀ, କେନ୍ଦୁପତ୍ର ତୋଳାଳି, ଜନଜାତିଙ୍କ କଲ୍ୟାଣ ପାଇଁ କାମ କରିଆସୁଛନ୍ତି। ସେହିପରି ମା'ମାନଙ୍କୁ ଉଦ୍ୟୋଗୀ କରିବା ତାଙ୍କ ଲକ୍ଷ୍ୟ ରହିଛି। କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ୍ ଦେବାରେ ଓଡ଼ିଶା ଦେଶରେ ପ୍ରଥମ। କିନ୍ତୁ କେନ୍ଦ୍ରର ଭାଜପା ସରକାର କେନ୍ଦୁପତ୍ର ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲଗାଉଥିବାବେଳେ ସୁନାରେ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଲଗାଉଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଟାର୍ଗେଟ୍ କରିଥିଲେ। ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନରେ ଓଡ଼ିଶା ପ୍ରଥମ। ଆହୁରି ୧୫୯ କମ୍ୟୁନିଟିର ଲୋକଙ୍କୁ ଜନଜାତି ବର୍ଗରେ ନେବା ପାଇଁ ରାଜ୍ୟ ସରକାର କେନ୍ଦ୍ରଠାରେ ପ୍ରସ୍ତାବ ଦେଇଛି। ମାତ୍ର କେନ୍ଦ୍ର ସେଥିରେ ଅବହେଳା କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ପଦ୍ମପୁର ଅଞ୍ଚଳରେ ଚାଷୀଙ୍କ ପାଇଁ ରାଜ୍ୟ ସରକାର ୧ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ଆଗକୁ ଆହୁରି ଅଧିକ ଖର୍ଚ୍ଚ କରାଯିବ। ମାତ୍ର କେନ୍ଦ୍ର ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ମଧ୍ୟ ସେ କେନ୍ଦ୍ର ଉପରେ ବର୍ଷିଥିଲେ। ଆବାସ ଯୋଜନାରେ ରାଜ୍ୟରେ ପ୍ରତିବର୍ଷ ୫ଲକ୍ଷ ଗରିବ ଲୋକଙ୍କୁ ଘର ମିଳୁଥିଲା। ମାତ୍ର ଭାଜପା ଏମ୍‌ପିମାନଙ୍କ ବିରୋଧ ଯୋଗୁ ଗତ ୨ବର୍ଷ ହେଲା କେନ୍ଦ୍ର ତାକୁ ବନ୍ଦ କରିଦେଇଛି। ଫଳରେ ୧୦ଲକ୍ଷ ଗରିବ ଲୋକ ଘର ପାଇ ପାରିନାହାନ୍ତି ଏବଂ ପଦ୍ମପୁର ଅଞ୍ଚଳର ୨୫ହଜାର ଗରିବ ଲୋକ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। କେନ୍ଦ୍ର ଆବାସ ଯୋଜନା ବନ୍ଦ କରିଦେଲେ ସୁଦ୍ଧା ବିଜେଡ଼ି ସରକାର ଗରିବ ଲୋକଙ୍କୁ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ପ୍ରସ୍ତାବିତ ବରଗଡ଼-ନୂଆପଡ଼ା ରେଳ ଲାଇନକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସେ ସମାଲୋଚନା କରିଥିଲେ। ବିଜେଡ଼ି ପ୍ରାର୍ଥିନୀ ବର୍ଷାଙ୍କ ପ୍ରତି ଭାଜପା ନେତୃବୃନ୍ଦ କଟୁ ସମାଲୋଚନା କରିବା ଘଟଣା ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ ଦଳୀୟ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ସଭାରେ ଦଳୀୟ ପ୍ରାର୍ଥୀ ବରିହାଙ୍କ ସମେତ ବିଜେଡ଼ି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ନବ କିଶୋର ଦାଶ, ରାଜେନ୍ଦ୍ର ଢୋଲକିଆ, ଅତନୁ ସବ୍ୟସାଚୀ, ବିଧାୟକ ସୁଶାନ୍ତ ସିଂ, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ଦୀର୍ଘ ୩ ବର୍ଷ ପରେ ନିର୍ବାଚନ ପ୍ରଚାରକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକ୍ୟାପ୍ଟର ଯୋଗେ ଆସି ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇଥିଲେ। ସେଠାରୁ ପୁଣି ହେଲିକ୍ୟାପ୍ଟର ଯୋଗେ ଝାରବନ୍ଧ ଅଭିମୁଖେ ଯାଇଥିଲେ। ଦିନ ପ୍ରାୟ ୧୨ଟା ୧୦ ମିନିଟରେ ସେଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ ଏବଂ ପ୍ରାୟ ଘଣ୍ଟା ରହିବା ପରେ ପାଇକମାଳ ନିର୍ବାଚନୀ ସଭାକୁ ଯାଇ ଉଦ୍‌ବୋଧନ ଦେଇଥିଲେ। ସେଠାରୁ ପୁଣି ପଦ୍ମପୁରକୁ ଫେରି ସ୍ଥାନୀୟ ଆର୍‌ଏଲ୍ କଲ୍ୟାଣ ମଣ୍ଡପକୁ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଯାଦବ ସମାଜ, ତୈଳିକ ସମାଜ ସମେତ ବିଭିନ୍ନ ସମାଜର ପ୍ରତିନିଧିଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀ ପୁଣି ମିଛ କହିଲେ: ଜୟନାରାୟଣ

**ପଦ୍ମପୁର,୨।୧୨(ଡି.ଏନ.ଏ.):** ଯେଉଁଠି ଉପନିର୍ବାଚନ ହୁଏ ସେହି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନିଅନ୍ତି ବୋଲି ସବୁବେଳେ ଉପନିର୍ବାଚନ ପ୍ରଚାରରେ କୁହନ୍ତି। ହେଲେ ପ୍ରଥମ ଥର ପାଇଁ ସେ ପଦ୍ମପୁର ଉପନିର୍ବାଚନରେ ଦାୟିତ୍ୱ ମୋର ବୋଲି କହିଲେ ନାହିଁ। ବୋଧହୁଏ ବିଜେଡି ପଦ୍ମପୁର ଉପନିର୍ବାଚନ ହାରିବା ସୁନିଶ୍ଚିତ ଜାଣି ମୁଖ୍ୟମନ୍ତ୍ରୀ ଆଉ ଦାୟିତ୍ୱ ମାଗିନାହାନ୍ତି। ସବୁ ଜନସଭାରେ ମୁଖ୍ୟମନ୍ତ୍ରୀ ପଚାରନ୍ତି ଯେ ଆପଣମାନେ ଖୁସି ତ। ହେଲେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ଆପଣମାନେ ଖୁସି ତ ବୋଲି ପଚାରିନାହାନ୍ତି, କାରଣ ସେ ଜାଣିଛନ୍ତି ପଦ୍ମପୁରର ଲୋକେ ବିଜେଡିର ଏହି ୨୨ବର୍ଷର ପ୍ରତାରଣାରେ ଖୁସି ନାହାନ୍ତି। ଶୁକ୍ରବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର।

# ବିଜେଡି, ଭାଜପା ପଦ୍ମପୁରବାସୀଙ୍କୁ ଠକିଛନ୍ତି: ଶରତ



ପିସିସି ସଭାପତି ଶରତ ପଟ୍ଟନାୟକ ପଦ୍ମପୁର ଅଞ୍ଚଳରେ ପ୍ରଚାର କରୁଛନ୍ତି।

ପଦ୍ମପୁର,୨।୧୨(ଡି.ଏନ.ଏ.)

ପଦ୍ମପୁର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣକୁ ଆଉ ୩ ଦିନ ବାକି ଅଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ପଦ୍ମପୁର କର୍ମୀ ସମ୍ମିଳନୀ ଏବଂ ସାଧାରଣ ସଭାରେ ଯୋଗ ଦେଇଥିଲେ। ଆସନ୍ତା ୫ ତାରିଖରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ସେମାନେ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ପିସିସି ସଭାପତି ପଦ୍ମପୁର ବ୍ଲକର କଂସର ଓ ଦହିତା ପଞ୍ଚାୟତର ଦୁଇଟି ବିଶାଳ ସମାବେଶରେ ଯୋଗଦେଇ କହିଥିଲେ, ଉଭୟ ବିଜେଡି ଓ ଭାଜପା ସରକାର ଦୀର୍ଘ ୨୨ବର୍ଷ ଧରି ସାଧାରଣ ଜନତାଙ୍କୁ ଠକିଚାଲିଛନ୍ତି। ଏହି ଉପନିର୍ବାଚନରେ ବି ମିଛ ପ୍ରତିଶ୍ରୁତି, ପ୍ରଲୋଭନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ତାଳମେଳ ରହୁନାହିଁ। ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ଜିଲା କରିବେ। କିନ୍ତୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗୁରୁବାର ମୋରଡା ବିଧାୟକ ରାଜକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ବିଧାନସଭାରେ କହିଛନ୍ତି, ନୂଆ ଜିଲା ଗଠନର କୌଣସି ପ୍ରସ୍ତାବ ନାହିଁ। ପଦ୍ମପୁରବାସୀଙ୍କୁ ଏପରି ଛଳନା କାହିଁକି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ଶୁଭେନ୍ଦୁ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଭୁଜବଳ ମାଝୀ, ମୁଖପାତ୍ର ରଜନୀ ମହାନ୍ତି, ଅମୀୟ ପାଣ୍ଡବ, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ କଂଗ୍ରେସ ନେତାଙ୍କୁ ଭାଜପାରେ ନୂଆ ଦାୟିତ୍ୱ



ଜୟବୀର ଶେରଗିଲ୍



ଅମରିନ୍ଦର ସିଂ



ସୁନୀଲ ଜାଖର

ନୂଆଦିଲ୍ଲୀ,୨।୧୨

ଗାନ୍ଧୀ ପରିବାରକୁ ସମାଲୋଚନା କରି ୩ ମାସ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ଜୟବୀର ଶେରଗିଲ୍‌ଙ୍କୁ ଭାଜପା ଶୁକ୍ରବାର ଏହାର ମୁଖପାତ୍ର ଭାବେ ନିଯୁକ୍ତି ଦେଇଛି। ସେହିପରି କଂଗ୍ରେସ ଛାଡ଼ିଥିବା କେତେଜଣ ପ୍ରମୁଖ ନେତାଙ୍କୁ ଭାଜପା ନୂଆ ଦାୟିତ୍ୱ ପ୍ରଦାନ କରିଛି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ, ପଞ୍ଜାବ ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ସୁନୀଲ ଜାଖର ଏବଂ ଉତ୍ତରପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ସ୍ୱତନ୍ତ୍ର ଦେବ ସିଂଙ୍କୁ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ କରାଯାଇଛି। ଏହା ବ୍ୟତୀତ ଉତ୍ତରାଖଣ୍ଡର ପୂର୍ବତନ କଂଗ୍ରେସ ସଭାପତି ମଦନ କୌଶିକ ଏବଂ ଛତିଶଗଡ଼ର ପୂର୍ବତନ କଂଗ୍ରେସ ସଭାପତି ବିଷ୍ଣୁଦେଓ ସାଇଙ୍କ ସମେତ ପଞ୍ଜାବର ରାଣା ଗୁର୍‌ମିତ ସିଂ ସୋଧି, ମନୋରଞ୍ଜନ କାଳିଆ ଏବଂ ଅମନଜୋତ୍ କୌର ରାମୁୱାଲିଆଙ୍କୁ ଭାଜପା ଜାତୀୟ କାର୍ଯ୍ୟକାରିଣୀର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯାଇଛି। କଂଗ୍ରେସରେ ଅଣଦେଖା କରାଯିବାରୁ ଶେରଗିଲ୍ ଗତ ଅଗଷ୍ଟରେ ଦଳ ଛାଡ଼ିଥିଲେ। ତାଙ୍କ ସହ ଦୁଇ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ଏବଂ ଆନନ୍ଦ ଶର୍ମା ମଧ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଅମରିନ୍ଦର ଗତବର୍ଷ ନଭେମ୍ବରରେ କଂଗ୍ରେସ ଛାଡ଼ି ନିଜର ନୂଆ ଦଳ ଗଢ଼ିଥିଲେ। ଚଳିତ ବର୍ଷ ଆରମ୍ଭରେ ସେ ତାଙ୍କ ଦଳକୁ ଭାଜପାରେ ମିଶାଇଦେଇଥିଲେ। ସେହିପରି ଗତ ମେ'ରେ ଜାଖର କଂଗ୍ରେସ ଛାଡ଼ିଥିଲେ।

# ଚାଷୀଙ୍କୁ ନେଇ ବିଧାନସଭା ଘେରିଲା ଭାଜପା



ଲୋୟର ପିଏମ୍‌ଜିଠାରେ ଭାଜପା ପକ୍ଷରୁ ଚାଷୀଙ୍କୁ ନେଇ ଆୟୋଜିତ ସମାବେଶ। (ଫଟୋ ମନୋରଞ୍ଜନ)

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଓଡ଼ିଶାର କୃଷକ ଓ କୃଷି ପ୍ରସଙ୍ଗରେ ଭାଜପାର ୧୫ଦିନ ଧରି ଚାଲିଥିବା ସତ୍ୟାଗ୍ରହ ଶୁକ୍ରବାର ଜୋର୍‌ଦାର ହୋଇଥିଲା। ଚାଷୀ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ହଜାର ହଜାର ଚାଷୀଙ୍କୁ ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସମାବେଶ କରିବା ସହ ବିଧାନସଭା ଘେରାଉ କରିଥିଲା। ଚାଷୀମାନେ ଗାନ୍ଧୀମାର୍ଗରେ ଟ୍ରାକ୍ଟର, ହଳ ଲଙ୍ଗଳ ଓ ଶଗଡ଼ ଧରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ମାଷ୍ଟରକ୍ୟାଣ୍ଟିନରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ବିଧାନସଭା ଅଭିମୁଖେ ଯାଇ ନାନା ନାରାବାଜି ଦେଇଥିଲେ। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ବିଧାୟକ ମୋହନ ଚରଣ ମାଝୀଙ୍କ ସମେତ ବହୁ ନେତୃବୃନ୍ଦ ଶାସକ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଚାଷୀ ବିରୋଧୀ ଆଭିମୁଖ୍ୟର କଡ଼ା ଜବାବ ରଖିଥିଲେ।

ବକ୍ସିପାତ୍ର କହିଛନ୍ତି, କୃଷକଙ୍କ ପାଇଁ ୧୫ଦିନ ଧରି ରାଜରାସ୍ତାରେ ବସି ସତ୍ୟାଗ୍ରହ ଚଳାଇଥିଲା ଭାଜପା। ସେପଟେ ବିଧାୟକ ଦଳ ଉକ୍ତ ପ୍ରସଙ୍ଗରେ ଗୃହ ବର୍ଜନ କରି ଆନ୍ଦୋଳନରେ ସାମିଲ ହେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ବା ତାଙ୍କର ମନ୍ତ୍ରୀ ପରିଷଦ କେହି ହେଲେ ଏ ପ୍ରସଙ୍ଗରେ ବିରୋଧୀ ଦଳ ସହ ଆଲୋଚନା କଲେନାହିଁ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଯାଇ ପଦ୍ମପୁରରେ ନିର୍ବାଚନୀ ସଭା କରି କୃଷି ଓ କୃଷକଙ୍କ ପ୍ରସଙ୍ଗ ଏବଂ ପବିତ୍ର ବିଧାନସଭାକୁ ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବିଧାୟକ ମାଝୀ କହିଛନ୍ତି, ବିଧାନସଭା ଚାଲିଥିବାବେଳେ ପରାଜୟ ଭୟରେ ଆତଙ୍କିତ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଅର୍ଥମନ୍ତ୍ରୀ, ଜଳ ସମ୍ପଦ ମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀଙ୍କ ସମେତ ୧୬ଜଣ ମନ୍ତ୍ରୀ ଓ ୬୦ରୁ ଊର୍ଦ୍ଧ୍ୱ ବିଜେଡି ବିଧାୟକ ରାଜ୍ୟ ପ୍ରସଙ୍ଗକୁ ଛାଡ଼ି ପଦ୍ମପୁର ଉପନିର୍ବାଚନରେ ବ୍ୟସ୍ତ ଅଛନ୍ତି। ନିଜ ନିର୍ବାଚନମଣ୍ଡଳୀ ସମେତ ରାଜ୍ୟର ସମସ୍ତ ଚାଷୀ ହତାଶରେ ଅଛନ୍ତି। ଯେଉଁ ବରଗଡ଼ ଜିଲାର ସୋହେଲାଠାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କାର ବୋନସ ଦେବାକୁ ୬ ବର୍ଷ ତଳେ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ତାହାକୁ ନ ଦେଇ ଠକି ଚାଲିଛନ୍ତି। ଏପରି କି ଶୁକ୍ରବାର ଉକ୍ତ ଜିଲାକୁ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଯାଇଥିଲେ ମଧ ସେ ସମ୍ପର୍କରେ ଉତ୍ତର ରଖିଲେ ନାହିଁ ବୋଲି କହି ସେ ତାଙ୍କୁ ସମାଲୋଚନା କରିଛନ୍ତି।

ବିଧାନସଭାରେ କୃଷକଙ୍କ ପ୍ରସଙ୍ଗରେ ସରକାର ଆଲୋଚନାକୁ ନ ଆସିବାରୁ ଭାଜପା ବିଧାୟକମାନେ ଗୃହ ବର୍ଜନ କରି ବିଧାନସଭା ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସି ପ୍ରତିବାଦ କରିଥିଲେ। ପରେ ସେମାନେ ବିଧାନସଭାରୁ ଆସି ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଚାଷୀ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭାସ୍କର ମଢ଼େଇ, ଜୟନ୍ତ ଷଡଙ୍ଗୀ, ସୁକାନ୍ତ ନାୟକ, ସନାତନ ବିଜୁଳି, ନବ ଚରଣ ମାଝୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ମିଥ୍ୟାବାଦୀ ଓ ଚାଷୀ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତିଙ୍କ ସଂଯୋଜନାରେ ଏହି ଘେରାଉ ସମାବେଶରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ଚାଷୀଙ୍କ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆନ୍ଦୋଳନ ଜାରି ରହିବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶୀତ ଅଧିବେଶନ ପାଇଁ ରଣକୌଶଳ

## ଆଜି କଂଗ୍ରେସ ନେତାଙ୍କ ବୈଠକ



ନୂଆଦିଲ୍ଲୀ,୨।୧୨

ଆସନ୍ତା ୭ ତାରିଖରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଲାଗି ବିରୋଧୀ ଦଳ କଂଗ୍ରେସ ରଣକୌଶଳ ପ୍ରସ୍ତୁତି ନିମନ୍ତେ ଶନିବାର ଏହାର ବରିଷ୍ଠ ନେତାମାନଙ୍କ ବୈଠକ ଡାକିଛି। ମୁଖ୍ୟତଃ ବେରୋଜଗାରୀ, ଦରଦାମ୍ ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ, ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ଭାରତରେ ପେଟ୍ରୋଲ ଡିଜେଲ୍‌ର ଦର ବୃଦ୍ଧି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଉଚ୍ଚ ଜିଏସ୍‌ଟି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇବାକୁ କଂଗ୍ରେସ ଉଦ୍ୟମ କରିବ। ଶନିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ, ରାଜ୍ୟ ସଭାରେ ଦଳର ଚିଫ୍ ହୁଇପ୍ ଜୟରାମ ରମେଶ, ଲୋକ ସଭାରେ ଚିଫ୍ ହୁଇପ୍ କେ. ସୁରେଶ ପ୍ରମୁଖ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନରେ ଏକାଠି ହେବେ। ଏହା ବ୍ୟତୀତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ ଏବଂ ମନୀଷ ତିୱାରି ବୈଠକରେ ଉପସ୍ଥିତ ରହିପାରନ୍ତି। ସୋନିଆ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ଅଛନ୍ତି। ଖାର୍ଗେ ଦଳର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପାର୍ଲାମେଣ୍ଟର ପ୍ରଥମ ଅଧିବେଶନ। ସେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଅଛନ୍ତି। ଏହା ବ୍ୟତୀତ ସାଧାରଣ ସ୍ୱାର୍ଥ ପ୍ରସଙ୍ଗରେ ସରକାରଙ୍କୁ ମିଳିତ ଭାବେ ଘେରିବା ଲାଗି କଂଗ୍ରେସ ଅନ୍ୟ ଦଳଗୁଡ଼ିକ ସହ ବୈଠକ କରିବ।




# ପିସ୍ତା ଭାବି ଖାଇଦେଲେ ବିଷାକ୍ତ ଫଳ

## ୨୦ ଛାତ୍ରୀଛାତ୍ର ଅସୁସ୍ଥ



ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଭଣ୍ଡାରିପୋଖରୀ, ୨।୧୨(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଅରେଇକଣା ନୋଡାଲ ସ୍କୁଲରେ ଶୁକ୍ରବାର ବିଷାକ୍ତ ଫଳ ଖାଇ ୨୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ୫ ଛାତ୍ରୀଛାତ୍ର ଘରକୁ ଫେରିଥିବା ବେଳେ ଚିକିତ୍ସାଧୀନ ୧୫ଜଣଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ଖେଳଛୁଟି ସମୟରେ ସ୍କୁଲ ନିକଟରେ ଥିବା ଏକ ଗଛର ଫଳକୁ ପିସ୍ତା ବାଦାମ ଭାବି ଛାତ୍ରୀଛାତ୍ର ଖାଇଦେଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କର ଦେହ ଅସୁସ୍ଥ ହେବାରୁ ସ୍କୁଲ ପକ୍ଷରୁ ସଙ୍ଗେସଙ୍ଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେହି ଫଳ ଖାଇଥିବା ସମସ୍ତ ପିଲାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଏନେଇ ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇଙ୍କ ସହ ବିଆର୍‌ସିସି ଅକ୍ଷୟ ଜେନା, ଏବିଇଓ ଉମେଶ ଚନ୍ଦ୍ର ଜେନା, ମଞ୍ଜୁଲା ନାୟକ, ସିଆର୍‌ସିସି କୈଳାସ ସାମଲ, ପୁଷ୍ପକ ଚନ୍ଦ୍ର ଭାରତୀ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ନୀଳାମ୍ବର ରାଉତ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମସ୍ତ ଛାତ୍ରୀଛାତ୍ର ବିପଦମୁକ୍ତ ଥିବା ଡା. କମଳାକାନ୍ତ ସ୍ୱାଇଁ କହିଛନ୍ତି।


ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ,ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଛୟାଳସିଂ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା ।
ନିରୁପମା ରାଉତ
ପ୍ରାକ୍ତନ ବ୍ଲକ ଅଧକ୍ଷା, ବନ୍ତ ବ୍ଲକ ତଥା ସମିତି ସଭ୍ୟା ଛୟାଳସିଂ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ଗ୍ରାମ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା ।
ମାନସୀରାଣୀ ରାଉତ
ସରପଞ୍ଚ, ବନ୍ତ ଗ୍ରାମପଞ୍ଚାୟତ, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଦୈନିକ ଖବରକାଗଜ ଧରିତ୍ରୀର ଉତ୍ତରୋତ୍ତର ମଙ୍ଗଳ କାମନା କରିବା ସହିତ ବନ୍ତ ବ୍ଲକର ସମସ୍ତ ଜନସାଧାରଣଙ୍କର ମଙ୍ଗଳ କାମନା କରୁଛି ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ, ଏହାହିଁ ମୋର କାମନା ।
ଡକ୍ଟର ସୁଧାଂଶୁ ଶେଖର ନାୟକ
ବିଶିଷ୍ଟ ନାଟ୍ୟକାର, ସମାଜସେବୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଓଡ଼ିଶାର ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ମୋର ସହରବାସୀ ସୁସ୍ଥ ଓ ନୀରୋଗ ରହିବାକୁ ମା' ମାହେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଆଶା କୁମାରୀ ସାହୁ
ଅଧକ୍ଷା, ଆଠମଲ୍ଲିକ ଏନ୍‌ଏସି

Wishing everybody a healthy, sustainable and peaceful life
A Well Wisher

ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ସହ ପରାମର୍ଶର ସୁଯୋଗ ନିଅନ୍ତୁ
ଡାକ୍ତର ରଞ୍ଜନ କୁମାର ଦାସ, ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ
ପ୍ରତ୍ୟେକ ମଙ୍ଗଳବାର ସକାଳ ୯ଟାରୁ ୧୧ ଘଟିକା ଓ ଅପରାହ୍ଣ ୪ଟାରୁ ୫ ଘଟିକା
ଡାକ୍ତର ଦିଲ୍ଲୀପ କୁମାର ଜେନା, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ପ୍ରତ୍ୟେକ ଗୁରୁବାର ସକାଳ ୮ଟାରୁ ଅପରାହ୍ଣ ୫ ଘଟିକା
ଡାକ୍ତର ବି.କେ. ଦାସ, ବରିଷ୍ଠ ଶଲ୍ୟ ବିଶେଷଜ୍ଞ
ପ୍ରତ୍ୟେକ ରବିବାର ଓ ସୋମବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ ଘଟିକା
ଡାକ୍ତର ମାନସ କୁମାର ଜେନା, ବରିଷ୍ଠ ମଧୁମେହ ବିଶେଷଜ୍ଞ
ପ୍ରତ୍ୟେକ ଦିନ ସକାଳ ୭ରୁ ୯ ଘଟିକା ଓ ମଧ୍ୟାହ୍ନ ୧୨ରୁ ଅପରାହ୍ଣ ୨ ଘଟିକା
ଡାକ୍ତର ଅଜୟ କୁମାର ସାହୁ, ବରିଷ୍ଠ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ବିଶେଷଜ୍ଞ
ପ୍ରତ୍ୟେକ ଦିନ ସକାଳ ୭ରୁ ୯ ଘଟିକା ଓ ମଧ୍ୟାହ୍ନ ୧୨ରୁ ଅପରାହ୍ଣ ୨ ଘଟିକା
ମହାବିନାୟକ ମେଡିସିନ ଷ୍ଟୋର
ମାର୍କେଟ କମ୍ପ୍ଲେକ୍ସ, ରୁମ୍ ନଂ-୧୬, ମେଡିକାଲ ରୋଡ୍, ମୋ-୯୮୬୧୮୦୬୮୨୫

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ମୋର କାମନା ।
ସୁବ୍ରତ ଦାସ
ସଭାପତି, ଜିଲ୍ଲା କଂଗ୍ରେସ କମିଟି, ଭଦ୍ରକ

Your classified advertisement published in Dharitri will be listed free in Dharitri online edition :
www.dharitri.com

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସରେ କଟକ ସଦର ଜିଲ୍ଲା ବିଜେପି ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଏଥିସହିତ ନିଆଳି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରୁଛି ।
ଲଲାଟେନ୍ଦୁ ପ୍ରସାଦ ଦାଶ (କୁନା ଭାଇ)
ବିଜେପି କଟକ ସଦର ଜିଲ୍ଲା ସମ୍ପାଦକ ଓ ପୂର୍ବତନ ସରପଞ୍ଚ, ଗୋବିନ୍ଦପୁର ଗ୍ରାମପଞ୍ଚାୟତ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ଶୁଭେଚ୍ଛା
ମହୁଚାଷ ସମ୍ବନ୍ଧୀୟ ସୂଚନା
ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ, ଅନୁଗୋଳଙ୍କ ଦ୍ୱାରା ୨୦୦ ଜଣ ଗରିବ ଓ ଆଦିବାସୀ ମହିଳାଙ୍କୁ ମହୁଚାଷ ତାଲିମ ଓ ଉତ୍ପାଦନ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନ ପାଇଁ ପ୍ରଚେଷ୍ଟା କରାଯାଉଅଛି। ଉକ୍ତ କାର୍ଯ୍ୟକ୍ରମ କିଶୋରନଗର ବ୍ଲକର ଲୁହାମୁଣ୍ଡା, ଜାମୁନାଳୀ, କଣ୍ଟେଇକୁଳିଆ ଓ ହଣ୍ଡପା ପଞ୍ଚାୟତର ଗ୍ରାମମାନଙ୍କରେ କାର୍ଯ୍ୟକ୍ଷମ ହେବ । ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ଥିବା ମହିଳାମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବ । ଏଥିରେ ଅଂଶୀଦାର ହୋଇ ମହିଳାମାନେ ସ୍ୱାବଲମ୍ବନ ହେବାର ସୁଯୋଗ ନିଅନ୍ତୁ ।
VISWA YUVA KENDRA
ନିର୍ଦ୍ଦେଶକ
ବିଶ୍ୱଯୁବକେନ୍ଦ୍ର, ବଣିନାଳୀ
ମୋ:୯୪୩୭୧୯୧୦୪୩

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ,ଏଜେଣ୍ଟ , ସାମ୍ବାଦିକ ପାଠିକା, ପାଠକଙ୍କୁ ଶୁଭେଚ୍ଛା ।





ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅଙ୍ଗପଡ଼ା
ଅଙ୍ଗପଡ଼ା, କିଶୋରନଗର

ଧରିତ୍ରୀ ଖବରକାଗଜର ୪୯ତମ ସ୍ୱନକ୍ଷତ୍ର ଅବସରରେ ବୋଲଗଡ଼ ବେଗୁନିଆ ବିଜୁ ଜନତା ଦଳ ପକ୍ଷରୁ ଧରିତ୍ରୀର ଅଗଣିତ ପାଠିକାପାଠକ ଓ ଧରିତ୍ରୀ ପରିବାର ସଦସ୍ୟଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ହୁଲ୍ଲାସ ପ୍ରଧାନ, ଅଧକ୍ଷା, ବୋଲଗଡ଼ ବ୍ଲକ୍, ଖୋର୍ଦ୍ଧା
ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ, ବଡ଼କୁମାରୀ ପଞ୍ଚାୟତ, ବୋଲଗଡ଼ ବ୍ଲକ୍
ରାଜେନ୍ଦ୍ର କୁମାର ସାହୁ, ବିଧାୟକ, ବେଗୁନିଆ

ଧରିତ୍ରୀ ଖବରକାଗଜର ୪୯ତମ ସ୍ୱନକ୍ଷତ୍ର ଅବସରରେ ବୋଲଗଡ଼ ବେଗୁନିଆ ବିଜେପି ଦଳ ପକ୍ଷରୁ ଧରିତ୍ରୀର ଅଗଣିତ ପାଠିକାପାଠକ ଓ ଧରିତ୍ରୀ ପରିବାର ସଦସ୍ୟମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଅପରାଜିତା ଷଡ଼ଙ୍ଗୀ, ଏମ୍.ପି.
ପ୍ରକାଶ ବିକୁଳି, ସାଧାରଣ ସମ୍ପାଦକ, ବିଜେପି, ଖୋର୍ଦ୍ଧା ଜିଲା
ସୁମନ୍ତ କୁମାର ପ୍ରଧାନ, ପାଞ୍ଚଗଡ଼ ମଣ୍ଡଳ ସଭାପତି, ବୋଲଗଡ଼

ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।
Mob:9938405403
9124230011
ନିଉ ଅନ୍ତର୍ଯ୍ୟାମୀ ଜୁଏଲର୍ସ
ଚଣ୍ଡିବଜାର, କଲ୍‌କୋତା ଟ୍ରେଣ୍ଡ୍ ସପିଙ୍ଗ୍ ମହଲ ପାଖ ନୂଆପାଟଣା, ତିଗିରିଆ, କଟକ
BIS-916 ସୁନା ଓ ରୂପା ଗହଣାର ନିର୍ଭରଯୋଗ୍ୟ ସୋରୁମ୍
ପ୍ରୋ–ସରୋଜ କୁମାର ବେହେରା

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ କର୍ମଚାରୀ,ଏଜେଣ୍ଟ , ସାମ୍ବାଦିକ, ପାଠିକା, ପାଠକଙ୍କୁ ଶୁଭେଚ୍ଛା ।





ଷୋଳପଦା ଯୁକ୍ତ ୨ ମହାବିଦ୍ୟାଳୟ
ଠାକୁରଗଡ଼, ଆଠମଲ୍ଲିକ

ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକ ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ସାମ୍ବାଦିକ ଓ ଅନୁଗୋଳ, ସମ୍ବଲପୁର ଜିଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ପ୍ରଭୁ ଜଗନ୍ନାଥ ଓ ମା' ସମଲେଇ ସମସ୍ତଙ୍କୁ ଭଲରେ ରଖିଥାନ୍ତୁ ।
ନଳିନୀକାନ୍ତ ପ୍ରଧାନ
ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ , ସାମ୍ବାଦିକ, କର୍ମଚାରୀଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଗୁରୁଜନ, ଛୋଟ ବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ରମେଶ ଚନ୍ଦ୍ର ସାଏ
ବିଧାୟକ, ଆଠମଲ୍ଲିକ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ, ଏଜେଣ୍ଟ, ଖବରଦାତାଙ୍କ ସହ ଆଠମଲ୍ଲିକ ବିଧାନସଭାର ସମସ୍ତ ଗୁରୁଜନ, ଛୋଟବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା । ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ ।
ଅର୍ଜୁନକୁମାରସାହୁ
ସାମାଜିକ କର୍ମୀ,ଆଠମଲ୍ଲିକ

# ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨





ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଶୁକ୍ରବାର ଆୟୋଜିତ 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଶୀର୍ଷକ ପ୍ଲିନାରୀ ସେଶନରେ ଉପସ୍ଥିତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ସଚିବ ହେମନ୍ତ ଶର୍ମା, ଅନ୍ୟ ଅଧିକାରୀ ଏବଂ ଏମ୍‌ଓୟୁ ସ୍ୱାକ୍ଷର କରିଥିବା ନିବେଶକ ଓ ଅନୁଷ୍ଠାନଗୁଡ଼ିକର ପଦାଧିକାରୀ।



ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ ଛାତ୍ରୀଛାତ୍ର ଓ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀ।



'ଏକ୍ସପୋର୍ଟ ପୋଟେନ୍‌ସିଆଲ୍ ଅଫ୍ ଓଡ଼ିଶା' ଶୀର୍ଷକ ପ୍ଲିନାରୀ ସେଶନରେ ଉପସ୍ଥିତ ମନ୍ତ୍ରୀ, ଅଧିକାରୀ ଓ ନିବେଶକମାନେ।



ଓଡ଼ିଶା ଏକ୍ସପୋର୍ଟ ପଲିସି-୨୦୨୨କୁ ଉନ୍ମୋଚନ କରାଯାଉଛି।



ନଲେଜ୍ ପେପର୍ 'ସ୍କିଲିଂ ଇନ୍ ଓଡ଼ିଶା'କୁ ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



'ଉଦ୍ୟୋଗରୁ ଉନ୍ନତି' ଶୀର୍ଷକ ଏଡିଟର୍ସ ରାଉଣ୍ଡ ଟେବୁଲ୍ ଆଲୋଚନାଚକ୍ରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ଉଦ୍‌ବୋଧନ ଦେଉଛନ୍ତି।


ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଶୁକ୍ରବାର ଉପସ୍ଥିତ ନିବେଶକ, ବିଭିନ୍ନ କମ୍ପାନୀର ଅଧିକାରୀ, ସରକାରୀ ଅଧିକାରୀ ଓ ଅନ୍ୟମାନେ।



ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ମିଶନ ଶକ୍ତି ଏବଂ ଷ୍ଟାର୍ଟଅପ୍ ଷ୍ଟଲ୍‌ରେ ଭିଡ଼।


ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଶୁକ୍ରବାର ପରିବେଷିତ ସମ୍ବଲପୁରୀ ନୃତ୍ୟ।





ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଷ୍ଟଲ୍‌ଗୁଡ଼ିକୁ ବୁଲି ଦେଖୁଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।



'ଫରେଷ୍ଟିଂ ଏଗ୍ରି ବିଜ୍‌ନେସ୍ ଏବଂ ଏଗ୍ରି ମାର୍କେଟିଂ ଇକୋ ସିଷ୍ଟମ୍ ଇନ୍ ଓଡ଼ିଶା' ସେଶନରେ ଏମ୍‌ଓୟୁ ସ୍ୱାକ୍ଷର କରାଯାଉଛି।

## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ:** କ୍ରମାଗତ ୮ମ ଦିନର ଫଳାଫଳ ପରେ ଶୁକ୍ରବାର ଷ୍ଟକ୍ ବଜାରର ଫଳାଫଳ ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କୁ ନିରୁତ୍ସାହିତ କରିଦେଇଛି। ଶୁକ୍ରବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୧୬(୪୧୫.୬୯) ପଏଣ୍ଟ କମି ୬୨,୮୬୮ (୬୨,୮୬୮.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୬ (୧୧୬.୪୦) ପଏଣ୍ଟ ହ୍ରାସ ଘଟି ୧୮,୬୯୬ (୧୮,୬୯୬.୧୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିବେଶ ସହ ନିଯୁକ୍ତିରେ ବ୍ୟାପକ ସମ୍ଭାବନା ସୃଷ୍ଟି

**୮୯୦କୋଟି ମୂଲ୍ୟର ୩୨୫ ଆଗ୍ରହପତ୍ର ପ୍ରାପ୍ତ**

ଭୁବନେଶ୍ୱର,୨।୧୨

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ୩ୟ ସଂସ୍କରଣର ୨ୟ କାର୍ଯ୍ୟଦିବସ ଶେଷ ସୁଦ୍ଧା ମୋଟ ୮୯୦ କୋଟି ଟଙ୍କା ମୂଲ୍ୟର ୩୨୫ ଆଗ୍ରହପତ୍ର ପ୍ରାପ୍ତ ହୋଇଛି ବୋଲି ଶୁକ୍ରବାର ଶିଳ୍ପ ବିଭାଗର ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏକ ଖବରଦାତା ସମ୍ମିଳନୀରେ ଏ ନେଇ ବିସ୍ତୃତ ସୂଚନା ଦେଇଥିଲେ। ବିଶେଷ କରି ଚଳିତ ବର୍ଷ ପୂର୍ବ ୨ ସଂସ୍କରଣଠାରୁ ଭଲ ରହିବ ବୋଲି ଆଶା କରାଯାଉଥିବା ବେଳେ ରାଜ୍ୟ ପାଇଁ ବିପୁଳ ନିବେଶ ଓ ନିଯୁକ୍ତି ମଧ୍ୟ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଶର୍ମା ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଶୁକ୍ରବାର ୧ଲକ୍ଷ ୭୦ହଜାର ୨୬୦କୋଟି ୮୫ଲକ୍ଷ ଟଙ୍କାର ୧୮୦ଟି ଆଗ୍ରହପତ୍ର ପ୍ରାପ୍ତ ହୋଇଛି। ଏହା ଫଳରେ ରାଜ୍ୟରେ ୩ ଲକ୍ଷ ୭୮ ହଜାର ୪୪୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶର୍ମା ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଶୁକ୍ରବାର ପ୍ରାପ୍ତ ୧୮୦ଟି ଆଗ୍ରହ ପତ୍ର ମଧ୍ୟରେ ୪୬ଟି ଖଣି ଓ ଖଣିଜ ଜାତ, ୪୩ଟି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ୨୪ଟି ସୂଚନା ପ୍ରଯୁକ୍ତି, ୨୨ଟି ଶକ୍ତି ଓ ଅକ୍ଷୟ ଶକ୍ତି, ୧୭ଟି ରସାୟନ ଓ ପ୍ଲାଷ୍ଟିକ୍, ୯ଟି ବୟନ ଓ ପୋଷାକ, ୧୪ଟି କୃଷି ବ୍ୟବସାୟ ଓ ୫ଟି କୃଷି ବିପଣନ କ୍ଷେତ୍ରରୁ ରହିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଓ ଶୁକ୍ରବାର ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସର୍ବମୋଟ ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି । ଏଥିରେ ମୋଟ ୪୪୨୩ କୋଟି ୫୧ଲକ୍ଷ ଟଙ୍କା ବିନିଯୋଗରେ ୧୪,୨୭୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ସମ୍ଭାବନା ରହିଛି।



ହେମନ୍ତ ଶର୍ମା

ସୂଚନାଯୋଗ୍ୟ, ସ୍ଥାପିତ ଭିତ୍ତିପ୍ରସ୍ତର ମଧ୍ୟରେ ରହିଛି ବାର୍ଷିକ ୨.୨ ମିଲିୟନ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ କଟକସ୍ଥିତ ଅଲଟ୍ରାଟେକ୍ ସିମେଣ୍ଟ, ଜୟ ଭାରତ ସ୍ପାଇସେସ୍‌ର କଟକସ୍ଥିତ ଶୀତଳଭଣ୍ଡାର, ପ୍ଲାଷ୍ଟିକ୍ ପାଇପ୍ ଓ ଫିଟିଂ ଉତ୍ପାଦନକାରୀ ଏସ୍‌ଟ୍ରାଲର କଟକ କାରଖାନା ଏବଂ ଖୋର୍ଦ୍ଧାସ୍ଥିତ ବ୍ରିଟାନିଆ ବିସ୍କୁଟ କାରଖାନାର ସମ୍ପ୍ରସାରଣ ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଅଲଟ୍ରାଟେକ୍ ସିମେଣ୍ଟରେ ୭୪୭ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ୯୨୦ ନିଯୁକ୍ତି ସୁଯୋଗ, ଏସ୍‌ଟ୍ରାଲ୍‌ରେ ୧୦୯ କୋଟି ୮୧ ଲକ୍ଷ ଟଙ୍କାର ପୁଞ୍ଜି ବିନିଯୋଗରେ ୨୫୦ ନିଯୁକ୍ତି ସୁଯୋଗ, ବ୍ରିଟାନିଆରେ ୯୩ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ୩୫୦ ନିଯୁକ୍ତି ସୁଯୋଗ ଏବଂ ଜୟ ଭାରତ ସ୍ପାଇସେସ୍‌ରେ ୫୦କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ ବୋଲି ଶର୍ମା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଖୋର୍ଦ୍ଧାସ୍ଥିତ କଟନ୍ ୱାଲର୍ଡ ଆଣ୍ଡ ଆପାରେଲ୍, ଯାଜପୁରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାର୍କ, ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ୍ ପାର୍କ ଏବଂ ଖୋର୍ଦ୍ଧାଠାରେ ଡାନିଏଲ୍ ରିଫ୍ରାକ୍‌ଟୋରି ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨।୧୨:** ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ହୋଇଥିବା ବେଳେ ଏଠାରେ ଉତ୍ପାଦିତ ଓ ଉପଲବ୍ଧ କୃଷିଜାତ ସାମଗ୍ରୀ ପାଇଁ ଓଡ଼ିଶାକୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଲାଗି ସର୍ବୋତ୍ତମ ତଥା ଉପଯୁକ୍ତ କ୍ଷେତ୍ର ବୋଲି 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨'ର ୨ୟ କାର୍ଯ୍ୟ ଦିବସରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ଲଘୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରୀ ପ୍ରତାପ କେଶରୀ ଦେବ ମତପ୍ରକାଶ କରିଛନ୍ତି। ଏପରିକି ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ପାଇଁ ୧,୪୪୩ କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ମଧ୍ୟ ପ୍ରସ୍ତାବ ଆସିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ ଉକ୍ତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିବା ସହ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ର ଉନ୍ମୋଚନ କରିଥିଲେ।

# ଖିମ୍‌ଜୀ ଜୁଏଲର୍ସର ଚନ୍ଦ୍ରଶେଖରପୁର ଷ୍ଟୋରର ୮ମ ବାର୍ଷିକୀ ଉତ୍ସବ




ଭୁବନେଶ୍ୱର,୨।୧୨

ଖିମ୍‌ଜୀ ଜୁଏଲର୍ସର ଚନ୍ଦ୍ରଶେଖରପୁର ଷ୍ଟୋରର ୮ମ ବାର୍ଷିକ ଉତ୍ସବ ମଙ୍ଗଳବାର ମହା ଆଡମ୍ବର ସହକାରେ ପାଳନ କରାଯିବ। ଏପରିକି ଉକ୍ତ ଷ୍ଟୋରର ୮ମ ପୂର୍ତ୍ତି ଉତ୍ସବ ଅବସରରେ ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ବିଶେଷକରି ଗ୍ରାହକମାନଙ୍କ ସହ ଖୁସି ବାଣ୍ଟିବା ପାଇଁ ଖିମ୍‌ଜୀ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ଏବଂ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି ପ୍ରଦାନ କରୁଛି। ଚଳିତ ବର୍ଷ ଡିସେମ୍ବର ୧୧ ପର୍ଯ୍ୟନ୍ତ ଏହି ଅଫର୍ ଚନ୍ଦ୍ରଶେଖରପୁର ଷ୍ଟୋରରେ ଉପଲବ୍ଧ ରହିବ। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଗତ ୮ବର୍ଷ ମଧ୍ୟରେ ଖିମ୍‌ଜୀର ଚନ୍ଦ୍ରଶେଖରପୁର ଷ୍ଟୋର ଗ୍ରାହକମାନଙ୍କର ପ୍ରିୟ ଅଳଙ୍କାର ଷ୍ଟୋର ଭାବେ ଏକ ନୂଆ ପରିଚୟ ସୃଷ୍ଟି କରିପାରିଛି। ଗ୍ରାହକମାନଙ୍କ ବିଶ୍ୱାସ ଏବଂ ଖିମ୍‌ଜୀ ଟିମ୍‌ର କଠିନ ପରିଶ୍ରମ ଦ୍ୱାରା ଏହି ସୁନାମ ଏବଂ ୮ବର୍ଷର ସଫଳତା ପାଇଁ ମୁଁ ଗର୍ବିତ। ଆମେ ବିଶ୍ୱାସ କରୁ ଯେ ଉତ୍ସବଗୁଡ଼ିକ ଏକତ୍ର ଉପଭୋଗ କରାଯାଏ। ତେଣୁ ଏହି ଅଫର ଗ୍ରାହକମାନଙ୍କୁ ଆମ ପୂର୍ତ୍ତି ଉତ୍ସବ ସହିତ ଅଧିକ ଯୋଡ଼ିବ। ଉଲ୍ଲେଖଯୋଗ୍ୟ, ୨୦୧୪ରେ ଖିମ୍‌ଜୀ ଜୁଏଲର୍ସର ଚନ୍ଦ୍ରଶେଖରପୁର ଷ୍ଟୋର ଶୁଭାରମ୍ଭ ହୋଇଥିଲା। ସେବେଠାରୁ ଏହି ଷ୍ଟୋର ଅତ୍ୟନ୍ତ ଲୋକପ୍ରିୟ ରହି ଆସିଛି। ଉକ୍ତ ଷ୍ଟୋରରେ ସୁନା, ହୀରା, ପ୍ଲାଟିନମ୍, ରୁପା ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ସାମଗ୍ରୀର ଏକ ବିଶାଳ ଏବଂ ଅନନ୍ୟ ସଂଗ୍ରହ ରହିଛି। ଏଠାରେ ଅଳଙ୍କାର ବ୍ୟତୀତ ପ୍ରମୁଖ ବ୍ରାଣ୍ଡର ଘଣ୍ଟା ଏବଂ ଉପହାର ସାମଗ୍ରୀର ଏକ ଅନନ୍ୟ ସଂଗ୍ରହ ରହିଛି।

# ରୁନାୟା ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨।୧୨

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ରୁନାୟାର ନୂତନ ଉତ୍ପାଦ 'ରୁବିକ୍ୟୁ ଓ ରୁକାଲ ଗ୍ରୀନ୍'ର ଉନ୍ମୋଚିତ କରାଯାଇଛି। ବିଶେଷକରି ନୂତନ ଖଣି କ୍ଷେତ୍ର ପାଇଁ ଭାରତର ପ୍ରଥମ ସ୍ଥିରତା ସମାଧାନ କରୁଥିବା କମ୍ପାନୀ ରୁନାୟା ଗ୍ରୀନ୍ ବ୍ରାଣ୍ଡ ନାମରେ ଏକ ନୂଆ ଉତ୍ପାଦକୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ପରିସରରେ ଉନ୍ମୋଚନ କରିଛି। ଏପରିକି ଏହା ଭାରତୀୟ ଇସ୍ପାତ ଶିଳ୍ପ ପାଇଁ ସବୁଜ ଉତ୍ପାଦର ପ୍ରସାର। ଏହି ଉତ୍ପାଦଗୁଡ଼ିକରେ ମାତ୍ର ୧୦% କାର୍ବନ ଖର୍ଚ୍ଚ ହୋଇଛି। ବିଶେଷକରି ଷ୍ଟିଲ୍ ତିଆରିରେ ଷ୍ଟିଲ୍ ସ୍ଲାଗ୍ କଣ୍ଡିସନର ଭାବେ ଉଭୟ ରୁବିକ୍ୟୁ ଓ ରୁକାଲ ଗ୍ରୀନ୍ ବ୍ୟବହୃତ ହୁଏ। ଏହାର ଲାଭ ପ୍ରକ୍ରିୟା ପାଇଁ ସମୟ ହ୍ରାସ, ଗୁଣବତ୍ତାରେ ଉନ୍ନତି ଓ ପ୍ଲାଣ୍ଟ ଉପକରଣ ଅବକ୍ଷୟ ହ୍ରାସ କରେ। ଏ ସମ୍ପର୍କରେ ରୁନାୟାର ସହ ପ୍ରତିଷ୍ଠାତା ଅନନ୍ୟ ଅଗ୍ରୱାଲ କହିଛନ୍ତି, ଆମେ ଆଗାମୀ ବର୍ଷଗୁଡ଼ିକରେ ଅଧିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିବୁ। ଇସ୍ପାତ ଶିଳ୍ପକୁ ଏହାର ସ୍ଥିରତା କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ଆଜି ଆମେ ଆନୁଷ୍ଠାନିକ ଭାବେ ଆମର ନୂତନ ଉତ୍ପାଦ ରୁବିକ୍ୟୁ ଓ ରୁକାଲ ଗ୍ରୀନ୍‌ର ଶୁଭାରମ୍ଭ କରୁଛୁ। ଗ୍ରୀନ୍ ଟେକ୍ନୋଲୋଜି ମାଧ୍ୟମରେ ଏହାକୁ ଉତ୍ପାଦନ କରାଯାଇଛି। ସ୍ଥାୟୀ ପରିବର୍ତ୍ତନ ଆଣିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକୁ ଏହି ଉତ୍ପାଦ ଡିଜାଇନ ସମାଧାନ ପ୍ରଦାନ ଜାରି ରଖିବାକୁ ଆମେ ଉତ୍ସାହିତ। ସେହିପରି ମେକ୍ ଇନ୍ କନ୍‌କ୍ଲେଭର ଆୟୋଜନ ପାଇଁ ନୁହେଁ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ବିଶେଷ ଭାବେ ଇପିକଲ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି। ରୁନାୟାକୁ ସମର୍ଥନ କରିଥିବା ହେତୁ ଆମେ ବହୁତ ଖୁସି। ଓଡ଼ିଶାକୁ ଆମ ଘର ବୋଲି କହି ରୁନାୟା ଗର୍ବ ଅନୁଭବ କରେ ବୋଲି ସେ ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୮ରେ ରୁନାୟା ନୈବେଦ୍ୟ ଅଗ୍ରୱାଲ ଓ ଅନନ୍ୟ ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ। ଏହା ବେଦାନ୍ତ ଗ୍ରୁପ୍‌ର ପରବର୍ତ୍ତୀ ପିଢ଼ି ଭାବେ ବିଶ୍ୱର ବଡ଼ ବଡ଼ କମ୍ପାନୀ ସହିତ ରୁନାୟାର ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି। ସେହିପରି କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଣିବାକୁ ରୁବିକ୍ୟୁ ଓ ରୁକାଲ ଗ୍ରୀନ୍ ଡିଜାଇନ କରାଯାଇଛି।



# ବିଓବିର ମିଡ୍ କର୍ପୋରେଟ୍ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ମିଡ୍ କର୍ପୋରେଟ୍ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଭୁବନେଶ୍ୱରର ଗଙ୍ଗନଗରଠାରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦଙ୍କ ଦ୍ୱାରା ଉକ୍ତ ଶାଖାର ଉଦ୍‌ଘାଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାନ୍ଦ କହିଛନ୍ତି, ମଧ୍ୟମ ଆକାରର କମ୍ପାନୀଗୁଡ଼ିକ ଦ୍ୱାରା କ୍ରେଡିଟ୍‌ର ଚାହିଦା ବୃଦ୍ଧି ହୋଇଛି। କ୍ରେଡିଟ୍ ଅଭିବୃଦ୍ଧିରେ ତ୍ୱରାନ୍ୱିତ ହେବା ସହିତ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଆମେ ବିଶ୍ୱାସକରୁ ଯେ, ମଧ୍ୟ କର୍ପୋରେଟ୍ ସେଗ୍‌ମେଣ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ସେହିଭଳି ବ୍ୟାଙ୍କର ପାଟନା ଜୋନ୍‌ର ଜୋନାଲ ହେଡ୍ ସୋନମ୍ ଟି. ଭୁଟିଆ ମଧ୍ୟ କର୍ପୋରେଟ୍‌ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସେହିପରି ବିଓବିର ଡେପୁଟି ଜେନେରାଲ ମ୍ୟାନେଜର ଆର୍. କେ. ମହାନ୍ତି କହିଥିଲେ, ଏହି ବିଶେଷ ଶାଖାଗୁଡ଼ିକ ଗ୍ରାହକମାନଙ୍କୁ ସମାଧାନର ଏକ ବିସ୍ତୃତ ପରିସର ପ୍ରଦାନ କରିବ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଦ୍ରୁତ ଗତି ସମୟ ନିଶ୍ଚିତ କରିବ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ରାଜୀବ କୃଷ୍ଣ ଏବଂ ଅନ୍ୟ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ।



# 'ହ୍ୱାଟ୍ସଆପ୍ ଜରିଆରେ ଜିଓମାର୍ଟରୁ କାରବାର'

ମୁମ୍ବାଇ,୨।୧୨

ରିଲାଏନ୍ସ ରିଟେଲର ପ୍ରମୁଖ ସଂସ୍ଥା 'ଜିଓମାର୍ଟ' ବର୍ତ୍ତମାନ ହ୍ୱାଟ୍ସଆପ୍ ଜରିଆରେ କାରବାର କରିବାକୁ ଯାଉଛି। ଏପରିକି ଜିଓମାର୍ଟର ସମସ୍ତ ସେବାର ଅର୍ଡରକୁ ଗ୍ରହଣ କରିବା ସହ କାର୍ଯ୍ୟକାରୀ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ସେବା ପାଇଁ ଉଭୟ ହ୍ୱାଟ୍ସଆପ୍ ଓ ଜିଓମାର୍ଟ ମଧ୍ୟରେ ଏକ ସହଭାଗିତା ହୋଇଥିବା ଜଣାପଡ଼ିଛି। ଫଳରେ ଏହାଦ୍ୱାରା ଗ୍ରାହକମାନେ ବର୍ତ୍ତମାନ ସହଜରେ ସେମାନଙ୍କର ଘରେ ବ୍ୟବହୃତ ସାମଗ୍ରୀର ଆବଶ୍ୟକତାକୁ ହ୍ୱାଟ୍ସଆପ୍ ଚାଟ୍ ମାଧ୍ୟମରେ ବ୍ରାଉଜ୍ ଓ କିଣାକିଣି କରିପାରିବେ। ଜିଓମାର୍ଟକୁ ହ୍ୱାଟ୍ସଆପ୍‌ରେ ପ୍ରଦାନ କରିବା ପାଇଁ ଜିଓ ପ୍ଲାଟ୍‌ଫର୍ମ ମେଟା ସହ ସହଭାଗିତା ସ୍ଥାପନ କରିଛି। ଏହା ଏକ ଗ୍ଲୋବାଲ ଫାଷ୍ଟ ଉତ୍ପାଦ ଅନୁଭବ ଗ୍ରାହକମାନଙ୍କୁ ପ୍ରଦାନ କରାଇବ। ଏହି ସହଭାଗିତା ଦ୍ୱାରା ଭାରତର ଡିଜିଟାଲ ରୂପାନ୍ତରଣ ହୋଇପାରିବ ଓ ଜନସାଧାରଣ ତଥା ବ୍ୟବସାୟୀମାନଙ୍କୁ ସମସ୍ତ ପ୍ରକାର ସୁଯୋଗ ପ୍ରଦାନ କରିବ, ଯଦ୍ୱାରା ସେମାନେ ଏକ ନୂତନ ଉପାୟରେ ସଂଯୁକ୍ତ ହୋଇପାରିବେ ଓ ଦେଶର ଅର୍ଥନୈତିକ ବିକାଶକୁ ଆହୁରି ଅଧିକ ତ୍ୱରାନ୍ୱିତ କରିପାରିବେ। ହ୍ୱାଟ୍ସଆପ୍‌ରେ ଜିଓମାର୍ଟ ଅନୁଭବ ଦେଶରେ ଗ୍ରାହକମାନଙ୍କର କ୍ରୟ ଅନୁଭୂତିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ଓ ଏହା ସହିତ ଗ୍ରାହକମାନେ ଏକ ସରଳ ଓ ସୁବିଧାଜନକ କ୍ରୟ ଅନୁଭୂତି ଲାଭ କରିପାରିବେ। ଏହି ଝିଞ୍ଜଟମୁକ୍ତ ସେବା ସହିତ ଗ୍ରାହକମାନେ ସେମାନଙ୍କର ସୁବିଧା ଅନୁସାରେ ଅର୍ଡର ମଧ୍ୟ କରିପାରିବେ ଓ ଏଥିରେ କୌଣସି ସମୟ ବା ପରିମାଣର ପ୍ରତିବନ୍ଧକ ନାହିଁ। ଉଲ୍ଲେଖଯୋଗ୍ୟ, ଦୈନନ୍ଦିନର ଆବଶ୍ୟକ ସାମଗ୍ରୀକୁ ଯେକୌଣସି ସମୟରେ ହ୍ୱାଟ୍ସଆପ୍‌ରେ ବାଛିପାରିବେ। ଏଥିପାଇଁ ଆପଣଙ୍କୁ 'Great deals on JioMart' ଲେଖି ଜିଓମାର୍ଟ ନମ୍ବର (+୯୧ ୭୯୭୭୦୭୯୭୭୦)କୁ ହ୍ୱାଟ୍ସଆପ୍‌ରେ ପଠାଇବାକୁ ହେବ ଓ ଆପଣ ତୁରନ୍ତ ଶପିଂ କାଟାଲଗ୍ ପାଇପାରିବେ। ଏହା ସହିତ ପ୍ରଚଳିତ ଅଫର ଓ ଡିଲ୍ ସମ୍ପର୍କରେ ନୋଟିଫିକେଶନ ମଧ୍ୟ ପାଇପାରିବେ। ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ଅର୍ଡର କରି ଆପଣ କେବଳ ରିୟଲ୍ ଟାଇମ୍ ଅପ୍‌ଡେଟ୍ ଓ ଷ୍ଟାଟସ ପାଇବେ ନାହିଁ ବରଂ ଏହା ସହିତ କୌଣସି ସମସ୍ୟା କ୍ଷେତ୍ରରେ ଆପଣ ସପୋର୍ଟ ସହିତ ମଧ୍ୟ ଯୋଗାଯୋଗ କରିପାରିବେ। ଆହୁରି ମଧ୍ୟ ଅନେକ ସୁବିଧା ରହିଛି। ସର୍ବନିମ୍ନ କାର୍ଟ ଭାଲ୍ୟୁ ୨୫୦ ଟଙ୍କାର କିଣାକିଣି କରନ୍ତୁ ଓ ଆଶ୍ୱସ୍ତ ୩୦% ରିହାତି ଲାଭ କରନ୍ତୁ ଓ ଏହା ସହିତ ୧୨୦ ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ଡିସ୍‌କାଉଣ୍ଟ ଉପଭୋଗ କରନ୍ତୁ।




# ଅମିତାଭ ବଚ୍ଚନ ନେକ୍ସସ୍ ମଲ୍‌ର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୨।୧୨:** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ବ୍ଲାକ୍‌ଷ୍ଟୋନ୍ ଗ୍ରୁପ୍‌ର ସହଯୋଗୀ କମ୍ପାନୀ ବ୍ଲାକ୍‌ଷ୍ଟୋନ୍ ରିୟଲ ଇଷ୍ଟେଟ ଦ୍ୱାରା ପରିଚାଳିତ ଏବଂ ମାଲିକାନାଧୀନ 'ନେକ୍ସସ୍ ମଲ୍' ନିକଟରେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ତା'ର 'ସୁଖର ଆମ୍ବାସାଡର' ଭାବେ ନିଯୁକ୍ତ କରିଛି। ଏପରିକି 'ହର୍ ଦିନ୍ କୁଛ୍ ନୟା' ଅନୁଭୂତି ସହ ଗ୍ରାହକମାନଙ୍କ ପାଇଁ ଅମିତାଭଙ୍କ ସହିତ ଏହି ସହଭାଗିତା ସ୍ୱତନ୍ତ୍ର ରହିବ ବୋଲି ମଲ୍ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ନେକ୍ସସ୍ ମଲ୍‌ର ସିଇଓ ଦାଲୀପ ସେହଗାଲ କହିଛନ୍ତି, ଅମିତାଭ ବଚ୍ଚନ ହେଉଛନ୍ତି ଭାରତର ଜଣେ ପ୍ରଖ୍ୟାତ ଚଳଚ୍ଚିତ୍ର ତାରକା, ଯାହାଙ୍କ ପାଇଁ ବିଭିନ୍ନ ବର୍ଗର ଭାରତୀୟଙ୍କ ମନରେ ସମ୍ମାନ ରହିଥାଏ। ସେହିଭଳି ତାଙ୍କର କଳା, ପ୍ରତିଭା ଓ ମହନୀୟ ଅବଦାନ ପାଇଁ ସେ ଘରେ ଘରେ ମଧ୍ୟ ପରିଚିତ, ନେକ୍ସସ୍ ମଲ୍ ପରିବାରରେ ଅମିତାଭ ବଚ୍ଚନଙ୍କୁ ପାଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ ମନେକରୁଛୁ। ଆମ ଗ୍ରାହକମାନଙ୍କ ସହ ହର୍ ଦିନ୍ କୁଛ୍ ନୟା ଅନୁଭୂତିକୁ ତାଙ୍କ ସହିତ ବାଣ୍ଟିବାକୁ ଯାଇଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି ଦାଲୀପ ମତପ୍ରକାଶ କରିଛନ୍ତି। ସେହିପରି ଅମିତାଭ ବଚ୍ଚନ କହିଛନ୍ତି, ନେକ୍ସସ୍ ମଲ୍ ସହ ସହଭାଗିତା କରି ମୁଁ ବହୁତ ଖୁସି। ଆମେ ସବୁ ମିଳିମିଶି ପ୍ରତ୍ୟେକ ଗ୍ରାହକଙ୍କୁ ଏକ ନୂଆ ଅନୁଭୂତି ଦେଇପାରିବା।

**Classified Everyday 0674-2580101, 2549949**




**SALE**

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-52OD-2011 Volkswagan Passat-2012 for details contact: 9827516256. D-74161




**SALE**

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525. D-2075

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-74606

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74160

**AFFIDAVIT**

By virtue of an affidavit before Executive Magistrate, Cuttack, I Sarat Chandra Barik, Barik Sahi, Khannagar, P.S.-Badambadi, Dist.-Cuttack do hereby state that my name is Sarat Chandra Barik, but wrongly it was mentioned Sharat Barik in the HSC Certificate of my Son Prakash Barik. Sarat Chandra Barik and Sharat Barik is one and same person. D-2146

**Birthday Wish**



You were always a good friend to me and never turned your back on me, and for that reason alone you can count on me to support you through thick and thin, forever and ever.many Many happy returns of the day my dear MAMA....

BEST WISHES....BUBU FAMILY & RELATIVES

ଧ-୨୧୪୪




**Relax, Refresh your body, Mind at Saikrupa Spa with best therapies. 8984068077.** D-2048

Newly open Spa positively health benefit with expert. Contact: 7749976301. D-73899

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

"Only body massage & Steam-Bath. Contact at Trupti SPA-9861550765". D-2139

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡ. ପ୍ରତାପଚନ୍ଦ୍ର ସ୍ୱାଇଁ**

ଆବିର୍ଭାବ: ୦୩।୧୦।୧୯୫୧
ତିରୋଧାନ: ୨୩।୧୨।୨୦୧୨

ଆଜି ଦଶମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ନିବେଦନ।

ତରୁଲତା, ରୁମ୍‌କି, ରାଜ, କିଶନ, ଇଶା, ଯଶ।

ଧ-୨୦୯୮

CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

**LOAN**

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।

M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# କୋର୍ଟରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

## ଏସ୍‌ଡିଜେଏମ୍ କୋର୍ଟରେ ୫ ଦିନରେ ଦ୍ୱିତୀୟ ଅଭାବନୀୟ ଘଟଣା

ବ୍ରହ୍ମପୁର ଅଫିସ,୨।୧୨

ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଥିବା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଶୁକ୍ରବାର ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟାରେ ଏକ ମାମଲାର ସାକ୍ଷ୍ୟ ଗ୍ରହଣ ଚାଲିଥିବା ବେଳେ ଜଣେ ମହିଳା ହଠାତ୍ କୋର୍ଟ ହଲ୍‌କୁ ପଶି ଆସି ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଲ ତୁରନ୍ତ ତାଙ୍କୁ କାବୁକରି ସଦର କୋର୍ଟରେ କାର୍ଯ୍ୟରତ ପୋଲିସକୁ ହସ୍ତାନ୍ତର କରିଛନ୍ତି। ମହିଳା ଜଣକ କାହିଁକି କୋର୍ଟରେ ଏଭଳି କଲେ ତାହା ସ୍ପଷ୍ଟ ହୋଇ ନାହିଁ। ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୈଦ୍ୟନାଥପୁର ଥାନା ପୋଲିସ ମହିଳାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନେଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଗତ ୨୮ ତାରିଖରେ ଜଣେ ବ୍ୟକ୍ତି କୋର୍ଟରେ ପଶି ଏସ୍‌ଡିଜେଏମ୍‌ଙ୍କୁ ଛୁରି ଦେଖାଇ ଆକ୍ରମଣ ଉଦ୍ୟମ କରିଥିଲେ। ପାଞ୍ଚ ଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା ହୋଇଥିବାରୁ କୋର୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ପ୍ରକାଶ ଯେ, ଶୁକ୍ରବାର ଏସ୍‌ଡିଜେଏମ୍ ପ୍ରଜ୍ଞା ପାରମିତା ପ୍ରତିହାରୀଙ୍କ କୋର୍ଟରେ ସାକ୍ଷ୍ୟ ଗ୍ରହଣ ଚାଲିଥିଲା। ଏହି ସମୟରେ ମହିଳା ଜଣଙ୍କ କୋର୍ଟ ହଲ୍‌କୁ ପଶି ଆସି ପ୍ଲାଷ୍ଟିକ୍ ବୋତଲରେ ଆଣିଥିବା ପେଟ୍ରୋଲ ନିଜ ଦେହରେ ଢାଳି ଦେଇଥିଲେ। ସେଠାରେ ଥିବା କନଷ୍ଟେବଲ ରଶ୍ମିରଞ୍ଜନ ଦାସ ଏହାଦେଖି ତୁରନ୍ତ ଉକ୍ତ ବୋତଲ ଛଡ଼ାଇ ନେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ଅନ୍ୟ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାରକରି ଏସ୍‌ଡିଜେଏମ୍ କୋର୍ଟ ପାର୍ଶ୍ୱରେ ଥିବା ସିଏସ୍‌ଆଇ ଅଫିସକୁ ନିଆଯାଇଥିଲା। ଟାଉନ୍ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ବୈଦ୍ୟନାଥପୁର ଥାନା ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲେ। ପୂର୍ବରୁ ମହିଳା ଜଣକ ବଳାତ୍କାରର ଶିକାର ହୋଇଥିଲେ। ଜଣେ ଯୁବକ କୌଶଳକ୍ରମେ ସମ୍ପର୍କ ରଖି ବଳାତ୍କାର କରିଥିବା ସଦର ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨୬/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତ ଜାମିନରେ ଆସିଥିଲେ। ଗତ ୧୪ ତାରିଖରେ ସେ ପୁଣି ସମ୍ପୃକ୍ତ ମହିଳାଙ୍କ ଘରେ ପଶି ବଳାତ୍କାର କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ପୀଡ଼ିତା ଏ ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ନଂ.୨୦୪/୨୨ରେ ଅଭିଯୁକ୍ତଙ୍କୁ ପୋଲିସ ପୁଣି ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ସେ ଜେଲରେ ଅଛନ୍ତି ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ମାନସିକ ଭାରସାମ୍ୟ ହରାଇ ମହିଳା ଜଣକ କୋର୍ଟରେ ଆତ୍ମାହୁତି ଉଦ୍ୟମ କରି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବୈଦ୍ୟନାଥପୁର ପୋଲିସ ତାଙ୍କ ବିରୋଧରେ ୪୦୯/୨୨ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ କନଷ୍ଟେବଲଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ମହିଳାଙ୍କ ଜୀବନ ବଞ୍ଚିଗଲା ବୋଲି ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀ କହିଛନ୍ତି। ଜିଲାଜଜ୍ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପହଞ୍ଚି ବିଭାଗୀୟ ଅଧିକାରୀ ଓ ପୋଲିସ ସହିତ ଆଲୋଚନା କରିଥିଲେ। ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଭ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।













# ୩ ଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର

ଭୁବନେଶ୍ୱର,୨।୧୨(ବ୍ୟୁରୋ)

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଶୁକ୍ରବାରଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶନିବାର ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍‌ଆର୍)- ଆଞ୍ଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର (ଆରଏମ୍‌ଆର୍‌ସି)ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ରବିବାର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିବେ। ଏହାପରେ ଅପରାହ୍ଣରେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ। ଏଥିସହ କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜନପ୍ରତିନିଧିଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି।




# ଡାକ୍ତରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ଅସଦାଚରଣ ଅଭିଯୋଗରେ ଅନୁଗୋଳ ଜେଲ୍‌ରେ ଥିଲେ
- ଏସ୍‌ପି, ଥାନା ଅଧିକାରୀଙ୍କ ବଦଳି ଦାବିରେ ଧାରଣା

ତାଳଚେର/ ଅନୁଗୋଳ ଅଫିସ, ୨।୧୨

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ନଭେମ୍ବର ୯ ତାରିଖରୁ ଗିରଫ ହୋଇ ଅନୁଗୋଳ ଜେଲରେ ଥିବା ତାଳଚେରର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ୟାରୀମୋହନ ପ୍ରଧାନ(୭୨)ଙ୍କ ଗୁରୁବାର ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି। ମୃତ ଡାକ୍ତର ଜଣେ ରାଜନେତାଙ୍କ ସମ୍ପର୍କୀୟ ହୋଇଥିବାରୁ ଶୁକ୍ରବାର ଘଟଣାକୁ ନେଇ ଅନୁଗୋଳ ଓ ତାଳଚେରରେ ଉତ୍ତେଜନା ଦେଖାଦେଇଥିଲା। ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ, ତାଳଚେର ଥାନା ଘେରାଉ କରାଯିବା ସହ ଖଣି ବନ୍ଦ ଆନ୍ଦୋଳନ ହୋଇଥିଲା। ଡାକ୍ତର ପ୍ରଧାନଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ସିଧାସଳଖ ପୋଲିସକୁ ଦାୟୀ କରିଛନ୍ତି। ଅସଦାଚରଣ ଅଭିଯୋଗର ଉପଯୁକ୍ତ ତଦନ୍ତ କି ଜେଲ୍‌ରେ ଆବଶ୍ୟକ ଚିକିତ୍ସା ନ ମିଳିବାରୁ ଡାକ୍ତର ପ୍ରଧାନଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ଆରତୀ ପ୍ରଧାନ କହିଛନ୍ତି। ଏପରି କି ଏଥିପାଇଁ ଅନୁଗୋଳ ଏସ୍‌ପି, ତାଳଚେର ଥାନା ଅଧିକାରୀ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ବଦଳି କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଶନିବାର ଏହି ଆନ୍ଦୋଳନକୁ ଅଧିକ ଜୋର୍‌ଦାର ସହିତ ତାଳଚେରରେ ବନ୍ଦ ପାଳନ କରାଯିବ ବୋଲି ଶୁଣିବାକୁ ମିଳିଛି।












# ବିପର୍ଯ୍ୟୟ: ପର୍ତ୍ତୁଗାଲକୁ ହରାଇ ନକ୍ ଆଉଟରେ ଦକ୍ଷିଣ କୋରିଆ

**ଦୋହା, ୨।୧୨**

କାତାରରେ ଚାଲିଥିବା ଫିଫା ବିଶ୍ୱକପରେ ଶୁକ୍ରବାର ଘଟିଛି ଆଉ ଏକ ବିପର୍ଯ୍ୟୟ। ବିଶ୍ୱର ୯ ନମ୍ବର ଦଳ ପର୍ତ୍ତୁଗାଲକୁ ୨-୧ ଗୋଲରେ ହରାଇ ଦେଇଛି ୨୮ ନମ୍ବର ଦକ୍ଷିଣ କୋରିଆ। ଏଥିସହ ଜାପାନ ପରେ ଦ୍ୱିତୀୟ ଏସୀୟ ଦଳଭାବେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି କୋରିଆ। ଅନ୍ୟଏକ ମ୍ୟାଚରେ ଘାନାକୁ ୨-୦ ଗୋଲରେ ହରାଇଥିଲେ ହେଁ ଉରୁଗୁଏର ଅଭିଯାନ ଶେଷ ହୋଇଛି। ଗୋଲ ବ୍ୟବଧାନରେ ଆଗକୁ ବଢ଼ିଛି ଦକ୍ଷିଣ କୋରିଆ। ପୂର୍ବରୁ ନକ୍‌ଆଉଟରେ ପ୍ରବେଶ କରି ସାରିଥିବା ପର୍ତ୍ତୁଗାଲ କୋରିଆଠାରୁ ପରାଜିତ ହୋଇଥିଲେ ହେଁ ଗ୍ରୁପ୍ 'ଏଚ୍'ରେ ଶୀର୍ଷସ୍ଥାନ ଅଧିକାର କରିଛି।

## ବିପର୍ଯ୍ୟୟ ନଂ- ୭

ପର୍ତ୍ତୁଗାଲକୁ ଦକ୍ଷିଣ କୋରିଆ ହରାଇବା ଥିଲା ଚଳିତ ବିଶ୍ୱକପରେ ବିପର୍ଯ୍ୟୟ ନମ୍ବର ୭। ନଭେମ୍ବର ୨୨ରେ ଆର୍ଜେଣ୍ଟିନାକୁ ହରାଇ ପ୍ରଥମ ବିପର୍ଯ୍ୟୟ ଘଟାଇଥିଲା ସାଉଦି ଆରବ। ଏହାର ପରଦିନ ଅର୍ଥାତ୍ ୨୩ ତାରିଖରେ ଜର୍ମାନୀକୁ ହରାଇ ଦେଇଥିଲା ଜାପାନ। ୨୭ରେ ବେଲଜିୟମକୁ ହରାଇ ମରକ୍କୋ ବିସ୍ମୟ ସୃଷ୍ଟି କରିଥିବାବେଳେ ୩୦ରେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସକୁ ହରାଇଥିଲା ଦୁର୍ବଳ ଟ୍ୟୁନିସିଆ ଏବଂ ବିଶ୍ୱର ୧୦ ନମ୍ବର ଦଳ ଡେନମାର୍କକୁ ହରାଇଥିଲା ୩୮ ର‌୍ୟାଙ୍କପ୍ରାପ୍ତ ଅଷ୍ଟ୍ରେଲିଆ। ଜାପାନ ବିପର୍ଯ୍ୟୟ ଧାରା ଅବ୍ୟାହତ ରଖି ଡିସେମ୍ବର ୧ରେ ପୂର୍ବତନ ଚାମ୍ପିୟନ ସ୍ପେନ୍‌କୁ ପରାସ୍ତ କରିଥିବାବେଳେ ଏବେ ଏହି ତାଲିକାରେ ଯୋଡ଼ି ହୋଇଛି ଦକ୍ଷିଣ କୋରିଆ।

ଏଜୁକେଶନ ସିଟି ଷ୍ଟାଡିୟମରେ ପର୍ତ୍ତୁଗାଲ-ଦକ୍ଷିଣ କୋରିଆ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ପର୍ତ୍ତୁଗାଲ ୫ମ ମିନିଟରେ ରିକାର୍ଡୋ ହୋର୍ଟାଙ୍କ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ମାତ୍ର ୨୭ତମ ମିନିଟରେ କୋରିଆର କିମ୍ ୟଙ୍ଗ-ଗୋନ ଗୋଲଟିକୁ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ମ୍ୟାଚଟି ଡ୍ର ଆଡ଼କୁ ଗତି କରୁଥିବାବେଳେ ଷ୍ଟପେଜ ଟାଇମ୍ ଅର୍ଥାତ୍ ୯୦+୧ ମିନିଟରେ ହ୍ୱାଙ୍ଗ ହି-ଚାନ୍ ଏକ ଗୋଲ ଦେଇ କୋରିଆକୁ ବିଜୟ ପଥକୁ ନେଇ ଆସିଥିଲେ।

ସେହିପରି ଅଲ୍ ଜନୌବ ଷ୍ଟାଡିୟମରେ ଘାନା ବିପକ୍ଷରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଉରୁଗୁଏ। ଦଳ ପକ୍ଷରୁ ଜର୍ଜିଆନ ଡି ଆରାସ୍କେଟା ୨୬ ଓ ୩୨ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ବିଜୟୀ ହୋଇଥିଲେ ହେଁ ବିଶ୍ୱକପରୁ ବିଦାୟ ଯୋଗୁ ଉରୁଗୁଏ ଖେଳାଳି ଖୁସି ମନାଇ ପାରି ନ ଥିଲେ।



ଶୁକ୍ରବାର ଫିଫା ବିଶ୍ୱକପ ମ୍ୟାଚ ଉପଭୋଗ ଅବସରରେ ଦକ୍ଷିଣ କୋରିଆ ପ୍ରଶଂସକ।



ଅଲ୍ ଜନୌବ ଷ୍ଟାଡିୟମରେ ଶୁକ୍ରବାର ଉରୁଗୁଏ ଓ ଘାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପରାଜୟ ସତ୍ତ୍ୱେ ନକଆଉଟରେ ବ୍ରାଜିଲ

**ଦୋହା,୨।୧୨,(ପି.ଟି.)**

ଆଉ ଏକ ବିପର୍ଯ୍ୟୟ ସହିତ ଶେଷ ହୋଇଛି ଫିଫା ବିଶ୍ୱକପ ୨୦୨୨ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍। ଏଥିସହିତ ଚୂଡ଼ାନ୍ତ ହୋଇଛି ରାଉଣ୍ଡ ଅଫ୍ ୧୬ର ଦଳ ତାଲିକା। ତେବେ ଚଳିତ ବିଶ୍ୱକପରେ ଆଉ ଏକ ଟପ୍ ଟିମ୍ ମାଟି କାମୁଡ଼ିଛି। ଗ୍ରୁପ୍ ଜିରେ ବ୍ରାଜିଲକୁ ୧-୦ରେ ହରାଇ ଚଳିତ ସଂସ୍କରଣର ଅଷ୍ଟମ ବିପର୍ଯ୍ୟୟ ସୃଷ୍ଟି କରିଛି କାମେରୁନ୍। ହାରିଥିଲେ ହେଁ ଗ୍ରୁପ୍ ଟପ୍ପର ଭାବରେ ବ୍ରାଜିଲ ନକ୍‌ଆଉଟରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ଦଳ ଭାବରେ ସ୍ୱିଜରଲାଣ୍ଡ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ସୁରକ୍ଷିତ କରିଛି। ୩୨ ଦଳ ୮ ଗ୍ରୁପରେ ଲଢେଇ କରିବା ପରେ ପ୍ରଥମ ପର୍ଯ୍ୟାୟରେ ହିଁ ୧୬ ଦଳ ବିଦାୟ ନେଇଛନ୍ତି।

> **ଫିଫା ବିଶ୍ୱକପ୍**
> **(ଆଜିର ମ୍ୟାଚ)**
> **ନେଦରଲାଣ୍ଡ ବନାମ ଆମେରିକା**
> ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ସମୟ: ରାତି ୮.୩୦
> **ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ**
> ସ୍ଥାନ: ଅଲ ରାୟାନ ଷ୍ଟାଡିୟମ
> ସମୟ: ରାତି ୧୨.୩୦

## ବିପର୍ଯ୍ୟୟ ସୃଷ୍ଟି କଲା କାମେରୁନ୍

ଲୁସେଲ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଭିନସେଣ୍ଟ ଆବୁବକରଙ୍କ ଐତିହାସିକ ଗୋଲ ବଳରେ ବ୍ରାଜିଲକୁ ପରାସ୍ତ କରିଛି କାମେରୁନ୍। ଷ୍ଟପେଜ ଟାଇମରେ ୯୦+୨ ମିନିଟରେ ଆବୁବକର ଏହି ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲଶୂନ୍ୟ ରହିବା ପରେ ସେ ଏହି ଗୋଲଟି ଦେଇଥିଲେ। ବ୍ରାଜିଲ ୬୫ % ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲେ ମଧ କାମେରୁନ୍ ଗୋଲକିପର ଡେଭିସ୍ ଇପାସୀ ଚମତ୍କାର ପ୍ରଦର୍ଶନ କରିଥିଲେ। ବ୍ରାଜିଲର ଅନ୍ୟୁନ ୬ ପ୍ରୟାସକୁ ସେ ନିଷ୍ଫଳ କରି ଦେଇଥିଲେ।

## ଜିତିଲା ସ୍ୱିଜରଲାଣ୍ଡ

ଷ୍ଟାଡିୟମ ୯୭୪ରେ ଖେଳା ଯାଇଥିବା ମ୍ୟାଚଟି ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳକୁ ନକ୍ ଆଉଟ ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ ଥିଲା। ପ୍ରଥମ ମିନିଟରେ ହିଁ ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ସର୍ବିୟା ଗୋଲପୋଷ୍ଟ ଉପରେ ଆକ୍ରମଣ ହୋଇଥିଲା। ଗୋଲରକ୍ଷକ ଭାଞ୍ଜା ମିଲାନୋଭିକ୍ ସାଭିକ ଦୁଇଟି ପ୍ରୟାସକୁ ରୋକି ଦଇଥିଲେ। ୨୦ତମ ମିନିଟରେ ଜେର୍ଦାନ୍ ଶାକାରି ପ୍ରଥମ ଗୋଲ ସ୍କୋର କରିଥିଲେ। ସର୍ବିୟା ପକ୍ଷରୁ ୨୬ ତମ ମିନିଟରେ ଆଲେକଜାଣ୍ଡର ମିଟ୍ରୋଭିକ୍ ଗୋଲଟିକୁ ପରିଶୋଧ କରିଥିଲେ। ୩୫ ତମ ମିନିଟରେ ଦୁସାନ ଭ୍ଲାହୋଭିକ୍‌ଙ୍କ ଗୋଲ ବଳରେ ସର୍ବିୟା ୨-୧ରେ ଆଗୁଆ ରହିଥିଲା। ମାତ୍ର ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ସ୍ୱିସ୍ ତାରକା ବ୍ରିଲ ଏମ୍ବୋଲୋ ଗୋଲ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ୨-୨ରେ ରହିବା ପରେ ମ୍ୟାଚର ୪୮ତମ ମିନିଟରେ ରେମୋ ଫ୍ରୁଏଲରଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା।

# କାତାର ବିଶ୍ୱକପ୍‌ର ବିସ୍ମୟ ଜାପାନ



ଜୁଆନ ଭେରନ

୨୦୧୮ ବିଶ୍ୱକପର ଇତିହାସ ପୁନରାବୃତ୍ତି ହୋଇଥିବା ବିଶ୍ୱାସ କରି ହେଉନାହିଁ। ୨୦୧୪ର ବିଶ୍ୱ ଚାମ୍ପିୟନ ଏଥର ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଲା। ଆମେ ଜାଣିଛୁ ଯେ ଜର୍ମାନୀ ଜାତୀୟ ଦଳ ପରିବର୍ତ୍ତନ ପଥରେ ରହିଛି। ଏକ ନୂଆ ଦଳ ଗଠନ ପାଇଁ ଉଦ୍ୟମ ଚାଲିଛି। ତେଣୁ ଗତ ବିଶ୍ୱକପରେ ଦଳ କାହିଁକି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା ତାହା ବୁଝି ହେଉଥିଲା। ମାତ୍ର ଏହି ବିଶ୍ୱକପ ପ୍ରମାଣ କରିଦେଲା ଯେ ସେମାନେ ନୂଆଦଳ ଗଠନ କରିବାରେ ବିଫଳ ହୋଇଛନ୍ତି। ଜର୍ମାନୀ ଫୁଟବଲରେ ନୂଆ ଅଧ୍ୟାୟ ଆରମ୍ଭ ପାଇଁ କାତାର ବିଶ୍ୱକପ ଉପଯୁକ୍ତ ପ୍ଲାଟଫର୍ମ ଥିଲା। ମାତ୍ର ୨୦୧୮ରେ ଯାହା ଘଟିଥିଲା ତାହା ପୁଣିଥରେ ହେଲା। ଜର୍ମାନୀ କ୍ରମାଗତ ୨ଟି ବିଶ୍ୱକପରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଲା।

ଗତ ମ୍ୟାଚରେ ହାନ୍‌ସି ଫ୍ଲିକ୍‌ଙ୍କ ଜର୍ମାନୀ ଦଳର ପ୍ରୟାସ ନକ୍‌ଆଉଟ ଯିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଜାପାନ ନିକଟରୁ ସ୍ପେନ୍‌ର ପରାଜୟ ଜର୍ମାନୀ ଆଶାକୁ ଧୂଳିସାତ କଲା। ଜାପାନ ଚମତ୍କାର ଖେଳିଥିଲା ଏଥିରେ ଦ୍ୱିମତ ନାହିଁ, ମାତ୍ର ଗୁରୁବାର ସେମାନେ ଏକ ବିବାଦୀୟ ଗୋଲରେ ବିଜୟୀ ହେଲେ। ତେବେ ସେ ଯାହା ହେଉନା କାହିଁକି ଏହି ଏସୀୟ ଦଳକୁ ପ୍ରଶଂସା କରାଯିବା ଆବଶ୍ୟକ। ମୋ ମତରେ ଏହି ବିଶ୍ୱକପରେ ଜାପାନ ହିଁ ସବୁଠାରୁ ବଡ଼ ବିସ୍ମୟ। ବର୍ଷପରେ ବର୍ଷ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଘଟି ଚାଲିଛି ସତ, ମାତ୍ର ଏହି ବିଶ୍ୱକପରେ ସେମାନେ ଯେପରି ଆକ୍ରମଣାତ୍ମକ ଖେଳ ଏବଂ ସ୍ପିଡ୍ ଦେଖାଇଛନ୍ତି ତାହା ହିଁ ବିସ୍ମୟ ସୃଷ୍ଟି କରିଛି। ଏହାର ସମସ୍ତ ଶ୍ରେୟ ବ୍ରାଜିଲିଆନ ଲିଜେଣ୍ଡ ଜିକୋଙ୍କ ନିକଟକୁ ଯିବ। ସେ ଜାପାନ ଫୁଟବଲକୁ ପରିବର୍ତ୍ତନ କରି ଦେଇଛନ୍ତି। ରାଉଣ୍ଡ ଅଫ୍ ୧୬ରେ ଜାପାନ ଅଣ୍ଡରଡଗ୍‌ଭାବେ କ୍ରୋଏସିଆ ବିପକ୍ଷରେ ଖେଳିବ।

ବର୍ତ୍ତମାନ ପରିସ୍ଥିତିରେ ଅନ୍ୟତମ ଫେଭରାଇଟ ଆର୍ଜେଣ୍ଟିନା ବିଶ୍ୱକପ ଜିତିପାରିବ ବୋଲି କହିହେବ। ଧିରେଧିରେ ସେମାନେ ରିଦିମକୁ ଫେରିଛନ୍ତି। ଲିଓନେଲ ମେସିଙ୍କ ଦଳ ପୋଲାଣ୍ଡ ବିପକ୍ଷରେ ସେମାନଙ୍କ ଶ୍ରେଷ୍ଠ ଫୁଟବଲ ଖେଳିଛନ୍ତି। ଏହି ଦଳର ଏକମାତ୍ର ସମସ୍ୟା ହେଲା ଅନେକ ଖେଳାଳି କ୍ଲାନ୍ତ ଜଣାପଡୁଛନ୍ତି। କୋଚ୍ ଏ ସମସ୍ୟାର ସମାଧାନ ଖୋଜି ବାହାର କରିବା ଉଚିତ। ଏହାର ଏକ ବଡ଼ ଉଦାହରଣ ହେଲେ ଡି' ମାରିଆ। ସେ ହେଉଛନ୍ତି ଆର୍ଜେଣ୍ଟିନା ଦଳର ଅନ୍ୟତମ ପ୍ରମୁଖ ଖେଳାଳି। ଅଷ୍ଟ୍ରେଲିଆ ବିପକ୍ଷରେ କୋଚ୍ ସ୍କୋଲାନି ସମ୍ଭବତଃ ତାଙ୍କ ବିନା ଦଳକୁ ପଡ଼ିଆକୁ ଓହ୍ଲାଇବେ। ଆର୍ଜେଣ୍ଟିନା ଦଳରେ ଅନେକ ଦକ୍ଷ ଖେଳାଳି ଥିବାରୁ ଏହା ଯଦିଓ ବଡ଼ ସମସ୍ୟା ନୁହେଁ ତେବେ ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ଜଣେ ବଡ଼ ଖେଳାଳି ଆହତ ସମସ୍ୟାରେ ରହିବା ଭଲ ଲକ୍ଷଣ ନୁହେଁ। ଏହି ସମସ୍ୟାର ସମଧାନ ପନ୍ଥା ବାହାର କରି ଦଳ ବିଶ୍ୱକପରେ ଆଗକୁ ବଢ଼ିବା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ।

-(ଟିଭାକ୍ ସ୍ପୋର୍ଟ୍ସ)

# ୨୯ ବର୍ଷ ତଳର ସ୍ମୃତି ତାଜା

**ଅଲ ରାୟାନ,୨।୧୨ (ପି.ଟି)**

ଗୁରୁବାର ପୂର୍ବତନ ବିଶ୍ୱ ଚାମ୍ପିୟନ ସ୍ପେନକୁ ପରାସ୍ତ କରି ଫିଫା ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି ଏସୀୟ ରାଷ୍ଟ୍ର ଜାପାନ। ତେବେ ଏହି ବିଜୟ କେବଳ ଜାପାନ ଦଳ ପାଇଁ ନୁହେଁ ବରଂ କୋଚ୍ ହାଜିମେ ମୋରିୟାସୁଙ୍କ ପାଇଁ ମଧ୍ୟ ଥିଲା ସ୍ମରଣୀୟ। ୨୯ ବର୍ଷ ପୂର୍ବେ ସମାନ ଷ୍ଟାଡିୟମରେ ଜାପାନ ବିଶ୍ୱକପ୍ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୧୯୯୩ ମସିହାର ଉକ୍ତ ଦଳରେ ମିଡ୍‌ଫିଲ୍ଡର ରହିଥିଲେ ମୋରିୟାସୁ। ଇରାକ ବିପକ୍ଷ ଉକ୍ତ ମ୍ୟାଚରେ ଜାପାନ ୨-୧ରେ ଆଗୁଆ ରହିଥିବା ବେଳେ ଷ୍ଟପେଜ ଟାଇମରେ ଗୋଲବରଣ କରିଥିଲା। ଏହା ସହିତ ୧୯୯୪ ବିଶ୍ୱକପ ପାଇଁ ଯୋଗ୍ୟତା ଆଶା ମଉଳି ଯାଇଥିଲା। ମାତ୍ର ସମାନ ଷ୍ଟାଡିୟମରେ ମୋରିୟାସୁଙ୍କ ଦଳ ଏକ ସପ୍ତାହ ମଧ୍ୟରେ ଦୁଇ ଦୁଇଟି ପୂର୍ବତନ ବିଶ୍ୱ ଚାମ୍ପିୟନ୍ ଦଳକୁ ପରାସ୍ତ କରିବାରେ ସମର୍ଥ ହୋଇଛି। ସ୍ପେନ୍ ବିପକ୍ଷ ମ୍ୟାଚ ଶେଷ ହେବା ପୂର୍ବ ଯାଏ ଦୋହାର ଟ୍ରାଜେଡି ମୋ ସ୍ମୃତିରେ ଥାଏ ବୋଲି କୋଚ୍ କହିଥିଲେ। ତେବେ ସମୟ ବଦଳି ଯାଇଛି ଆଉ ଜାପାନ ଦଳର ଖେଳିବାର ଶୈଳୀ ବଦଳି ଯାଇଛି। ଏହା ସହିତ ଦଳର ଆଟାକିଂ ବ୍ରାଣ୍ଡର ଡିଫେନ୍ସକୁ ମଧ୍ୟ ସେ ବେଶ୍ ପ୍ରଶଂସା କରିଥିଲେ। ଜାପାନର ଏହି ବିଜୟରେ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ମାୟା ୟୋଶିଦାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୯୦ ତମ ମିନିଟର ଜୋର୍ଡି ଆଲବାଙ୍କ ଏକ ଶଟ୍‌କୁ ଗୋଲ ପୋଷ୍ଟ ଆଗରେ ଅଟକାଇ ଦେଇଥିଲେ। ଏହାର କିଛି ସେକେଣ୍ଡ ପରେ ଡାନି ଓଲମୋଙ୍କ ଶଟକୁ ଅଟକାଇ ଦେଇଥିଲେ ଗୋଲକିପର ଶୁଇଚି ଗୋଣ୍ଡା। ଜାପାନ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିବା ବେଳେ ଏହି ବିଜୟକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି କୋଚ୍ ମୋରିୟାସୁ।

# ଡ୍ରାଗ୍ ଫ୍ଲିକ୍ ଓ ଗୋଲକିପିଂ କୋଚ୍ ନିଯୁକ୍ତି ଉପରେ ଦିଲୀପଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)**

ଅନେକ ସମୟରେ ଦେଖାଯାଏ ଅନ୍ତର୍ଜାତୀୟ ମ୍ୟାଚରେ ଭାରତୀୟ ହକି ଦଳ ଭଲ ସ୍ଥିତିରେ ଥାଇ ମଧ୍ୟ ଶେଷ ମୁହୂର୍ତ୍ତ ଗୋଲବରଣ ଯୋଗୁ ପରାଜିତ ହୋଇଥାଏ। ପେନାଲ୍ଟି କର୍ନରରୁ ଗୋଲ କରିବାରେ ମଧ୍ୟ ଦଳ ଅନେକ ସମୟରେ ଅସଫଳ ରହିଥାଏ। ଏହାକୁ ନେଇ ଅନେକ ତର୍କ ବିତର୍କ, ଆଲୋଚନା ପର୍ଯ୍ୟାଲୋଚନା ହୋଇଛି। ଆଞ୍ଚଳିକ ସ୍ତରରେ ଏବଂ ଜାତୀୟ ସ୍ତରରେ ମଧ୍ୟ ସମାନ ଅବସ୍ଥା। କେତେବେଳେ ରକ୍ଷଣଭାଗରେ ତ୍ରୁଟି ରହିଥାଏ ତ ଆଉ କେତେବେଳେ ଗୋଲକିପରଙ୍କ ତ୍ରୁଟି ଯୋଗୁ ଶେଷ ମୁହୂର୍ତ୍ତରେ ଗୋଲ ଆସିଥାଏ। ଏ ସବୁ ଦୀର୍ଘ ବର୍ଷର ସମସ୍ୟା ହୋଇଥିଲେ ହେଁ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ହକି ଇଣ୍ଡିଆର ନୂଆ ସଭାପତି ଦିଲୀପ ତିର୍କୀ। ତୃଣମୂଳ ସ୍ତରରୁ କିପରି ହକିର ବିକାଶ ହୋଇପାରିବ ତା' ଉପରେ ସେ ଫୋକସ କରୁଛନ୍ତି। ଭାରତର ସମସ୍ତ ହକି ଏକାଡେମି, ସ୍ପୋର୍ଟ ହଷ୍ଟେଲ ବା ହକି ହଷ୍ଟେଲରେ ଜଣେ ଲେଖାଏ ଡ୍ରାଗ୍ ଫ୍ଲିକର କୋଚ୍ ଓ ଗୋଲକିପର କୋଚ୍ ରହିବେ ବୋଲି ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଏନେଇ ସବୁ ରାଜ୍ୟର ହକି ହଷ୍ଟେଲ ଓ ହକି ଏକାଡେମିକୁ ଚିଠି ଲେଖିଛନ୍ତି ଦିଲୀପ। ଦେଶର ଖେଳାଳିମାନେ ୧୬ ବର୍ଷ ବୟସରୁ କିପରି ଉଚିତ ଟ୍ରେନିଂ ନେଇପାରିବେ ସେଥିପାଇଁ ହକି ଇଣ୍ଡିଆ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି।

ଡ୍ରାଗ୍ ଫ୍ଲିକର ଓ ଗୋଲକିପିଂ ବିଭାଗ ଆଧୁନିକ ହକି ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରୁ କିଭଳି ହକିକୁ ମଜଭୁତ କରାଯିବ ଏବଂ ହକିକୁ କିପରି ଦେଶର ଅଧିକ ବାଳିକା ବାଳକ କ୍ୟାରିୟର କରିବାକୁ ଆଗେଇ ଆସିବେ ତା' ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ବିଶ୍ୱର ଯେତୋଟି ଶ୍ରେଷ୍ଠ ହକି ଦଳ ଅଛି ସେମାନଙ୍କ ପାଖରେ ବିଶ୍ୱସ୍ତରୀୟ ଡ୍ରାଗ୍ ଫ୍ଲିକର ରହିଛନ୍ତି। ତା'ର କାରଣ ହେଲା ସେମାନେ ସବ୍‌ଜୁନିୟର ଓ ଜୁନିୟର ସ୍ତରରୁ ଡ୍ରାଗ ଫ୍ଲିକିଂ ପାଇଁ ସ୍ୱତନ୍ତ୍ର ଟ୍ରେନିଂ ନେଉଛନ୍ତି। ସେହିପରି ସବ୍‌ଜୁନିୟର ଓ ଜୁନିୟର ସ୍ତରରେ ବିଶ୍ୱର ବଡ଼ ବଡ଼ ହକି ଟିମ୍ ପାଖରେ ସ୍ୱତନ୍ତ୍ର ଗୋଲକିପିଂ କୋଚ୍ ରହିଛନ୍ତି। ଭାରତୀୟ ହକିର ପୂର୍ବ ଗୌରବ ଫେରାଇ ଆଣିବାକୁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପର ଏହା ଏକ ଅଂଶବିଶେଷ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

## ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ପଏଣ୍ଟ |
|---|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | | |
| ନେଦରଲାଣ୍ଡ | ୩ | ୨ | ୧ | ୦ | ୫ | ୧ | ୭ |
| ସେନେଗାଲ | ୩ | ୨ | ୦ | ୧ | ୫ | ୪ | ୬ |
| ଇକ୍ୱେଡର | ୩ | ୧ | ୧ | ୧ | ୪ | ୩ | ୪ |
| କାତାର | ୩ | ୦ | ୦ | ୩ | ୧ | ୭ | ୦ |
| **ଗ୍ରୁପ୍ 'ବି'** | | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୯ | ୨ | ୭ |
| ଆମେରିକା | ୩ | ୧ | ୨ | ୦ | ୨ | ୧ | ୫ |
| ଇରାନ | ୩ | ୧ | ୦ | ୨ | ୪ | ୭ | ୩ |
| ୱେଲ୍ସ | ୩ | ୦ | ୧ | ୨ | ୧ | ୬ | ୧ |
| **ଗ୍ରୁପ୍ 'ସି'** | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୫ | ୨ | ୬ |
| ପୋଲାଣ୍ଡ | ୩ | ୧ | ୧ | ୧ | ୨ | ୨ | ୪ |
| ମେକ୍ସିକୋ | ୩ | ୧ | ୧ | ୧ | ୨ | ୩ | ୪ |
| ସାଉଦି ଆରବ | ୩ | ୧ | ୦ | ୨ | ୩ | ୫ | ୩ |
| **ଗ୍ରୁପ୍ 'ଡି'** | | | | | | | |
| ଫ୍ରାନ୍ସ | ୩ | ୨ | ୦ | ୧ | ୬ | ୩ | ୬ |
| ଅଷ୍ଟ୍ରେଲିଆ | ୩ | ୨ | ୦ | ୧ | ୩ | ୪ | ୬ |
| ଟ୍ୟୁନିସିଆ | ୩ | ୧ | ୧ | ୧ | ୧ | ୧ | ୪ |
| ଡେନମାର୍କ | ୩ | ୦ | ୧ | ୨ | ୧ | ୩ | ୧ |
| **ଗ୍ରୁପ୍ 'ଇ'** | | | | | | | |
| ଜାପାନ | ୩ | ୨ | ୦ | ୧ | ୪ | ୩ | ୬ |
| ସ୍ପେନ | ୩ | ୧ | ୧ | ୧ | ୯ | ୩ | ୪ |
| ଜର୍ମାନୀ | ୩ | ୧ | ୧ | ୧ | ୬ | ୫ | ୪ |
| କୋଷ୍ଟାରିକା | ୩ | ୧ | ୦ | ୨ | ୩ | ୧୧ | ୩ |
| **ଗ୍ରୁପ୍ 'ଏଫ'** | | | | | | | |
| ମରକ୍କୋ | ୩ | ୨ | ୧ | ୦ | ୪ | ୧ | ୭ |
| କ୍ରୋଏସିଆ | ୩ | ୧ | ୨ | ୦ | ୪ | ୧ | ୫ |
| ବେଲଜିୟମ | ୩ | ୧ | ୧ | ୧ | ୧ | ୨ | ୪ |
| କାନାଡ଼ା | ୩ | ୦ | ୦ | ୩ | ୨ | ୭ | ୦ |
| **ଗ୍ରୁପ୍ 'ଜି'** | | | | | | | |
| ବ୍ରାଜିଲ | ୩ | ୨ | ୦ | ୧ | ୩ | ୧ | ୬ |
| ସୁଇଜରଲାଣ୍ଡ | ୩ | ୨ | ୦ | ୧ | ୪ | ୩ | ୬ |
| କାମେରୁନ | ୩ | ୧ | ୧ | ୧ | ୪ | ୪ | ୪ |
| ସର୍ବିୟା | ୩ | ୦ | ୧ | ୨ | ୫ | ୮ | ୧ |
| **ଗ୍ରୁପ୍ 'ଏଚ୍'** | | | | | | | |
| ପର୍ତ୍ତୁଗାଲ | ୩ | ୨ | ୦ | ୧ | ୬ | ୪ | ୬ |
| ଦକ୍ଷିଣ କୋରିଆ | ୩ | ୧ | ୧ | ୧ | ୪ | ୪ | ୪ |
| ଉରୁଗୁଏ | ୩ | ୧ | ୧ | ୧ | ୨ | ୨ | ୪ |
| ଘାନା | ୩ | ୧ | ୦ | ୨ | ୫ | ୭ | ୩ |







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



## ସଲ୍‌ମାନ ଜଣେ 'ୱମେନ ବିଟର୍': ସୋମି

ସଲ୍‌ମାନ ଖାନ୍ ଜଣେ 'ୱମେନ ବିଟର୍' ବୋଲି ଅଭିହିତ କରିଛନ୍ତି ତାଙ୍କର ପ୍ରେମିକା ତାଲିକାରେ ଥିବା ଅଭିନେତ୍ରୀ ସୋମି ଅଲ୍ଲୀ।

୦୪

୦୮

## ହସ୍ପିଟାଲରେ ରିକି ପଣ୍ଟିଂ

ଅସୁସ୍ଥତା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ।



# ଆଗୁଆ ସରିଲା ଶୀତ ଅଧିବେଶନ

### ଚାଲିଲା ମାତ୍ର ୮ ଦିନ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ନିର୍ଦ୍ଧାରିତ ସମୟର ୨୫ଟି କାର୍ଯ୍ୟଦିବସ ଥାଇ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଚଳିତ ଅଧିବେଶନରେ ନିର୍ଦ୍ଧାରିତ ୩୩ଟି କାର୍ଯ୍ୟଦିବସ ବଦଳରେ ମାତ୍ର ୮ଟି କାର୍ଯ୍ୟଦିବସ ହୋଇପାରିଛି। ମୁଖ୍ୟ ବିରୋଧୀ ଦଳ ଭାଜପା ସଦସ୍ୟଙ୍କ ଅନୁପସ୍ଥିତିରେ ଶୀତ ଅଧିବେଶନକୁ ବନ୍ଦ ପାଇଁ ଶାସକ ଦଳର ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଛନ୍ତି। ଭାଜପା ସଦସ୍ୟଙ୍କ ଅନୁପସ୍ଥିତିରେ ଅପରାହ୍ନରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହେବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଶୀତ ଅଧିବେଶନ ଶେଷ କରିବାକୁ ବିଧିବଦ୍ଧ ପ୍ରସ୍ତାବ ☞ପୃଷ୍ଠା-୪

KT GLOBAL SCHOOL
TRANSFORMING MINDS
CBSE PATTERN
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77

ORI-HOME
www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295

# ପରଲୋକରେ ଝରଣା

- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ଶୋକ
- ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ

କଟକ ଅଫିସ,୨।୧୨

ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ତଥା ଆକାଶବାଣୀ, ଦୂରଦର୍ଶନର ସୁପରିଚିତ କଳାକାର ଝରଣା ଦାସଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। କଟକ ଚଣ୍ଡୀଛକସ୍ଥିତ ବାସଭବନରେ ରାତିରେ ଶୋଇଥିବାବେଳେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ମେଡିକାଲ ନେବା ପୂର୍ବରୁ ଝିଅ କୋଳରେ ସେ ଚିରନିଦ୍ରା ଯାଇଥିଲେ। ତାଙ୍କର ବଡପୁଅ ଚିରଞ୍ଜୀତ୍, ସାନପୁଅ ସମ୍ମିତ୍, ଓ ଝିଅ ପ୍ରଜ୍ଞା ଅଛନ୍ତି। ସମ୍ମିତ୍ ଶୁକ୍ରବାର କୋଲକାତାରୁ ଆସି କଟକରେ ପହଞ୍ଚିଛନ୍ତି। ଚିରଞ୍ଜିତ୍ ଫିଲିପାଇନ୍ସରୁ ଆସି ଶନିବାର ବାସଭବନରେ ପହଞ୍ଚିବା ପରେ ଅପରାହ୍ନରେ ୨ଟାରେ ଝରଣାଙ୍କ ମରଶରୀରକୁ ସହର ପରିକ୍ରମା କରାଯିବ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆକାଶବାଣୀ, ଦୂରଦର୍ଶନ ତଥା ଓଡ଼ିଆ ସିନେ ଜଗତରେ ☞ପୃଷ୍ଠା-୪



### ସବୁଜ ଶକ୍ତି, ବିଦ୍ୟୁତ୍ ଉପକରଣ

# ୧.୭୫ ଲକ୍ଷ କୋଟିର ନିବେଶ ପ୍ରସ୍ତାବ




ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀ ଓ ନିବେଶକଙ୍କ ଉପସ୍ଥିତିରେ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୨।୧୨

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ର ଶୁକ୍ରବାର ୩ୟ ଦିନରେ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ବୈଦ୍ୟୁତିକ ଉପକରଣ ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଶୀର୍ଷକ ଦୁଇଟି ପ୍ୟାନେଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ କ୍ଷେତ୍ରରେ ଉତ୍ପାଦନ ପାଇଁ ରାଜ୍ୟରେ ଅନୁକୂଳ ପରିସ୍ଥିତି କିପରି ସୃଷ୍ଟି କରାଯାଇପାରିବ ସେନେଇ ଆଲୋଚନା ହୋଇଛି। ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ, ପମ୍ପ ଷ୍ଟୋରେଜ୍ ଜଳ ବିଦ୍ୟୁତ୍ ପ୍ରକଳ୍ପ, ଭାସମାନ ସୋଲାର ଏବଂ ପବନ ତଥା ଅକ୍ଷୟ ଶକ୍ତି ସମ୍ବନ୍ଧିତ ଉପକରଣ ଉତ୍ପାଦନ କ୍ଷେତ୍ରରେ ୨୨ଟି ସଂସ୍ଥାରୁ ପ୍ରାୟ ୧.୭୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। କାର୍ଯ୍ୟକ୍ରମରେ ଦେଶବିଦେଶରୁ ୨୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ବର୍ତ୍ତମାନ ସମୟରେ ସବୁଜ ଶକ୍ତିର ଚାହିଦା ବୃଦ୍ଧି ପାଉଛି। ଏପରିକି ସବୁଜ ଶକ୍ତିର ବିକାଶ ଦିଗରେ(କ୍ଷେତ୍ରରେ) ଓଡ଼ିଶା ସରକାର ଆଗଭର ଥିବା ମନ୍ତ୍ରୀ କହିଛନ୍ତି। ବିଶେଷକରି ସରକାରଙ୍କ ପକ୍ଷରୁ ସବୁଜ ଶକ୍ତିର ବିକାଶ ପାଇଁ ସମସ୍ତ ପ୍ରଶାସନିକ ଏବଂ ନୀତିଗତ ସୁବିଧା ଯୋଗାଇ ଦିଆଯିବ ବୋଲି ନିବେଶକମାନଙ୍କୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ସବୁଜ ଶକ୍ତିର ବ୍ୟବହାର ଓଡ଼ିଶାରେ ବ୍ୟାପକ ନିବେଶ ସୁଯୋଗ ସୃଷ୍ଟି କରିଛି କହି ଉଦ୍ୟୋଗୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ରାଜ୍ୟ ଶିଳ୍ପନୀତି କିପରି ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ପାଇଁ ସହାୟକ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିଛନ୍ତି। ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେବାସହ ଓଡ଼ିଶାର ଶକ୍ତିକ୍ଷେତ୍ର ଉପରେ ଆଧାରିତ ଏକ କଫି ଟେବୁଲ ବୁକ୍‌ର ଉନ୍ମୋଚନ କରାଇଛନ୍ତି। ଏହି ଅବସରରେ ଶକ୍ତିମନ୍ତ୍ରୀ ଦେବଙ୍କ ଦ୍ୱାରା ଅକ୍ଷୟ ଶକ୍ତି ଚାମ୍ପିୟନ ପୁରସ୍କାରରେ ୨ଟି କମ୍ପାନୀକୁ ସମ୍ମାନିତ କରାଯାଇଛି। ରାଜ୍ୟରେ ପ୍ରଥମ ଏବଂ ସବୁଠାରୁ କମ୍ ମୂଲ୍ୟର ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ମୀନାକ୍ଷୀ ପାୱାର ଲିମିଟେଡ୍‌କୁ ଏବଂ ଓଡ଼ିଶାରେ ସର୍ବାଧିକ ସୌରଶକ୍ତି ଉତ୍ପାଦନ ପାଇଁ ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍‌କୁ ସମ୍ବର୍ଦ୍ଧିତ କରାଯାଇଛି। ଅପରପକ୍ଷରେ ପ୍ୟାନେଲ ବୈଠକରେ ଉଦ୍ୟୋଗ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ତଥା ଭାରତୀୟ ଅକ୍ଷୟ ଶକ୍ତି ବିଭାଗର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ୱାରି), ପରିଚାଳନା ନିର୍ଦ୍ଦେଶକ (ଏଏମ୍‌ପି ଏନର୍ଜି), ସଭାପତି (ଆଇ ଫରେଷ୍ଟ), ଭାରତୀୟ ତୈଳ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସଭାପତି (ରିନିୟୁ ପାୱାର), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏଜୁର ପାୱାର), ମୁଖ୍ୟ ପରିଚାଳନା ଅଧିକାରୀ (ଅଭଡ଼ା ଏନର୍ଜି ), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍) ଏବଂ ବିଶ୍ୱବ୍ୟାଙ୍କର ଗ୍ରୀନ୍ ହାଇଡ୍ରୋଜେନ୍ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।





ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶୁକ୍ରବାର ଖେଳକୁ ନେଇ ପ୍ରସ୍ତୁତ କଳାକୃତି।


ସୂର୍ଯ୍ୟମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚରେ କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରମାଦେବୀଙ୍କ ଜୟନ୍ତୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- . ମେକ୍ ଇନ୍ ଓଡ଼ିଶା କନକ୍ଲେଭ, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ରମାଦେବୀ ବିଶ୍ୱବିଦ୍ୟାଳୟ ୮ମ ପ୍ରତିଷ୍ଠା ଦିବସ, ବିଶ୍ୱବିଦ୍ୟାଳୟ ପରିସର, ଶହୀଦ ନଗର, ପୂର୍ବାହ୍ନ ୧୦ଟା ୫୫।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ 'ଆଜିର ସୃଜନୀ', ଆର୍ଯ୍ୟ ପ୍ୟାଲେସ ହୋଟେଲ, ଅପରାହ୍ନ ୪ଟା।
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ କଳା ପ୍ରଦର୍ଶନ, ସୂଚନା ଭବନ, ଅପରାହ୍ନ ୪ଟା ୩୦।
- ଲୋୟଲା ସ୍କୁଲ ପକ୍ଷରୁ ସିନିୟର ପ୍ୟାରେଣ୍ଟ୍ସ ନାଇଟ୍-୨୦୨୨, ସ୍କୁଲ ପରିସର, ଅପରାହ୍ନ ୫ଟା।
- ରଶ୍ମିତା ପ୍ରକାଶନୀ ଓ ପ୍ରତିଭା ପ୍ରଶସ୍ତି ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ଦକ୍ଷିଣେଶ୍ୱର ମନ୍ଦିର, ପୋଖରୀପୁଟ, ସନ୍ଧ୍ୟା ୭ଟା।

**କଟକ**

- ମା' ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ମା' ରମାଦେବୀଙ୍କ ଜୟନ୍ତୀରେ ଆଲୋଚନା ସଭା, ଗାନ୍ଧୀଭବନ, ବାଖରାବାଦ, ଅପରାହ୍ନ ୫ଟା।

**କୋଣାର୍କ**

- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା। ବାଲୁକା କଳା ମହୋତ୍ସବ, ଚନ୍ଦ୍ରଭାଗା, ଅପରାହ୍ନ ୪ଟା।

**ନିମାପଡ଼ା**

- ପିପିଡବ୍ଲୁଓ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ସମାରୋହ ଓ ସଚେତନତା ପଦଯାତ୍ରା, ପିପିଡବ୍ଲୁଓ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

# ମଣିପୁରୀ ନୃତ୍ୟରେ ବୈଷ୍ଣବ ତତ୍ତ୍ୱ ମନ ମୋହିଲା

**ବାଲୁକା କଳାରେ ଓଡ଼ିଶାର କ୍ରୀଡ଼ା ଓ ନାରୀ ସଶକ୍ତୀକରଣ**

କୋଣାର୍କ,୨।୧୨(ଡି.ଏନ୍.ଏ.)

**କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**


ଶାସ୍ତ୍ରୀୟ ମଣିପୁରୀ ନୃତ୍ୟ ସହ ରାଧାକୃଷ୍ଣଙ୍କ ଅମର ପ୍ରେମ ଆଧାରିତ ବସନ୍ତରାସ ପରିବେଷଣ।

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ କୋଣାର୍କ ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଉତ୍ସବରେ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଯଶଓ୍ୱାନ୍ତ ସିଂ, ନେପାଳର ରାଷ୍ଟ୍ରଦୂତ ଶଙ୍କର ପ୍ରସାଦ ଶର୍ମା, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ପୁରୀ ଏସ୍‌ପି କେ. ବିଶାଲ ସିଂ, କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ଡା. ଏସ୍. କେ. ଦାଶ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ଜବାହରଲାଲ ନେହେରୁ ମଣିପୁରୀ ଡ୍ୟାନ୍ସ ଏକାଡେମୀର ଗୁରୁ ଏଲ. ଉପେନ୍ଦ୍ର ନାଥ ଶର୍ମା ଓ ସାଥୀ କଳାକାରମାନଙ୍କ ଦ୍ୱାରା ବୈଷ୍ଣବ ତତ୍ତ୍ୱ ଉପରେ ଆଧାରିତ ଶାସ୍ତ୍ରୀୟ ମଣିପୁରୀ ନୃତ୍ୟ ସହ ରାଧାକୃଷ୍ଣଙ୍କ ଅମର ପ୍ରେମ ଉପରେ ଆଧାରିତ ବସନ୍ତରାସକୁ ଶିଳ୍ପୀମାନେ ପରିବେଷଣ କରିଥିଲେ। ଯାହା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଏକ ସାଂସ୍କୃତିକ ଭାବାବେଗ ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ବୈଷ୍ଣବ ତତ୍ତ୍ୱ ଦର୍ଶନ ଉପରେ ଆଧାରିତ ରାଧାକୃଷ୍ଣ ଓ ଗୋପବାଳୀଙ୍କ ରାସର ପୃଷ୍ଠ ଭୂମିରେ ମଣିପୁରୀ ଶାସ୍ତ୍ରୀୟ ନୃତ୍ୟରେ ଭକ୍ତିର ମାର୍ଗକୁ ଶିଳ୍ପୀମାନେ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟ ଚରଣରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଓଡ଼ିଶୀ ନୃତ୍ୟାଙ୍ଗନା ମୀରା ଦାସ ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି ପରିବେଷଣ କରାଯାଇଥିଲା। ପରେ ଝିଂଝୋଟି ପଲ୍ଲବୀ ଓ ଅନ୍ତିମ ଚରଣରେ ନାରୀ ଜୀବନର ଜ୍ଞାତପୂତ ଗାଥା ଉପରେ ମୀରା ଦାସ ଓ ସାଥୀ କଳାକାରମାନଙ୍କ ଦ୍ୱାରା ସାମାଜିକ ଚେତନାର ଜାଗରଣ ଉପରେ ଏକ ବାର୍ତ୍ତା ବହନ କରିଥିଲା। କଳାକାରଙ୍କ ମଣିପୁରୀ ଓ ଓଡ଼ିଶୀ ନୃତ୍ୟ ଦ୍ୱାରା ଦର୍ଶକ ମୋହିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ନାଜିଆ ଆଲମ ସଂଯୋଜନା କରିଥିଲେ।

ଅପରପକ୍ଷେ ପୁରାଣ ବର୍ଣ୍ଣିତ ଚନ୍ଦ୍ରଭାଗା ତୀର୍ଥ କୂଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନ ସମାରୋହରେ ବାଲୁକା ଶିଳ୍ପୀମାନେ ଓଡ଼ିଶାର କ୍ରୀଡ଼ା ଓ ନାରୀ ସଶକ୍ତୀକରଣ ଉପରେ ନିଜର କଳା ପ୍ରଦର୍ଶନ କରିଥିଲେ। ଏଥିରେ ନାରୀ ସଶକ୍ତୀକରଣ ଓ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ଏକ ସଚେତନତା ବାର୍ତ୍ତା ପ୍ରଚାର କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ସଦୃଶ ରହିଥିଲା। ଏହି କଳାକୃତି ଦେଖିବାକୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ ସଂଗୀତ ସହ ଚନ୍ଦ୍ରଭାଗା ବେଳାଭୂମି କୂଳରେ ବାଲୁକା ଶିଳ୍ପୀଙ୍କ ନିଖୁଣ କଳାକୃତି ଓଡ଼ିଶାର କଳା ଓ ସଂସ୍କୃତିର ଏକ ପରିଭାଷା ସଦୃଶ ବୋଲି ପର୍ଯ୍ୟଟକମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଡ. ସଙ୍ଗୀତା ଗୋସାଇଁଙ୍କ ସମେତ ଓଡ଼ିଶା ପର୍ଯ୍ୟଟନ ବିଭାଗର ଅଧିକାରୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପଦାଧିକାରୀମାନେ ପରିଚାଳନା କରିଥିଲେ। ସେହିଭଳି ହେଲିପ୍ୟାଡ ପଡ଼ିଆରେ ହୋଇଥିବା ମିନାବଜାରରେ ମଧ୍ୟ ଦର୍ଶକଙ୍କ ଭିଡ଼ ଜମିଥିଲା।

# ନାଗାଲାଣ୍ଡର ମୋଟେନ ହାମ୍ଵା ଚାଙ୍ଗ୍ ଗ୍ରାଣ୍ଡ ଉଇନର

ପୁରୀ ଅଫିସ, ୨।୧୨



ପ୍ରତିଯୋଗିତାରେ ଭାଗ ନେଇଥିବା ମଡେଲମାନେ।

**ଜାତୀୟସ୍ତରୀୟ ମଡେଲିଂ ପ୍ରତିଯୋଗିତା**

- ■ବିଷ୍ଣୁପଦ ସାହୁଙ୍କୁ ମିଷ୍ଟର ଇଣ୍ଡିଆ ପାସିଫିକ୍ ଟାଇଟଲ
- ■ସାଗରିକା ପାଣିଗ୍ରାହୀ ମିସ୍ ଇଣ୍ଡିଆ କାଟାଗୋରି ବିଜେତା

ଗ୍ଲୋବାଲ ମଡେଲ ଇଣ୍ଡିଆ ପକ୍ଷରୁ ଜାତୀୟସ୍ତରୀୟ ମଡେଲିଂ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ପୁରୀ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଗୋଆ, ନାଗାଲାଣ୍ଡ, ଆସାମ, ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ ଓ ଝାଡ଼ଖଣ୍ଡ ପ୍ରଭୃତି ବିଭିନ୍ନ ରାଜ୍ୟରୁ ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଗ୍ରାଣ୍ଡ ଉଇନର ହୋଇଛନ୍ତି ନାଗାଲାଣ୍ଡର ମୋଟେନ ହାମ୍ଵା ଚାଙ୍ଗ। ସେହିପରି ମିସ୍ କାଟାଗୋରିରେ ସାଗରିକା ପାଣିଗ୍ରାହୀ ଓ ମିଷ୍ଟର କାଟାଗୋରିରେ ନାଗାଲାଣ୍ଡର ଟୋନୋଟୋ ରିମୋମି ବିଜେତା ହୋଇଛନ୍ତି। ମହାରାଷ୍ଟ୍ର ପୁଣେର କୈଫ ଖାନ୍ ମ୍ୟାନ ଅଫ ୟୁନିଭର୍ସ ଇଣ୍ଡିଆ ଏବଂ ଓଡ଼ିଶା ବାଲେଶ୍ୱରର ବିଷ୍ଣୁପଦ ସାହୁ ମିଷ୍ଟର ଇଣ୍ଡିଆ ପାସିଫିକ ଟାଇଟଲ ଜିତିଛନ୍ତି। ଏହି ୫ଜଣ ବିଜେତା ବିଭିନ୍ନ ପ୍ରତିଯୋଗିତାରେ ବିଭିନ୍ନ ଦେଶରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅତିଥି ଭାବେ ଫିଲିଫାଇନ୍ସର ଅନ୍ତର୍ଜାତୀୟ ଫଟୋଗ୍ରାଫର ଜେରାର୍ଡ ରୁବିଭାର, ବଲିଉଡ୍ ସେଲିବ୍ରିଟି ଡ. ଫାରୁକ୍ ହବିବ୍, ମିଷ୍ଟର ଏସିଆ ସୁରଜ କୁମାର, ମିଷ୍ଟଲ ଗ୍ଲୋବାଲ ଦେବାଶିଷ ଦୀପା, ମିଷ୍ଟର ୱାର୍ଲ୍ଡ ଇଣ୍ଟର ନ୍ୟାଶନାଲ-୨୦୨୨ ରିଷଭ ବର୍ମା ଏବଂ ମିଷ୍ଟର ୟୁନିଭର୍ସାଲ ପ୍ରିକସ୍ ବିନାୟକ ରଶନ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଜେତାମାନେ ବିଦେଶରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଅମର ସୋନାୱାନ ଏବଂ ନେଶନୱାଇଡ ନିର୍ଦ୍ଦେଶକ ପ୍ରୀତମ ବାଗ ପରିଚାଳନା କରିଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଆଗକୁ ଏହି ପ୍ରତିଯୋଗିତାକୁ ବଡ଼ ଆକାରରେ ପାଳନ କରାଯିବ ବୋଲି ଆୟୋଜକମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପ୍ରତିଯୋଗିତାକୁ ୫୦ଟି ଦେଶରେ ଫେସ୍‌ବୁକ୍ ମାଧ୍ୟମରେ ଲାଇଭ ପ୍ରଦର୍ଶନ କରାଯାଇଥିଲା।

# ୧୧୫ ପୌରାଞ୍ଚଳରେ ଖୋଲିବ ୨୦୫୫ ୱାର୍ଡ କାର୍ଯ୍ୟାଳୟ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

- ■ଜାନୁୟାରୀ ୨୬ରୁ କାର୍ଯ୍ୟକ୍ଷମ
- ■ପ୍ରତି ୱାର୍ଡରେ ମୁକ୍ତାକାଶ ବ୍ୟାୟାମଶାଳା ଓ ଶିଶୁ ଖେଳକେନ୍ଦ୍ର

ରାଜ୍ୟର ୧୧୫ ପୌରାଞ୍ଚଳର ସମସ୍ତ ୨୦୫୫ ୱାର୍ଡରେ ମୌଳିକ ସୁବିଧାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତା ଜାନୁଆରୀ ୨୬ରୁ ଏହି ୱାର୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ସେହିପରି ୨୦୨୩-୨୪ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଫ୍ଲାଗଶିପ୍ କାର୍ଯ୍ୟକ୍ରମ 'ମୁକ୍ତା' ଅଧୀନରେ ୱାର୍ଡୱାରୀ ବାର୍ଷିକ ଆକ୍ସନ ପ୍ଲାନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ବିଭାଗୀୟ ପ୍ରମୁଖ ସଚିବ ଜି. ମାଥିଭାଥନନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

୧୧୫ ପୌରାଞ୍ଚଳର ସମସ୍ତ ୨୦୫୫ ୱାର୍ଡରେ ମୌଳିକ ସୁବିଧାକୁ ଗୁରୁତ୍ୱ ଦିଆଯିବ। କାର୍ଯ୍ୟାରମ୍ଭ ପୂର୍ବରୁ ପୌରାଞ୍ଚଳୱାରୀ ଆକ୍ସନପ୍ଲାନଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିବେ। ଆସନ୍ତା ୧୫ ତାରିଖ ସୁଦ୍ଧା ୨୦୨୩-୨୪ ପାଇଁ ଆକ୍ସନ ପ୍ଲାନ ବିଭାଗକୁ ପଠାଇବାକୁ କୁହାଯାଇଛି। କୌଣସି ୱାର୍ଡ ଏଥିରୁ ବାଦ୍ ନ ପଡ଼ିବା ନେଇ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ୧୧୫ ପୌରାଞ୍ଚଳରେ ୨୦୫୫ ମୁକ୍ତାକାଶ ବ୍ୟାୟାମଶାଳା (ଓପନ୍ ଏୟାର ଜିମ୍) ଏବଂ ୨୦୫୫ ଶିଶୁ ଖେଳ କେନ୍ଦ୍ର (ଚାଇଲ୍ଡ ପ୍ଲେ ଷ୍ଟେଶନ) ପ୍ରତିଷ୍ଠା କରାଯିବ। ଉପଯୁକ୍ତ ପ୍ରକଳ୍ପ ଏବଂ ସମ୍ଭାବ୍ୟ ମିଶନ୍ ଶକ୍ତି ଗ୍ରୁପ୍/ଏସ୍‌ଡିଏକୁ କାର୍ଯ୍ୟକାରୀ ସଂସ୍ଥା ଭାବେ ମନୋନୟନ କରିବାରେ ୱାର୍ଡସ୍ତରୀୟ ଓ ପୌରାଞ୍ଚଳସ୍ତରୀୟ କମିଟିଗୁଡ଼ିକ ସକ୍ରିୟ ଭୂମିକା ଗ୍ରହଣ କରିବେ। ମିଶନ ଶକ୍ତି ଗ୍ରୁପ ଏବଂ ଏସ୍‌ଡିଏ ସମ୍ପୃକ୍ତିରେ 'ମୁକ୍ତା' ଅଧୀନରେ ସବୁ ପ୍ରକଳ୍ପ କାର୍ଯ୍ୟ କରିବ। ସେହିପରି ନଗର ଭିତ୍ତିଭୂମି ଅଧୀନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ସମସ୍ତ ପ୍ରକଳ୍ପର କାର୍ଯ୍ୟ ଆସନ୍ତା ୨୦୨୩ ମାର୍ଚ୍ଚ ସୁଦ୍ଧା ଶେଷ ହେବା ଦରକାର ବୋଲି କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ଓଏସ୍‌ଡି ସଞ୍ଜୟ ପାରମାଣିକ, ଅତିରିକ୍ତ ସଚିବ ପ୍ରଭାତ ମହାପାତ୍ର ଏବଂ 'ସୁଡା' ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଶ୍ୱରୂପା


@ ଭାରତୀ


@ ନିଝରୀ


@ ତପସ୍ୱିନୀ


@ ସତ୍ୟନାରାୟଣ


@ ନୀହାରରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରି-ପ୍ରାଇମେରୀ ଶିକ୍ଷୟିତ୍ରୀ ମାନ୍ୟତା ସହ ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ)


ରାଜ୍ୟର ପ୍ରମୁଖ ହତ୍ୟାକାଣ୍ଡ, ଶିଶୁ ଚୋରି, ଅଙ୍ଗ ତସ୍କର ଘଟଣାକୁ ପୋଲିସ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ଚାପରେ ଚାପି ଦେଉଥିବାରୁ ନ୍ୟାୟ ପାଇଁ ଲଢ଼େଇ କରୁଥିବା ସମ୍ପୃକ୍ତ ପରିବାର ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ)

# ନୂଆ ଏୟାରପୋର୍ଟ ଛକରୁ ଫାୟାର ଷ୍ଟେଶନ ନୋ ପାର୍କିଂ ଏରିଆ

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ସଜେଇ ହେଉଛି ରାଜଧାନୀ। ସୌନ୍ଦର୍ଯ୍ୟକରଣ ସହିତ ସହରର ପାର୍କିଂ ବ୍ୟବସ୍ଥାକୁ ସଜାଡ଼ିବାକୁ ଅଣ୍ଟା ଭିଡ଼ିଛି ବିଏମ୍‌ସି। ଏହି କ୍ରମରେ ନୂଆ ଏୟାରପୋର୍ଟ ଛକଠାରୁ ଫାୟାର ଷ୍ଟେଶନ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଏରିଆ ଚିହ୍ନଟ କରାଯାଇଛି। ଏହି ରାସ୍ତାରେ ଗାଡ଼ି ପାର୍କିଂ ବାରଣ କରାଯାଇଛି। ଏନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ମାଇକ ଯୋଗେ ଲୋକଙ୍କୁ ସଚେତନ କରାଯାଇଛି। ନୂଆ ଏୟାରପୋର୍ଟ ଛକଠାରୁ ଓୟୁଏଟି, ଡେଲ୍‌ଟା ଛକ ଦେଇ ଫାୟାର ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତାକୁ ନୋ ପାର୍କିଂ ଏରିଆ ଭାବେ ଚିହ୍ନଟ କରାଯାଇଛି। ତେଣୁ ଏହି ସ୍ଥାନଗୁଡିକରେ ଗାଡି ପାର୍କିଂ କଲେ କମିଶନରେଟ୍ ପୋଲିସ୍ ଗାଡ଼ି ଉଠାଇନେବ ବୋଲି ବିଜ୍ଞପ୍ତି ଜାରି କରିଛି।

**ନିୟମ ଖିଲାପ କଲେ ଦୋକାନ ସିଲ୍**

ଏଥିସହ ଜରିମାନା ଏବଂ ଆବଶ୍ୟକ ପଡିଲେ ସମ୍ପୃକ୍ତ ଦୋକାନ, ମଲ୍, ଆପାର୍ଟମେଣ୍ଟ ଏବଂ ସରକାରୀ, ବେସରକାରୀ ଅନୁଷ୍ଠାନକୁ ସିଲ୍ ମଧ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ଏହିସବୁ ଅଞ୍ଚଳରେ ଥିବା ଅନୁଷ୍ଠାନ ବା ଦୋକାନକୁ ଆସୁଥିବା ଲୋକମାନେ ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରିପାରିବେ ନାହିଁ। ସମ୍ପୃକ୍ତ ଅନୁଷ୍ଠାନ ବା ପ୍ରତିଷ୍ଠାନର ଥିବା ପାର୍କିଂ ସ୍ଥଳରେ ହିଁ ଗାଡି ପାର୍କିଂ ହେବ। ଯେଉଁମାନଙ୍କର ପାର୍କିଂ ବ୍ୟବସ୍ଥା ନ ଥିବ ସେମାନଙ୍କ ଦୋକାନ ସିଲ୍ କରାଯିବ ବୋଲି ସୂଚନା ଦିଆଯାଇଛି। ନୋ ପାର୍କିଂ ସ୍ଥାନରେ ଗାଡ଼ି ରଖିବାରୁ ଶୁକ୍ରବାର ପ୍ରାୟ ୩୦ଟି ଗାଡ଼ିକୁ ପୋଲିସ ଉଠାଇ ନେଇଛି। ବିଏମ୍‌ସି ଡେପୁଟି କମିଶନର (ରେଭିନ୍ୟୁ) ସପନ କୁମାର ନନ୍ଦ, ଟ୍ୱିନ୍‌ସିଟି ଟ୍ରାଫିକ୍ ଡିସିପି ଠାକୁର ପ୍ରସାଦ ପାତ୍ର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିବା ସହ ସ୍ଥିତି ପରଖିଥିଲେ।

ଅପରପକ୍ଷେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ମଧ୍ୟ ଶହୀଦନଗରର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ଗାଡ଼ି ପାର୍କିଂ ପାଇଁ ବାରଣ କରାଯାଇଛି। ଆଇଡିବିଆଇ ବ୍ୟାଙ୍କ ଛକରୁ ଭେଟେନାରୀ କଲେଜ୍, ଏମ୍ପାୟର୍ସ ହୋଟେଲ ଦେଇ ଜାତୀୟ ରାଜପଥ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକଡ଼, ଆଲୋକ ଭାରତୀ ବିଲ୍ଡିଂଠାରୁ ଶହୀଦନଗର ଦୁର୍ଗାପୂଜା ମଣ୍ଡପ ଦେଇ ଯାଇଥିବା ରାସ୍ତାକଡ଼, ଜନପଥ କଡ଼ରେ ଥିବା କଲ୍ୟାଣ ଜୁଏଲର୍ସରୁ ସ୍ୱର୍ଶ ହସ୍ପିଟାଲ, ତୃପ୍ତି ସର୍ଭିସ ଷ୍ଟେଶନଠାରୁ ଶହୀଦନଗର ପ୍ରବେଶ ପଥ ପର୍ଯ୍ୟନ୍ତ ରାସ୍ତାକୁ ନୋ ପାର୍କିଂ ଚିହ୍ନଟ କରାଯାଇଛି। ଏନେଇ ବିଏସ୍‌ସିଏଲ୍ ପକ୍ଷରୁ ବିଏମ୍‌ସିକୁ ଚିଠି କରାଯାଇଥିବାବେଳେ ଆସନ୍ତା ୨/୩ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂହ, ଅତିରିକ୍ତ ପୋଲିସ୍ କମିଶନର ଉମାଶଙ୍କର ଦାସଙ୍କ ସମେତ ବିଏସସିଏଲ୍ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶୁକ୍ରବାର ରାଜଧାନୀର ଦୁଇଟି ବହୁତଳ ପାର୍କିଂସ୍ଥଳ ପରିଦର୍ଶନ କରିଛନ୍ତି। ଶହୀଦନଗର ଓ ରାଜମହଲ ସ୍ଥିତ ଉଭୟ ପାର୍କିଂ ସ୍ଥଳ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଧିକାରୀମାନେ ଏଠାରେ ପହଞ୍ଚି ବିଭିନ୍ନ ଦିଗରୁ ସମୀକ୍ଷା କରିଛନ୍ତି।

# '୫ ସୁଦ୍ଧା ଓଟିଏମ୍‌କୁ ହାତକୁ ନିଅନ୍ତୁ ସରକାର'

କଟକ ଅଫିସ,୨।୧୨:

ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆସନ୍ତା ୫ ତାରିଖ ଅପରାହ୍ନ ୪ଟା ସୁଦ୍ଧା ରାଜ୍ୟ ସରକାର ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେବେ। କମ୍ପାନୀର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧିଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିବେ। ଏହି ସମୟ ମଧ୍ୟରେ ସରକାର ଯଦି ହସ୍ତାନ୍ତର କାର୍ଯ୍ୟ କରି ନ ପାରନ୍ତି ତେବେ ମାସକୁ ୬ ଲକ୍ଷ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିବେ। ଆସନ୍ତା ୬ ତାରିଖ ପରବର୍ତ୍ତୀ ଶୁଣାଣିବେଳେ ଏ ସମ୍ପର୍କିତ ତଥ୍ୟ ସତ୍ୟପାଠ ଆକାରରେ ଅଦାଲତଙ୍କୁ ଅବଗତ କରାଇବାକୁ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାର ଓଟିଏମ୍‌କୁ ହାତକୁ ନେବେ ଓ ସେଠାରେ ଟେକ୍ସଟାଇଲ ପାର୍କ ନିର୍ମାଣ ହେବ ବୋଲି ହାଇକୋର୍ଟଙ୍କୁ ପୂର୍ବ ଶୁଣାଣିରେ ଅବଗତ କରାଇଥିଲେ। ଏଥିପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଆବଶ୍ୟକ ଅର୍ଥ ପଇଠ କରିଥିଲେ। ଉକ୍ତ ଅର୍ଥକୁ ବ୍ୟାଙ୍କରେ ସ୍ଥାୟୀ ଜମା ରଖାଯାଇଛି। ପରବର୍ତ୍ତୀ ସମୟରେ ଏହି ଅର୍ଥ ଓଟିଏମ୍‌ର ଅଂଶୀଦାର ଓ ପୂର୍ବତନ କର୍ମଚାରୀଙ୍କ ମଧ୍ୟରେ ବଣ୍ଟାଯିବ। ଅର୍ଥ ପାଇଁ ହକ୍‌ଦାର ବ୍ୟକ୍ତିମାନେ ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ପୃଥକ ଭାବେ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ଅର୍ଥ ପଇଠ କରିବା ସତ୍ତ୍ୱେ ଓଟିଏମ୍‌କୁ ହାତକୁ ନେଉ ନଥିବାକୁ ନେଇ ଶୁକ୍ରବାର ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ହାତକୁ ନେବା କାର୍ଯ୍ୟ ବିଳମ୍ବିତ ହେଉଥିବା କାରଣରୁ ଅଫିସିଆଲ ଲିକ୍ୟୁଡେଟରଙ୍କ ଉପରେ ଅଯଥା ଚାପ ପଡୁଥିବାରୁ ହାଇକୋର୍ଟ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ପୂର୍ବତନ କର୍ମଚାରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।




# ଦୋକାନୀଙ୍କୁ ଗୋଡ଼ାଇ ପିଟିଲେ, ଘୋଷାରି ନେଲେ

ଭୁବନେଶ୍ୱର, ୨।୧୨ (ବ୍ୟୁରୋ) :

ଜନଗହଳିପୂର୍ଣ୍ଣ ଭୁବନେଶ୍ୱର ଷ୍ଟେଶନ ପରିସରରେ ଶୁକ୍ରବାର ଜଣେ ଦୋକାନୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଅନ୍ୟ କେତେଜଣ ଦୋକାନୀ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଗୋଡ଼ାଇ ପିଟିଛନ୍ତି। ପ୍ରଥମେ ଷ୍ଟେଶନ ସମ୍ମୁଖ ରାସ୍ତାରେ ଆକ୍ରମଣ ହେବାରୁ ସେ ଷ୍ଟେଶନକୁ ଦୌଡ଼ି ପଳାଇଥିଲେ। ଦୋକାନୀମାନେ ଗୋଡ଼ାଇ ପିଟିବା ସହ ଘୋଷାରି ନେଇ ବିଧା, ଗୋଇଠା ମାରିବାରୁ ସେ ଅଚେତ ହୋଇପଡିଥିଲେ। ଷ୍ଟେଶନ ଭିତରେ ଦୁର୍ବୃତ୍ତଙ୍କ ଆତଙ୍କରାଜ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା। ଯାତ୍ରୀମାନେ ଭୟରେ ପାଟି ଖୋଲି ନ ଥିଲେ। ଆଉ ଯେଉଁମାନେ ଆକ୍ରମଣର ଶିକାର ଯୁବକଙ୍କୁ ବଞ୍ଚାଇବାକୁ ଆସୁଥିଲେ ଆକ୍ରମଣକାରୀମାନେ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଛୁରି ଦେଖାଇ ଡରାଇଥିଲେ। ୨୦ ମିନିଟ ଧରି ଏଭଳି ଅମାନୁଷିକ କାଣ୍ଡ ଘଟି ଚାଲିଥିଲେ ମଧ୍ୟ ବିଳମ୍ବରେ ପୋଲିସ ପହଞ୍ଚିଲା।



ଏହାପରେ ଆକ୍ରମଣକାରୀ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲ ପଠାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଆକ୍ରମଣକାରୀଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

**ଭୁବନେଶ୍ୱର ରେଳ ଷ୍ଟେଶନରେ ଆତଙ୍କରାଜ**

- ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ
- ଅନ୍ୟ ଦୋକାନୀଙ୍କ ସହ ପୂର୍ବରୁ ବିବାଦ ଥିଲା

ପୋଲିସ ସୂଚନାନୁସାରେ, ଆହତଙ୍କ ନାଁ ଟୁନା। ସେ ରେଳ ଷ୍ଟେଶନ ବାହାରେ ଦୋକାନ ଦେଇଥିଲେ। ଆକ୍ରମଣକାରୀମାନେ ମଧ୍ୟ ସେଠାରେ ଛୋଟମୋଟ ଦୋକାନ ଦେଇଛନ୍ତି। ବ୍ୟବସାୟକୁ ନେଇ ଟୁନା ପ୍ରାୟ ସମୟରେ ଅନ୍ୟ ଦୋକାନୀଙ୍କ ସହ ପାଟିତୁଣ୍ଡ ଓ ଗଣ୍ଡଗୋଳ କରିଥାନ୍ତି। ଶୁକ୍ରବାର ଟୁନା ମଦ୍ୟପାନ କରି ଅନ୍ୟ ଦୋକାନୀଙ୍କ ସହ ଝଗଡା କରିବା ସହ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଅନ୍ୟ ଦୋକାନୀମାନେ ଏକାଠି ହୋଇ ଆକ୍ରମଣ କରିଥିଲେ।

# ୨୧ ପ୍ରେକ୍ଷାଳୟରେ 'ପ୍ରତୀକ୍ଷା'ର ଶୁଭମୁକ୍ତି

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଶୁକ୍ରବାର ରାଜ୍ୟର ୧୪ଟି ସହରର ୨୧ଟି ପ୍ରେକ୍ଷାଳୟରେ ୨୬ଟି ଶୋ' ସହ ଶୁଭମୁକ୍ତି ହୋଇଛି। ଏଥିସହ ରାଜ୍ୟ ବାହାରେ ବେଙ୍ଗାଲୁରୁସ୍ଥିତ ଗୋପାଳନ ମିନିପ୍ଲେକ୍ସରେ ଏହା ପ୍ରଦର୍ଶିତ ହୋଇଛି। ଏକ ମଧ୍ୟବିତ୍ତ ପରିବାରର ସ୍ୱପ୍ନ, ନିରାଶା ଏବଂ ଆକାଂକ୍ଷାକୁ ନେଇ ପ୍ରସ୍ତୁତ ଏହି ଫିଲ୍ମରେ ବାପା ଓ ପୁଅର ସମ୍ପର୍କ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ଏକ କ୍ଷୁଦ୍ରଗଳ୍ପ ଆଧାରରେ ଏହା ପ୍ରସ୍ତୁତ ହୋଇଛି। ରୋଶନ ବିଷୋଇ ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବାବେଳେ ବର୍ଷା ପଟ୍ଟନାୟକ କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଅଛନ୍ତି। ଅମୀୟ ପଟ୍ଟନାୟକ ପ୍ରଡକ୍ସନ ନିବେଦିତ 'ପ୍ରତୀକ୍ଷା'ରେ ମୁଖ୍ୟ କଳାକାର ଭାବେ ଦୀପନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସଙ୍କ ସହ ବର୍ଷା ପଟ୍ଟନାୟକ, ଶ୍ରୀଲା ତ୍ରିପାଠୀ, ରୂପାମ୍ବିକା ନାୟକ, ସୁଶୀଲ ମିଶ୍ର, ଅବକାଶ ମିଶ୍ର ଓ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ରହିଛନ୍ତି।


















# ୫ ସୁଦ୍ଧା ଓଟିଏମ୍‌କୁ ହାତକୁ ନିଅ: ହାଇକୋର୍ଟ

**ଓଟିଏମ୍ ପୁନରୁଦ୍ଧାର ମାମଲା**

■ବିଳମ୍ବ ହେଲେ ମାସକୁ ୬ ଲକ୍ଷ ଦେବେ ରାଜ୍ୟ ସରକାର

କଟକ ଅଫିସ,୨।୧୨

ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆସନ୍ତା ୫ ତାରିଖ ଅପରାହ୍ନ ୪ଟା ସୁଦ୍ଧା ରାଜ୍ୟ ସରକାର ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେବେ। କମ୍ପାନୀର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧିଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିବେ। ଏହି ସମୟ ମଧ୍ୟରେ ସରକାର ଯଦି ହସ୍ତାନ୍ତର କାର୍ଯ୍ୟ କରି ନ ପାରନ୍ତି ତେବେ ମାସକୁ ୬ ଲକ୍ଷ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିବେ। ଆସନ୍ତା ୬ ତାରିଖ ପରବର୍ତ୍ତୀ ଶୁଣାଣିବେଳେ ଏ ସମ୍ପର୍କିତ ତଥ୍ୟ ସତ୍ୟପାଠ ଆକାରରେ ଅଦାଲତଙ୍କୁ ଅବଗତ କରାଇବାକୁ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାର ଓଟିଏମ୍‌କୁ ହାତକୁ ନେବେ ଓ ସେଠାରେ ଟେକ୍ସଟାଇଲ ପାର୍କ ନିର୍ମାଣ ହେବ ବୋଲି ହାଇକୋର୍ଟଙ୍କୁ ପୂର୍ବ ଶୁଣାଣିରେ ଅବଗତ କରାଇଥିଲେ। ଏଥିପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଆବଶ୍ୟକ ଅର୍ଥ ପଇଠ କରିଥିଲେ। ଉକ୍ତ ଅର୍ଥକୁ ବ୍ୟାଙ୍କରେ ସ୍ଥାୟୀ ଜମା ରଖାଯାଇଛି। ପରବର୍ତ୍ତୀ ସମୟରେ ଏହି ଅର୍ଥ ଓଟିଏମ୍‌ର ଅଂଶୀଦାର ଓ ପୂର୍ବତନ କର୍ମଚାରୀଙ୍କ ମଧ୍ୟରେ ବଣ୍ଟାଯିବ। ଅର୍ଥ ପାଇଁ ହକ୍‌ଦାର ବ୍ୟକ୍ତିମାନେ ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ପୃଥକ ଭାବେ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସରକାର ଅର୍ଥ ପଇଠ କରିବା ସତ୍ତ୍ୱେ ଓଟିଏମ୍‌କୁ ହାତକୁ ନେଉ ନଥିବାକୁ ନେଇ ଶୁକ୍ରବାର ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ହାତକୁ ନେବା କାର୍ଯ୍ୟ ବିଳମ୍ବିତ ହେଉଥିବା କାରଣରୁ ଅଫିସିଆଲ ଲିକ୍ୟୁଡେଟରଙ୍କ ଉପରେ ଅଯଥା ଚାପ ପଡୁଥିବାରୁ ହାଇକୋର୍ଟ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ପୂର୍ବତନ କର୍ମଚାରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଟିଏମ୍‌ଠାରୁ କେତେଜଣ କର୍ମଚାରୀ ବକେୟା ପାଇବାକୁ ଅଛନ୍ତି, ଆଉ କେଉଁ ସଂସ୍ଥାଗୁଡ଼ିକ ଓଟିଏମ୍‌ଠାରୁ ବକେୟା ପାଇବାକୁ ରହିଛି, ସରକାର କେତେ ଅର୍ଥ ପାଇବେ, ସେସବୁର ହିସାବ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ ଅଫିସିଆଲ ଲିକ୍ୟୁଡେଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନିଯୁକ୍ତି ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ପକ୍ଷରୁ ହିସାବ କରାଯିବା ପରେ କେଉଁମାନେ କେତେ ଅର୍ଥ ପାଇବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ଏହି ତାଲିକା ଅନୁଯାୟୀ ଓଟିଏମ୍‌କୁ ୧୪୭ କୋଟି ୬୭ ଲକ୍ଷ ୬୩ ହଜାର ୯୭ ଟଙ୍କା ସୁଝିବାକୁ ପଡ଼ିବ। ଏଥିରେ ଯେଉଁ କର୍ମଚାରୀମାନଙ୍କ ବକେୟା ରହିଯାଇଛି ସେ ବାବଦରେ ୯୭ କୋଟି ଟଙ୍କା, ପ୍ରୋଭିଡେଣ୍ଟ ଫଣ୍ଡ୍‌କୁ ୨୦ କୋଟି ୩୦ ଲକ୍ଷ ଟଙ୍କା, ଅନ୍ୟାନ୍ୟ ଷ୍ଟକ୍‌ହୋଲଡରଙ୍କୁ ୨୯ କୋଟି ୮୩ ଲକ୍ଷ ୮୬ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆକଳନ କରାଯାଇଥିଲା। ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ପୂର୍ବରୁ ୩୫ କୋଟି ଟଙ୍କା ରହିଥିଲା। ଆଉ ୧୧୫ କୋଟି ଟଙ୍କାର ଆବଶ୍ୟକ ଥିଲାବେଳେ ରାଜ୍ୟ ସରକାର ଉକ୍ତ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିଥିଲେ।

## ବ୍ଲକ କାର୍ଯ୍ୟାଳୟରୁ ଫାଇଲ ଗାଏବ

କଟକ ସଦର, ୨।୧୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ (ରାଉତସାହି) ଅଙ୍ଗନୱାଡି କେନ୍ଦ୍ର ନଂ-୧ର ନିର୍ମାଣ କାର୍ଯ୍ୟ ୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ବ୍ଲକ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ୬ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିଲା। ମାତ୍ର ଉକ୍ତ କେନ୍ଦ୍ରର ନିର୍ମାଣ ସଂକ୍ରାନ୍ତୀୟ ଫାଇଲ ବ୍ଲକ କାର୍ଯ୍ୟାଳୟରୁ ଗାଏବ ହୋଇଯାଇଥିବା ସମ୍ପର୍କରେ ଜନସୂଚନା ଅଧିକାରୀ ଝାଡେଶ୍ୱର ଦାସ ଜଣାଇଛନ୍ତି। ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ସୂଚନା ଅଧିକାର ଆଇନ ବଳରେ ଖର୍ଚ୍ଚ ସଂକ୍ରାନ୍ତୀୟ ତଥ୍ୟ ମାଗିଥିଲେ। ମାତ୍ର ଫାଇଲଟି ଡେଭଲପମେଣ୍ଟ ସେକ୍ସନରେ ନ ଥିବା ଦାସ ପତ୍ରସଂଖ୍ୟା ୩୫୨୦/୨୫।୧୧।୨୦୨୨ରେ ଜଣାଇଛନ୍ତି। ଉକ୍ତ ଫାଇଲ୍‌ର ହିସାବ ସମୀକ୍ଷା ହୋଇ ନ ଥିବାବେଳେ ଗାଏବ ହୋଇଯିବା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ତେଣୁ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଦ୍ୱିତୀୟ ଅପିଲ କରିବେ ବୋଲି ରାଉଳ କହିଛନ୍ତି।

## ପ୍ରଧାନମନ୍ତ୍ରୀ ସଡ଼କରେ ଯାତାୟାତ ପାଇଁ ବାଉଁଶବୁଦା ବାଧକ

କଟକ ସଦର, ୨।୧୨(ଡି.ଏନ୍.ଏ.)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ବିରିବାଟି-ଅଥଙ୍ଗା ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ବାଉଁଶବୁଦା ରହିଛି। ଫଳରେ ଭାରିଯାନ ଚଳାଚଳରେ ବାଧକ ସୃଷ୍ଟି ହେଉଛି। କାରଣ ରାସ୍ତା ଉପରକୁ ବାଉଁଶ ଶୋଇ ରହିଛି। ମାଛଗାଁ କେନାଲ ବନ୍ଧରେ କେତେଜଣ ଲୋକ ବାଉଁଶବୁଦା ଲଗାଇଛନ୍ତି। ହେଲେ ବାଉଁଶ ରାସ୍ତା ଉପରକୁ ଓହଳିଲେ ସେମାନେ କାଟୁ ନାହାନ୍ତି। ପ୍ରତିଦିନ ଉକ୍ତ ରାସ୍ତା ଦେଇ ଜଗତ୍‌ସିଂହପୁର ଜିଲାର ବହୁସଂଖ୍ୟକ ଲୋକ ଓ ଭାରିଯାନ ଚଳାଚଳ କରିଥାନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।






## 'ବାଉଁଶ, ବେତ ଶିଳ୍ପର ଚାହିଦା ଅଧିକ'

ବାଙ୍କୀ,୨।୧୨(ସ୍ୱ.ପ୍ର.)



ଶିବିରରେ ଯୋଗଦେଇଥିବା ରୋଭର ଓ ରେଞ୍ଜର ସଂସ୍ଥାର ଛାତ୍ରୀଛାତ୍ର।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ସ୍କିଲ ଡେଭେଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ବାଉଁଶ ଓ ବେତ କାରିଗରି ଶିବିର ଉଦ୍‌ଘାଟିତ ହୋଇଯାଇଛି। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାଉଁଶ ଓ ବେତ ଶିଳ୍ପର ଚାହିଦା ସାରା ଦେଶରେ ରହିଛି। ଛାତ୍ରୀଛାତ୍ରମାନେ ଏହି ବିଦ୍ୟା ଶିଖି ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ବେତ ଓ ବାଉଁଶ ଶିଳ୍ପୀ ଏକାଦଶୀ ବାରିକ ପ୍ରଶିକ୍ଷକଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବେତ ଓ ବାଉଁଶର ବିଭିନ୍ନ ସାମଗ୍ରୀ ତିଆରି ପାଇଁ ଶିକ୍ଷା ଦେଇଥିଲେ। ରେଞ୍ଜର ଲିଡର ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଶୃଙ୍ଖଳା, ନିଷ୍ଠା ରହିଲେ ସଫଳତା ମିଳିବ'

**ବାର୍ ଆସୋସିଏଶନ ପକ୍ଷରୁ ଲ' ଲେକ୍ଚର ସିରିଜ୍**

କଟକ ଅଫିସ,୨।୧୨

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷରେ ଲ' ଲେକ୍ଚର ସିରିଜ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଆଇନ ପେସାରେ ଶୃଙ୍ଖଳା ଓ ନିଷ୍ଠା ରହିଲେ ସଫଳତା ହାସଲ ହୋଇପାରିବ ବୋଲି କହିଛନ୍ତି। ମୁଖ୍ୟବକ୍ତା ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଆଇନ୍ ପେସାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ବକ୍ତା ସଞ୍ଜିତ ମହାନ୍ତି କହିଥିଲେ, ଭାରତୀୟ ଗଣତନ୍ତ୍ରକୁ ରକ୍ଷା କରିବାରେ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାର୍ ଆସୋସିଏଶନ ଉପସଭାପତି କ୍ଷୀରୋଦ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଯୁଗ୍ମସମ୍ପାଦକ ଉଦିତ୍ ରଞ୍ଜନ ଜେନା ସଭା ପରିଚାଳନା ଓ ଅନୀତା ନନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ।



















# ‘ଛାତ୍ରୀଛାତ୍ର ଜିଜ୍ଞାସା ମନୋଭାବ ନେଇ ଆଗକୁ ବଢ଼ନ୍ତୁ’


ଖୋର୍ଦ୍ଧା ବାଜପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥିମାନେ।


**ଜଟଣୀ:** ବିଜ୍ଞାନମେଳା ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ଖୋର୍ଦ୍ଧା ଅଫିସ/ଜଟଣୀ,୨।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ବିଜ୍ଞାନ, ଶିକ୍ଷା ଓ ଗବେଷଣା ପରିଷଦ ଆନୁକୂଲ୍ୟରେ ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସ୍‌ପାଲିଟି ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ବାଜପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶୁଭଲକ୍ଷ୍ମୀ ବେହେରା, ସତ୍ୟ ପ୍ରକାଶ ଦାସ, ବିଶ୍ୱରଞ୍ଜନ ବେହେରା, ସୁନିତା ମୁଦୁଲି, ଅଭିଜିତ୍ ସୁବୁଦ୍ଧି, ମୋନାଲିସା ପରିଡ଼ା ଓ ଶାଶ୍ୱତ ମହାପାତ୍ର, ପ୍ରମୁଖ ଆସନ୍ତା ୭ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲାପରିଷଦ ସଭାପତି ରୁପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ସମିତି ସଭ୍ୟ ଇଂ.ଦ୍ୱାରିକାନାଥ ମହାନ୍ତି, ମଣ୍ଡଳ ସାଧାରଣକେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଅମିତାରାଣୀ ସିହ୍ନା, ବିଜ୍ଞାନ ଗବେଷଣା ପରିଷଦ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ବିଭୁ ପ୍ରସାଦ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଆଇସିଏଆର ବୈଜ୍ଞାନିକ ଡ.ଅର୍ପିତା ମହାପାତ୍ର, ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ତାପସ ନାୟକ, ସସ୍ମିତା ମାଳି, ଅବିନାଶ ଶତପଥୀ, ପ୍ରୋଗାମ୍ ଅଫିସର ବିପ୍ଳବ କେଶରୀ ବଳିୟାରସିଂହ, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ର ବୈଜ୍ଞାନିକ ନୂତନ ଜ୍ଞାନ କୌଶଳ ପ୍ରତି ଆଗ୍ରହ ରଖିବା ଆବଶ୍ୟକ। ଜ୍ଞାନ ପରିସୀମା ବିକାଶ କର, ଜିଜ୍ଞାସା ମନୋଭାବ ନେଇ ଆଗକୁ ବଢ଼ିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସି ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ଅମୀୟ ପରିଡ଼ା, ରବିନାରାୟଣ ପଣ୍ଡା, ପଦ୍ୟୁମ୍ନ ମିଶ୍ର, ସିଆରସିସି ସୁଶାନ୍ତ ହରିଚନ୍ଦନ, ବିଶ୍ୱରଞ୍ଜନ ସେଠୀ, ବିଜୟ ସାହୁ, ପ୍ରହ୍ଲାଦ ମହାରଣା, ସୁରେଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଗବେଷଣା ପରିଷଦ ସମ୍ପାଦକ ବିଭୁ ପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।

ସେହିପରି ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ପଞ୍ଚାୟତସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ରଶ୍ମିବାଳା ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ନାଇଜର ଭୁବନେଶ୍ୱର କୁଳସଚିବ ଡ. ଅଭୟ କୁମାର ନାୟକ ଯୋଗଦେଇ ମଣିଷ ଏବଂ ମାନବ ସଭ୍ୟତାର ବିକାଶ ଓ ସୁରକ୍ଷା ପାଇଁ ବିଜ୍ଞାନର ଗବେଷଣା ଉପରେ ବିଭିନ୍ନ ଉପାଦେୟ କହିଥିଲେ। ବିଜ୍ଞାନ ମେଳାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୨୧ଟି ପ୍ରକଳ୍ପ ପୁରସ୍କୃତ ହୋଇଥିଲା। ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବ୍ଲକ କେନ୍ଦ୍ର ସାଧନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଭୁତିଭୂଷଣ ଜେନା, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ବେଣାପାଞ୍ଜରୀ ସରପଞ୍ଚ ଆର୍ଜୁ ପରବିନ୍, ପାୱାରଗ୍ରୀଡ଼ ଡିଏମ ରତିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଦେଖିବା ସହ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ନୂତନ ଭୋଟର ପଞ୍ଜୀକରଣ କର୍ମଶାଳା

**ଗମ୍ଭାରୀମୁଣ୍ଡା,୨।୧୨(ଡି.ଏନ୍.ଏ.)**


ଛାତ୍ରୀଛାତ୍ରଙ୍କୁ ପଞ୍ଜୀକରଣ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି।

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟରେ ନୂତନ ଭୋଟର ଅନଲାଇନ୍ ପଞ୍ଜୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଅଧକ୍ଷତା କରିଥିଲେ। ଉପଜିଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ +୩ ଛାତ୍ରୀଛାତ୍ରଙ୍କୁ ଅନଲାଇନ ଭୋଟର ପଞ୍ଜୀକରଣର ତାଲିମ ଦିଆଯାଇଥିଲା। ୨୦୦୫ ଅକ୍ଟୋବର ୧ ପୂର୍ବରୁ ଜନ୍ମ ହୋଇଥିବା ଛାତ୍ରୀଛାତ୍ର ଉକ୍ତ କର୍ମଶାଳାରେ ଭାଗନେବା ସହ ଏକାଧିକ ଛାତ୍ରୀଛାତ୍ର ଭୋଟର ପଞ୍ଜୀକରଣ ଅନଲାଇନ ମାଧ୍ୟମରେ କରିଥିଲେ। କାର୍ଯ୍ୟକ୍ରମରେ ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବିଡିଓ ବୁଲବୁଲ ବେହେରା, ଅତିରିକ୍ତ ତହସିଲଦାର ସାହୀନ ନାଜ, ପ୍ରାଧ୍ୟାପକ ବିନାୟକ ହୋତା ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିବା ବେଳେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଏସ.ପି.ଏନ.ଏସ ବର୍ମା ଏହାକୁ ପରିଚାଳନା କରିଥିଲେ।






# ସଡ଼କ ଦୁର୍ଘଟଣାରେ ୨ଭାଇଙ୍କ ଗୋଡ଼ ଭାଙ୍ଗିଲା

**ବାରଙ୍ଗ,୨।୧୨(ଡି.ଏନ୍.ଏ.)**

-ଚନ୍ଦକା ପିତାପଲ୍ଲୀ ରାସ୍ତାର ଗିରିଙ୍ଗାପୁଟ ଗାଁମୁଣ୍ଡରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ଭାଇ ଦିଲୀପ ବେହେରା ଓ ଅଶୋକ ବେହେରା ଗୁରୁତର ଆହତ ହୋଇଛନ୍ତି। ଓଡିଶା୩-ବିୟୁ-୯୬୯୦ନଂ ହିରୋହୋଣ୍ଡାରେ ଦୁଇଭାଇ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ଖୋର୍ଦ୍ଧାପଟରୁ ଦ୍ରୁତଗତିରେ ଆସୁଥିବା ଓଡି୦୨-ବିଏନ-୭୭୩୯ନଂ ଡାଲା ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଦୁଇଭାଇ ତଳେ ପଡ଼ି ଗୋଡ ଭାଙ୍ଗିବା ସହ ଗୁରୁତର ହୋଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ଆହତ ଦୁଇଭାଇଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିବାବେଳେ ଡାଲା ଅଟୋ ଚାଳକ ଫେରାର ହୋଇଯାଇଛନ୍ତି।



















## ସଂକ୍ଷେପରେ

### ସିଟିରୋଡ୍‌ରେ ଦବିଲା ରାସ୍ତା

**ପୁରୀ ଅଫିସ, ୨।୧୨:** ସିଟି ରୋଡ୍‌ର ଚକ୍ରନାରାୟଣ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ହଠାତ ରାସ୍ତା ଧସି ଦବିଯାଇଛି। ଫଳରେ ସେଠାରେ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସିଟି ରୋଡ ଏକ ପ୍ରମୁଖ ରାସ୍ତା। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ପର୍ଯ୍ୟଟକ ଯାଇଥାନ୍ତି। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ରାସ୍ତା ଦେଇ ଏକ ବସ୍ ଯାଉଥିବାବେଳେ ହଠାତ ରାସ୍ତା ଦବି ଯାଇଥିଲା। ଏଥିରେ ବସ୍‌ର ପଛ ଚକା ଫସିରହିଥିଲା। ତେବେ କିଛି କ୍ଷୟକ୍ଷତି ହୋଇନାହିଁ। ରାସ୍ତା ମଝିରେ ପ୍ରାୟ ୨ଫୁଟର ଗର୍ତ୍ତ ହୋଇଥିବା ଜଣାପଡିଛି। ସେଠାରେ ଅଘଟଣକୁ ଏଡାଇବା ପାଇଁ ସ୍ଥାନୀୟ ଲୋକେ କାଠ ଓ ପଥର ଦେଇ ଗାତକୁ ଆବଦ୍ଧ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଗାତ ମରାମତି କରାଯାଇଛି।

### ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ କ୍ରୀଡ଼ାରେ ପୁରୀରୁ ୨୫ ଖେଳାଳି

**ଡେଲାଙ୍ଗ,୨।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲାର ତରଭାଠାରେ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ କ୍ରୀଡ଼ା ଶନିବାରଠାରୁ ଆରମ୍ଭ ହେବ। ଏହି କ୍ରୀଡ଼ାରେ ୧୯ ବର୍ଷରୁ କମ୍ ବୟସ୍କ ଖେଳାଳିମାନେ ଭାଗ ନେବେ। ଏଥିପାଇଁ ପୁରୀ ଜିଲାର ୨୫ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠ, ଶ୍ରୀ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ, ହରିପୁର ପଞ୍ଚାୟତ ମହାବିଦ୍ୟାଳୟ, କପିଳେଶ୍ୱର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗାଦିବ୍ରହ୍ମ ମହାବିଦ୍ୟାଳୟ,ସତ୍ୟବାଦୀର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବାଳକ ୧୯ ଓ ବାଳିକା ୯ ଜଣଙ୍କୁ ଚୟନ କରାଯାଇଛି। ଡେଲାଙ୍ଗ ରେଳ ଷ୍ଟେଶନଠାରୁ ପ୍ରଶିକ୍ଷକ ଶାନ୍ତନୁ ବିଶ୍ୱାଳ, କ୍ରୀଡା ଶିକ୍ଷକ ନଟବର ସେଠୀ, ରେଫରି ରାଜକିଶୋର ମହାନ୍ତି, ରଣଜିତ ମହାନ୍ତି ଖେଳାଳିମାନଙ୍କ ସହିତ ଢେଙ୍କାନାଳ ଅଭିମୁଖେ ଟ୍ରେନରେ ଯାତ୍ରା କରିଛନ୍ତି। ଅଭିଭାବକ ଅଭିମନ୍ୟୁ ପରିଡା, ଦାମୋଦର ସାହୁ, ରତିରଞ୍ଜନ ମହାପାତ୍ର, ପ୍ରମୋଦ ଛାଟୋଇ, ବାସୁଦେବ ଜେନା ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।

# 'ରାଜ୍ୟରେ ଦାରିଦ୍ର୍ୟ, ବେରୋଜଗାରି ବଢୁଛି'



ଓଡ଼ିଶା ବଞ୍ଚାଅ ଅଭିଯାନର ପୁରୀ ଜିଲାସ୍ତରୀୟ କନଭେନଶନରେ ଯୋଗଦେଇଥିବା ବିଭିନ୍ନ ଦଳର କର୍ମକର୍ତ୍ତା।

**ପୁରୀ ଅଫିସ, ୨।୧୨**

### ଓଡ଼ିଶା ବଞ୍ଚାଅ ଅଭିଯାନର ଜିଲାସ୍ତରୀୟ କନଭେନ୍‌ଶନ

ରାଜ୍ୟର ୧୧ଟି ପ୍ରମୁଖ ବିରୋଧୀ ରାଜନୈତିକ ଦଳର ଡାକରାରେ ଓଡ଼ିଶା ବଞ୍ଚାଅ ଅଭିଯାନର ପୁରୀ ଜିଲାସ୍ତରୀୟ କନଭେନ୍‌ଶନ ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ୍ତ ମହାନ୍ତି, ଶରତ କୁମାର ରାୟଗୁରୁ, ଅଶୋକ ପ୍ରଧାନ, ଜିତେନ୍ଦ୍ରିୟ ବେହେରାଙ୍କୁ ନେଇ ସଭାପତି ମଣ୍ଡଳୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାରେ ଦାରିଦ୍ର୍ୟ ଓ ବେରୋଜଗାରି ବଢ଼ି ଚାଲିଛି। ଶିଳ୍ପର ପ୍ରସାର ବଦଳରେ ଖଣି ଖାଦାନ ଲୁଟ ହେଉଛି। ଯାହା କିଛି ଅଛି ତାହା ଠିକାରେ ମଣିଷ ମୁଣ୍ଡ ନିଲାମ ହେଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶହେ ଦିନର କାମ ମିଳୁନାହିଁ। ମଣ୍ଡିରେ ଚାଷୀ ଧାନ ବିକିପାରୁ ନାହିଁ। ଫସଲର ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଲୋକେ ଚାଷରୁ ମୁହଁ ଫେରାଉଛନ୍ତି। ଓଡ଼ିଶା ଆଜି ଋଣଗ୍ରସ୍ତ ହୋଇପଡ଼ିଛି। ଯୋଜନା କରି ସରକାର ଋଣ କରିଚାଲିଛନ୍ତି। ଲୋକଙ୍କ ହାତକୁ କିପରି ରୋଜଗାର ମିଳିବ, ସାମାଜିକ ସୁରକ୍ଷା ମିଳିବ ତା'ର ବିକଳ୍ପ ବିଚାର ଓ ବିକଳ୍ପ ନୀତି ପାଇଁ ସମତାକ୍ରାନ୍ତି ଦଳ ନେତା ବ୍ରଜ କିଶୋର ତ୍ରିପାଠୀ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ ନେତା ଆଶିଷ କାନୁନଗୋ, ସିପିଆଇ (ଏମ୍‌ଏଲ୍) ଲିବରେଶନ ନେତା କିଷାନ ପଟ୍ଟନାୟକ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ସମାଜବାଦୀ ପାର୍ଟି ନେତା ସୁଦର୍ଶନ ପ୍ରଧାନ, ଯଜ୍ଞେଶ୍ୱର ସାମନ୍ତରା, ଜଗନ୍ନାଥ ଦେଓ, ପରେଶ କୁମାର ଭଞ୍ଜ ପ୍ରମୁଖ ଐକ୍ୟବଦ୍ଧ ହେବାକୁ ମତ ଦେଇଛନ୍ତି। ଚାଷୀ ଓ ଚାଷର ବିକାଶ, ଶିଳ୍ପ ଓ ଶ୍ରମର ସୁରକ୍ଷା ପାଇଁ ଆଇନ ଆଦିବାସୀ ଏବଂ ଦଳିତଙ୍କ ବିକାଶ, ସାମାଜିକ ସୁରକ୍ଷା, ପରିବେଶ ସୁରକ୍ଷା ଦାବିରେ ଆସନ୍ତା ଦିନରେ ପୁରୀ ଜିଲାରେ ସଚେତନତା ବାର୍ତ୍ତା ଦେବାକୁ ନିଷ୍ପତ୍ତି ହୋଇଛି। କନ୍‌ଭେନ୍‌ଶନ୍‌ରେ ମନୋରଞ୍ଜନ ମହାରଣା, ବିଭୂତି ରାଉତରାୟ, ଟୁନା ନାୟକ, ଜ୍ୟୋତି ନାୟକ, ବିଜୟ ଦାସ, ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା କୁମ୍ଭକାରଙ୍କ କୁରାଳ ପଞ୍ଚମୀ

**ପୁରୀ ଅଫିସ, ୨।୧୨**

- ଇଷ୍ଟ ଦେବଦେବୀଙ୍କୁ ପୂଜିଲେ
- ଭକ୍ତିଭାବରେ ବାନ୍ଧିହେଲେ
- ବାନାମ୍ବର, ଆରାଧନା ସମ୍ମାନିତ

ମାର୍ଗଶିର ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିଠାରୁ ଆରମ୍ଭ ହୋଇଥିବା କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କୁମ୍ଭାରପଡ଼ା, ଜେନାପୁର, ନୂଆସାହି, ଟିକରପଡ଼ାର ବିଭିନ୍ନ ପୂଜାମଣ୍ଡପରେ ପୂଜା ପାଉଥିବା ୧୨ ଲକ୍ଷ୍ମୀନାରାୟଣ ମୂର୍ତ୍ତିକୁ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ସାହିପରିକ୍ରମା ପରେ ବିସର୍ଜନ କରାଯାଇଛି। ପର୍ବର ଚତୁର୍ଥ ଦିବସରେ କୁମ୍ଭାରପଡ଼ାରେ କୁରାଳ ପଞ୍ଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କୁରାଳ ମହାସଂଘର ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବାଦଲ ବେହେରା, କୁମ୍ଭାରପଡା ଯୁବ ପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଯୁବଶିଳ୍ପୀ ବାନାମ୍ବର ବିଶୋଇ ଓ ଜାତୀୟ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଦଶମ ଶ୍ରେଣୀ ଛାତ୍ରୀ ଆରାଧନା ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପରେ କେନ୍ଦ୍ରାପଡ଼ାର ସାଂସ୍କୃତିକ ଅନୁଷ୍ଠାନ ଗଡ୍ ମେକର ପକ୍ଷରୁ ଗୁରୁ ସୁଶାନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ପ୍ରସ୍ତାବିତ ମଦଦୋକାନକୁ ଅଞ୍ଚଳବାସୀଙ୍କ ବିରୋଧ

**ପିପିଲି,୨।୧୨(ସ୍ୱ.ପ୍ର.)**

ପିପିଲି ତେଇଶପୁର ପଞ୍ଚାୟତ ନାନପୁର ମୌଜାରେ ଏକ ଓିପି ଖୋଲା ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତାବ ହୋଇଛି। ହେଲେ ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ଓ ନିର୍ବାଚିତ ଜନ ପ୍ରତିନିଧିମାନେ ବିରୋଧ କରିଛନ୍ତି। ଯଦି ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ନ କରାଯାଏ, ତେବେ ସ୍ଥାନୀୟ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବା ସହ ମଦ ଦୋକାନକୁ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମଦ ଦୋକାନ ଖୋଲିଲେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ, ପାରିବାରିକ ହିଂସା, ଛାତ୍ରୀଛାତ୍ରମାନଙ୍କ ଉପରେ କୁପ୍ରଭାବ ପଡିବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେଇଶପୁର ସରପଞ୍ଚ ରଶ୍ମିତା ସେନାପତି ପଞ୍ଚାୟତ ବୈଠକରେ ଉକ୍ତ ମଦ ଦୋକାନ ବନ୍ଦ ପାଇଁ ପ୍ରସ୍ତାବ ପାରିତ ସହ ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଓ ସ୍ଥାନୀୟ ୨୪ ନଂ ଜୋନ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଉକ୍ତ ପ୍ରସ୍ତାବିତ ମଦ ଦୋକାନକୁ ବନ୍ଦ କରିବା ପାଇଁ ବିଡିଓ ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ ପ୍ରସ୍ତାବିତ ଓିପି ଖୋଲା ବିଦେଶୀ ମଦ ଦୋକାନଟି ଅଞ୍ଚଳର ଆରାଧ୍ୟା ଦେବୀ ମା' ଉତ୍ତରାୟଣୀ ମନ୍ଦିରଠାରୁ ମାତ୍ର ୨୭୦ ମିଟର ମଧ୍ୟରେ ରହୁଥିବା ବେଳେ ତେଇଶପୁର ଅଙ୍ଗନୱାଡି କେନ୍ଦ୍ରଠାରୁ ମାତ୍ର ୪୮୦ ମିଟର ଓ ସ୍ଥାନୀୟ ପେଟ୍ରୋଲ ପମ୍ପଠାରୁ ୫୦ ମିଟର ଦୂରତା ରହିଛି। ଯାହାକି ଓଡ଼ିଶା ଅବକାରୀ ବିଭାଗ ନିୟମ ୨୬ର ଅଧିନିୟମ (ଖ) ଓ (ଗ)କୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଏସବୁ ସତ୍ତ୍ୱେ ଯଦି ନାନପୁରରେ ମଦଦୋକାନ ଖୋଲେ ତେବେ ସ୍ଥାନୀୟ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ସହ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି।





















**ମଶାଙ୍କ ନମୁନା ସଂଗ୍ରହ କଲା ବିଶେଷଜ୍ଞ ଟିମ୍**

ପୁରୁଣା ଭୁବନେଶ୍ୱର,୨।୧୨(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ.୪୪ ବଡ଼ଗଡ଼ ଅଞ୍ଚଳରେ ମଶାଙ୍କ ପାଦୁର୍ଭାବ ବଢ଼ିବାର ଲାଗିଛି। ବଡ଼ଗଡ଼ ଗ୍ରାମ, ଝରଣା ସାହି, ଇଏ କଲୋନୀ, ବଡ଼ଗଡ଼ ବ୍ରିଟ୍ କଲୋନୀ, ନର୍ଥ ମେଘେଶ୍ୱର କଲୋନୀରେ ମଶାଙ୍କ ଦୌରାତ୍ମ୍ୟରୁ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଫଳରେ ଡେଙ୍ଗୁ, ମ୍ୟାଲେରିଆରେ ପୀଡ଼ିତ ହେବା ଆଶଙ୍କା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞମାନେ ବଡ଼ଗଡ଼ରେ ପହଞ୍ଚି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ପରିତ୍ୟକ୍ତ ପୋଖରୀ, ନାଳ, ନର୍ଦ୍ଦମା ଡ୍ରେନ ଏବଂ ସର୍ବସାଧାରଣରେ ଗଢିଉଠିଥିବା ଅପରିଷ୍କାର ଗୁହାଳ ଗୁଡ଼ିକ ମଧ ତର୍ଜମା କରିଥିଲେ।



## ସଂକ୍ଷେପରେ

### ୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨।୧୨(ବ୍ୟୁରୋ): ପାହାଳ ପୋଲିସ ଶୁକ୍ରବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ବିନୋଦ ବେହେରା ଓରଫ ଲିଜନ। ତାଙ୍କଠାରୁ ୩୦ ଗ୍ରାମ ବ୍ରାଉନସୁଗାର, ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ମାମଲା (୨୩୮/୨୨) ରୁଜୁ କରି ଅଭିଯୁକ୍ତ ବିନୋଦଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ରାଜଧାନୀରେ ବିକ୍ରି କରୁଥିବା ଜଣାପଡିଛି।

### ଦେୟମୁକ୍ତ ଶୌଚାଳୟରୁ ବଟି ଆଦାୟ ଅଭିଯୋଗ

ବାରଙ୍ଗ,୨।୧୨(ଡି.ଏନ୍.ଏ.)- ନନ୍ଦନକାନନର ସଫାରୀ ରହଣିସ୍ଥଳରେ ଥିବା ଦେୟମୁକ୍ତ ଶୌଚାଳୟରୁ ବେଆଇନ ବଟି ମାଗିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଶୁକ୍ରବାର ଭୁବନେଶ୍ୱର ଅଶୋକ ନଗର ଅଞ୍ଚଳରୁ ପରେଶ ଦୀକ୍ଷିତ ନାମକ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ। ନନ୍ଦନକାନନ ପ୍ରବେଶ ଟିକଟ କରି ଭିତରକୁ ଯାଇଥିଲେ। ବାଘ, ସିଂହ, ତୃଣଭୋଜି ସଫାରି ବୁଲିବା ପାଇଁ ସଫାରି ରହଣିସ୍ଥଳକୁ ଯାଇଥିଲେ। ସେଠାରେ ଟିକଟ କରି ବସକୁ ଅପେକ୍ଷା କରିଥିଲେ। ବସ ଆସିବା ବିଳମ୍ବ ହେବାରୁ ସେ ରହଣିସ୍ଥଳରେ ଥିବା ଦେୟମୁକ୍ତ ଶୌଚାଳୟକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଯୁବକ ତାଙ୍କୁ ଟଙ୍କା ମାଗିଥିଲା। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଯୁବକ ବାରମ୍ବାର ଟଙ୍କା ମାଗିବାରୁ ପର୍ଯ୍ୟଟକ ଶୌଚାଳୟ ନ ଯାଇ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଉକ୍ତ ଯୁବକଙ୍କୁ ଆଣି ପଚରାଉଚରା କରିଛି।

### ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ବାଲିପାଟଣା,୨।୧୨(ଡି.ଏନ୍.ଏ.): ବ୍ଲକସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ହରପ୍ରିୟା ଦାସ ଯୋଗଦେଇ କହିଥିଲେ, କୁନି ବିଜ୍ଞାନିକଙ୍କ ସର୍ବାଙ୍ଗୀନ ଉନ୍ନତି ସମସ୍ତଙ୍କ ଦାୟିତ୍ୱ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିଳଧିରାଜତନୟା ଶତପଥୀ ଯୋଗଦେଇ କହିଥିଲେ, କୁନି ବୈଜ୍ଞାନିକଙ୍କ ପାଖରେ ଥିବା ସ୍ୱତନ୍ତ୍ର ପ୍ରତିଭା ଉପରେ ସମସ୍ତେ ଧ୍ୟାନ ଦେଲେ ସେମାନଙ୍କର ବିଭିନ୍ନ ପ୍ରତିଭାର ପରିସ୍ଫୁଟନ ହୋଇପାରିବ। ୨୭୨ ବିଦ୍ୟାଳୟରୁ ୧୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ତେବେ ବିଜ୍ଞାନ ମେଳା ଆୟୋଜନ କରିବାକୁ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବିଭାଗ ପକ୍ଷରୁ ୩ ହଜାର ୫ଶହ ଟଙ୍କା ମଞ୍ଜୁର ହେଉଛି। ବିଜ୍ଞାନ ମେଳା ଆୟୋଜନ କଷ୍ଟସାଧ ହେଉଥିବାରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ରଖିବାକୁ ବିଜ୍ଞାନମେଳା କମିଟି ପକ୍ଷରୁ ମଞ୍ଚାସୀନ ଅତିଥିଙ୍କ ନିକଟରେ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ସୁକନ୍ୟା ସେଠୀ, ସରପଞ୍ଚ ମିତାରାଣୀ ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ପ୍ରଧାନ ଶିକ୍ଷକ ଲଳିତ କୁମାର ପଣ୍ଡା, ସନାତନ ସେଠୀ, ଆଲୋକ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅଠାନ୍ତର, ଧାନହରା ପ୍ରାଥମିକ ଏବଂ ବିପିନ ବିହାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ ବେହେରା, ଝୁନାରାଣୀ ସାହୁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୋମବାର କୋର୍ଟରେ ହାଜର ହେବେ ଅର୍ଚ୍ଚନା

ଭୁବନେଶ୍ୱର,୨।୧୨(ବ୍ୟୁରୋ)



ଅର୍ଚ୍ଚନା ନାଗ

**ବେଆଇନ ଅର୍ଥ କାରବାର ମାମଲା**
- ନୋଟିସ ସତ୍ତ୍ୱେ ଆସୁନାହାନ୍ତି ଶ୍ରଦ୍ଧାଞ୍ଜଳି
- ଜମି ମାଲିକଙ୍କୁ ହେଲା ଜେରା
- ପୁଣି ଇଡିରେ ହାଜର ହେଲେ ପ୍ରମୋଦ ସ୍ୱାଇଁ

ବହୁଚର୍ଚ୍ଚିତ ରହସ୍ୟମୟୀ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାର ଦିଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ ଜାରି ରଖିଛି। ଅଭିଯୁକ୍ତା ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ଇଡି ପ୍ରସ୍ତୁତି କରୁଛି। ଗତ ବୁଧବାର ଅର୍ଚ୍ଚନା କୋର୍ଟରେ ହାଜର ହୋଇଥାନ୍ତେ। କୌଣସି କାରଣ ପାଇଁ ସେ ହାଜର ହୋଇପାରି ନ ଥିଲେ। ତେବେ ଆସନ୍ତା ଡିସେମ୍ବର ୫ ଅର୍ଥାତ୍ ସୋମବାର ଅର୍ଚ୍ଚନା କୋର୍ଟରେ ହାଜର ହେବେ ବୋଲି ଇଡି ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ। ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଇଡି ରିମାଣ୍ଡରେ ଆଣିପାରେ ବୋଲି କୁହାଯାଉଥିଲା। ହେଲେ ଇଡି ପକ୍ଷରୁ ପ୍ରଥମେ ଅର୍ଚ୍ଚନାଙ୍କୁ ଅଣାଯାଇପାରେ ବୋଲି ସୂଚନା ମିଳିଛି। ଅର୍ଚ୍ଚନାଙ୍କ ରିମାଣ୍ଡ ଅବଧି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ ଡକାଇ ତ୍ରିମୁଖୀ ଜେରା କରିବାକୁ ଇଡି ଯୋଜନା ରଖିଛି।

ଅପରପକ୍ଷରେ ଶୁକ୍ରବାର ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ପୁଣି ଥରେ ଦ୍ୱିତୀୟଥର ପାଇଁ ଇଡି ଜେରା କରିଛି। ସେହିପରି ଜମି ମାଲିକ ପ୍ରଭାତ ରଞ୍ଜନ ପତିଙ୍କୁ ମଧ ଇଡି ମାରାଥନ ଜେରା କରିଛି। ଜମି ମାଲିକ ପ୍ରଭାତ ରଞ୍ଜନ ପତିଙ୍କ ଠାରୁ ଅର୍ଚ୍ଚନା ଓ ଖଗେଶ୍ୱର ଜମି କିଣିଥିଲେ। ଏହି ଜମି କାରବାର ଟଙ୍କା କିମ୍ବା ଚେକ୍‌ରେ ହୋଇଥିଲା, କବଲା ସମୟରେ ଜମିର ପ୍ରକୃତ ମୂଲ୍ୟଠାରୁ କମ୍ ଦରରେ ଜମି କିଣିଥିଲେ କି, ଏଭଳି ବିଭିନ୍ନ ଦିଗକୁ ନେଇ ଇଡି ତାଙ୍କଠାରୁ ତଥ୍ୟ ହାସଲ କରିଛି। ଅନ୍ୟପଟେ ହନିଟ୍ରାପ ମାମଲାରେ ମୋହରା ସାଜିଥିବା ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳିଙ୍କୁ ଇଡି ୨ଥର ଡାକି ଜେରା କରିଛି। ଗତ ନଭେମ୍ବର ୨୩ ଏବଂ ୨୫ରେ ତାଙ୍କୁ ଡାକି ମାରାଥନ ଜେରା କରିବା ସହ ଇଡି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା। ତେବେ ଆଉ କିଛି ଗୁମର ତଥ୍ୟ ଜାଣିବାକୁ ଶ୍ରଦ୍ଧାଞ୍ଜଳିଙ୍କୁ ଇଡି ପକ୍ଷରୁ ବାରମ୍ବାର ନୋଟିସ୍ କରାଯାଉଥିଲେ ମଧ ସେ ଆଉ ଧରାଛୁଆଁ ଦେଉନାହାନ୍ତି। କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇବା ପାଇଁ ଶ୍ରଦ୍ଧାଞ୍ଜଳି ଇଡି କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଶ୍ରଦ୍ଧାଞ୍ଜଳି ଆଗାମୀ ଦିନରେ ହାଜର ନ ହୁଅନ୍ତି ଇଡି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଚର୍ଚ୍ଚା ହେଉଛି।



ଖୋର୍ଦ୍ଧା ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ର ଫାଷ୍ଟ ଡିଜେଲ ଏକ୍‌ଜଷ୍ଟ ଫ୍ଲୁଇଡି ଡିସ୍‌ପେନ୍‌ସାରି ୟୁନିଟ୍‌କୁ କମ୍ପାନୀର ରିଟେଲ ହେଡ୍ (ଇଷ୍ଟ) ଦେବାଶିଷ ନାୟକ,ରାଜ୍ୟ ମୁଖ୍ୟ (ରିଟେଲ) ପ୍ରିୟଦର୍ଶୀ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉଦ୍‌ଘାଟନ କରୁଛନ୍ତି ।

## ବାୟୁ ପ୍ରଦୂଷଣ ମୁକାବିଲା ପାଇଁ ଭାରତୀୟ ପରମ୍ପରାକୁ ଅନୁସରଣ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

**ଜାତୀୟ ଯୁବ ସମ୍ମିଳନୀ ଆରମ୍ଭ**

ପ୍ରାଚୀନ କାଳରୁ ଭାରତୀୟ ସଭ୍ୟତାରେ ପ୍ରକୃତି ଓ ପୃଥିବୀ ସହିତ ସହାବସ୍ଥାନ ପ୍ରତିଷ୍ଠା କରି ଜୀବନ ନିର୍ବାହ କରିବାର ପରମ୍ପରା ରହିଛି। ବର୍ତ୍ତମାନ ପିଢି ଏହି ମହାଜ୍ଞାନକୁ ଗ୍ରହଣ କରିବା ଆବଶ୍ୟକ। ଭାରତୀୟ ମୂଲ୍ୟବୋଧର ଗୁରୁତ୍ୱ ଓ ପ୍ରାସଙ୍ଗିକତାକୁ ପୁନଃ ଆବିଷ୍କାର କରିବାର ସମୟ ଆସିଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟଠାରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'ବାୟୁ: ମହତ୍ତ୍ୱପୂର୍ଣ୍ଣ ଜୀବନଶକ୍ତି' ଉପରେ ଆୟୋଜିତ ଜାତୀୟ ଯୁବ ସମ୍ମିଳନୀରେ ଯୋଗଦେଇ ସେ ଏହି ଆହ୍ୱାନ ଦେଇଛନ୍ତି। ଏଥିସହ ଜୀବନର ସ୍ଥାୟିତ୍ୱ ଓ ସଂରକ୍ଷଣ ପାଇଁ ପଞ୍ଚ ମହାଭୂତ ବା ୫ଟି ମୌଳିକ ଉପାଦାନର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାୟୁମଣ୍ଡଳୀୟ ବିଜ୍ଞାନ, ତାପଜ ପ୍ରଦୂଷଣ, ପାଣିପାଗ ବିଜ୍ଞାନର ଭୂମିକା, ବାୟୁ ଓ ଜଳବାୟୁ ପରିବର୍ତ୍ତନ କୃଷି ଉପରେ ପ୍ରଭାବ ଆଦି ବିଭିନ୍ନ ଦିଗ ଉପରେ ବୈଷୟିକ ଅଧିବେଶନ ଓ ଗବେଷଣାପତ୍ର ଉପସ୍ଥାପନ କରାଯାଇଥିଲା। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଥିବା ଏହି ଯୁବ ସମ୍ମିଳନୀରେ ଦେଶର ବାୟୁ ପ୍ରଦୂଷଣ ମୁକାବିଲା ପାଇଁ ଆଧୁନିକ ଓ ପାରମ୍ପରିକ ଜ୍ଞାନର ସମ୍ମିଶ୍ରଣ ଉପରେ ବିଚାର ବିମର୍ଶ କରାଯାଉଛି।



ଲୟୋଲା ସ୍କୁଲରେ ଶୁକ୍ରବାର ଜୁନିୟର ପ୍ୟାରେଣ୍ଟସ ନାଇଟ୍-୨୦୨୨ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି । (ଫଟୋ-ମୌସମ)

## ଲୟୋଲାରେ ଜୁନିୟର ପ୍ୟାରେଣ୍ଟସ ନାଇଟ୍

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଲୟୋଲା ସ୍କୁଲରେ ଶୁକ୍ରବାର ଜୁନିୟର ପ୍ୟାରେଣ୍ଟସ ନାଇଟ୍-୨୦୨୨ ଅନୁଷ୍ଠିତ ହୋଇଯାଇଛି। କଟକ ସେଣ୍ଟ୍ରାଲ ରେଞ୍ଜ୍ ଆଇଜି ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେରଣାତ୍ମକ ବକ୍ତବ୍ୟ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଲ୍‌କେଜିରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପସ୍ଥିତ ଅଭିଭାବକ ଓ ଅତିଥିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ୟୁକେଜି ଛାତ୍ରୀଛାତ୍ର ନୃତ୍ୟ ମାଧ୍ୟମରେ ଖୁସି, ଆଶା ଓ ଶାନ୍ତି ବାଣ୍ଟିବାକୁ ପ୍ରୟାସ କରିଥିଲେ। ଦେଶର ମେରୁଦଣ୍ଡ କୃଷକଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ର। ସେହିପରି ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟର ନୃତ୍ୟ ମାଧ୍ୟମରେ ପରିବେଷିତ ଐକ୍ୟତା ଭାରତୀୟ ସଂସ୍କୃତିର ମୂଲ୍ୟବୋଧ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ର ଉତ୍କଳର ଗୌରବ-ଧର୍ମପଦର ଅମର ବଳିଦାନକୁ ମନେପକାଇ ଏକ ଅନନ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚତୁର୍ଥ ଶ୍ରେଣୀର ଛାତ୍ରୀଛାତ୍ର ଦୂରଦର୍ଶନର ଲୋକପ୍ରିୟତାକୁ ଅତି ମନୋରମ ଢଙ୍ଗରେ ଉପସ୍ଥାପନା କରିଥିଲେ। ଶେଷରେ ଇନ୍‌କ୍ରେଡିବଲ୍ ଇଣ୍ଡିଆ ଟ୍ରାଇବ ଶୋ' ମାଧ୍ୟମରେ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଏକ ମନଛୁଆଁ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଫାଦର ଭିକ୍ଟର ମିସ୍‌କୁଇଥ୍ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିସମାସ କ୍ୟାରଲ ସହିତ ଉତ୍ସବ ଉଦ୍‌ଯାପିତ ହୋଇଥିଲା।



ଲୟୋଲା ସ୍କୁଲରେ ଶୁକ୍ରବାର ଜୁନିୟର ପ୍ୟାରେଣ୍ଟସ ନାଇଟ୍ କାର୍ଯ୍ୟକ୍ରମରେ ଅତିଥିମାନେ।

## ଟ୍ରାଫିକ କନ୍‌ଷ୍ଟେବଲ୍‌ଙ୍କୁ ଦୁର୍ବ୍ୟବହାର, କାର୍ ଚାଳକ ଗିରଫ

ଭୁବନେଶ୍ୱର, ୨।୧୨(ବ୍ୟୁରୋ):

କର୍ତ୍ତବ୍ୟରତ ଟ୍ରାଫିକ କନ୍‌ଷ୍ଟେବଲ୍‌ଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ପୋଲିସ ଜଣେ କାର୍ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେ ହେଲେ ଚନ୍ଦକା ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ାର ସନ୍ତୋଷ କୁମାର ଦାସ। ତାଙ୍କଠାରୁ ଗୋଟିଏ ଇନୋଭା କାର୍ ଜବତ କରାଯାଇଛି । ସୂଚନାଯୋଗ୍ୟ, ଟ୍ରାଫିକ ଥାନା-୨ କନଷ୍ଟେବଳ ଗୋପାଳ ସାମଲ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ଜନତା ମଇଦାନ ନିକଟରେ ଟ୍ରାଫିକ ନିୟନ୍ତ୍ରଣରେ ନିୟୋଜିତ ଥିଲେ। ଗୁରୁବାର ସାଢ଼େ ୧୦ଟା ସମୟରେ ଭିଆଇପିଙ୍କ କାରକେଡ୍ ଜୟଦେବ ବିହାର ଅଭିମୁଖେ ଯାଉଥିବା ସମୟରେ ସେହି ରାସ୍ତାରେ ଆସୁଥିବା ଅନ୍ୟ ଗାଡ଼ିଗୁଡ଼ିକୁ ରହିବା ପାଇଁ କନଷ୍ଟେବଳ ଟ୍ରାଫିକ ସିଗ୍‌ନାଲ ଦେଇଥିଲେ। ହେଲେ ଇନୋଭା କାର୍‌ଟି ଜାଭିଅର ଛକ ପାର୍ଶ୍ୱରୁ ଆସି ଟ୍ରାଫିକ ନିୟମ ଉଲ୍ଲଂଘନ କରି ଚାଲିଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ କନଷ୍ଟେବଳ ଗୋପାଳ କାର୍‌କୁ ଅଟକାବାରୁ ଡ୍ରାଇଭର ଜଣଙ୍କ କନଷ୍ଟେବଳଙ୍କ ସହିତ ଯୁକ୍ତିତର୍କ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ କନ୍‌ଷ୍ଟେବଲ୍ ଥାନାରେ ଅଭିଯୋଗ କରିଥିଲେ।

## ଏମ୍ସରେ ବିରଳ ଚିକିତ୍ସା ସଫଳ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱରରେ ମୁଖ୍ୟ ଧମନୀ ଦୁର୍ବଳ ପରଦାର ଅନ୍ତର୍ବାହିକା (ଏଣ୍ଡୋଭାସ୍କୁଲାର) ଚିକିତ୍ସା ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ରାଜ୍ୟରେ ଥିବା ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏଭଳି ବିରଳ ଚିକିତ୍ସା ପ୍ରଥମ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ରେଡିଓଲୋଜି ବିଭାଗ ପକ୍ଷରୁ ହୃଦ୍‌ଶଲ୍ୟ ଚିକିତ୍ସା ଓ ନିଶ୍ଚେତକ ବିଭାଗ ସହାୟତାରେ ଏହି ସଫଳ ଚିକିତ୍ସା କରାଯାଇଛି। ଜଣେ ବ୍ୟକ୍ତିଙ୍କ ମୁଖ୍ୟ ଧମନୀ ଓ ସଂଲଗ୍ନ ବାମ ବୃକକ୍ ଧମନୀ ପରଦା ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଏଭଳିସ୍ଥିତିରେ ଯେକୌଣସି ସମୟରେ ମୁଖ୍ୟ ଧମନୀ ଫାଟିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଅଧିକାଂଶ କ୍ଷେତ୍ରରେ ଏପରି ଅବସ୍ଥା ପ୍ରାଣଘାତୀ ସାବ୍ୟସ୍ତ ହୋଇଥାଏ। ଏଣ୍ଡୋଭାସ୍କୁଲାର ଚିକିତ୍ସା ପ୍ରକ୍ରିୟା ସହାୟତାରେ ଏମ୍ସର ଅଭିଜ୍ଞ ଡାକ୍ତରମାନେ ରୋଗୀଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାରେ ମୁଖ୍ୟ ଧମନୀରେ ଏକ ଷ୍ଟେଣ୍ଟ ସ୍ଥାପନ ପୂର୍ବକ ନୂତନ ମାର୍ଗ ସୃଷ୍ଟି କରାଯାଇଥାଏ। ଘରୋଇ ହସ୍ପିଟାଲରେ ଏହି ଚିକିତ୍ସା ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥାଏ। ମାତ୍ର ଏମ୍ସରେ ଏହା ସୁଲଭ ମୂଲ୍ୟରେ କରାଯାଇଛି। ରୋଗୀ ବର୍ତ୍ତମାନ ସୁସ୍ଥ ଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ହୃଦ୍‌ଶଲ୍ୟ ଚିକିତ୍ସା ବିଭାଗର ଡା. ସତ୍ୟପ୍ରିୟ ମହାନ୍ତି, ରେଡିଓଲୋଜି ବିଭାଗର ଡା. ବିଶ୍ୱଜିତ ସାହୁ ଓ ଡା. ମନୋଜ କୁମାର ନାୟକ, ନିଶ୍ଚେତକ ବିଭାଗ ମୁଖ୍ୟ ଡା. ସତ୍ୟଜିତ ମିଶ୍ର ଓ ଡା. ସୌମ୍ୟ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଏହି ଜୀବନରକ୍ଷକ ଅତ୍ୟାଧୁନିକ ପଦ୍ଧତି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏପରି ସଫଳତା ପାଇଁ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ପ୍ରଜ୍ଞାନ ମିଶନ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ପରମହଂସ ହରିହରାନନ୍ଦଜୀଙ୍କ ୨୦ତମ ପୁଣ୍ୟ ତିଥି ପାଳନ ଅବସରରେ ଉପସ୍ଥିତ ସାଧୁସନ୍ଥ।

## ଓୟୁଏଟି ଭେଟେରିନାରି କଲେଜର ବାର୍ଷିକୋତ୍ସବ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥିତ ଭେଟେରିନାରି କଲେଜର ୫୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ୩ଦିନ ଧରି ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ରାଜ୍ୟ ସଭା ସଦସ୍ୟ ମହମ୍ମଦ ମୁଜିବୁଲ୍ଲା ଖାଁ(ମୁନା ଖାଁ) ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ସୁସେନ କୁମାର ପଣ୍ଡା କଲେଜ ସମ୍ପର୍କରେ ସୂଚନା ଦେଇଥିଲେ। କଲେଜର ଛାତ୍ର ସଂସଦ ଚେୟାରମ୍ୟାନ ଡ .ଶୈଳେନ୍ଦ୍ର ଭଦ୍ର ଓ ଅର୍ଗାନାଇଜିଙ୍ଗ୍ ଚେୟାରମ୍ୟାନ ଶିବାଶିଷ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବିସ୍ଥାପନ ବିରୋଧୀ ଜନ ଆନ୍ଦୋଳନ ମଞ୍ଚର ବିକ୍ଷୋଭ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ବିସ୍ଥାପନ ବିରୋଧୀ ଜନ ଆନ୍ଦୋଳନ ମଞ୍ଚ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଆନ୍ଦୋଳନକାରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଲୋହିଆ ଏକାଡେମୀ ପର୍ଯ୍ୟନ୍ତ ଆସି ସେଠାରେ ଏକ ପ୍ରତିବାଦ ସଭା କରିଥିଲେ। ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଜନ ଆନ୍ଦୋଳନର ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ପରିବେଶବିତମାନେ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟରେ ହୀରାକୁଦ ଜଳଭଣ୍ଡାରଠାରୁ ଆରମ୍ଭ କରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ, କଳିଙ୍ଗନଗର ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ଓ ତା' ପରବର୍ତ୍ତୀ ଖଣି ଖନନ ଓ ଶିଳ୍ପ ଦ୍ୱାରା ବିସ୍ଥାପିତ ଲୋକେ ସମ୍ମାନର ସହ ବଞ୍ଚିବାରୁ ବଞ୍ଚିତ ହୋଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ସେମାନେ ନିଜର ଜୀବିକା ହରାଇବା ସହ ନିଜର ଓ ନିଜ ସମାଜର ପରିଚୟ ମଧ ହରାଉଥିବା କହିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜଙ୍ଗଲ ଆଇନ ୨୦୦୬, ଜଙ୍ଗଲ ସଂରକ୍ଷଣ ଆଇନ, ପେସା ଆଇନକୁ ଉଲ୍ଲଂଘନ କରି ଗ୍ରାମସଭାର ବିନା ସମ୍ମତିରେ ପ୍ରାକୃତିକ ସମ୍ପଦକୁ ଲୁଟ୍ କରିବାରେ ଲାଗିଛନ୍ତି। ରାଜ୍ୟର ଉପକୂଳ ଜିଲାମାନଙ୍କରେ ରାଜପଥ ନିର୍ମାଣ ନାମରେ ଆକ୍ରମଣ ଆରମ୍ଭ ହୋଇଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର ସମଗ୍ର ହେନ୍ତାଳ ବନ, ସାମୁଦ୍ରିକ ଜଙ୍ଗଲ ଓ ମତ୍ସ୍ୟ ସମ୍ପଦ ଲୋପ ପାଇଯିବ। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳଙ୍କୁ ମଞ୍ଚର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ।

କଳାହାଣ୍ଡି ଖଣ୍ଡୁଆଳମାଳୀ ସ୍ଥାୟୀ ସୁରକ୍ଷା ସମିତି, କୋରାପୁଟର ମାଳି ପର୍ବତ ସୁରକ୍ଷା ସମିତି, ଲକ୍ଷ୍ମୀପୁର-କାଶୀପୁରର କୋଡିଙ୍ଗାମାଳୀ ସୁରକ୍ଷା ମଞ୍ଚ, ପୁରୀର ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି, ଢିଙ୍କିଆର ଜିନ୍ଦଲ-ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି, ବସ୍ତି ସୁରକ୍ଷା ମଞ୍ଚ, ରାଜଗାଙ୍ଗପୁର ଗ୍ରାମସଭା କମିଟି, ବାଲିଆପାଳର ଉପକୂଳ ଭିଟାମାଟି ସୁରକ୍ଷା ସମିତି, ବଲାଙ୍ଗୀର ଜିଲା କନ୍ଧ ସମାଜ ଯୁବ ସଂଗଠନ, ସୁନାବେଡ଼ାର ହାଲ ବିସ୍ଥାପିତ ସଂଘ, କୋରାପୁଟରେ ଖଡ଼ିମାଟି ସୁରକ୍ଷା ସମିତି ପ୍ରମୁଖ ସଂଗଠନ ଯୋଗଦେଇଥିଲେ।



ଲୋୟର ପିଏମ୍‌ଜିରେ ବିସ୍ଥାପନ ବିରୋଧୀ ଜନ ଆନ୍ଦୋଳନ ମଞ୍ଚ ପକ୍ଷରୁ ବିକ୍ଷୋଭ । (ଫଟୋ-ମନୋରଞ୍ଜନ)

## ଅଳିଆ ଶୋଷିବ 'ଜଟାୟୁ'

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

**ଥରକେ ଉଠିବ ୧ ମେଟ୍ରିକ୍ ଟନ୍**

ପରିମଳ ବିବାଦରେ ଛନ୍ଦି ହୋଇପଡ଼ିଥିବା ବିଏମ୍‌ସି ଏବେ ଅଳିଆ ଉଠାଇବା ପାଇଁ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି। ପରିମଳ ବ୍ୟବସ୍ଥାକୁ ଆଉଟିକେ ସୁଧାରିବା ପାଇଁ ସ୍ମାର୍ଟ ମେଶିନ 'ଜଟାୟୁ'କୁ ସାମିଲ କରିଛି। ସହରରେ ଅଳିଆ ଉଠାଇବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ଏଜେନ୍ସିକୁ ନିୟୋଜିତ କରାଯାଇଛି। ମାତ୍ର ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀ ଏବଂ ମେଶିନାରୀର ଅଭାବ କାରଣରୁ ଅନେକ ସମୟରେ ବିଭିନ୍ନ ଅଞ୍ଚଳରେ ଅଳିଆ ଗଦା ହୋଇରହୁଛି। ଏହାକୁ ନେଇ ଜନ ଅସନ୍ତୋଷ ଲାଗି ରହିବା ସହ ବିଏମ୍‌ସି ସମାଲୋଚନାର ଶିକାର ହେଉଛି। ଏହାକୁ ଦୂରେଇବା ପାଇଁ ଏହି ନୂତନ ମେଶିନକୁ କାର୍ଯ୍ୟକ୍ଷମ କରାଯାଇଛି। ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ ଉତ୍ତର ମଣ୍ଡଳୀ ଅନ୍ତର୍ଗତ ୮ ନମ୍ବର ଓାର୍ଡର ଡିଷ୍ଟ୍ରିକ୍ଟ୍ ସେଣ୍ଟରଠାରେ ବିଧିବଦ୍ଧ ଭାବେ 'ଜଟାୟୁ'ର ଉଦ୍‌ଘାଟନ କରାଯାଇଛି। ନୂତନ ଜ୍ଞାନ କୌଶଳରେ ନିର୍ମିତ ଏହି ଜଟାୟୁ ମେଶିନ୍ ଦ୍ରୁତ ଓ ବୃହତ ଭ୍ୟାକୁମ୍ କ୍ଲିନର ଦ୍ୱାରା ଛୋଟ ଇଟା, ପଥର, ପଇଡ ଖୋଳ, କାଠଠାରୁ ଆରମ୍ଭ କରି ଡାଳ, ପତ୍ର, କାଗଜ ଇତ୍ୟାଦି ମାତ୍ର କେଇ ମିନିଟ୍ ସମୟ ମଧ୍ୟରେ ସଫା କରିପାରିବ। ପୁଣେସ୍ଥିତ କମ୍ପାନୀରୁ ସଫେଇ ସଂସ୍ଥା 'ଜାଗୃତି' ଏବଂ 'ପ୍ରତ୍ୟୁଷ' ଏହି ମେସିନ କିଣିଛନ୍ତି। ପ୍ରାୟ ୩୫ରୁ ୪୦ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ଏହି ମେଶିନ୍ ଏକା ଥରକେ ୧ ମେଟ୍ରିକ୍ ଟନ୍ ଅଳିଆ ଶୋଷିପାରିବ। ଜାଗୃତି ସଂସ୍ଥା ପକ୍ଷରୁ ସ୍ମାର୍ଟ ଜନପଥରେ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଥିବାବେଳେ ପ୍ରତ୍ୟୁଷ ଏହାକୁ ୱାର୍ଡ ନଂ ୧ରେ କାର୍ଯ୍ୟକାରୀ କରିବ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଭୁବନେଶ୍ୱର ପରିମଳ ବ୍ୟବସ୍ଥାକୁ ସ୍ମାର୍ଟ କରିବାରେ ଏହି ମେଶିନ୍‌କୁ ସାମିଲ କରାଯାଇଛି। ଏହାଦ୍ୱାରା ଗଦା ହୋଇଥିବା ଅଳିଆ ଓ ମୁଖ୍ୟ ରାସ୍ତାରେ ପଡୁଥିବା ଅଳିଆ ସ୍ୱଳ୍ପ ସମୟ ଭିତରେ ସଫା ହୋଇପାରିବ ବୋଲି ସେ କହିଥିଲେ। ଏଥିସହ କମ୍ ଲୋକ ଓ ଗାଡି ଦ୍ୱାରା ଶୀଘ୍ର ଅଳିଆ ଉଠିପାରିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ କମିଟି ଅଧ୍ୟକ୍ଷ ତଥା କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ମୟୂର ସୂର୍ଯ୍ୟବଂଶୀ, ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ପୁରନ୍ଦର ନନ୍ଦ, କର୍ପୋରେଟର ଲାଲ ମୋହନ ଗୁଡ୍ଡୁ, ମୋନାଲିସା ସାହୁ, ମିହିର କୁମାର ରାଉତ, ମୋନାଲିସା ବେହେରା, ଠିକା ସଂସ୍ଥା 'ପ୍ରତ୍ୟୁଷ'ର ମୁଖ୍ୟ ବଳରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ସଂସ୍ଥା ଆଣିଥିବା ୨୪ ଘଣ୍ଟିଆ ଜରୁରିକାଳୀନ ଅଳିଆ ବୁହା ଗାଡ଼ି ଉଦ୍‌ଘାଟିତ ହୋଇଥିଲା।



## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣା: ୨ ଡ୍ରାଇଭର ଗୁରୁତର

**ଯାଁଳା,୨।୧୨(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଯାଁଳା ମେଡିକାଲ ଛକରେ ଶୁକ୍ରବାର ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଆମ୍ବୁଲାନ୍ସ ଓ କାର୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚାଳକ ବିକାଶ ସାହୁ ଓ ଗିରି ସାମନ୍ତରାୟଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନୟାଗଡ଼ ଜିଲା ଝୁମ୍ପୁରୀ ଅଞ୍ଚଳର ଏକ ଆମ୍ବୁଲାନ୍ସ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ରୋଗୀଙ୍କୁ ଛାଡି ଫେରୁଥିଲା। ଯାଁଳା ମେଡିକାଲ ଛକ ନିକଟରେ ଏକ ମାଲ୍‌ବାହୀ ଟ୍ରକ ହଠାତ୍ ବ୍ରେକ ମାରିଥିଲା। ଫଳରେ ଆମ୍ବୁଲାନ୍ସଟି ଟ୍ରକକୁ ଧକ୍କା ଦେଇଥିବା ବେଳେ ପାହାଲରୁ ବ୍ରହ୍ମପୁର ଯାଉଥିବା ଏକ କାର୍ ଆମ୍ବୁଲାନ୍ସ ପଛକୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସ ଓ କାର୍ ଚାଳକ ଆହତ ହୋଇଥିଲେ। ତେବେ ଟ୍ରକ୍ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା। ଏଥିସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ
#### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବୋଲଗଡ଼,୨।୧୨(ଡି.ଏନ୍.ଏ.):** ବୋଲଗଡ଼ ଓଭରବ୍ରିଜରେ ଶୁକ୍ରବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ନନ୍ଦପଲ୍ଲୀ ଗ୍ରାମର ବୈକୁଣ୍ଠ ଜେନା(୬୦)। ସୂଚନା ମୁତାବକ, ସାଇକେଲରେ ବୈକୁଣ୍ଠ ଗ୍ରାମକୁ ଫେରୁଥିବା ବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥକୁ ପ୍ରାୟ ଏକ ଘଣ୍ଟା ଅବରୋଧ କରିଥିଲେ। ଖବରପାଇ ବୋଲଗଡ଼ ଥାନା ପୋଲିସ ସହ ଆଇଆଇସି ରଶ୍ମିରଞ୍ଜନ ସାହୁ ଓ ତହସିଲଦାର ସନ୍ତୋଷିନୀ ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ଶଳା ବିବାହକୁ ଆସି ଭିଣୋଇ ନିଖୋଜ ଘଟଣା: ପୋଖରୀରୁ ମୃତଦେହ ଜବତ

**ବୋଲଗଡ଼,୨।୧୨(ଡି.ଏନ୍.ଏ.):** ଶଳାଙ୍କ ବିବାହ ଭୋଜିକୁ ଆସି ଭିଣୋଇ ଖୋର୍ଦ୍ଧା ପୁରୁସାହି ଗ୍ରାମର ବାପି ସାମନ୍ତରାୟ ନିଖୋଜ ହୋଇଯାଇଥିଲେ। ତେବେ ଶୁକ୍ରବାର ତାଙ୍କ ମୃତଦେହ ବୋଲଗଡ଼ ବ୍ଲକ ତଥା ବାଙ୍କୋଇ ଫାଣ୍ଡି ଅଧୀନ ହାଟବସ୍ତ ଗ୍ରାମର ବେଗୁନିଆ ପୋଖରୀରୁ ଜବତ ହୋଇଛି। ପ୍ରକାଶ ଯେ, ବାପି ହାଟବସ୍ତସ୍ଥିତ ଶଳା ବିପିନ୍ ଚମ୍ପତିଙ୍କ ବିବାହ ଭୋଜିକୁ ଆସିଥିଲେ। ଗତ ବୁଧବାର ରାତିରେ ଭୋଜି ପରେ ବାପି ହାଟବସ୍ତ ଗ୍ରାମ ନିକଟରେ ଥିବା ବେଗୁନିଆ ପୋଖରୀକୁ ଯାଇଥିଲେ ବୋଲି ସୂଚନା ମିଳିବା ପରେ ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ ହୋଇଥିଲା। ବୋଲଗଡ଼ ଅଗ୍ନିଶମ କର୍ମଚାରୀ ଏବଂ ଖୋର୍ଦ୍ଧାର ଏକ ଓଡ୍ରାଫ ଟିମ୍ ଓ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ପୂର୍ବାହ୍ନରେ ବାପିଙ୍କ ମୃତଦେହ ଉକ୍ତ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସୋମବାର କୋର୍ଟରେ ହାଜର ହେବେ ଅର୍ଚ୍ଚନା

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**


ଅର୍ଚ୍ଚନା ନାଗ

**ବେଆଇନ ଅର୍ଥ କାରବାର ମାମଲା**
- ନୋଟିସ ସତ୍ତ୍ୱେ ଆସୁନାହାନ୍ତି ଶ୍ରଦ୍ଧାଞ୍ଜଳି
- ଜମି ମାଲିକଙ୍କୁ ହେଲା ଜେରା
- ପୁଣି ଇଡିରେ ହାଜର ହେଲେ ପ୍ରମୋଦ ସ୍ୱାଇଁ

ବହୁଚର୍ଚ୍ଚିତ ରହସ୍ୟମୟୀ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାର ଦିଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ ଜାରି ରଖିଛି। ଅଭିଯୁକ୍ତା ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ଇଡି ପ୍ରସ୍ତୁତି କରୁଛି। ଗତ ବୁଧବାର ଅର୍ଚ୍ଚନା କୋର୍ଟରେ ହାଜର ହୋଇଥାନ୍ତେ। କୌଣସି କାରଣ ପାଇଁ ସେ ହାଜର ହୋଇପାରି ନ ଥିଲେ। ତେବେ ଆସନ୍ତା ଡିସେମ୍ବର ୫ ଅର୍ଥାତ୍ ସୋମବାର ଅର୍ଚ୍ଚନା କୋର୍ଟରେ ହାଜର ହେବେ ବୋଲି ଇଡି ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ। ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଇଡି ରିମାଣ୍ଡରେ ଆଣିପାରେ ବୋଲି କୁହାଯାଉଥିଲା। ହେଲେ ଇଡି ପକ୍ଷରୁ ପ୍ରଥମେ ଅର୍ଚ୍ଚନାଙ୍କୁ ଅଣାଯାଇପାରେ ବୋଲି ସୂଚନା ମିଳିଛି। ଅର୍ଚ୍ଚନାଙ୍କ ରିମାଣ୍ଡ ଅବଧି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ ଡକାଇ ତ୍ରିମୁଖୀ ଜେରା କରିବାକୁ ଇଡି ଯୋଜନା ରଖିଛି।

ଅପରପକ୍ଷରେ ଶୁକ୍ରବାର ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ପୁଣି ଥରେ ଦ୍ୱିତୀୟଥର ପାଇଁ ଇଡି ଜେରା କରିଛି। ସେହିପରି ଜମି ମାଲିକ ପ୍ରଭାତ ରଞ୍ଜନ ପତିଙ୍କୁ ମଧ ଇଡି ମାରାଥନ ଜେରା କରିଛି। ଜମି ମାଲିକ ପ୍ରଭାତ ରଞ୍ଜନ ପତିଙ୍କ ଠାରୁ ଅର୍ଚ୍ଚନା ଓ ଖଗେଶ୍ୱର ଜମି କିଣିଥିଲେ। ଏହି ଜମି କାରବାର ଟଙ୍କା କିମ୍ବା ଚେକ୍‌ରେ ହୋଇଥିଲା, କବଲା ସମୟରେ ଜମିର ପ୍ରକୃତ ମୂଲ୍ୟଠାରୁ କମ୍ ଦରରେ ଜମି କିଣିଥିଲେ କି, ଏଭଳି ବିଭିନ୍ନ ଦିଗକୁ ନେଇ ଇଡି ତାଙ୍କଠାରୁ ତଥ୍ୟ ହାସଲ କରିଛି। ଅନ୍ୟପଟେ ହନିଟ୍ରାପ ମାମଲାରେ ମୋହରା ସାଜିଥିବା ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳିଙ୍କୁ ଇଡି ୨ଥର ଡାକି ଜେରା କରିଛି। ଗତ ନଭେମ୍ବର ୨୩ ଏବଂ ୨୫ରେ ତାଙ୍କୁ ଡାକି ମାରାଥନ ଜେରା କରିବା ସହ ଇଡି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା। ତେବେ ଆଉ କିଛି ଗୁମର ତଥ୍ୟ ଜାଣିବାକୁ ଶ୍ରଦ୍ଧାଞ୍ଜଳିଙ୍କୁ ଇଡି ପକ୍ଷରୁ ବାରମ୍ବାର ନୋଟିସ୍ କରାଯାଉଥିଲେ ମଧ ସେ ଆଉ ଧରାଛୁଆଁ ଦେଉନାହାନ୍ତି। କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇବା ପାଇଁ ଶ୍ରଦ୍ଧାଞ୍ଜଳି ଇଡି କାର୍ଯ୍ୟାଳୟରେ ହାଜର ହେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଶ୍ରଦ୍ଧାଞ୍ଜଳି ଆଗାମୀ ଦିନରେ ହାଜର ନ ହୁଅନ୍ତି ଇଡି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଚର୍ଚ୍ଚା ହେଉଛି।


ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଶୁକ୍ରବାର ଖୋର୍ଦ୍ଧା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ବିପିସିଏଲ୍‌ର ଫାଷ୍ଟ ଡିଜେଲ ଏକ୍‌ଜଷ୍ଟ ଫ୍ଲୁଇଡି ଡିସ୍‌ପେନ୍‌ସାରି (ଏଡିବ୍ଲୁ ଡିସ୍‌ପେନ୍‌ସାରି) ୟୁନିଟ୍‌କୁ କମ୍ପାନୀର ରିଟେଲ ହେଡ୍ (ଇଷ୍ଟ) ଦେବାଶିଷ ନାୟକ,ରାଜ୍ୟ ମୁଖ୍ୟ (ରିଟେଲ) ପ୍ରିୟଦର୍ଶୀ ପଣ୍ଡାଙ୍କ ସମେତ ବିପିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା ।

## ମହାବୀର କ୍ରିକେଟ କ୍ଲବ, ଉଗ୍ରତାରା ଲାୟନ୍ସ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୨।୧୨(ଡି.ଏନ୍.ଏ.)**

ଚାନ୍ଦପୁର ପ୍ରିମିୟର କ୍ରିକେଟ୍ ଲିଗ୍‌ର ଷଷ୍ଠ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଉଗ୍ରତାରା ଲାୟନ୍ସ ଏବଂ ରାମଚଣ୍ଡୀ ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ଉଗ୍ରତାରା ଲାୟନ୍ସ ଟିମ୍ ଟସ୍ ଜିତି ବୋଲିଂ କରିଥିଲା। ରାମଚଣ୍ଡୀ ୱାରିୟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଉଗ୍ରତାରା ଲାୟନ୍ସ ଟିମ୍ ୧୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କୃଷ୍ଣଚନ୍ଦ୍ର ଧୋନୀ ଓ ଟିକି ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବ୍ଲାକ କ୍ୟାମ୍ପ ଓ ମହାବୀର କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ମହାବୀର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୨ ଉଇକେଟ ବିନିମୟରେ ୨୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶିବୁନା ଶତକ ହାସଲ କରିଥିଲେ। ଜବାବରେ ବ୍ଲାକ କ୍ୟାମ୍ପ ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୧୪୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ରବୀନ୍ଦ୍ର ପ୍ରଧାନ ଓ ରାଜୁ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସୁପର ସଣ୍ଡେ ସୋସିଆଲ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ଟାଙ୍ଗୀ(ଖୋର୍ଦ୍ଧା),୨।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବରପଲ୍ଲୀ ଗ୍ରାମର ପ୍ରମୋଦ ସାହୁଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ସଭାପତି, ପାଞ୍ଚ ମୌଜା ଧାନି ସାଉଥ୍ ଜଙ୍ଗଲ ସୁରକ୍ଷା କମିଟି ସଭାପତି ଦାୟିତ୍ୱ ସହ ସାମାଜିକ କର୍ମୀ ଭାବେ କାର୍ଯ୍ୟ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ପ୍ରଧାନ ଶିକ୍ଷକ ପ୍ରଭାକର ସାମନ୍ତରାୟ, ରବୀନ୍ଦ୍ର କୁମାର ନାୟକ, ନିରୁପମା ମହାପାତ୍ର, ସଂସାରୀ ବାରିକ ସମେତ ଅର୍ଜୁନପୁର, ବରପଲ୍ଲୀ, ବଳରାମପୁର, କିଆପଲ୍ଲୀ ଗ୍ରାମର ଶତାଧିକ ଲୋକ ତାଙ୍କ ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।

## ବିଜ୍ଞାନ ମେଳାରେ ୧୨୧ ପ୍ରକଳ୍ପ ପ୍ରଦର୍ଶିତ



**ବାଲୁଗାଁ,୨।୧୨(ଡି.ଏନ୍.ଏ.)**

ଚିଲିକା ବ୍ଲକ ଅନ୍ତର୍ଗତ ପଞ୍ଚୁପଲ୍ଲୀ ସୋମନାଥ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ସଦସ୍ୟା ମମତା ପାଇକରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମେଳାର ଶୁଭାରମ୍ଭ କରିଥିଲେ। ବ୍ଲକର ୭୨ ବିଦ୍ୟାଳୟରୁ ୧୨୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟାପକ ବିଦ୍ୟାଧର ଝୁଝାରସିଂହ ଓ ଅଧ୍ୟାପିକା ରୀନା ରାଉତ ଯୋଗଦେଇ ପ୍ରକଳ୍ପଗୁଡିକର ଅନୁଧ୍ୟାନ କରିଥିଲେ। ପଞ୍ଚୁପଲ୍ଲୀ ସୋମନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ର ଶୁଭଜିତ ପାଇକରାୟ ଓ ବିଶ୍ୱରାଜ ବିଶ୍ୱାଳଙ୍କ ଦ୍ୱାରା ପ୍ରଦର୍ଶିତ ହାତ ତିଆରି ମାଇକ୍ରୋସ୍କୋପ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛି। ସଭାପତି ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ନଳିନୀକାନ୍ତ ମହାନ୍ତି, ବିଆରସିସି ବୈକୁଣ୍ଠନାଥ ପାଇକରାୟ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଗୀତାରାଣୀ ବେହେରା ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚୁପଲ୍ଲୀ ସୋମନାଥ ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

## 'ଗଣିତ ବିନା ବୈଜ୍ଞାନିକ ହେବା ଅସମ୍ଭବ'



**ବେଗୁନିଆ,୨।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶୁକ୍ରବାର ସ୍ଥାନୀୟ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକର ୧୩୦ଟି ବିଦ୍ୟାଳୟର ୧୮୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ସେଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ଚଳିତ ବର୍ଷ ମାଟ୍ରିକ ଟପ୍ପର ଦୀପାଲି ସୁନ୍ଦରାୟ ବକ୍ତାଭାବେ ଯୋଗଦେଇଥିଲେ। ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ବେହେରା ଓ ପରିଚାଳନା କମିଟି ଅଧ୍ୟକ୍ଷ ଶିବ ମୁନି, ବିଆରସିସି ସୁରେଶ ଚନ୍ଦ୍ର ସେଠୀ, ଏବିଇଓ ନଳିନୀପ୍ରଭା ଦେବୀ, ଦାଶରଥି ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଗଣିତ ବିନା ବୈଜ୍ଞାନିକ ହେବା ଅସମ୍ଭବ ବୋଲି ଅତିଥି ସୁବୁଦ୍ଧି କହିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା କରିଥିବା ବେଳେ ରତିକାନ୍ତ କହଳସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ନାରାୟଣ ବନ୍ଧୁ ପଟ୍ଟନାୟକ ଓ ଶୁଭେନ୍ଦୁ ସାହୁ ବିଚାରକଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲାକୁ ମନୋନୀତ ହୋଇଥିବା ଛାତ୍ରୀ ଓ ଛାତ୍ର ସଞ୍ଜନା ମୁନି, ଶୁଭ୍ରଜ୍ୟୋତି ଜେନା, ସୌମ୍ୟରଞ୍ଜନ ସ୍ୱାଇଁ, ବିଶ୍ୱରୂପା ପଟ୍ଟନାୟକ, ଅଙ୍କିତା ସାହୁ, ଦିବ୍ୟାଲୋକ ଦେବାଶିଷ ଦାସ ଓ ସଞ୍ଜୁକ୍ତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ସଂଘର ଉପଦେଷ୍ଟା ବସନ୍ତ ପ୍ରହରାଜ, ସରୋଜ ବେହେରା, ସନ୍ତୋଷ ମହାପାତ୍ର, ପୁଲକ ସାହୁ, ରବୀନ୍ଦ୍ର ସାହୁ, ଦାଶରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ

**ଖୋର୍ଦ୍ଧା ଅଫିସ,୨।୧୨**

ଡିସେମ୍ବର ୩ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ଏହି ଉପଲକ୍ଷେ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ଖେଳପଡିଆରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପାଢୀ କହିଥିଲେ, ଦିବ୍ୟାଙ୍ଗଙ୍କ ପ୍ରତି ସହାନୁଭୂତି ରଖ। ସେମାନଙ୍କୁ ସ୍ନେହ, ଶ୍ରଦ୍ଧା ଦିଅ। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ରହିଛି। ପ୍ରତିଭା ବିକଶିତ ଲାଗି ମା'ବାପା, ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି। ବିଭିନ୍ନ କ୍ଷେତ୍ରରେ ଦିବ୍ୟାଙ୍ଗମାନେ ପାରଦର୍ଶିତା ଅର୍ଜନ କରିଛନ୍ତି। କେବଳ ଟିକିଏ ସହାନୁଭୂତି, ସହଯୋଗ ମନୋଭାବ ରଖି ପିଠି ଥାପୁଡେଇ ଦେଲେ ସେମାନେ ମଧ ଆଗକୁ ବଢିପାରିବେ ବୋଲି ସେ କହିଥିଲେ। ଏହି ପ୍ରତିଯୋଗିତାରେ ୧୧ଟି ବିଦ୍ୟାଳୟର ଶ୍ରବଣ, ଦୃଷ୍ଟିବାଧିତ, ମାନସିକ ଅନଗ୍ରସର ଓ ସ୍ନାୟବିକ ଦୁର୍ବଳ ପ୍ରାୟ ୬ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୬ ପ୍ରକାରେ ପ୍ରତିଯୋଗିତାରେ ୪୮ଜଣ କୃତୀତ୍ୱ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ଶନିବାର ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଏକ ୱାକଥନ ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଠାରୁ ଟାଉନହଲ ପର୍ଯ୍ୟନ୍ତ ଯିବେ। ସେଠାରେ ଦିବସ ପାଳନ ସହ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ବିପ୍ଳବ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା କ୍ରୀଡା ଆସୋସିଏଶନର ସମ୍ପାଦକ ଉପେନ୍ଦ୍ର ନାଥ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।


ସମାରୋହରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏବଂ ଅନ୍ୟମାନେ।

## ଥଇଥାନ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**ଖୋର୍ଦ୍ଧା ଅଫିସ,୨।୧୨**

**କ୍ୟାବିନ୍ ଭାଙ୍ଗିବା ଘଟଣା**

ଖୋର୍ଦ୍ଧା ଆର୍‌ଆଇ ଅଫିସ ନିକଟରେ ଗୁରୁଜଙ୍ଗର ରଣଜିତ୍ ମହାପାତ୍ରଙ୍କ ରହିଥିବା ମୋ ସେବାକେନ୍ଦ୍ର କ୍ୟାବିନକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ଏନେଇ ରଣଜିତ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅଭିଯୋଗକାରୀଙ୍କ ଜୀବନଜୀବିକା ପୁନରୁଦ୍ଧାର ପାଇଁ ତାଙ୍କ ମୋ ସେବାକେନ୍ଦ୍ର କ୍ୟାବିନ୍ ଆରଆଇ ଅଫିସ ଛକ ନିକଟ ପ୍ଲଟ ନଂ.୨୪୩୩, ଖାତା ନଂ.୧୧୦୭ ମୌଜା ଜଜାରସିଂ ସ୍ଥାନିତ କରିବାକୁ ଅନୁମତି ଦେବା ଲାଗି ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଆର୍‌ଆଇ ଅଫିସ ନିକଟରେ ରଣଜିତଙ୍କ ଏକ କ୍ୟାବିନ ରହିଥିଲା। ସେଠାରେ ସେ ଏକ ସେବାକେନ୍ଦ୍ର ଖୋଲିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଅନଲାଇନ ସେବା ଯୋଗାଇଆସୁଥିଲେ। ତେବେ ତହସିଲଦାର ଏବଂ ଆର୍‌ଆଇ ବିନା ନୋଟିସରେ ଜେସିବି ମାଧ୍ୟମରେ ଭାଙ୍ଗିଦେଇଥିଲେ। କମ୍ପ୍ୟୁଟର, ଲାପଟପ, ପ୍ରିଣ୍ଟର, ଜେରକ୍ସ ମେଶିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ନଷ୍ଟ ହୋଇ ଯାଇଛି। ସମ୍ପୃକ୍ତ ତହସିଲଦାର ଏବଂ ଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ

**ଯାଁଳା,୨।୧୨(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ଯାଁଳାସ୍ଥିତ ଅମୃତା ବିଦ୍ୟାଳୟମ୍ ପରିସରରେ ଥିବା ଖେଳପଡିଆରେ ୨୭ତମ ଉପକନିଷ୍ଠ ବାଳକ ବାଳିକା ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ବଲ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଏବଂ ଅମୃତା ବିଦ୍ୟାଳୟମ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩ଦିନ ଧରି ଅନୁଷ୍ଠିତ ହେବ। ଜିଲା ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱରେ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି ବିଭାସ ପରିଡା, ଅତିଥିଭାବେ ଜିଲା ସମ୍ପାଦକ ପ୍ରଣୟ ପଟ୍ଟନାୟକ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ବ୍ୟାଡମିଣ୍ଟନ ବଲର ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ଦାଶ, ଅମୃତା ବିଦ୍ୟାଳୟର ପ୍ରିନ୍ସିପାଲ ମୌସୁମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଖୋର୍ଦ୍ଧା, ରାୟଗଡା, ପୁରୀ, ନୟାଗଡ଼, କେନ୍ଦୁଝର, ଯାଜପୁର, ଗଞ୍ଜାମ, ଜଗତସିଂହପୁର, କଟକ, ବୌଦ୍ଧ, ଭଦ୍ରକ, ଅନୁଗୋଳ ଆଦି ଜିଲାର ୪୦୦ ବାଳିକା ବାଳକ ଏବଂ ୨୦ଜଣ ଅଫିସିଆଲ ଯୋଗଦେଇଛନ୍ତି। କ୍ରୀଡା କିପରି ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରି ଉତ୍ତମ ନାଗରିକ ଭାବେ ଗଢି ତୋଳିବାରେ ସହାୟକ ହେବ ଅତିଥିମାନେ କହିଥିଲେ। ଅମୃତା ବିଦ୍ୟାଳୟମର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଶୋକ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ପହଞ୍ଚୁନି ପ୍ରଶାସନ, ସହାୟତା ଯୋଗାଇଲା ଅନୁଷ୍ଠାନ

**ବେଗୁନିଆ,୨।୧୨(ଡି.ଏନ୍.ଏ.)**

**ନିରାଶ୍ରୟ ଜୀବନ ବିତାଉଛନ୍ତି ୪ ଅନାଥ ଘଟଣା**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡ଼ାଡ଼ିହ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମ ଆଦିବାସୀ ସାହିରେ ଏବେବି ନିରାଶ୍ରୟ ଜୀବନ ବିତାଉଛନ୍ତି ୪ ଅନାଥ ପିଲା। ଦୀର୍ଘ ୬ବର୍ଷ ହେବ ସେମାନଙ୍କ ପାଇଁ ସାହା ଭରସା କେହି ନ ଥିବାବେଳେ ପର ଆଶ୍ରୟରେ କଟୁଛି ଜୀବନ। ଏନେଇ ଗତ ୨୩ ତାରିଖରେ ନିରାଶ୍ରୟ ଜୀବନ ବିତାଉଛନ୍ତି ୪ ଅନାଥ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ତେବେ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ସେମାନଙ୍କ ପାଖରେ ପହଞ୍ଚି ନ ଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢାଇଛନ୍ତି। ଗତ ମଙ୍ଗଳବାର କେନ୍ଦୁଝର ଅଞ୍ଚଳର ଏକ ଆଦିବାସୀ ସଙ୍ଗଠନର ଦୁଇଜଣ ସଭ୍ୟ ପହଞ୍ଚି ଅନାଥ ଶିଶୁଙ୍କୁ ଭେଟିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ବୁଧବାର ନୟାଗଡ଼ ଜିଲା ରାଜସୁନାଖଳା ଅଞ୍ଚଳର ଏକ ପ୍ରମୁଖ ଅନୁଷ୍ଠାନର ନେତ୍ରୀ ରିନାରାଣୀ ସାହୁ, ସଭ୍ୟା ରିଙ୍କିରାଣୀ ସାହୁ ଏବଂ ସଭ୍ୟ ରଞ୍ଜିତ ସାହୁ ସେମାନଙ୍କୁ ଭେଟି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ, ପାଠ୍ୟ ଉପକରଣ ଆଦି ପ୍ରଦାନ କରିଛନ୍ତି।

ସୂଚନାଥାଉ କି, ନୀଳକଣ୍ଠପୁର ଆଦିବାସୀ ସାହିର ବିରାଟ ନାୟକ, ସ୍ତ୍ରୀ ପ୍ରତିମା, ବଡ଼ଝିଅ ପୁଷ୍ପଲତା, ଅନ୍ୟ ଦୁଇ ଝିଅ ଝିଲି ଓ ପ୍ରୀତିଙ୍କ ସହିତ ସାନ ପୁଅ ରାଜେଶଙ୍କୁ ନେଇ ଗୋଟିଏ ପରିବାର। ୨୦୧୬ ଏପ୍ରିଲ ୬ରେ ସମସ୍ତ ପରିବାର ଘରେ ଶୋଇଥିବା ବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ବିରାଟ ଓ ସ୍ତ୍ରୀ ପ୍ରତିମାଙ୍କ ମୃତ୍ୟୁ ଘଟିଥିବା ବେଳେ ସୁସ୍ଥ ହୋଇଥିଲେ ୩ ଭଉଣୀ ଓ ଭାଇ। ମା'ବାପାଙ୍କୁ ହରାଇବା ପରେ ଭଉଣୀ ଭାଇଙ୍କୁ ଆତ୍ମୀୟମାନେ ପାଳି ପୋଷୁଛନ୍ତି। ବଡ଼ ଝିଅ ପୁଷ୍ପଲତାଙ୍କୁ ଏବେ (୧୬), ଝିଲି(୧୩), ପ୍ରୀତି (୧୦) ଓ ରାଜେଶ (୭) ବର୍ଷରେ ପହଞ୍ଚିଲେଣି। ଏହି ୪ ପିଲାଙ୍କ ପାଇଁ ସରକାରୀ ସହାୟତା ସାତସପନ ପାଲଟିଛି। ୩ଜଣଙ୍କ ପାଇଁ ମୁଣ୍ଡ ପିଛା ୫କେଜି ଚାଉଳ ମିଳୁଥିବା ବେଳେ ସାନ ଭାଇଙ୍କ ନାମ ଏବେ ଯାଏ ତାଲିକାଭୁକ୍ତ କରାଯାଇନାହିଁ। ପୋଡି ଯାଇଥିବା ଚାଳିଆ ତଳେ ୪ ପିଲା ମୁଣ୍ଡ ଗୁଞ୍ଜିଥିବା ବେଳେ ଆବାସ ଖଣ୍ଡିଏ ପାଇଁ ସ୍ୱପ୍ନ ଦେଖୁଛନ୍ତି। ତେବେ ସରକାର ସେମାନଙ୍କ ଦୁଃଖ ହୃଦୟଙ୍ଗମ କରିବା ପାଇଁ ପଡୋଶୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ରାଜେଶଙ୍କ ନାମ ଖୁବ୍‌ଶୀଘ୍ର ରାଶନ ତାଲିକାଭୁକ୍ତ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ଡିସେମ୍ବର, ୨୦୨୨



## ବଙ୍କୁଦ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଫୁଲନଖରା,(ଡି.ଏନ୍.ଏ.): କଟକ ମହାନଗର ନିଗମ(ସିଏମ୍‌ସି) ୫୯ ନମ୍ବର ୱାର୍ଡ ଅଧୀନ ବଙ୍କୁଦ ଖେଳପଡିଆରେ ବଙ୍କୁଦ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମା' ଯୋଗିଆଣୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଆଇନଜୀବୀ ସ୍ୱାଧୀନଚେତା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରବୀର ପତି ଓ ଧ୍ରୁବଚରଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ଖୁନ୍‌କାର ଗ୍ରାମର ଏମ୍.କେ. କଳିଙ୍ଗ ଟିମ୍ ଓ ବଙ୍କୁଦ ଗ୍ରାମର କିଙ୍ଗ୍‌ଷ୍ଟାର ଇଲେଭେନ୍ ମଧ୍ୟରେ ହୋଇଥିଲା। କିଙ୍ଗ୍‌ଷ୍ଟାର ଟିମ୍ ୬ ଉଇକେଟ୍ ବିନିମୟରେ ୮୯ ରନ୍ କରିଥିଲା। ଏହାର ଜବାବରେ ଏମ୍.କେ. କଳିଙ୍ଗ ଟିମ୍ ୭ ଉଇକେଟ ହରାଇ ୯୩ ରନ୍ କରି ବିଜୟୀ ହୋଇଥିଲା।

### ସଂକ୍ଷେପରେ

## ଡ୍ରିମ୍‌ସ ସ୍କୁଲ ଅଫ୍ ପାରାମେଡିକାଲରେ ସମ୍ବର୍ଦ୍ଧନା ଉତ୍ସବ

କଟକ ଅଫିସ, ୨।୧୨: ଡ୍ରିମ୍‌ସ ସ୍କୁଲ ଅଫ୍ ପାରାମେଡିକାଲର ଡିଏମ୍ଏଲଟି ଓ ଡିଏମ୍ଆରଟି ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ପଦ୍ମିନୀ ଅଡିଟୋରିୟମରେ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କଲେ ମାତାପିତା ଓ ଶିକ୍ଷାନୁଷ୍ଠାନର ସମ୍ମାନ ବଢ଼ିବ। ଏଥିରେ ସମ୍ମାନିତ ବକ୍ତା ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପଦ୍ମିନୀ କେୟାର ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଡା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧାପିକା ଡ. ଲୀନା ପଟ୍ଟନାୟକ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡା. ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ପ୍ରାଧାପକ ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ଅମିନ ସଂଘର କଳାବ୍ୟାଜ ପରିଧାନ

ଖୁଣ୍ଟୁଣୀ,୨।୧୨(ଡି.ଏନ.ଏ): ଗ୍ରେଡ ପେ' ୧୮ଶହରୁ ୨୮ଶହ ବୃଦ୍ଧି, ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩, ଅମିନ ନାମ ପରିବର୍ତ୍ତନ କରି ଭୂ-ନିରୀକ୍ଷକ, ଏଲ୍ଆର୍ଏମ୍ଏସ୍ ଆଇ ଏବଂ ଓଡିଆରଏସ୍ ରୁଲ ୧୯୮୩କୁ ଠିକ ଭାବେ କାର୍ଯ୍ୟକାରୀ କରିବା ଆଦି ୫ ଦଫା ଦାବି ନେଇ ରାଜ୍ୟ ଅମିନ ସଂଘ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ଓ କଳାବ୍ୟାଜ ପରିଧାନ ଦ୍ୱିତୀୟ ଦିନରେ ପହଞ୍ଚିଛି । ଶୁକ୍ରବାର କଟକ ଜିଲା ଅମିନ ସଂଘ ସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ଆର୍ଆଇ ସର୍କଲର କର୍ମଚାରୀ ସୁନିଲ କୁମାର ମହାପାତ୍ର, ଲିନା ଜେନା, ଟାରୁ ଦେଇ, ସନ୍ତୋଷ କୁମାର ଦେହୁରୀ ଓ ପ୍ରସନ୍ନ କୁମାର ନାୟକ ପ୍ରମୁଖ ତହସିଲ କାର୍ଯ୍ୟାଳୟ ଆଗରେ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଗର୍ଜନ ସମାବେଶରେ ସମାପ୍ତ ହେବ ବୋଲି ଅମିନ ମହାପାତ୍ର କହିଛନ୍ତି ।

## ଗୌର ପରିଡ଼ାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଖୁଣ୍ଟୁଣୀ,୨।୧୨(ଡି.ଏନ.ଏ ): ଖୁଣ୍ଟୁଣୀ-ରଙ୍ଗେଇ ଗ୍ରାମ କମିଟିର ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ପରିଡା ଶ୍ରଦ୍ଧାଞ୍ଜଳି ସଭା ଟାଟା ମୋଟର୍ସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଟ୍ରକ ମାଲିକ ସଂଘ ସଭାପତି ତଥା ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ଗୌରଚନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କମିଟିର ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ସରପଞ୍ଚ କୈଳାଶ ଚନ୍ଦ୍ର ଦାସ, ସମ୍ପାଦକ ଦିଲ୍ଲୀପ କୁମାର ସେଠ, କିଶୋର କୁମାର ସାମନ୍ତରାୟ, ରଜନୀକାନ୍ତ ଜେନା, ବିପିନି ବିହାରୀ ପ୍ରଧାନ, ବିଜୟ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଦେବରାଜ ସାହୁ, ପ୍ରଦ୍ୟୁମ୍ନ ନାୟକ, ସୁଶାନ୍ତ କୁମାର ସାହୁ, ସୁରେଶ ଦଳେଇ, ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଗୌରଚନ୍ଦ୍ରଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ପାଇଁ ଗ୍ରାମର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସପ୍ତାହେ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା।

## ଅମିନଙ୍କ ପରଲୋକ

ବାଙ୍କୀ,୨।୧୨(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ବରିଷ୍ଠ ଅମିନ ଅମୂଲ୍ୟ କୁମାର ଦାସ(୬୮)ଙ୍କ ଗୁରୁବାର ପରଲୋକ ଘଟିଛି । ୨ଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତଦେହ ଗ୍ରାମକୁ ଅଣାଯାଇ ଶ୍ମଶାନରେ ସତ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଅଶୋକ କୁମାର ଦାସ ମୁଖାଗ୍ନି ଦେଇଥିଲେ। ଅମୂଲ୍ୟ ଜଣେ ଦକ୍ଷ ଅମିନ ଭାବେ କାର୍ଯ୍ୟ କରି ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ।

# ବଦଳିବ ୨୯୭ କି.ମି. ପୁରୁଣା ପାଇପ୍ ଲାଇନ୍

କଟକ ଅଫିସ,୨।୧୨



ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**ସ୍ୱଜଳ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ କାର୍ଯ୍ୟ ସମୀକ୍ଷା ବୈଠକ**

- ନିର୍ମାଣ ହେବ ଆଉ ୧୮ ଓଭରହେଡ୍ ଟ୍ୟାଙ୍କ୍
- ୯୩ ହଜାର ଉପଭୋକ୍ତାଙ୍କୁ ମିଳିବ ସୁବିଧା

୨୦୨୩ ଡିସେମ୍ବର ସୁଦ୍ଧା କଟକ ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସ୍ୱଜଳ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ଜରିଆରେ ସହରରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କାର୍ଯ୍ୟାଳୟରେ ଶୁକ୍ରବାର ଏକ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ।

ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୨ ଜାନୁୟାରୀରେ ଘୋଷଣା କରିଥିଲେ। ଏହାପରେ ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପ୍ରାଥମିକପର୍ଯ୍ୟାୟରେ କଟକ ମହାନଗର ନିଗମ(ସିଏମ୍‌ସି)ର ୪୮ ଓ ୪୯ ନମ୍ବର ୱାର୍ଡରେ ଏହି କାର୍ଯ୍ୟ ଶେଷ ହୋଇଛି। ପରବର୍ତ୍ତୀ ସମୟରେ ସହରର ଅନ୍ୟ ଅଞ୍ଚଳରେ ଏହି ଯୋଜନାର ଭିତ୍ତିଭୂମିକୁ ସଜାଡିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି। ସହରକୁ ମୋଟ ୫୫ଟି ଜୋନ୍‌ରେ ବିଭକ୍ତ କରାଯାଇଛି । ପ୍ରତି ଜୋନ୍‌ରେ ସୁବିଧାରେ ପାନୀୟ ଜଳ ଯୋଗାଣ ପାଇଁ ଓଭର ହେଡ୍ ଟ୍ୟାଙ୍କ୍ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ୩୭ଟି ଓଭର ହେଡ୍ ଟ୍ୟାଙ୍କ୍ ବ୍ୟବସ୍ଥା କରାଯାଇଥିବାବେଳେ ଅବଶିଷ୍ଟ ୧୮ଟି ଟ୍ୟାଙ୍କ୍ ନିର୍ମାଣ ପାଇଁ ଟେଣ୍ଡର ସରିଛି। ସେଥିମଧ୍ୟରୁ ୯ଟି ପାଇଁ ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଥିଲାବେଳେ ଅବଶିଷ୍ଟ ୯ଟି ଲାଗି ଜମି ଅଧିଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମିଟର ମାଧ୍ୟମରେ ସହରର ମୋଟ ୯୩ ହଜାର ଉପଭୋକ୍ତାଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ । ପ୍ରତ୍ୟେକ ଘର କନେକ୍ସନ ପଏଣ୍ଟ ପରିବର୍ତ୍ତନ କରାଯିବ। ଫଳରେ ପାଣି ଲିକ୍ ହେବାର ସମ୍ଭାବନା ହ୍ରାସ ପାଇବ। ଏହାଛଡ଼ା ସୁରୁଖୁରୁରେ କାମ ଶେଷ କରିବା ପାଇଁ ୨୯୭ କି.ମି. ପୁରୁଣା ପିଭିସି ପାଇପ୍ ଲାଇନକୁ ବଦଳାଯିବ। ଆଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସହରବାସୀଙ୍କୁ ସମ୍ପୂର୍ଣ୍ଣ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଉପରୋକ୍ତ ବ୍ୟବସ୍ଥା କରାଯାଇଛି। ବିଶେଷକରି ଆଇଏସ୍-୧୦୫୦୦ ୱାଟର କ୍ୱାଲିଟିକୁ ସର୍ବଦା ଦୃଷ୍ଟି ଦିଆଯିବ ବୋଲି ୱାଟର କର୍ପୋରେଶନ ଅଫ ଓଡ଼ିଶା(ୱାଟ୍‌କୋ)ର ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତି କହିଛନ୍ତି। ୫୫ଟି ଜୋନ୍ ମଧ୍ୟରୁ ଦୁଇଟିର କାମ ଶେଷ ହୋଇଛି। ୨୦୨୨ ଡିସେମ୍ବର ସୁଦ୍ଧା ୭, ୨୦୨୩ ଏପ୍ରିଲ ସୁଦ୍ଧା ୧୧, ଅଗଷ୍ଟ ସୁଦ୍ଧା ୧୧ ଓ ଡିସେମ୍ବର ୩୧ ସୁଦ୍ଧା ୧୭ଟି ଜୋନ୍‌ର କାର୍ଯ୍ୟ ଶେଷ ହେବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି । ଏହି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ୱାଟ୍‌କୋ କଟକ ଡିଭିଜନର ଜେନେରାଲ ମ୍ୟାନେଜରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ଅମଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

କଟକ ଅଫିସ, ୨।୧୨

ଓଡ଼ିଶା ଅମଲା ସଂଘ କଟକ ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ନେତା ହୃଦୟ ବିହାରୀ ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଅମଲା ସଂଘର ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସଭାରେ କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ମୁଖ୍ୟ ଅତିଥି ଓ ଓଡ଼ିଶା ଅମଲା ସଂଘ ରାଜ୍ୟ ଚେୟାରମ୍ୟାନ ଅସିତ ଚରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ଅମଲାମାନଙ୍କର ଆର୍ଥିକ ଦାବି ପୂରଣ ପାଇଁ ରାଜ୍ୟ ନେତୃତ୍ୱମାନେ ସରକାରଙ୍କ ସହିତ ଆଲୋଚନା ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଓଡ଼ିଶା ଅମଲା ସଂଘ କଟକ ଜିଲା ଶାଖା ସଭାପତି ବିଶ୍ୱମୋହନ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଲଳିତ ମୋହନ ଶତପଥୀ, ସମ୍ପାଦକ ଅଜୟ କୁମାର ଜେନା, ଗୁରୁ ଗୋବିନ୍ଦ ଦଳାଇ, ଅମିୟ ରଞ୍ଜନ ଜେନା, ଅକ୍ଷୟ କୁମାର ସାହୁ, ତପନ କୁମାର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ନନ୍ଦ, ଦୀକ୍ଷିତ ସ୍ୱାଇଁ, ଲଳିତ ଶତପଥୀ, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ



ଯୁବ କଂଗ୍ରେସ ପ୍ରତିନିଧିମାନେ ଆରଡିସିଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

ମଙ୍ଗୁଳି/ଜଗତପୁର, ୨।୧୨(ଡି.ଏନ୍.ଏ)

ଜଗତପୁର ତହସିଲ ଅଫିସ ଟାଙ୍ଗୀକୁ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରି ଚୌଦ୍ୱାର-କଟକ ଯୁବ କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ଆରଡିସିଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଚୌଦ୍ୱାର-କଟକ ଯୁବ କଂଗ୍ରେସର ସଭାପତି ମାନସ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆରଡିସିଙ୍କୁ ଭେଟି ତହସିଲ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ କଂଗ୍ରେସ ଓ ଅଞ୍ଚଳବାସୀ ଘୋର ବିରୋଧ କରୁଛନ୍ତି ବୋଲି କହିଛନ୍ତି। ଏଣୁ ଉକ୍ତ ସ୍ଥାନାନ୍ତର ପ୍ରକ୍ରିୟାକୁ ବନ୍ଦ କଲେ ଅଞ୍ଚଳବାସୀ ଉପକୃତ ହେବେ। ନ ହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ସୃଷ୍ଟିହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ଦାସ, ସୌରଭ କୁମାର ଦାସ, ପିସିସି ସଦସ୍ୟ ରାଜୀବ ମହାନ୍ତି, ଛାତ୍ର କଂଗ୍ରେସ ସମ୍ପାଦକ ଅଂଶୁମାନ ପ୍ରଧାନ, ନରେନ ବେହେରା, ମଳୟ ସ୍ୱାଇଁ, ପ୍ରକାଶ ବେହେରା, ସୋନୁ ମହାନ୍ତି, ମନୋଜ ତରାଇ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଉଷୁମା ଗ୍ରାମରେ ୫ ଛେଳି ଚୋରି

ମାହାଙ୍ଗା,୨।୧୨(ସ୍ୱ.ପ୍ର.)

ମାହାଙ୍ଗା ଥାନା ଉଷୁମା ପଞ୍ଚାୟତ ଅନ୍ତର୍ଗତ ଉଷୁମା ଗ୍ରାମର ୨ ଜଣଙ୍କ ଗୁହାଳରୁ ଗୁରୁବାର ରାତିରେ ଛେଳି ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ଗୁହାଳରେ ପଶି ରାମଚନ୍ଦ୍ର ସେଠୀଙ୍କ ୨ ଓ ଦାମୋଦର ସେଠୀଙ୍କ ୩ଟି ଛେଳି ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଦାମୋଦରଙ୍କ ସ୍ତ୍ରୀ ତପସ୍ୱିନୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଧିକାରୀ ପ୍ରୀୟରଞ୍ଜନ ସେଠୀ କହିଛନ୍ତି।

## ରାଜବାଟୀ ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକ ଉତ୍ସବ

ବଡ଼ମ୍ବା,୨।୧୨ (ଡି.ଏନ୍.ଏ .)

ବଡ଼ମ୍ବା ରାଜବାଟୀ ପରିସର ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ତଥା ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧି ଅନୁଯାୟୀ,ଗୁରୁପୂଜା, ସୂର୍ଯ୍ୟପୂଜା ଓ ହୋମଯଜ୍ଞ ଆଦି ଆୟୋଜନ କରାଯାଇଥିଲା। ସାନବାରସିଂସ୍ଥିତ ମା'ମଙ୍ଗଳା ମହିଳା ଭାଗବତ ମଣ୍ଡଳୀ ପକ୍ଷରୁ ଭାଗବତ ପାଠ କରାଯାଇଥିଲା। ଅଖିଳ ଭାରତୀୟ ବୃହଦମ୍ବା ପାଲା ସଂଘ ପକ୍ଷରୁ କୀର୍ତ୍ତନ କରାଯାଇଥିଲା। କିଶୋର ମୋହନ ମିଶ୍ର ଓ ସିନିବାସ ଦାସ ହୋମରେ ବସିଥିବା ବେଳେ ରାଜା ସାହେବ ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ପୂର୍ଣ୍ଣାହୁତି ସମ୍ପନ୍ନ କରିଥିଲେ। ଜଗନ୍ନାଥ ଭକ୍ତ ମଣ୍ଡଳୀ ତରଫରୁ ରାଜା ସାହେବ, କୁମାର ସାହେବ ତ୍ରିଭୁବନ ଚନ୍ଦ୍ର ଦେବ ଓ ନୀଳାଦ୍ରି ଦେବଙ୍କୁ ସମ୍ମାନିତ କରାଯାଇଥିଲା।

## ରଘୁନାଥଜୀଉ କଲେଜରେ ବିଶ୍ୱ ଏଡ୍‌ସ ଦିବସ



କଟକ ଅଫିସ, ୨।୧୨

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ଡ. ଚିରଞ୍ଜିବୀ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ତା'ର ପ୍ରତିକାର ଉପରେ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସରୋଜ କୁମାର ଦାଶ ଯୋଗଦେଇ ଏଡ୍‌ସ ରୋଗର ସଂକ୍ରାମକ ଦିଗ ଉପରେ ମତ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ନିହାର ରଞ୍ଜନ ରଥ ସଭା ପରିଚାଳନା କରିଥିଲେ। ଏଥିରେ ଜାତୀୟ ସେବା ଯୋଜନାର ୬୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ୧୮ରେ ଓଡ଼ିଆ ଗୀତିକବି ସମାଜର ବାର୍ଷିକ ଉତ୍ସବ

କଟକ ଅଫିସ, ୨।୧୨

ଓଡ଼ିଆ ଗୀତିକବି ସମାଜର ୩୦ତମ ବାର୍ଷିକ ଉତ୍ସବ କଟକ ଶତାବ୍ଦୀ ଭବନଠାରେ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ବୈଠକ ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା ସହ ସମ୍ମାନିତ କରାଯିବା ନିମନ୍ତେ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ନାମ ଘୋଷଣା କରାଯାଇଥିଲା। ଉକ୍ତ ଉତ୍ସବରେ ପ୍ରବନ୍ଧ ସମାଲୋଚନାରେ ପ୍ରାବନ୍ଧିକ ଡ. ସୁରେନ୍ଦ୍ର ନାଥ ମହାରଣାଙ୍କୁ ଭରଦ୍ୱାଜ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଆୟୁଷ କଣ୍ଠଶିଳ୍ପୀ ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କୁ ଅନ୍‌ମୋଲ ସଙ୍ଗୀତ ନିର୍ଦ୍ଦେଶନା ସମ୍ମାନ, ବରିଷ୍ଠ ଗୀତିକବି ବୈଦ୍ୟନାଥ ଖିଲାରଙ୍କୁ ଓଡ଼ିଆ ଗୀତିକବି ସମାଜ ସମ୍ମାନ, ଗୀତିକବି ଡ. ସଫିକ ଅହମ୍ମଦ ସିଦ୍ଦିକିଙ୍କୁ ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନ, ଗୀତିକବି ବାମଦେବ ସ୍ୱାଇଁଙ୍କୁ ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ, ଅରୁଣ କୁମାର ପାତ୍ରଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ ଓ ଗୀତିକବି ମାଳତୀ ପଣ୍ଡାଙ୍କୁ ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ ପ୍ରଦାନ କରାଯିବ। ଏହାବ୍ୟତୀତ ରାଜେନ୍ଦ୍ର ପ୍ରସାଦ ହରିଚନ୍ଦନ ରାଜ୍ୟସ୍ତରୀୟ ଗୀତିକବିତା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଉକ୍ତ ବୈଠକରେ ଅନୁଷ୍ଠାନର ସଭାପତି ମନୋଜ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦିକା ସନ୍ଧ୍ୟାରାଣୀ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାରିଟାଇମ୍ ମ୍ୟୁଜିୟମ ବୁଲିଲେ ଇଣ୍ଡୋନେସିଆ ଦୂତାବାସର ବାଣିଜ୍ୟିକ ଅଧିକାରୀ



ମ୍ୟୁଜିୟମ ପରିଦର୍ଶନ କରୁଥିବା ଇଣ୍ଡୋନେସିଆ ଦୂତାବାସର ବାଣିଜ୍ୟିକ ଅଧିକାରୀ ଡୋନାଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୨।୧୨

ଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ବୈଦେଶିକ ବ୍ୟାପାର ଦାୟିତ୍ୱରେ ଥିବା ଡୋନା ଏବଂ ତାଙ୍କ ସ୍ତ୍ରୀ ଶୁକ୍ରବାର କଟକର ମାରିଟାଇମ୍ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ଇଣ୍ଡୋନେସିଆ ସମେତ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକ ସହିତ ଓଡ଼ିଶାର ପୂର୍ବରୁ ନୌବାଣିଜ୍ୟ ସମ୍ପର୍କ ରହିଥିଲା। ଏ ସମ୍ପର୍କିତ ଅନେକ ସ୍ମୃତି ମାରିଟାଇମ୍ ମ୍ୟୁଜିୟମରେ ରହିଛି। ଦୂତାବାସର ବାଣିଜ୍ୟିକ ଅଧିକାରୀ ଏହି ସ୍ମୃତି ସବୁ ବୁଲି ଦେଖିବା ସହ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ଥିବା ନୌବାଣିଜ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଆଧାରରେ ଏବେ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ କିଭଳି ପୂର୍ବଭଳି ବାଣିଜ୍ୟିକ ସମ୍ପର୍କକୁ ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା ଥିଲେ। କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫାଉଣ୍ଡେସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇଣ୍ଡୋନେସିଆ ଦୂତାବାସର ଅଧିକାରୀ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବା ପାଇଁ ଓଡ଼ିଶା ଆସିଛନ୍ତି। ଆଗାମୀ ଦିନରେ ବାଣିଜ୍ୟ ଓ ପରିବହନ ଦିଗକୁ ଆହୁରି ସୁଦୃଢ଼ କରାଯିବା ଉପରେ ଆଲୋଚନା ହୋଇଥିବା ମ୍ୟୁଜିୟମ ପକ୍ଷରୁ ସୂଚନା ମିଳିଛି।

**ପାନୀୟଜଳରୁ ବଞ୍ଚିତ ବସ୍ତିବାସିନ୍ଦା**

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ,୨।୧୨



ବସ୍ତିବାସିନ୍ଦାଙ୍କ ବସ୍ତିକୁ ଜଳ ସଂଯୋଗ କାଟି ଦିଆଯାଇଛି। ଏନେଇ ବସ୍ତିବାସିନ୍ଦାଙ୍କ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ପାଖାପାଖି ୧ ସପ୍ତାହ ହେବ ଅଭିଯୋଗ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଜଳ ସଂଯୋଗ କରାଯାଇନାହିଁ। ଫଳରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଆବାହକ ଖଗେଶ୍ୱର ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ ସୁକାନ୍ତ ନାୟକ ମାମଲା ପରିଚାଳନା କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ତୁଳସୀପୁର ହାତୀଗଡ଼ା ବସ୍ତିକୁ ଗତ ନଭେମ୍ବର ୨୭ରୁ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇଛି। ଏ ସମ୍ପର୍କରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି କମିଶନରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସମସ୍ୟାର ଆଶୁ ସମାଧାନ ପାଇଁ କମିଶନର ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମାଧାନ ନ ହେବାରୁ ବସ୍ତିବାସିନ୍ଦା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଆସନ୍ତା ଜାନୁୟାରୀରେ କଟକ ବାରବାଟୀ ଷ୍ଟାଡିୟମରେ ବିଶ୍ୱକପ୍ ହକିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହେବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ମହାନଦୀ ରିଂରୋଡ୍‌କୁ ନୂତନ ରୂପରେଖ ଦିଆଯାଉଛି।




କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆ ନିକଟରେ ଖତ ଖାଉଥିବା ଭ୍ରାମ୍ୟମାଣ ଟଏଲେଟ୍।

ଫଟୋ: ରାଜକିଶୋର

**ବଟମଙ୍ଗଳା ପୀଠରେ ମହାଲକ୍ଷ୍ମୀ ପୂଜା**

କାକଟପୁର,(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ ପଥରପକା ଗ୍ରାମର ମା' ବଟମଙ୍ଗଳା ପୀଠରେ ମହାଲକ୍ଷ୍ମୀ ପୂଜା ବହୁ ଆଡ଼ମ୍ବରରେ ଆରମ୍ଭ ହୋଇଛି। ଗତ ୨୦ ବର୍ଷ ହେଲା ଏହି ଗ୍ରାମରେ ମାର୍ଗଶିର ମାସ ଶେଷ ଗୁରୁବାର ଗ୍ରାମର ଉନ୍ନତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମା' ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଆସୁଛି। ଚଳିତ ବର୍ଷ ପୂଜକ ବସନ୍ତ କୁମାର ତ୍ରିପାଠୀ ମା'ଙ୍କ ପୂଜା ନୀତି କରୁଥିବା ବେଳେ କର୍ତ୍ତା ଭାବେ ରତ୍ନାକର ବେହେରା (ମାଗୁ) ଓ କର୍ତ୍ତ୍ରୀ ଭାବେ ସସ୍ମିତା ବେହେରା କାର୍ଯ୍ୟନିର୍ବାହ କରୁଛନ୍ତି। ଗୁରୁବାରଠାରୁ ବିଶ୍ୱ କଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୨।୨୦୨୨

| ୩,୭୪,୮୯୪ ଟଙ୍କା | |
|---|---|
| ସୁନା | ୨୨୦ ମିଲିଗ୍ରାମ |
| ରୁପା | ମିଳିନାହିଁ |

# ଦିବ୍ୟାଙ୍ଗ ହୋଇ ବି ହାର୍ ମାନିନାହାନ୍ତି

## ସମାଜ ପାଇଁ ଉଦାହରଣ ସାଜିଛନ୍ତି

ପୁରୀ ଅଫିସ, ୨।୧୨:

ଦିବ୍ୟାଙ୍ଗମାନଙ୍କୁ ଅନେକ ସମୟରେ ଭିନ୍ନ ଆଖିରେ ଦେଖିଥାଏ ସମାଜ। କିନ୍ତୁ ବର୍ତ୍ତମାନ ଅନେକ ଦିବ୍ୟାଙ୍ଗ ନିଜର ଆତ୍ମବିଶ୍ୱାସ ଓ ପରିଶ୍ରମ ବଳରେ ଆତ୍ମନିର୍ଭରଶୀଳ ହୋଇ ସମାଜରେ ନୂତନ ପରିଚୟ ସୃଷ୍ଟି ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏପରି ଜଣେ ଦିବ୍ୟାଙ୍ଗ ହେଉଛନ୍ତି ପୁରୀର ଉଚ୍ଚ ଶିକ୍ଷିତ ଯୁବ ବ୍ୟବସାୟୀ ସିଦ୍ଧାର୍ଥ ଦାସ। ସେ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ବି ହାର୍ ମାନି ନାହାନ୍ତି। ତାଙ୍କର ଦୁଇଟି ଗୋଡ଼ ଅଚଳ ସତ୍ତ୍ୱେ କେବେ ଭାଙ୍ଗି ପଡ଼ିନାହାନ୍ତି। ସେ ସ୍ନାତକୋତ୍ତର ପାସ୍ କରିବା ପରେ ନିଜେ ଏକ ଦୋକାନ କରି ଘର ଚଳାଇବା ସହ ସମସ୍ତ ଆବଶ୍ୟକତା ପୂରଣ କରିପାରୁଛନ୍ତି। ସେହିପରି ଆଉଜଣେ ହେଲେ ସୁବାସ ଚନ୍ଦ୍ର ଗୌଡ଼। ସେ ଦିବ୍ୟାଙ୍ଗ ହୋଇଥିଲେ ବି ନିଜକୁ କେବେ ଅନ୍ୟମାନଙ୍କଠାରୁ ନ୍ୟୂନ ବୋଲି ଭାବି ନାହାନ୍ତି। ସେ ଦୀର୍ଘ



ସୁବାସ ଚନ୍ଦ୍ର ଗୌଡ଼



ଏସ୍.ନାନାଜୀ

୧୫ ବର୍ଷ ହେବ ଘରୋଇ ଶିକ୍ଷକ ଭାବେ ଷଷ୍ଠରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢାଇ ଆସୁଛନ୍ତି। ଏଥିସହିତ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଓଡ଼ିଶାର ପ୍ରଥମ କଲେକ୍ଟୋରେଟ କ୍ୟାଣ୍ଟିନ 'ଚଟଣୀ'ରେ ନିୟୋଜିତ ରହିଛନ୍ତି। ସେ ସ୍ନାତକୋତ୍ତର ପଢୁଥିବାବେଳେ ଏକ ଦୁର୍ଘଟଣାରେ ଡାହାଣ ହାତ ହରାଇଥିଲେ। ଏହାସତ୍ତ୍ୱେ ଅଟକି ନ ଯାଇ ପାଠ ପଢିବା ସହ ଜଣେ ଶିକ୍ଷକ ହେବାକୁ ମନସ୍ଥ କରିଥିଲେ। ପରେ ସେ ପିଲାଙ୍କୁ ଶିକ୍ଷାଦାନ କରିଆସୁଛନ୍ତି। ସେ ବିବାହିତ ଓ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଝିଅ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିବାବେଳେ ପୁଅ ରେଲ୍‌ୱେରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ସେ ଦିବ୍ୟାଙ୍ଗ ହୋଇ ମଧ୍ୟ ହାର୍ ନ ମାନି ଏତେ ବାଟ ଆସିପାରିଛନ୍ତି। ସେ କେବେ କାହା ଉପରେ ନିର୍ଭରଶୀଳ ହେବାକୁ ପସନ୍ଦ କରନ୍ତି ନାହିଁ ବୋଲି ସୁବାସ କହିଛନ୍ତି। ସେହିପରି ନିଜକୁ ଦିବ୍ୟାଙ୍ଗ କହି କର୍ମ କରିବା ଲାଗି ପଛଘୁଞ୍ଚା ଦେବାକୁ ସେ ନାପସନ୍ଦ କରନ୍ତି। ପେଣ୍ଠକଟା ଅଞ୍ଚଳର ୧୪ ବର୍ଷୀୟ ଏସ୍.ନାନାଜୀ ଜଣେ ଦୃଷ୍ଟିହୀନ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଅଧାରୁ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ତେବେ ବାଦ୍ୟ ବାଦନ ପ୍ରତି ତାଙ୍କର ଦୁର୍ବଳତା ରହିଛି। ସେ ନିଜ ଅଞ୍ଚଳରେ କୁନି ତବଲା ବାଦକ ଭାବେ ପରିଚିତ। ସେ ସ୍ଥାନୀୟ ଚର୍ଚ୍ଚ ଓ ବିଭିନ୍ନ କାର୍ଯ୍ୟକ୍ରମରେ ବାଦ୍ୟ ବାଦନ କରିଥାନ୍ତି। ଦାରିଦ୍ର୍ୟତା ଯୋଗୁ ତାଙ୍କ ମା' ଏକ ହୋଟେଲରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଅନେକ ସମୟରେ ମା'ଙ୍କୁ ସେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥାନ୍ତି।



ପୁରୀ ରେଲ୍‌ୱେ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବେଆଇନ ଛଟେଇ ପ୍ରତିବାଦରେ ତଥା ପୁନଃ ନିଯୁକ୍ତି ଦାବିରେ ରେଲ୍‌ୱେ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଛି।





ଜି-୨୦ ସମ୍ମିଳନୀରେ ଭାରତର ଅଧ୍ୟକ୍ଷତାକୁ ସ୍ୱାଗତ ସହ ସଫଳତା କାମନା କରାଯାଇ ଏବିଭିପି ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

## ଦେଢ଼ବର୍ଷ ହେବ ସୁଲଭ ଶୌଚାଳୟରେ ତାଲା

- ରୋଗୀ,ସମ୍ପର୍କୀୟ ହଇରାଣ
- ୧୨ ଲକ୍ଷ ୧୩ ହଜାର ୯୭୭ ଟଙ୍କା ଅଟକଳରେ ନିର୍ମାଣ ହୋଇଥିଲା

ନିମାପଡ଼ା,୨।୧୨(ଡି.ଏନ୍.ଏ.)

ନିମାପଡ଼ା ସରକାରୀ ଡାକ୍ତରଖାନା ପରିସରରେ ନବନିର୍ମିତ ସୁଲଭ ଶୌଚାଳୟରେ ତାଲା ଝୁଲୁଥିବାରୁ ରୋଗୀ, ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ମେଡିକାଲ ପରିସରରେ ରୋଗୀ, ଆଟେଣ୍ଡାଣ୍ଟ, ମେଡିକାଲ କର୍ମଚାରୀ, ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଏନ୍‌ଏସି ପକ୍ଷରୁ ୧୨ ଲକ୍ଷ ୧୩ ହଜାର ୯୭୭ ଟଙ୍କା ଅଟକଳରେ ଏହି ଶୌଚାଳୟ ନିର୍ମାଣ ହୋଇଥିଲା। ଏହାକୁ ୨୦୨୧ ଅଗଷ୍ଟ ୫ରେ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ହେଲେ ଏବେ ଏହି ଶୌଚାଳୟ କାହା ବ୍ୟବହାରରେ ନ ଲାଗି ଅବହେଳିତ ଅବସ୍ଥାରେ ପଡିରହିଛି। ୧ ବର୍ଷ ୪ ମାସ ହେବ ଶୌଚାଳୟଟି ବ୍ୟବହାର ଅନୁପଯୋଗୀ ହୋଇପଡିଥିବାରୁ ସେଠାରେ ତାଲା ଝୁଲାଇ ଦିଆଯାଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳବାସୀ, ମେଡିକାଲକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଚରମ ଅବହେଳା, ନିଷ୍କ୍ରିୟତା, ହେୟ ମନୋଭାବ ଯୋଗୁ ଶୌଚାଳୟଟି କାର୍ଯ୍ୟକ୍ଷମ ନ ହୋଇ ପଡିରହିଥିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ପୌରବାସୀ ପୂର୍ଣ୍ଣଚନ୍ଦ୍ର ସାହୁ, କାଶୀନାଥ ବେହେରା, ବାସୁଦେବ ବେହେରା, ପ୍ରଫୁଲ୍ଲ ସାହୁ, ପ୍ରଭାତ ପ୍ରଧାନ, ସନ୍ତୋଷ ଓଝା ପ୍ରମୁଖ କହିଛନ୍ତି। ରୋଗୀ ଏବଂ ଲୋକଙ୍କ ହିତ ଦୃଷ୍ଟିରୁ ଶୌଚାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଶିକ୍ଷାମନ୍ତ୍ରୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ନିକଟରେ ସ୍ଥାନୀୟ ପୌରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ଏବଂ ଉପାଧ୍ୟକ୍ଷ ସନ୍ତୋଷ ଦାଶଙ୍କୁ ପଚାରିବାରେ ଏନ୍‌ଏସି ପରିଷଦର ନିଷ୍ପତ୍ତି ଅନୁସାରେ ଶୌଚାଳୟର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନ୍ୟସ୍ତ କରାଯିବ। ସାଧାରଣ ଜନତା ନିଃଶୁଳ୍କ ଶୌଚାଳୟ ସେବା ପାଇପାରିବେ ଓ ଖୁବ୍‌ଶୀଘ୍ର ଏକ ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ଏବଂ ଲୋକାର୍ପିତ ହେବ ବୋଲି ଆଚାର୍ଯ୍ୟ ଏବଂ ଦାଶ କହିଛନ୍ତି।

## ସଂକ୍ଷେପରେ

### ମା' ଦକ୍ଷିଣେଶ୍ୱରୀଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା

ନିମାପଡ଼ା,୨।୧୨(ଡି.ଏନ୍.ଏ.): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମର ଆରାଧ୍ୟ ଦେବୀ ମା' ଦକ୍ଷିଣେଶ୍ୱରୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋରରୁ ସ୍ନାନ, ପ୍ରାତଃ ସ୍ମରଣ, ବେଦପାଠ, ସୂର୍ଯ୍ୟପୂଜା, ଗୋମାତା ପୂଜନ, ଯଜ୍ଞାଦି କର୍ମ, ଦେବଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ଆଳତି, ପୂର୍ଣ୍ଣାହୁତି ସମସ୍ତ ନୀତିକାନ୍ତି କରାଯାଇ ମା' ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମା'ଙ୍କ ପୀଠରେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ବାଦ୍ୟ, ଶଙ୍ଖଧ୍ୱନିରେ ମା'ଙ୍କ ପୀଠ ଓ ଅଣ୍ଡିଆସାହି ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ସମଗ୍ର ଅଣ୍ଡିଆସାହି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ଓ ନଗର ପରିକ୍ରମା କରିଥିବା ବେଳେ ମା'ଙ୍କ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଆୟୋଜିତ ହୋଇଥିଲା।

### ବିଡିଓଙ୍କ ଦ୍ୱାରା ଚାଷୀଙ୍କୁ ଔଷଧୀୟ ଚାରା ବଣ୍ଟନ

କଣାସ,୨।୧୨(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ତିପୁରୀ ଗ୍ରାମରେ ପଲ୍ଲୀ ସଂସ୍କୃତି କଳା ପରିଷଦ ଦ୍ୱାରା ଚାରା ଉତ୍ପାଦନ କରାଯାଇ ଯାଇ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିଡିଓ ପବିତ୍ର କୁମାର ବେହେରାଙ୍କ ଦ୍ୱାରା ଚାଷୀମାନଙ୍କୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଉପସ୍ଥିତ ରହି ଡାଳିମ୍ବ, ପଣସ, ପିଜୁଳି, ଲେମ୍ବୁ, ଅଁଳା, ହରିଡା, ବାହାଡା ପ୍ରଭୃତି ଔଷଧୀୟ ବୃକ୍ଷ ବଣ୍ଟନ କରି ଚାରା ନେଇଥିବା ବ୍ୟକ୍ତିମାନଙ୍କୁ ଗଛଟିକୁ ନିଜ ପୁଅପରି ପାଳିଲେ ପରିବେଶର ସୁରକ୍ଷା ହେବ ବୋଲି ବିଡିଓ କହିଥିଲେ। ଚାରା ବଣ୍ଟନ ସମୟରେ ବ୍ଲକର କେତେକ ଅଧିକାରୀ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ସମ୍ପାଦକ ଅପର୍ତ୍ତି ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଜିଠୁ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

- ୨୫ ରାଜ୍ୟର ୪୦୦ ପ୍ରତିଯୋଗୀ ଭାଗନେବେ

ପୁରୀ ଅଫିସ, ୨।୧୨:

ପୁରୀ ଆମେଚର ବଡି ବିଲ୍‌ଡିଙ୍ଗ୍ ଆସୋସିଏଶନ ଏବଂ କଳିଙ୍ଗ ବଡି ବିଲ୍‌ଡିଙ୍ଗ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଜାତୀୟସ୍ତରୀୟ ମିସ୍ ଇଣ୍ଡିଆ ଓ ମିଷ୍ଟର ଇଣ୍ଡିଆ-୨୦୨୨ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆରମ୍ଭ ହେବ। ୩ଧରି ଶ୍ରୀକ୍ଷେତ୍ରରେ ଏହି ପ୍ରତିଯୋଗିତା ଚାଲିବ। ସୁନ୍ଦର ସ୍ୱାସ୍ଥ୍ୟରେ ନିଜ କ୍ୟାରିୟର ଗଢି ତୋଳୁଥିବା ଓଡ଼ିଶା ସମେତ ୨୫ଟି ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଏହାକୁ ପରିଚାଳନା କରିବେ। ଏହି ପ୍ରତିଯୋଗିତାରେ ବରମୁଡା ଶର୍ଟ୍‌ସ, ମିଡିୟମ ଆଣ୍ଡ ଟଲ୍ସ ଡେନିମ ଜିନ୍ସ ସର୍ଟ୍ସ, ମିଡୟମ ଆଣ୍ଡ ଟଲ୍ସ, ବଡି ବିଲଡିଙ୍ଗ ଟଲ୍ସ ଓ ସର୍ଟ୍ସ ସହ ମହିଳା ସ୍ପୋର୍ଟ୍ସ ମଡେଲ, ସୁନ୍ଦର ସ୍ୱାସ୍ଥ୍ୟ ଭଳି ପ୍ରାୟ ୨୨ଟି ବିଭାଗରେ ପ୍ରତିଯୋଗିତା ହେବ। ପୁରୀ ଟାଉନ ହଲରେ ଶନିବାର ଏହି ପ୍ରତିଯୋଗିତାର ଅଫିସିଆଲ ସିଲେକ୍ସନ କାର୍ଯ୍ୟକ୍ରମ ରହିଛି। ୪ ତାରିଖରେ ନୀଳାଦ୍ରି ବିଚ୍‌ରେ ଫାଇନାଲ ପ୍ରତିଯୋଗିତା ଓ ଉଦଯାପନୀ କାର୍ଯ୍ୟକ୍ରମ ହେବ। ଏହି ପ୍ରତିଯୋଗିତାକୁ ପୁରୀର ଲିଜେଣ୍ଡ ଜିମ୍ ଆୟୋଜନ କରୁଛି। ଏହାଦ୍ୱାରା ପାରମ୍ପରିକ ସମର କଳାର ସହର ଶ୍ରୀକ୍ଷେତ୍ର ମାଟିରେ ପ୍ରତିଯୋଗୀଙ୍କ ମନରେ ସ୍ୱତନ୍ତ୍ର ଉର୍ଜା ସୃଷ୍ଟି ହେବ। ଏହି ଅବସରରେ ଅନୁଷ୍ଠାନର ସଭାପତି ରଞ୍ଜନ ମହାନ୍ତି, ଚିଫ୍ ପାଟ୍ରନ ଗୌରୀଶଙ୍କର ସିଂହାରୀ, ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ଉପସଭାପତି ସଞ୍ଜୀବ ରଥଶର୍ମା, ସ୍ୱାଧୀନ ଷଡ଼ଙ୍ଗୀ, ସନ୍ତୋଷ ଆଢେୟ, ସାଧାରଣ ସମ୍ପାଦକ ବିକ୍ରମ କୁଅଁର, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା, ସାଧାରଣ ପରିଷଦ ସଦସ୍ୟ ଭବାନୀ ଶଙ୍କର ଦାସ, ବିଧାନ ଦାସ, ଶିବ ପ୍ରସନ୍ନ ପଟ୍ଟନାୟକ, ଅଲ୍ ଇଣ୍ଡିଆ ଆସୋସିଏଶନର ସଭାପତି ଧୀରଜ ମୋହନ ଦାସ ଏବଂ ପଶ୍ଚିମବଙ୍ଗ ବଡି ବିଲ୍‌ଡିଙ୍ଗ୍ ଆସୋସିଏଶନ ସଭାପତି ରୋନଜ ମୁଖାର୍ଜୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା

ଡେଲାଙ୍ଗ,୨।୧୨(ଡି.ଏନ୍.ଏ.)

ଆଜିର ଶିଶୁ କାଲିର ଭବିଷ୍ୟତ ଶିଶୁଟିକୁ ଅଭିଭାବକମାନେ ସମାଜରେ ଭଲ ମଣିଷ ଭାବେ ପ୍ରତିଷ୍ଠିତ କରିବା ପାଇଁ ବିଦ୍ୟାଳୟକୁ ପଠାନ୍ତି। ଶିକ୍ଷକଟି ଶିଶୁଟିକୁ ଭଲ ମଣିଷ ଭାବେ ଗଢିତୋଳିବାକୁ ଅନେକ ପ୍ରଚେଷ୍ଟା କରିଥାଏ। ତେଣୁ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା ବୋଲି ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନୁଷ୍ଠିତ କମ୍ପ୍ୟୁଟର ପ୍ରୟୋଗଶାଳ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଗୋଲକ ବିହାରୀ ବରାଳଙ୍କ ସଭାପତିତ୍ୱରେ ଜିଲା ମୋ ସ୍କୁଲ ସଂଯୋଜକ ସନ୍ତୋଷ ଚୌଧୁରୀ, ଏବିଇଓ ଯୁଧିଷ୍ଠିର ପରିଡା,ପୂର୍ବତନ ପ୍ରଧାନ ଶିକ୍ଷକ ହୃଷୀକେଶ ପରିଡା, ସିଆର୍‌ସିସି ପବିତ୍ର ପଣ୍ଡା, ଶିକ୍ଷକ ମିଟୁ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛାଟୋଇ ମୋତିଲାଲ ରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦିଲୀପ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀଧର ପ୍ରଧାନ, ଲକ୍ଷ୍ମୀନାରାୟଣ ଜେନା, ପରମାନନ୍ଦ ମାଝି, ଦୀପକ ଛାଟୋଇ , ଶିକ୍ଷୟିତ୍ରୀ ପ୍ରସାଦିନୀ ପରିଡା, ମମତା ମଞ୍ଜରୀ ପ୍ରଧାନ, ପ୍ରତିମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଓମ୍ ପ୍ରକାଶ ବେହେରାଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା ।

## ବଟି ମାଗିବା ଅଭିଯୋଗରେ ୪ ଗିରଫ

ପୁରୀ ଅଫିସ,୨।୧୨

ବଟି ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପେଣ୍ଠକଟା ଭୂଦାନ ନଗରର ରବି ସୁବୁଦ୍ଧି, ପେଣ୍ଠକଟା ହରଚଣ୍ଡୀ ନଗରର ରାମଚନ୍ଦ୍ର ନାୟକ ଏବଂ ରାମ ମନ୍ଦିର ସାଲବେଗ ସାହିର ମଣ୍ଟୁ ଜାଲି। ଏ ନେଇ ମାମଲା(ନଂ.୨୭୫/୨୨) ରୁଜୁ ହୋଇଛି। ଅଭିଯୁକ୍ତମାନେ ପେଣ୍ଠକଟା ମାଛ ମାର୍କେଟରେ ଦୋକାନୀଙ୍କଠାରୁ ବଟି ମାଗୁଥିବା ଅଭିଯୋଗ ହୋଇଥିଲା। ସେହିପରି ବଳିଆପଣ୍ଡା ଥାନା ଅଞ୍ଚଳରେ ବଟି ମାଗିବା ଅଭିଯୋଗରେ ଫେରାର ଥିବା ସିପସରୁବାଲି ଅଞ୍ଚଳର ରାଜେଶ ସାହୁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ଏନେଇ ନଂ. ୧୨୭/୨୨ରେ ଏକ ମାମଲା ରୁଜୁ କରିଛି। ପୂର୍ବରୁ ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଥିଲା।

## ଧୀରଜ ମହାପାତ୍ର, ରାମଚନ୍ଦ୍ର ମହାନ୍ତିଙ୍କୁ ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନ

ପୁରୀ ଅଫିସ, ୨।୧୨:

ସଙ୍ଗୀତ ଗୁରୁ ହରିହର ଖୁଣ୍ଟିଆଙ୍କ ୨୯ତମ ପୁଣ୍ୟତିଥି ଅବସରରେ ସ୍ମୃତି ସମିତି ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସମାରୋହ ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ଆର୍ତ୍ତତ୍ରାଣ ଶତପଥୀ ମୁଖ୍ୟ ଅତିଥି ଏବଂ ଅଧ୍ୟାପିକା ପ୍ରତିଭା ମହାରଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମଣିଷ ଜୀବନରେ ସଙ୍ଗୀତ ଓ ନୃତ୍ୟର ପ୍ରଭାବ ଏବଂ ଗୁରୁ ହରିହର ଖୁଣ୍ଟିଆଙ୍କ ସାଧନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଣ୍ଠଶିଳ୍ପୀ ଧୀରଜ କୁମାର ମହାପାତ୍ର ଏବଂ ବେହେଲା ଶିଳ୍ପୀ ଗୁରୁ ରାମଚନ୍ଦ୍ର ମହାନ୍ତିଙ୍କୁ ଚଳିତବର୍ଷର ଗୁରୁ ହରିହର ଖୁଣ୍ଟିଆ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆମେରିକାର ସମାଜସେବୀ ସ୍ମିତା ତ୍ରିପାଠୀ ଯୋଗଦେଇଥିଲେ। ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ ଏବଂ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ପଣ୍ଡା, ଭାଗିରଥୀ ଖୁଣ୍ଟିଆ, ଚିତ୍ତରଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଗୁରୁ ଉର୍ମିଳା ପ୍ରଧାନ, ଅଶୋକ ମହାନ୍ତି ଓ ଆକାଶ ମହାରଣା ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଏବଂ ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ କାଳିଜାଇ ନୃତ୍ୟନାଟିକା ପରିବେଷଣ ହୋଇଥିଲା।

## 'ଦମନ' ଦେଖିଲେ ଜିଲାପାଳ, ଏଏସ୍‌ପି

### ନିର୍ଦ୍ଦେଶକ, ପ୍ରଯୋଜକ ଓ କାର୍ଯ୍ୟନିର୍ବାହୀ ପ୍ରଯୋଜକ ସମ୍ବର୍ଦ୍ଧିତ

ପୁରୀ ଅଫିସ ୨।୧୨:

ପୁରୀ ଟାଉନ ହଲରେ ଶୁକ୍ରବାର ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଦମନ' ପ୍ରଦର୍ଶିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହାକୁ ଉଦ୍‌ଘାଟନ କରିବା ସହ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା, ପ୍ରଯୋଜକ ଦୀପେନ୍ଦ୍ର ସାମଲ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜକ ପି. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ଏକ ବାସ୍ତବ ଓ ସଚେତନଧର୍ମୀ ଚଳଚ୍ଚିତ୍ର, ଯାହା ସମାଜ ପାଇଁ ସକାରାତ୍ମକ ବାର୍ତ୍ତା ଦେଉଛି। ନିଜ କାର୍ଯ୍ୟକୁ ନିଷ୍ଠାର ସହ କଲେ ଆତ୍ମତୃପ୍ତି ପାଇବାର ବାର୍ତ୍ତାକୁ ସୁନ୍ଦର ଭାବେ ଦର୍ଶାଯାଇଛି ବୋଲି ଜିଲାପାଳ କହିଥିଲେ। ନିର୍ଦ୍ଦେଶକ ଲେଙ୍କା ଚଳଚ୍ଚିତ୍ର ନିର୍ମାଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁଭୂତି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ସିଡିଏମ୍‌ଓ ଡା. ସୁଜାତା ମିଶ୍ର, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଡିନ୍ ଡା. ମାୟା ପାଢ଼ୀ, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏହି ଚଳଚ୍ଚିତ୍ରକୁ ଦେଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟସେବା, ଚିକିତ୍ସକଙ୍କ କର୍ତ୍ତବ୍ୟ ଓ ସଚେତନତା ବାର୍ତ୍ତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିବାର ଦୃଶ୍ୟ ଦର୍ଶକମାନଙ୍କୁ ଭାବୁକ କରିଦେଇଥିଲା।



'ଦମନ' ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା, ପ୍ରଯୋଜକ ଦୀପେନ୍ଦ୍ର ସାମଲ ଓ କାର୍ଯ୍ୟନିର୍ବାହୀ ପ୍ରଯୋଜକ ପି. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପରିବେଶ ସୁରକ୍ଷା ଭଳି ବେଳାଭୂମି ସ୍ୱଚ୍ଛ ଜରୁରୀ

### କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା

କୋଣାର୍କ,୨।୧୨(ଡି.ଏନ୍.ଏ.):

କୋଣାର୍କ ଉତ୍ସବ ପରିପ୍ରେକ୍ଷୀରେ ବିଗତବର୍ଷ ଭଳି ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ପରିବେଶବିତ ଡ.ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ଚନ୍ଦ୍ରଭାଗା ବେଳାଭୂମିଠାରୁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ଆମେ ଯେପରି ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ, ସେଭଳି ବେଳାଭୂମିକୁ ସ୍ୱଚ୍ଛ ରଖିବା ମଧ୍ୟ ଜରୁରୀ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ଜବାହର ନବୋଦୟ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରାୟ ୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଚନ୍ଦ୍ରଭାଗା ବେଳାଭୂମିରୁ





କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବାହାରିଥିବା ସଚେତନତା ପଦଯାତ୍ରା।

ସାହୁଖଣ୍ଡତା ପର୍ଯ୍ୟନ୍ତ ୨କିମି ଯାଏଁ ପଦଯାତ୍ରା କରିଥିଲେ। ସାହୁଖଣ୍ଡତାସ୍ଥିତ ଇକୋରିଟ୍ରିଟ୍ ସନ୍ନିକଟ ବେଳାଭୂମି କୂଳରେ ପଦଯାତ୍ରା ସମ୍ପର୍କରେ ଏକ ସଚେତନତା ସଭା ହୋଇଥିଲା। ସାମାଜିକ କର୍ମୀ ତଥା ଶିକ୍ଷାବିତ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀଚନ୍ଦନ, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ, କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହଚରଣ କର, ପୁରୀ ଜିଲା ଯାଦବ ମହାସଂଘର ସଭାପତି ଗୋପାଳ ଚନ୍ଦ୍ର ବେହେରା, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, କୋଣାର୍କ ମେଡିକାଲର ଡା. ବିଧୁଭୂଷଣ ନାୟକ, ଚମ୍ପାହର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, କୋଣାର୍କ କିନ୍ନର ସଂଘ ସଭାପତି ମୀରା କିନ୍ନର, ସରପଞ୍ଚ ରଶ୍ମିତା ଶତପଥୀ, ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ ଓ ଯୁବ ସଂଗଠକ ସୁଶାନ୍ତ ବେଉରା ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ସଂଘ ଦ୍ୱାରା ହେଉଥିବା ବେଳାଭୂମି ପଦଯାତ୍ରା ସ୍ୱଚ୍ଛ ବେଳାଭୂମି, ପରିବେଶ ସୁରକ୍ଷା, ସ୍ୱଚ୍ଛ କୋଣାର୍କ ସବୁଜ କୋଣାର୍କର ବାର୍ତ୍ତା ଦେବା ସହ ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ଅନୁପ୍ରାଣିତ କରିବା ସହ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ କହିଥିଲେ। ପରେ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘର ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଅଜିତ ମଲ୍ଲିକ, ପ୍ରଦୀପ ଛାଟୋଇ, ସୁକାନ୍ତ ବିଶ୍ୱାଳ, ନିର୍ମଳ ପ୍ରଧାନ, ଗଣେଶଚନ୍ଦ୍ର ବେହେରା, ପ୍ରମୋଦ ଗୋଛାୟତ, ଅରୁଣ ବିଶ୍ୱାଳ ଓ ଅରୁନାଭ କର ପ୍ରମୁଖ ପରିଚାଳନା କରିଥିଲେ।

# ଫାଶ

ଗଳ୍ପ

ଲତିକା ବିଳାସ

ଚାକିରିର ପ୍ରଥମ ଦରମା। ତିନି ମାସର, ପୁଣି ଏକାଥରେ। ଚଉଡ଼ା ଚଉଡ଼ା ଲାଗୁଥାଏ ଛାତି। ଭାରି ଭାରି ପକେଟ୍। ଓଜନିଆ ଓଜନିଆ ଏଟିଏମ୍। ପରାଙ୍ଗପୁଷ୍ଟ ଉଦ୍ଭିଦଟି ଦେହରେ ଆଜି ଅକସ୍ମାତ୍ କଅଁଳିଯାଇଛି ବେଜାଏ ଚେର। ଖୁସି କଥା ତ ନିହାତି। ଆକାଶର ମନଟା ହାଲୁକା ହାଲୁକା ହୋଇ ଉଡୁଛି ମେଘ ଗହଣେ।

ଆଜି କାହିଁକି ତା'ର ଭାରି ମନେପଡୁଛନ୍ତି ବାପା, ମାଆ। ଜଳଜଳ ଦିଶୁଛି ତାଙ୍କ କରୁଣ ମୁହଁ। ମାଆର ସାତସିଆଁ କନ୍ଥା। ବାପାଙ୍କ ଛିଣ୍ଡା ଚପଲ।

ଆସନ୍ତା ସପ୍ତାହରେ ଗାଁକୁ ଯିବ ନିଶ୍ଚେ। ଲିଷ୍ଟ କରୁଥାଏ ମନେମନେ। ମାଆ ପାଇଁ ଦି'ଖଣ୍ଡ ସମ୍ବଲପୁରୀ ଶାଢ଼ି। ବାପା ପାଇଁ ଶାର୍ଟ କପଡ଼ା, ସ୍ୱେଟର, ଚପଲ। ଆଉ ଚେମେଣୀ ମାନୁ ପାଇଁ ...

ଚେମେଣୀ ପାଇଁ ଅନେକ କିଛି କିଣିବାର ଅଛି। ଅଭାବରେ ଆଜି ପର୍ଯ୍ୟନ୍ତ ଚଳିଆସିଛି ଝିଅଟା। କେବେ କିଛି ମାଗିନି ମୁହଁ ଖୋଲି। ଏମିତିକି ତା' ପାଇଁ ନିଜ ପାଠରେ ଡୋରି ବାନ୍ଧିଛି। ସିଲେଇ କରି ପଇସା ଦେଇଛି ବଡ଼ଭାଇକୁ। ଅଣାଟିଏ ଖର୍ଚ୍ଚ କରିନି କେବେ।

ଅଭାବୀ ପରିବାରକୁ ବାନ୍ଧି ରଖିବାକୁ ଏଇ ସ୍ନେହ ଶ୍ରଦ୍ଧା ବତୁରା ତ୍ୟାଗ ଟିକକ ତ ଈଶ୍ୱରଙ୍କ ଅମୂଲ୍ୟ ଆଶୀର୍ବାଦ। ଏତିକିକୁ ପୁଞ୍ଜି କରି ତ ସେ ପାରହୁଏ ସଂସାର ବୈତରଣୀ।

ଆଜି ଥାଉ ସେ ଲୁଣିଆ ଇତିହାସ।

ଏବେ ତ ତା'ର ଏ ଅଯୋଗ୍ୟ ଅପଦାର୍ଥ ଭାଇ ଚାକିରି କଲାଣି। ରୋଜଗାର କଲାଣି। ଚିନ୍ତା କ'ଣ ?

ଆଉ କେତେଟା ବର୍ଷ ଯେ... ତା'ପରେ ତ ଶାଶୁଘର ଚାଲିଯିବ। କିଛି ଦିନ ତ ଖୁସିରେ ରହୁ ମୋ' ଚେମେଣୀ। ଭାବୁଭାବୁ ଛଳଛଳ ହୋଇ ଆସିଲା ଆକାଶର ଆଖି।

–''ଆରେ ଆଜି ପରା ତୋ' ବାର୍ଥ ଡେ'। ପାର୍ଟି ତୋ ବନ୍‌ତା ହେ ୟାର୍।''

ଘେରି ଯାଇଥିଲେ ଆସି ପୁରୁଣା ସାଙ୍ଗମାନେ।

ରମନ୍ ସେମାନଙ୍କୁ ନେଇ ଆସିଛି ବୋଧେ ! ସେ ହିଁ ତ ଜାଣିଥିଲା ଆକାଶର ନୂତନ ଠିକଣା।

–''ତା'ହେଲେ ପୁରୀ ବିଚ୍। ଯେଉଁ ନୂଆ ରିସୋର୍ଟ ଖୋଲିଛି ସେଇଠି। ସୁଇମିଂ, ହର୍ଷରାଇଡିଂ ସହିତ ବାର୍ଥ ଡେ' ସେଲିବ୍ରେଶନ। ଖୁବ୍ ଜମିବ।''

ଚାବି ରିଙ୍ଗ୍‌କୁ ଘୂରାଇ ଘୂରାଇ କହୁଥିଲା ଅଭି।

ଆକାଶ ମୁଣ୍ଡ ଉପରେ ଯେମିତି ଚଡ଼କ ଖସିପଡ଼ିଲା।

–''ନା ନା, ଏତେ ପଇସା ନାହିଁ ମୋ' ପାଖରେ।''

–''ହେଃ, କଞ୍ଜୁସ୍। ଦରମା ପାଇଛୁ ପରା। ପ୍ରଥମ ଦରମାରେ ଜୀବନକୁ ଟିକେ ଏନ୍‌ଜୟ କରି ଶିଖ୍। ଏବେ ତ ସିଙ୍ଗଲ ଅଛୁ। ଡବଲ ହେଲେ ତ ଖାଲି ଫରମାଇସ୍ ଶୁଣିଶୁଣି ଦିନ ଯିବରେ ! ହଉ ଛାଡ଼... ରିସୋର୍ଟ ପ୍ରୋଗ୍ରାମ କ୍ୟାନ୍‌ସେଲ। ହୋଟେଲ ଫାଇନାଲ।''

ଚାହିଁ ବି ନାହିଁ କରି ପାରିଲାନି ଆକାଶ।

ହୋଟେଲ ନୁହେଁ ତ ଯେମିତି କେଉଁ ମାୟାନଗରୀ। ଏମିତି ହୋଟେଲ ଯେ ଥାଇପାରେ ସେ କେବେ କଳ୍ପନା ବି କରି ନ ଥିଲା। ରମନ୍‌କୁ କିନ୍ତୁ ସବୁ ଜଣା। ବେକାର ହୋଇ ବି ଜୀବନକୁ ଜିଉଛି ବିନ୍ଦାସ ଭାବରେ। ପଇସାବାଲା ବାପର



ପୁଅ। ପ୍ରାକ୍ଟିସ୍ ନାଁରେ ଭୁବନେଶ୍ୱରରେ ଅୟସ୍ କରୁଛି। ସବୁବେଳେ ଗୋଟାଏ କାହାକୁ ସାଙ୍ଗରେ ଧରି ବୁଲୁଥିବ– ପୁଅ ହେଉ କି ଝିଅ।

ହ୍ୟାଲୋ ସାର୍। ଗୁଡ୍ ଇଭନିଂ।

ଅଭିବାଦନ ଜଣାଉଥିଲେ ଦୁଇଜଣ ଝିଅ।

ଆଉ ଦୁଇଜଣ ଆସି ପାଛୋଟି ନେଇଗଲେ ଭିତରକୁ।

ଆହା, ସଂସାରର ସବୁ ଖାଦ୍ୟ ପାନୀୟର ଭଣ୍ଡାର ବୋଧେ ଏଇଠି ! ଦେଶୀ, ବିଦେଶୀ ହରେକ ରକମର। ମନ ଭରି ଯେତେ ଯାହା ଖାଉଛ ଖାଅ। ପୁଣି ବାର୍ଥ ଡେ' ପାଇଁ ସ୍ପେଶାଲ ଆରେଞ୍ଜ୍‌ମେଣ୍ଟ୍। ଫୁଲ, ରୋଶଣିର ଚମତ୍କାର ଡେକୋରେଶନ ସହିତ ବାଦ୍ୟ, ଗୀତ, ନାଚର ସୁନ୍ଦର ଆୟୋଜନ। ସ୍ୱପ୍ନପୁରୀର ସେ ରଙ୍ଗିନ୍ ପରିବେଶରେ କେକ୍ କାଟିଲାବେଳକୁ କ୍ଷଣିକ ପାଇଁ ଛାତିଟା ଫୁଲି ଉଠିଲା ତା'ର। ସାଙ୍ଗମାନଙ୍କ ଅନୁରୋଧରେ ସେଦିନ ପ୍ରଥମଥର ଚିଅର୍ସ କଲା କିଛି ମୃଦୁ ପାନୀୟ। ବାସ୍, ତା' ପାଦ ବି ଏଥର ନାଚି ଯାଉଥାଏ ଛାଆଁକୁ ଛାଆଁ।

ଧୀରେ ଧୀରେ ଯେମିତି ସେ ହଜିଯାଉଥାଏ କେଉଁ ଭିନ୍ନ ପୃଥିବୀରେ।

ତା' ପରଦିନ ଆଖି ଖୋଲିବା ପରେ ମଧ୍ୟ ଥକା ଥକା ନିଦୁଆ ନିଦୁଆ ଲାଗୁଥାଏ ତାକୁ। କିନ୍ତୁ ପକେଟ୍‌ରେ ହାତ ପଡ଼ିଯିବା ପରେ ସବୁ ନିଦ ଓହ୍ଲେଇ ଗଲା କ୍ଷଣିକେ। କେଇ ଘଣ୍ଟାର ଜନ୍ମଦିନ ମଉଜ, ଆଉ ପୂରା ସତୁରି ହଜାର ଗୋଲ୍।

ଦୀର୍ଘ ନିଃଶ୍ୱାସଟେ ବାହାରିଗଲା ଅଜାଣତରେ।

ଆଉ ଗାଁ ନା ଛତୁ। ବାପାଙ୍କୁ ଜଣେଇଦେଲା, 'ଦରମା ମିଳିନି ଏଯାଏଁ। ପାଇଲେ ଆସନ୍ତା ମାସରେ ଯିବି।'

ମାସକଯାକ କିନ୍ତୁ ଭାରି ମନସ୍ତାପରେ ବିତିଲା ତା'ର।

ତା' ପର ମାସ ଦରମା ପଡୁପଡୁ ଧାଇଁଲା ସିଧା ମାର୍କେଟ। ଗାଡ଼ିରୁ ଓହ୍ଲାଉଛି ରିଙ୍ଗ ହେଲା ମୋବାଇଲ୍। ଦେଖିଲା ଅଜଣା ନମ୍ବର। କାଟିଦେଲା। ପୁନଶ୍ଚ ଜିଦି କରି ଏକ ସ୍ୱରରେ ବାଜି ଉଠିଲା ଫୋନ୍‌ଟା। ବିରକ୍ତ ହୋଇ ଉଠାଇଲା ଏଥର। ଭାସିଆସିଲା ଏକ କୁହୁକୁହୁ କଅଁଳ କଳରବ ସହିତ କଳକଳ ମିଠା ହସର ମୂର୍ଚ୍ଛନା।

ହେଲେ ସେ ହସରେ ଏତେ ତୃଷ୍ଣା ?

ତୃପ୍ତ ହେବାକୁ ପୂରା ପଚାଶ ହଜାର ଦରକାର।

କିନ୍ତୁ ସେ ଦେବ ବା କେଉଁ ଖୁସିରେ ?

ହଠାତ୍ ତା' ହ୍ୱାଟ୍‌ସଆପ୍‌ରେ ଟୁଙ୍ଗ୍‌ଟୁଙ୍ଗ୍ ସୂଚେଇ ଦେଲା କିଛି। ଦେଖେ ତ ଗୁଡ଼ାଏ ଫଟୋ ଓ ଭିଡିଓ। ସେସବୁ ଖୋଲି ଦେଖୁ ଦେଖୁ ଉଡ଼ିଗଲା ତା' ମୁହଁର ରଙ୍ଗ। ବିନ୍ଦୁବିନ୍ଦୁ ସ୍ୱେଦ ଝରିପଡ଼ିଲା କପାଳରୁ। ଲାଗିଲା ସେ ଯେମିତି ଉଡୁଛି ବରମୁଡ଼ା ଟ୍ରାଏଆଙ୍ଗଲ ଉପରେ।

ଭଟଲି ଛକ, ବରଗଡ଼

## କବିତା

### ମୋ ତମାମ ଜଞ୍ଜାଳକୁ

ସଂଜୀବ କୁମାର ପଣ୍ଡା

ସେମାନଙ୍କ ଭାଗର ଆକାଶ
ମୋ ତମାମ ଜଞ୍ଜାଳକୁ
ଘର ଓଲଗୁଣିରେ ଝୁଲେଇ ଦେଇ
ମୋ ପିଠିରେ ବେତାଳ ପରି
ଲାଉ ହେଇଥିବା ସମସ୍ୟାସବୁକୁ
କମନରୁମ୍‌ରେ ଥୋଇ
ମୁଁ ସହାସ୍ୟ ବଦନରେ
ଶ୍ରେଣୀ କୋଠରିକୁ ପ୍ରବେଶ କରେ।

ଆଖିରେ ଆଖିଏ ସ୍ୱପ୍ନ,
ଛାତିରେ ଛାତିଏ ବିଶ୍ୱାସ,
କାନ୍ଧରେ କାନ୍ଧେ ଦାୟିତ୍ୱ ବୋହି
ସହାସ୍ୟ ବଦନରେ
ଶ୍ରେଣୀ କୋଠରିକୁ ପ୍ରବେଶ କରେ।

ଶ୍ରେଣୀ କୋଠରିକୁ ପ୍ରବେଶ କରୁକରୁ
ମାଟି ପିଣ୍ଡୁଳାମାନେ
ଜୀବନ୍ୟାସ ପାଇ ଉଠନ୍ତି
ମୋ' ହସ ସଂକ୍ରମିତ ହୋଇଯାଏ
ସେମାନଙ୍କ ଓଠକୁ
ସେ ହସରେ କାହାର ଭୋକ ମରେ,
କାହାର ଶୋଷ
ତ କା ମୁହଁରେ ପାଉଡ଼ର ପରି
ଲେପିହେଇଥିବା ବିଷାଦସବୁ
ଧୋଇହେଇଯାଏ।

ସାମ୍ନାରେ କୁନି କୁନି ଭବିଷ୍ୟତ
ସେମାନଙ୍କ ଦୃଷ୍ଟିରେ
ପୃଥିବୀ ଆଡ଼କୁ ମୁହାଁଏ
ତାଙ୍କ ଭାଷାରେ କଥାବାର୍ତ୍ତା କରେ
ତାଙ୍କସହ କଦମ୍ ତାଲ୍ କରେ
କହିବାକୁ ଗଲେ,
ନିଜକୁ ସେମାନଙ୍କ ଭିତରେ ହିଁ ଖୋଜେ।

ସେମାନଙ୍କ ମନରେ କଅଁଳୁଥିବା
ଭାବନା ସବୁକୁ ନିକଟରୁ ପଢ଼େ
ତୂଳୀଧରି କଳାଧଳା
ସ୍ୱପ୍ନ ସବୁରେ ରଙ୍ଗ ଭରେ
କାହାର ପିଠି ଥାପୁଡ଼ାଏ
ତ ଆଉ କାହା ମୁଣ୍ଡରେ
ହାତ ଥାପି ଦିଏ।

ଶ୍ରେଣୀ କୋଠରିରେ
ଆବିଷ୍କାର କରେ ନିଜକୁ
ଭିନ୍ନ ଏକ ଦୁନିଆରେ,
ଯେଉଁଠି ଭଙ୍ଗା ଭଙ୍ଗା
ସ୍ୱପ୍ନ ସବୁକୁ ସଜଡ଼ାଯାଏ
ଆଉ ସେମାନଙ୍କ
କଅଁଳ ପିଠିରେ ଆଲୁଅର
ପର ଖଞ୍ଜି କାନପାଖେ କୁହାଯାଏ,
ନେ ଭୋଗ ତୋ ଭାଗର ଆକାଶ।

ମୋ: ୯୬୫୮୭୧୫୨୨୬

### ଅନାଥ

ଖଗେଶ୍ୱର ଖଣ୍ଡୁଆଳ

ଏଠି ବାହାନା କରି ବଞ୍ଚୁଥାଏ
ମନରେ କୋହ
ଆଖିରେ ଲୁହ ଭରି
ବାଟ ଚାଲୁଥାଏ
ଖୋଜୁଥାଏ ତା'ର
ସୃଷ୍ଟିର ଇତିହାସ।
ଜୀବନର ଅସ୍ପଷ୍ଟ ମାନଚିତ୍ର
କିଛି ପାଇବାର କାମନା
ତା'ର ସ୍ୱପ୍ନ କେବଳ କଳ୍ପନା
ସେ କାହା ଖୁସିରେ
ଖୁସି ହେବା ସମସ୍ତେ ଦେଖନ୍ତି
କାହିଁକି ନା ! ତା' ଉପରେ
ସବାର କରେ ସମ୍ମତି ଲକ୍ଷଣ
କିଛି ମିଳିଲେ ହଁ
ନ ମିଳିଲେ ହଁ।

କାରଣ ନିୟତି ଶିଖେଇ ଦେଇଛି ତା'କୁ
ତା'ର ସୃଷ୍ଟିକର୍ତ୍ତା
ନିଛାଟିଆ ନିର୍ଜନ ପ୍ରାନ୍ତରେ
ପରିତ୍ୟକ୍ତ ଭାବେ ଛାଡ଼ି
ଚାଲି ଯାଇଥିବା ଦିନରୁ
ନିଜକୁ ନିଜ ସହ ସଂଘର୍ଷ କରିବାକୁ
ନ ହେଲେ ତାକୁ
ଆସିବାକୁ ପଡୁ ନ ଥାନ୍ତା ରେଳଷ୍ଟେଶନ
ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼।

କାହା ପାଖେ ସାଜୁ ନ ଥାନ୍ତା ନିରୀହ
ମୁଣ୍ଡ ନୁଆଁଇ କରୁ ନ ଥାନ୍ତା ମିନତି
ଧରୁ ନ ଥାନ୍ତା କାହା ହାତ, ପାଦ
ଜିଇବାକୁ ଚାହୁଁ ନ ଥାନ୍ତା
ଶାନ୍ତି ପାଇଁ ଟିକେ ସାନ୍ତ୍ୱନା।

ମୋ: ୯୪୩୮୬୧୫୫୮୮

### ଦାଗ

ଡ. ସ୍ନିଗ୍ଧା ପଣ୍ଡା

ଟିକେ ଆଗରୁ ଚଟାଣରେ
ପାଣିର ଦାଗ ଥିଲା
ଲିପିଦେଲା ପରେ, ପୋଛିଦେଲା
ପରେ ଆଉ ନାହିଁ
ସବୁ ସଫା, ପରିଷ୍କାର
ଯେମିତି କେବେ ଏଠି ଦାଗ ନ ଥିଲା
ଏବେ ବି ନାହିଁ।

କାଲି ଗାଲ ଉପରେ ଯେଉଁ
ଲୁହର ଦାଗ ଥିଲା
ଆଜି ନାହିଁ,
ଲୁହ ସହିତ ଧୋଇ ଯାଇଛି
ଅନେକ କିଛି ସ୍ୱପ୍ନରୁ ଓ ସ୍ମୃତିରୁ
ବାକି ଯାହା ରହିଯାଇଛି
ତା'ର ଦାଗ ହିଁ ନାହିଁ
କେହି ଦେଖିଲା ଭଳି, ମାପିଲା ଭଳି।

କେଇଦିନ ତଳେ ମାଟି ଉପରେ
ଯେଉଁଠି ରକ୍ତର ଦାଗ ଥିଲା
ଆଜି ନାହିଁ
ସେଠି ଗୋଟେ ଗଜାରୁ
କଅଁଳ ଦ୍ୱି'ପତ୍ର ଦିଶୁଛି
ଯିଏ ନିଜେ ହିଁ ଜାଣିଛି ନିଜ ତଳେ
କ'ଣ ଲୁଚେଇଛି
ଜ୍ୱାଳା ନା ଜୀବନ,
ଈର୍ଷା ନା ଈଶ୍ୱର।

ମନ ତ ଚଟାଣ ନୁହେଁ, ଗାଲ ନୁହେଁ,
ମାଟି ବି ନୁହେଁ
ଦାଗ ଲାଗିଲା ବେଳେ ଦିଶେ ନାହିଁ
ଛାଡ଼ିଲା ବେଳେ ବି ଦିଶେନାହିଁ
କିଏ ଜାଣିଛି,
ଦାଗ ସେଠୁ ଛାଡ଼େ କି ନାହିଁ।

ମୋ: ୯୮୬୧୩୨୩୬୫୦

## ପୁସ୍ତକ ପରିଚୟ

### ଫେରିବା ବାଟରେ




**କବି:** ଡ. ଗୋବିନ୍ଦ ଚନ୍ଦ୍ର ଦାଶ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୨୦୦/–

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୦ଟି କବିତା ସ୍ଥାନିତ ହୋଇଛି। କବିତାଗୁଡ଼ିକ ବାସ୍ତବଧର୍ମୀ, ଯୁଗଧର୍ମୀ ଓ ସର୍ବୋପରି ଜୀବନଧର୍ମୀ। ଏଥିରୁ ଅଧିକାଂଶ କବିତା କରୋନା କାଳରେ ଗୃହବନ୍ଦୀ ଥିବାବେଳେ ରଚିତ ବୋଲି କବି କହିଛନ୍ତି। 'ଅଗ୍ରଲେଖ'ରେ ଲେଖିଛନ୍ତି: ''ଶବ୍ଦମାନେ ମୋ' ଲେଖନୀକୁ ଆବୋରି ଧରି ମନପସନ୍ଦର ଖେଳ ଖେଳୁଛନ୍ତି ଓ ମୁଁ ଲେଖିଚାଲିଛି ଗୋଟିଏ ପରେ ଗୋଟିଏ କବିତା।'' କେତେକ କବିତାରେ ଯେଉଁ ପ୍ରେମର ଉଦ୍‌ବେଳନ ପାଠକଙ୍କୁ ମୁଗ୍ଧ କରେ, ତହିଁରେ ଛପିଥାଏ କବିଙ୍କର ସୃଜନର ବିସ୍ତାର। ଯଥା: ''ପ୍ରେମକୁ ଆଦରିବା ଶିଖିଥିଲି/ ତୁମ ଚାରିପାଖ ଆକାଶରୁ/ ବଞ୍ଚିବାର ମାନେ କ'ଣ/ ଜାଣିଥିଲି ତୁମ ଛାତିର/ ପ୍ରତିଟି ସ୍ପନ୍ଦନରୁ'' ('ଅଦୃଶ୍ୟ ଅନ୍ଧାର', ପୃ: ୧୪)। ଜୀବନର ଭଲ ଓ ମନ୍ଦ ଉଭୟ ସହ କବିଙ୍କର ସାକ୍ଷାତ୍‌କାର ଜୀବନ୍ୟାସ ପାଇଉଠିଛି ବେଶ୍ କେତେକ ପଂକ୍ତିରେ। ଯଥା: ''ବାଟରେ ଗଲାବେଳେ/ ଭେଟିଛି ବହୁ ପାଦଚିହ୍ନଙ୍କୁ/ ଶୁଣିଛି ବହୁ ପାଦଶବ୍ଦ/ ସେ ସବୁରୁ ଠଉରେଇ ନେଇଛି/ ସେଇମାନଙ୍କୁ ଯେଉଁମାନେ/ ସ୍ନେହରେ ଶ୍ରଦ୍ଧାରେ ମୋତେ/ କୋଳେଇ ନେଇ ମୋର ଭଲମନ୍ଦ/ ପଚାରି ବୁଝିଥିଲେ ଓ ପୁଣି/ ଯେଉଁମାନେ ବାଟରେ/ କଣ୍ଟା ପୋତିଥିଲେ, ମୋତେ/ ବାଟ ଦେଖାଇବା ବଦଳରେ/ ଅବାଟକୁ ଟାଣିନେଇଥିଲେ।'' ('ବାଟ ଅବାଟ', ପୃ: ୩୨)। 'ପ୍ରିୟତମ', 'ସମୟ', 'ମାଳିନୀ ଉବାଚ', 'ବାଲିଘର', 'ବୋଉ', 'କରୋନା', 'ବଗିଚା', 'ଘର', 'ସେରକ ପୂରିଲା', 'କୁଶଭଦ୍ରା', 'ଆତ୍ମହତ୍ୟା', 'ଗଛ', 'ସାବନା ଝିଅ' ଓ 'ଯାହା ମନେପଡ଼େ ମୋର' ଭଳି କବିତାଗୁଡ଼ିକ ପଢ଼ିବସିଲେ ସହଜରେ ମନ ଛାଡ଼େ ନାହିଁ। ଗ୍ରନ୍ଥର ନାମକରଣରେ ରହିଛି କଳ୍ପନା ଓ ଦର୍ଶନର ଯୁଗଳବନ୍ଦୀ।

### ଚରିତ୍ର : ଚରିତ




**କବି:** ଦୀନବନ୍ଧୁ ପଣ୍ଡା
**ପ୍ରକାଶକ:** ନିଜିଗଡ଼କୁରୁଖି, ହରିରାଜପୁର, ଜଟଣୀ
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ କାବ୍ୟଗ୍ରନ୍ଥରେ ମୋଟ ୫୧ଟି କବିତା ସ୍ଥାନିତ। କବିତାଗୁଡ଼ିକ ଚରିତ୍ରଧର୍ମୀ। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି ଯେ, ''ବହିରେ ଥିବା କବିତାଗୁଡ଼ିକ ଜୀବନର ବିଭିନ୍ନତା ଉପରେ ଆଧାରିତ। ଏହା କବିତାପ୍ରେମୀଙ୍କୁ ଆପଣାର ଜୀବନଦର୍ଶନ ପଢ଼ିଲା ଭଳି ପ୍ରତେ ହେବ।'' 'କୁଟି ଅପା', 'ମାଟି ମଣିଷ', 'ଅଡ଼ିବସିଛି ଟୋକାଟା', 'ମେରି ଖ୍ରୁଷ୍ଟ', 'ଲେଉଟାଣି ରାସ୍ତା', 'ନଈତୁଠରେ ଅଘଟଣ', 'ଅନ୍ଧଲୋକ', 'କାଳୀଝିଅ', 'ଅକ୍ଷିତୃତୀୟା', 'ବର୍ଷା ନାମଧାରୀ ଝିଅ', 'ଦରପାଚିଲା ପତ୍ର', 'ମିଛେଇ ଝିଅ', 'ବାଟ ଖୋଜୁଥିବା ମଣିଷ', 'ଅଲିଭା ସଳିତା', 'ନଈ ଅତଡ଼ାର ଗଛ' ଓ 'ମୁଁ ଖୋଜୁଛି ମୋ ନିଜକୁ' ପ୍ରଭୃତି କବିତାଗୁଡ଼ିକ ଏକୁ ଆରେକ ବଳି ବିଷୟ ନ୍ୟାସ ଓ ଭାଷାଚାଳନା ଦୃଷ୍ଟିରୁ। କବିତାଗୁଡ଼ିକରେ ଅନୁଭବର ଅନ୍ତରଙ୍ଗତା ବାରି ହୋଇଯାଏ। ଯଥା: ୧– ''ଏମିତି ବି ହୋଇପାରେ/ ନିଜକୁ ଚିହ୍ନି ହୁଏନା/ ବାରମ୍ବାର ଦେଖିଲେ ବି/ ଦର୍ପଣ କାଚରେ।/ ଏମିତି ବି ହୋଇପାରେ/ ମନଭାବ ପ୍ରକାଶ କରିହୁଏନା/ କାହା ପାଖରେ, କାହିଁକି ନା/ ପରକ୍ଷଣକୁ ଭାବନା ବଦଳେ।'' ('ଏମିତି ବି ହୋଇପାରେ', ପୃ: ୬୨) ; ୨– ''ତୁମେ କେଉଁଠୁ ବୁଝିବ/ ଜହ୍ନ ରାତିର ନୀରବତା/ ତୁମେ କେଉଁଠୁ ବୁଝିବ/ ଏ ନୀରବତାର କେତେ ଗଭୀରତା'' ('ବଞ୍ଚିବା ପାଇଁ ଭିନ୍ନ ଏକ ପୃଥିବୀ', ପୃ: ୭୮)। ଦୀନବନ୍ଧୁଙ୍କ କବିତାଗୁଡ଼ିକରୁ ଅଜଣା ରହେ ନାହିଁ ଯେ ସେ ଓଡ଼ିଆ ଭାଷାର 'ବ୍ରହ୍ମ–କୋଠରୀ'କୁ ଚିହ୍ନିଛନ୍ତି। 'କାଠି ଛୁଇଁଲା'ର ଅର୍ଥ 'ସର୍ପ ଦଂଶନ'– ଏକଥା ଆଜି କେତେଜଣ ଓଡ଼ିଆ ମନେରଖିଛନ୍ତି ! 'କାଳୀଝିଅ' କବିତାରେ ସେ ଏହାର ଦକ୍ଷ ବ୍ୟବହାର କରି ଓଡ଼ିଆ ଭାଷାରେ ଥିବା ସାମର୍ଥ୍ୟର ସମ୍ୟକ୍ ଇସାରା ଦେଇଛନ୍ତି। ବହିର କବିତାଗୁଡ଼ିକରେ ଘଡ଼ିଘଡ଼ି ବଦଳି ଯାଉଥିବା ଜୀବନ ଓ ଜଗତର ଯେଉଁ ଚଳମାନ ଛବି ଦିଶେ, ତାହା କବିଙ୍କ ସୃଜନ–ଦକ୍ଷତାର ପରିଚାୟକ।

## ଜୀବନ ଦର୍ଶନ

ମିନି ଗଳ୍ପ

ଅମୃତା ମିଶ୍ର

ହୁଗୁଳା ଚମଡ଼ା, ହାଡୁଆ ଦେହ, ପୋଷେ ପାଣି ରହିଲା ଭଳି କୋରଡ଼ିଆ ଆଖି। ତଥାପି ମନର ବଳରେ ବଡ଼ ବଡ଼ ଦୁଇଟି ବାକ୍ସ ଆଉ ଦୁଇଟି ବ୍ୟାଗ୍ ମୁଣ୍ଡରେ, କାନ୍ଧରେ ଲଦି ରେଳଷ୍ଟେଶନର ଲୋକ ଗହଳି କାଟି ଆଗକୁ ମାଡ଼ି ଚାଲିଥିବା ସେ କୁଲିଟି ସହିତ ଚାଲିବା ସମ୍ଭବ ନ ଥିଲା ସିଲୁ ପକ୍ଷରେ।

ଚାରି ନମ୍ବର ପ୍ଲାଟ୍‌ଫର୍ମରେ ଜିନିଷସବୁ ଥୋଇ ଦେଇ ସେ କୁଲି ଅପେକ୍ଷା କରିଥିଲା ସିଲୁକୁ, ତା'ର ପ୍ରାପ୍ୟ ମଜୁରି ପାଇଁ।

କିଛି ସମୟ ପରେ ସିଲୁ ସେଠିକି ଆସିଲା। କୁଲିଟିକୁ ପଇସା ଦେଲାବେଳେ ସିଲୁ ପଚାରିଲା– ମଉସା, ତୁମ ଘର କେଉଁଠି ? ଆଉ କିଏସବୁ ଅଛନ୍ତି ତୁମ ପରିବାରରେ ? ଗାମୁଛାରେ ମୁହଁ ପୋଛିଲାବେଳେ ସେ କୁଲିଟି ସିଲୁ ଆଡ଼କୁ ଚାହିଁଲା। ତା'ପରେ କହିଲା– ମୋ' ଘରକଥା ପଚାରୁଛ ମାଆ ? ଏଇ ରେଳଷ୍ଟେଶନ ମୋ' ଗାଁ , ଆଉ ଏଇ ପ୍ଲାଟ୍‌ଫର୍ମ ମୋ' ଘର। ଏଠିକି ଯେଉଁ ଯାତ୍ରୀମାନେ ଆସନ୍ତି, ସେମାନେ ମୋ' ପରିବାରର ଲୋକ। ଏବେ ତମେ ମୋତେ ମଉସା ବୋଲି କହିଲ ପରା, ତମେ ମୋ' ପରିବାରର ଲୋକ ହେଲ ନା ନାହିଁ? ସିଲୁ କହିଲା– ଲୋକମାନେ ତମକୁ 'ଏ କୁଲି, ଏ କୁଲି' ବୋଲି ଡାକୁଛନ୍ତି। ତମ ମନ କଷ୍ଟ ହେଉନାହିଁ? କୁଲିଟି କହିଲା– ବୁଝିଲ ମାଆ, କାମରେ କିଛି ଛୋଟ ବଡ଼ ନାହିଁ। ସବୁ କାମ ସମାନ। ପେଟ ପୋଷ, ନାହିଁ ଦୋଷ। ମୋର ଡେଣା ଟାଣ ହେଲା ଦିନରୁ ମୁଁ ଏଇ କାମ କରୁଛି। କାମ ମୋର ଭଗବାନ୍। ଏଇ କାମରୁ ମୋତେ ଖୁସି ମିଳୁଛି, ଆନନ୍ଦ ମିଳୁଛି।

– ଏ ବୟସରେ ଏତେ କଠିନ କାମ କରି କି ଆନନ୍ଦ ପାଉଛ ତମେ ?

କୁଲିଟି କହିଲା– ମୁଁ କାହାକୁ ହାତ ପତେଇ ଭିକ ମାଗୁନି କି ଚୋରି, ଡକେଇତି କରୁନି। ଏ କାମରୁ ମୋତେ



ଯେଉଁ ଦି' ପଇସା ମିଳୁଛି, ସେଥିରେ ମୋ' ପେଟ ଚାଖଣ୍ଡକ ପାଇଁ ଦିନବେଳା ମୁଠେ ଭାତ, ଆଉ ରାତିରେ ଦି'ପଟ ରୁଟି ମିଳିଯାଉଛି। ସେତିକିରେ ମୋ' ମନ ଖୁସି। ଟିକିଏ ରହିଯାଇ ସିଏ ପୁଣି କହିଲା– ବୁଝିଲ ମାଆ, ନବାବ ହୁଅନ୍ତୁ କି ଫକିର ହୁଅନ୍ତୁ, ସମସ୍ତଙ୍କୁ ଦରକାର ପେଟକୁ ଦାନା, ମନକୁ ଶାନ୍ତି।

ଏତିକିବେଳକୁ ଟ୍ରେନ୍ ଆସି ପ୍ଲାଟ୍‌ଫର୍ମରେ ଲାଗିଲା। ସିଲୁ ତର ତର ହୋଇ ଚଢ଼ିଗଲା ଟ୍ରେନ୍‌ରେ। ସିଲୁର ଜିନିଷସବୁ ଟ୍ରେନ୍ ଭିତରେ ଥୋଇ ଦେଇ କୁଲିଟି ଚାଲିଗଲା। ଟ୍ରେନ୍ ଚାଲିଲା। ଝରକା ପାଖର ଗୋଟିଏ ସିଟ୍‌ରେ ବସିଥିବା ସିଲୁକୁ ଶୁଣାଯାଉ ନ ଥିଲା ଚଳନ୍ତା ଟ୍ରେନ୍‌ର ଶବ୍ଦ। ତାକୁ ଶୁଭୁଥିଲା ଥିଲା, ''ନବାବ ହୁଅନ୍ତୁ ବା ଫକିର ହୁଅନ୍ତୁ, ସମସ୍ତଙ୍କୁ ଦରକାର ମୁଠାଏ ଭାତ ଆଉ ଟିକିଏ ଶାନ୍ତି।'' ତା' କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ମୂର୍ଖ କୁଲି ତୁଣ୍ଡର ମହାନ୍ ଜୀବନ ଦର୍ଶନ।

ମୋ: ୯୪୩୭୨୬୦୨୭୧

## ବୋଉର ଫଟୋ

ବିଶେଷ ଗଳ୍ପ

ଆଶୁତୋଷ ପାତ୍ର

ରବିବାର ବୋଲି ଟିକେ ଡେରିରେ ଉଠିଲେ ମଧ୍ୟ ସେମିତି ଶେଯରେ ପଡ଼ିରହିଲେ ଆଦିତ୍ୟ। ଗୋଟିଏ ସଫ୍ଟୱେର କମ୍ପାନୀର ଉଚ୍ଚ ପଦସ୍ଥ ଅଧିକାରୀ। ଡ୍ୟୁଟି ନ ଥିବା ଦିନ ସେ ବିଳମ୍ବରେ ଉଠନ୍ତି। ଛୁଟିଦିନଟା ତାଙ୍କ ପାଇଁ କେବଳ ବିଶ୍ରାମର ଦିନ। ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ତାଙ୍କର ମାନସିକ ଶାନ୍ତି ଦରକାର। ଏଇ ଗୋଟିଏ ଦିନର ମାନସିକ ଶାନ୍ତି ଅନ୍ୟ ଛଅ ଦିନ ପାଇଁ ଭିଟାମିନ୍ ଭଳି କାମଦିଏ। ଏଣୁ ନା ଅଫିସ କାମ, ନା ଘର ଜଞ୍ଜାଳ ! ଛୁଟିଦିନଟା କେବଳ ପତ୍ନୀ ଓ ଛୋଟ ଝିଅ ପାଇଁ। ପୂରା ସମୟ କେବଳ ସେମାନଙ୍କ ସହ ଅତିବାହିତ କରନ୍ତି। ପତ୍ନୀ ତାଙ୍କ ପାଇଁ ଆଣି ରଖିଥିବା ବେଡ୍ ଟି' ପଲଙ୍କ ପାଖରେ କେତେବେଳୁ ଥଣ୍ଡା ହୋଇସାରିଲାଣି, ସେପଟକୁ ଜମା ନିଘା ନାହିଁ।

ତକିଆ ପାଖରୁ ମୋବାଇଲକୁ ଭିଡ଼ି ଆଣି ଗୋଟିଏ ଆଖି ଖୋଲି ହ୍ୱାଟ୍ସଆପ୍ ଏବଂ ଫେସ୍‌ବୁକ ଦେଖିବାରେ ଲାଗିଲେ ଆଦିତ୍ୟ। ମଦର୍ସ ଡେ' ଥିବାରୁ ମାତୃ ଦିବସ ଶୁଭେଚ୍ଛାର ଭିଡ଼। ନିଜନିଜ ମା'ଙ୍କ ସହିତ ଫଟୋ ଏବଂ ଶୁଭେଚ୍ଛା ବାର୍ତ୍ତାରେ ଲୋକମାନେ ନିଜର ଫେସ୍‌ବୁକ ୱାଲ ଏବଂ ହ୍ୱାଟ୍ସଆପ୍ ଷ୍ଟାଟସ୍ ଅପ୍‌ଡେଟ କରିସାରିଲେଣି। ଝିଅ ମଧ୍ୟ ତା' ମମିଙ୍କ କାନ୍ଧରେ ଓହଳି ତାଙ୍କୁ ମିଠା ଖୁଆଇ ଦେଉଥିବା ଫଟୋ ପତ୍ନୀଙ୍କ ଫେସ୍‌ବୁକରେ ଅପ୍‌ଲୋଡ୍ ହୋଇସାରିଲାଣି। ପତ୍ନୀ ମଧ୍ୟ ତାଙ୍କ ମା'ଙ୍କୁ କୁଣ୍ଢାଇ ଧରି ତାଙ୍କ ଗାଲରେ ଚୁମା ଦେଉଥିବା ଗୋଟେ ପୁରୁଣା ଫଟୋ ଫେସ୍‌ବୁକ ୱାଲରେ ପ୍ରଦର୍ଶିତ ହୋଇ ଅନେକ ଲାଇକ୍ ଏବଂ କମେଣ୍ଟ ସାଉଁଟି ସାରିଲାଣି। ପାଞ୍ଚବର୍ଷ ତଳୁ ନିଜ ବାପା ବୋଉଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଆସିଥିବା ଘନିଷ୍ଠ ବନ୍ଧୁ ପ୍ରଣୟ ମଧ୍ୟ ସକାଳୁ ସକାଳୁ ବୃଦ୍ଧାଶ୍ରମ ଯାଇ ତା' ବୋଉଙ୍କ ସହ ଫଟୋ ଉଠାଇ ଅପ୍‌ଡେଟ ଦେଇସାରିଲାଣି। ନବେ ବର୍ଷର ରୋଗଣୀ ମା'ଙ୍କୁ ଆଉଟ୍ ହାଉସ୍‌ରେ ମସିଣାରେ ଶୁଆଇ ଦେଇଥିବା ପଡ଼ୋଶୀ ଚନ୍ଦ୍ରଧ୍ୱଜ ବାବୁ ମଧ୍ୟ ନିଜ ମା'ଙ୍କ ସହ ଉଠାଇଥିବା ଫଟୋ ପୋଷ୍ଟ କରିସାରିଲେଣି। ଅବଶ୍ୟ ତାଙ୍କ ମା' ଖୁବ୍ ସଫାସୁତୁରା ଏବଂ ନୂତନ ବସ୍ତ୍ରପରିହିତା ଦେଖାଯାଉଥା'ନ୍ତି। ତା' ମୁହଁରେ ଟିକିଏ ମୁରୁକି ହସ ଖେଳିଗଲା।

ହଠାତ୍ ତାଙ୍କୁ ମନେହେଲା, ସେ ତ ପଛରେ ପଡ଼ିଗଲାଣି। ସୋସିଆଲ ମିଡିଆ ଯୁଗରେ ପଛରେ ପଡ଼ିଗଲେ ଚଳିବ ନାହିଁ। ତାଙ୍କୁ ମଧ୍ୟ ତୁରନ୍ତ ପୋଷ୍ଟ କରିବାକୁ ହେବ। ସେ ଧଡ଼ପଡ଼ ହୋଇ ଉଠି ବସିଲେ। କିନ୍ତୁ ପରକ୍ଷଣରେ ତାଙ୍କ ମୁହଁର ତେଜ ଝାଉଁଳି ପଡ଼ିଲା। ଠିକ୍ ସେତିକିବେଳେ ତାଙ୍କ କୁନିଝିଅ ଦଉଡ଼ି ଆସି କୋଳରେ ବସିପଡ଼ି କହିଲା, ''ଡ୍ୟାଡି, ଆଜି ପରା ମଦର୍ସ ଡେ'। ତୁମେ କ'ଣ ତୁମ ମାମାଙ୍କୁ ଉଇସ୍ କରିବନି କି ? ହଁ, ଶୀଘ୍ର ଉଇସ୍ କରି ଫେସ୍‌ବୁକ ଅପ୍‌ଡେଟ କର। ମୁଁ କମେଣ୍ଟ ଦେବି।'' ଆରେ ଆରେ, ସରି ବେଟା, ମୁଁ ଭୁଲିଯାଇଥିଲି। ମୁଁ ଏଇନା ହିଁ ଉଇସ୍ କରି ଫଟୋ ଶେୟାର କରୁଛି, କହିଦେଇ ବାଥ୍‌ରୁମ୍‌କୁ ଯାଇ ଫ୍ରେଶ୍ ହୋଇ ସଫା ଜାମାଯୋଡ଼ ପିନ୍ଧିଲେ। ଏତିକି ଭିତରେ ସେ ମନେପକାଇ ଚାଲିଥିଲେ, ହେଲେ ତାଙ୍କ ବୋଉର ମୁହଁ ତାଙ୍କୁ ମୋଟେ ମନେପଡୁ ନ ଥିଲା। ଝିଅ ଆସି ପୁଣି ପାଖରେ ପହଞ୍ଚି ତାଙ୍କ ହାତକୁ ଭିଡ଼ିଭିଡ଼ି ବାହାରକୁ ନେଇ ଆସୁଆସୁ କହୁଥିଲା– ''ଡ୍ୟାଡି ଆସ। ଶୀଘ୍ର ଉଇସ୍ କରିବ। ବହୁତ ଲେଟ୍ ହେଲାଣି।'' ସେ ମଧ୍ୟ ତରତର ହୋଇ ବାହାରିଗଲେ। ପତ୍ନୀ ମଧ୍ୟ ପୂଜାଥାଳି ଧରି ପ୍ରସ୍ତୁତ ଥିଲେ। ପୂଜାଘର ଖୋଲାଯାଇ ପ୍ରସ୍ତୁତ କରିସାରିଛନ୍ତି ପତ୍ନୀ। ପୂଜାଘର କାନ୍ଥରେ ଟଙ୍ଗା ହୋଇଥିବା ଫଟୋରେ ଚନ୍ଦନ ସିନ୍ଦୂର ଦେଇ ଫୁଲମାଳ ପିନ୍ଧାଇ ମୁଣ୍ଡିଆ ମାରିଲେ ତିନିହେଁ। ଏବେ



ସେଲ୍ଫି ନେବାର ବେଳ। ତିନିହେଁ ନିଜନିଜ ପୋଜିସନରେ ଠିଆ ହେବାପରେ ଫଟୋ ଉଠାହେଲା। ଆଦିତ୍ୟଙ୍କ ହାତରୁ ମୋବାଇଲ ଭିଡ଼ିନେଇ ସଙ୍ଗେସଙ୍ଗେ ଫେସ୍‌ବୁକରେ ଅପ୍‌ଲୋଡ୍ କରିଦେଇ ତାଙ୍କ ହାତକୁ ଫେରାଇଦେଲା ଝିଅ। ଫୋନ୍‌ଟିକୁ ନେଇ ଡାଇନିଂ ଟେବୁଲ ପାଖରେ ବସି ଜଳଖିଆ ଆସିବା ଭିତରେ ନିଜ ଫେସ୍‌ବୁକ ପୋଷ୍ଟ ଉପରେ ଆଖି ପକାଇଲେ ଆଦିତ୍ୟ। ଆଦିତ୍ୟ, ତାଙ୍କ ପତ୍ନୀ ଓ ଝିଅର ଫଟୋଟା ଖୁବ୍ ସୁନ୍ଦର ଦିଶୁଥାଏ। ସେମାନଙ୍କ ପଛରେ ଦିଶୁଥାଏ ସୁନ୍ଦର ଫ୍ରେମ୍‌ରେ ବନ୍ଧା ଓ ଫୁଲମାଳ ଦିଆ ଫଟୋଟା। ସେଇ ଫଟୋ ଆଡ଼କୁ ଛଳଛଳ ଆଖିରେ ଚାହିଁ ରହିଥିଲେ ଆଦିତ୍ୟ। ଫଟୋରେ ଥିଲା ତାଙ୍କ କୁନି ଝିଅ ଦ୍ୱାରା ସ୍କେଚ୍‌ପେନ୍‌ରେ ଲେଖାଥିବା କେବଳ ଦୁଇଟି ଅକ୍ଷର 'ବୋଉ'।

ମୋ: ୯୪୩୭୯୦୮୦୭୦

## କାଳକାଳକୁ



''ସେ ବଂଚିବାର ମାନେ କ'ଣ, ଯଦି ତାହା ପାରସ୍ପରିକ ଜୀବନର ତକଲିଫ୍‌କୁ ହାଲୁକା ନକଲା!''
– ଜର୍ଜ ଏଲିୟଟ୍

**ଜର୍ଜ ଏଲିୟଟ୍‌ଙ୍କ** ଜନ୍ମ ୨୨ ନଭେମ୍ବର ୧୮୧୯ରେ ଓ ମୃତ୍ୟୁ ୨୨ ଡିସେମ୍ବର ୧୮୮୦ରେ, ଇଂଲଣ୍ଡରେ। ତାଙ୍କର ପ୍ରକୃତ ନାମ ମେରୀ ଆନ୍ ଇଭାନ୍‌ସ। ସେ ଏକାଧାରରେ ଔପନ୍ୟାସିକା, କବୟିତ୍ରୀ, ଖବରଦାତ୍ରୀ ଓ ଅନୁବାଦିକା। ଅନେକଙ୍କ ମତରେ ଭିକ୍ଟୋରିଆ ଯୁଗର ସେ ଜଣେ ପ୍ରମୁଖ ଲେଖିକା। ତାଙ୍କର ୭ଟି ଉପନ୍ୟାସ ପ୍ରକାଶିତ, ଯହିଁରୁ ପ୍ରମୁଖ 'ମିଲ୍ ଅନ୍ ଦ ଫ୍ଲସ୍' (୧୮୬୦) ଓ 'ମିଡିଲ୍ ମାର୍ଚ୍ଚ' (୧୮୭୧–୭୨)। ତାଙ୍କର ପ୍ରାୟ ରଚନାରେ ଫୁଟି ଉଠୁଥିବା ବାସ୍ତବତା ଓ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ତାଙ୍କୁ ପାଠିକାପାଠକଙ୍କ ନିକଟବର୍ତ୍ତୀ କରାଏ। ଏତଦ୍‌ଭିନ୍ନ ଗ୍ରାମ୍ୟଜୀବନର ଜୀବନ୍ତ ଚିତ୍ର ମଧ ତାଙ୍କର ପ୍ରାୟ ରଚନାରେ ଅତୁଳନୀୟ ଭାବେ ସାକାର ହୋଇଉଠିଥାଏ। ସେ କହନ୍ତି: ''ଯେଉଁ ମନ ଏକ ଘଟଣାକୁ ନାନା ଦିଗରୁ ଦେଖି ନ ଜାଣେ, ସେ ଏକ ସଂକୀର୍ଣ୍ଣ ମନ।''

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୩/୨୦୨୨ Bhubaneswar, Saturday, December 3/ 2022

# ଭୁବନେଶ୍ୱରରୁ ଆରମ୍ଭ ହେବ ହକି ବିଶ୍ୱକପ୍ ଟ୍ରଫି ଟୁର୍

ଭୁବନେଶ୍ୱର, ୨।୧୨
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ଆଗାମୀ ହକି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ, ହକି ଇଣ୍ଡିଆ ଓ ଓଡ଼ିଶା ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପ୍ରଥମ ଥର ପାଇଁ ହକି ବିଶ୍ୱକପ୍ ଟ୍ରଫି ଟୁର୍‌ର ପରିକଳ୍ପନା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ମାସ ୫ ତାରିଖରେ ଭୁବନେଶ୍ୱରରୁ ଟ୍ରଫି ଟୁର୍ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିବେ। ଏହି ଟ୍ରଫି ୧୨ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପରିକ୍ରମା କରିବା ପରେ ଡିସେମ୍ବର ୨୫ରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ୨୧ ଦିନିଆ ଟୁର୍ ମଧ୍ୟରେ ଟ୍ରଫି ପଶ୍ଚିମବଙ୍ଗର କୋଲକାତା, ମଣିପୁରର ଇମ୍ଫାଲ, ଆସାମର ଗୁଆହାଟୀ, ଝାଡ଼ଖଣ୍ଡର ଜାମସେଦପୁର ଓ ରାଞ୍ଚି, ଉତ୍ତର ପ୍ରଦେଶର ଲକ୍ଷ୍ନୌ, ପଞ୍ଜାବର ଅମୃତସର, ହରିୟାଣାର ସୋନିପତ, ଦିଲ୍ଲୀ, ମଧ୍ୟପ୍ରଦେଶର ଭୋପାଳ, ମହାରାଷ୍ଟ୍ରର ମୁମ୍ବାଇ, ତାମିଲନାଡୁର ଚେନ୍ନାଇ, କେରଳର ଥିରୁଭାନନ୍ତପୁରମ, କର୍ନାଟକର ବେଙ୍ଗାଲୁରୁ ଏବଂ ଅନ୍ୟ କେତେକ ସ୍ଥାନ ଭ୍ରମଣ କରିବ। ୨୫ ତାରିଖରେ ଟ୍ରଫି ଓଡ଼ିଶାରେ ପହଞ୍ଚିବା ପରେ ବିଭିନ୍ନ ସହର ପରିକ୍ରମା କରିବ। ଆଗାମୀ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



''ଆଗାମୀ ମେଗା ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ତେଣୁ ଦେଶର ଯଥାସମ୍ଭବ ଅଧିକ ସ୍ଥାନରେ ଟ୍ରଫିକୁ ହକି ପ୍ରଶଂସକଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଫଳରେ ହକି ପ୍ରେମୀମାନେ ନିକଟରୁ ଟ୍ରଫିକୁ ଦେଖିପାରିବେ। ଭାରତର ଦର୍ଶକମାନେ ସର୍ବଦା ହକିକୁ ଭଲପାଇ ଆସିଛନ୍ତି। ଆଗାମୀ ଟୁର୍ନାମେଣ୍ଟରେ ସେମାନେ ଭାରତୀୟ ଦଳକୁ ସମର୍ଥନ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଛନ୍ତି। ଟ୍ରଫି ଟୁର୍ ଫଳରେ ପ୍ରଶଂସକମାନେ ହକି ସହ ଜଡ଼ିତ ହୋଇ ରହିବେ ଏବଂ ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳକୁ ସେମାନଙ୍କ ଶୁଭେଚ୍ଛା ପ୍ରେରଣ କରିପାରିବେ ବୋଲି ଆମେ ଅନୁଭବ କରୁଛୁ। ଏହା ଭାରତୀୟ ହକିପ୍ରେମୀଙ୍କୁ ନିଶ୍ଚିତ ଆମୋଦିତ କରିବ'' ବୋଲି ଦିଲୀପ ପ୍ରକାଶ କରିଛନ୍ତି।

ଜାନୁୟାରୀ ୧୩ରେ ଭାରତ ପୁଲ୍ 'ଡି'ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପୁଲ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଇଂଲଣ୍ଡ ଓ ୱେଲ୍ସ। ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ପୁଲ୍ 'ବି'ରେ ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ ଏବଂ ପୁଲ୍ 'ସି'ରେ ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛି।

# ଦ୍ୱିତୀୟ ସ୍ଥାନରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨।୧୨,
(ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ନିଜର ବିଜୟ ଧାରା ବଜାୟ ରଖିଛି। ଶୁକ୍ରବାର ଦଳ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୨-୧ରେ ହରାଇବା ସହିତ ପଏଣ୍ଟ ଟେବଲରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ନିଜର ଚତୁର୍ଥ ମ୍ୟାଚ ଖେଳୁଥିବା ବେଳେ ଅପରାଜେୟ ରହିଛି। ଉଭୟ ଦଳ ୪-୩-୩ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିଲେ। ଘରୋଇ ଦର୍ଶକଙ୍କ ସମର୍ଥନରେ ଖେଳୁଥିବା ଓଏଫ୍‌ସି ମ୍ୟାଚର ୫୯ %ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଓଏଫ୍‌ସି ଆରମ୍ଭରୁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ପ୍ରଥମାର୍ଦ୍ଧର ୨୪ ତମ ମିନିଟରେ ଓଡ଼ିଶାର ଫରୱାର୍ଡ ନନ୍ଦକୁମାର ଶେଖର ପ୍ରଥମ ଗୋଲ ସ୍କୋର କରିଥିଲେ। ଡିଏଗୋ ମରିସିଓଙ୍କ ଏକ କ୍ରସ୍ ବାହାରକୁ ଯାଉଥିବା ବେଳେ ଏକ ଚମତ୍କାର ସ୍ଲାଇଡ୍ ସହିତ ଏହାକୁ ଦିଗ ଦେଖାଇଥିଲେ ନନ୍ଦକୁମାର। ଏହି ଗୋଲ ସହିତ ଓଏଫ୍‌ସି ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ନର୍ଥଇଷ୍ଟ ପକ୍ଷରୁ ୬୦ତମ ମିନିଟରେ ପ୍ରଥମ ଗୋଲ ପରିଶୋଧ କରିଥିଲେ ରୋଚ୍ଛରଜେଲା। ଡାହାଣ ପଟରୁ ଇମ୍ରାନ ଖାନଙ୍କ କ୍ରସ୍‌କୁ ସେ ପୋଷ୍ଟ ମଧ୍ୟକୁ ପଠାଇଥିଲେ ନର୍ଥଇଷ୍ଟ ୟୁନାଇଟେଡ୍ ପ୍ରଥମ ପଏଣ୍ଟ ଆଡକୁ ଅଗ୍ରସର ହେଉଥିବା ବେଳେ ଜେରି ମାହ୍ୱିମିଙ୍ଗଥଙ୍ଗା ସ୍କୋର କରିଥିଲେ ନିର୍ଣ୍ଣାୟକ ଗୋଲ। ବକ୍ସ ବାହାରୁ ସଲ୍ କ୍ରେସ୍ପୋଙ୍କ ପାଶକୁ ଗୋଲରେ ପରିଣତ କରିବା ସହିତ ଜେରି ଓଡ଼ିଶାକୁ ବିଜୟୀ କରିଥିଲେ। ଓଏଫ୍‌ସିର କ୍ଲବ ଆମ୍ବାସାଡର ଭାବରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତୀର୍କି, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥି ଭାବରେ ଏହି ମ୍ୟାଚରେ ଯୋଗ ଦେଇଥିଲେ।



ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ହସ୍ପିଟାଲରେ ପଣ୍ଟିଂ

ପର୍ଥ, ୨।୧୨(ପି.ଟି.)

ଅସୁସ୍ଥତା କାରଣରୁ ହସ୍ପିଟାଲରେ ଭର୍ତ୍ତି ହେଲେ ରିକି ପଣ୍ଟିଂ। ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାଷ୍ୟକାର ଦାୟିତ୍ୱରେ ରହିଥିବା ପଣ୍ଟିଂ ଅସୁସ୍ଥ ହୋଇଯିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପର୍ଥରେ କମେଣ୍ଟ୍ରି କରୁଥିବା ସମୟରେ ଲଞ୍ଚର ଠିକ୍ ପୂର୍ବରୁ ତାଙ୍କୁ ହାଲିଆ ଲାଗୁଥିବା ନେଇ ସେ ଅଭିଯୋଗ କରିଥିଲେ। ୪୦ ମିନିଟ ଧରି କମେଣ୍ଟ୍ରି କରିବା ପରେ ଓପ୍ଟସ ଷ୍ଟାଡିୟମରେ ସେ ଅସୁସ୍ଥତାର ଅଭିଯୋଗ କରିଥିଲେ। ହାଲିଆ ଲାଗୁଥିବା କହିବା ପରେ ହାର୍ଟ ଚେକ୍ କରିବା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅଷ୍ଟ୍ରେଲିଆର ଟିମ୍ ଡାକ୍ତର ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲେ।

# ସୌରାଷ୍ଟ୍ରକୁ ବିଜୟ ହଜାରେ ଟ୍ରଫି

ଅହମ୍ମଦାବାଦ, ୨।୧୨

ଉଇକେଟ କିପର ଶେଲଡନ୍ ଜ୍ୟାକସନଙ୍କ ଅପରାଜିତ ଶତକ ବଳରେ ମହାରାଷ୍ଟ୍ରକୁ ୫ ଉଇକେଟରେ ପରାସ୍ତ କରି ବିଜୟ ହଜାରେ ଟ୍ରଫି ହାସଲ କରିଛି ସୌରାଷ୍ଟ୍ର। ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ୯ ଉଇକେଟରେ ୨୪୮ ରନ୍ କରିଥିଲା। ଅଧିନାୟକ ରୁତୁରାଜ ଗାଏକ୍ୱାଡ ୧୦୮ ରନ ସହିତ ଆଉ ଏକ ଶତକ ହାସଲ କରିଥିଲେ। ଜବାବରେ ଶେଲଡନ ଜ୍ୟାକସନଙ୍କ ଅପରାଜିତ ୧୩୩ ରନ୍ ବଳରେ ୪୬.୩ ଓଭରରେ ସୌରାଷ୍ଟ୍ର ୫ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା।

ଟସ୍ ହାରି ବ୍ୟାଟିଂ କରିଥିବା ମହାରାଷ୍ଟ୍ର ପକ୍ଷରୁ ଗାଏକ୍ୱାଡ କ୍ରମାଗତ ତୃତୀୟ ମ୍ୟାଚରେ ଶତକ ହାସଲ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ଚିରାଗ ଜାନି ୩ ଉଇକେଟ ନେଇଥିଲେ। ୨୪୯ ରନର ପିଛା କରୁଥିବା ସୌରାଷ୍ଟ୍ର ପକ୍ଷରୁ ଦୁଇ ଓପନର ଶେଲଡନ ଜ୍ୟାକସନ(୧୩୩*) ଓ ହାର୍ଭିକ୍ ଦେଶାଇ(୫୦) ପ୍ରଥମ ଉଇକେଟରେ ୧୨୫ ରନ୍ ଯୋଡିଥିଲେ। ଅପରାଜିତ ଶତକ ସହିତ ଦଳକୁ ବିଜୟୀ କରିଥିବା ଜ୍ୟାକସନ୍ ୧୩୬ ବଲ୍ ଖେଳି ୧୨ ଚୌକା ଓ ୫ ଛକା ମାରିଥିଲେ। ମହାରାଷ୍ଟ୍ର ପକ୍ଷରୁ ମୁକେଶ ଚୌଧାରୀ ଓ ଭିକି ଓସ୍ତୱାଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶେଲଡନ ଜ୍ୟାକସନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଓ ୫ ମ୍ୟାଚରୁ ୪ ଶତକ ସହିତ ୬୬୦ରନ୍ କରିଥିବା ରତୁରାଜ ଗାଏକ୍ୱାଡଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ମହାରାଷ୍ଟ୍ର ୫୦ ଓଭରରେ ୨୪୮/୯(ରତୁରାଜ ଗାଏକ୍ୱାଡ-୧୦୮, ଅଜିମ କାଜି-୩୭, ନୌଶାଦ ଶେଖ-୩୧*, ଚିରାଗ ଜାନି-୩/୪୩, ଜୟଦେବ ଉନାଡକଟ-୧/୨୫, ପାର୍ଥ ଭୁଟ-୧/୩୫)। ସୌରାଷ୍ଟ୍ର ୪୬.୩ ଓଭରରେ ୨୪୯/୫ (ଶେଲଡନ୍ ଜ୍ୟାକସନ୍-୧୩୩*, ହାର୍ଭିକ୍ ଦେଶାଇ-୫୦, ଚିରାଗ ଜାନି-୩୦*, ଭିକି ଓସ୍ତୱାଲ-୨/୨୦, ମୁକେଶ ଚୌଧାରୀ-୨/୩୮, ଏସ୍. ବଚାଭ-୧/୬୬)।

## ପାକିସ୍ତାନର ଦୃଢ଼ ଜବାବ

ରାୱଲପିଣ୍ଡି, ୨।୧୨

ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୬୫୭ ରନ କରିଥିବା ବେଳେ ଦୃଢ ଜବାବ ଦେଇଛି ପାକିସ୍ତାନ। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ବିନା ଉଇକେଟରେ ୧୮୧ ରନ୍ ସଂଗ୍ରହ କରିଛି। ଦୁଇ ଓପନର ଅବଦୁଲ୍ଲା ଶଫିକ ୮୯ ଓ ଇମାମ ଉଲ ହକ୍ ୯୦ ରନରେ ଅପରାଜିତ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୬୫୭/୧୦ (ହ୍ୟାରୀ ବ୍ରୁକ୍ସ-୧୫୩, ଜାହିଦ ମେହମୁଦ୍-୪/୨୩୫। ପାକିସ୍ତାନ ପ୍ରଥମ ଇନିଂସ ୧୮୧/୦ (ଅବଦୁଲ୍ଲା ଶଫିକ -୮୯*, ଇମାମ ଉଲ ହକ୍ ୯୦*)।

# ଅଷ୍ଟ୍ରେଲିଆ ୩୪୪ ରନରେ ଆଗୁଆ

**ପର୍ଥ, ୨।୧୨(ପି.ଟି):** ପ୍ୟାଟ କୁମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନର ଷ୍ଟମ୍ପସ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୩୪୪ ରନରେ ଆଗୁଆ ରହିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଟାଗେନାରିନ୍ ଚନ୍ଦ୍ରପଲ ୫୧ ଓ କ୍ରେଗ୍ ବ୍ରାଥୱେଟ୍ ୬୪ରନ୍ କରିଥିଲେ। ଏକଦା ୨୪୫/୪ ଥିବା ୱେଷ୍ଟଇଣ୍ଡିଜ ୪୮ ରନରେ ପରବର୍ତ୍ତୀ ୬ ଉଇକେଟ ହରାଇବା ସହିତ ୨୮୩ ରନରେ ଅଲଆଉଟ ହୋଇଥିଲା। **ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪ (ଲାବୁସେନ୍-୨୦୪, ସ୍ମିଥ୍-୨୦୦, ଟ୍ରାଭିସ୍ ହେଡ୍-୯୯; ବ୍ରାଥ୍‌ୱେଟ୍-୨/୬୫, କରଇଲ ମେୟର୍ସ-୧/୩୯)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୮୩/୧୦ (ଟାଗେନାରିନ୍ ଚନ୍ଦରପଲ-୫୧, କ୍ରେଗ୍ ବ୍ରାଥୱେଟ୍-୬୪, ଜର୍ମେନ୍ ବ୍ଲାକଉଡ୍-୩୬, ମିଚେଲ ଷ୍ଟାର୍କ-୩/୫୧, ପ୍ୟାଟ କୁମିନ୍ସ- ୩/୩୪, ନାଥନ ଲିୟନ୍-୨/୬୧) ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୯/୧(ଡେଭିଡ ୱାର୍ନର-୧୭*, କେମାର ରୋଚ୍-୧/୧୬)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ